
# ଧରିତ୍ରୀ
DHARITRI

ଢେଙ୍କାନାଳ, ଶନିବାର, ଅଗଷ୍ଟ ୧୦/୨୦୧୯ | (୧୬ପୃଷ୍ଠା+ ପିଲାଙ୍କ ଧରିତ୍ରୀ) | Dhenkanal, Saturday, August 10 / 2019 | ★★★★★

୧୫ଶ ଭାଗ ୧୭୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-

**ଶୁବମନ ଗିଲ୍‌ଙ୍କ ରେକର୍ଡ**
ଶୁବମନ ଗିଲ୍ ଭାରତର ସର୍ବକନିଷ୍ଠ କ୍ରିକେଟର ଭାବେ ପ୍ରଥମ ଶ୍ରେଣୀ କ୍ରିକେଟରେ ଦ୍ୱିଶତକ ହାସଲ କରିଛନ୍ତି। **୧୪**


୧୪ | ୧୨


**୧୨** **ଭଲ ସିନେମାରେ ଅଭିନୟ ଚାହେଁ**
ଅଭିନେତ୍ରୀ ମୃଣାଳ ଠାକୁର ଭଲ ବିଷୟବସ୍ତୁଭିତ୍ତିକ ସିନେମାରେ ଗୁରୁତ୍ୱ ଦିଅନ୍ତି ବୋଲି ପ୍ରକାଶ କରିଛନ୍ତି।



## ଅକ୍ଟୋବର ୩୧ରେ ଜମ୍ମୁ-କଶ୍ମୀର, ଲଦାଖ ହେବ କେନ୍ଦ୍ରଶାସିତ ଅଞ୍ଚଳ

■ **ପୁନର୍ଗଠନ ବିଲ୍‌କୁ ରାଷ୍ଟ୍ରପତିଙ୍କ ମୋହର**

ନୂଆଦିଲ୍ଲୀ,୯।୮ (ଆଇଏଏନ୍‌ଏସ୍)

ଜମ୍ମୁ-କଶ୍ମୀର ପୁନର୍ଗଠନ ଅଧିନିୟମ, ୨୦୧୯କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶୁକ୍ରବାର ଅନୁମୋଦନ କରିଛନ୍ତି। ଫଳରେ ଅସନ୍ତା ଅକ୍ଟୋବର ୩୧ ତାରିଖରୁ ଜମ୍ମୁ-କଶ୍ମୀର ଓ ଲଦାଖ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ ହେବ। ଜମ୍ମୁ-କଶ୍ମୀରକୁ ଦୁଇଭାଗ କରି ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ପାଇଁ ସରକାର ଆଣିଥିବା ବିଲ୍ ମଙ୍ଗଳବାର ପାର୍ଲାମେଣ୍ଟରେ ଗୃହୀତ ହୋଇଥିଲା। ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳର ବିଧାନସଭା ରହିବାକୁ ଥିବାବେଳେ ଲଦାଖରେ ବିଧାନସଭା ରହିବ ନାହିଁ। ଅକ୍ଟୋବର ୩୧ ଦେଶର ପ୍ରଥମ ସ୍ୱରାଷ୍ଟ୍ରମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମବାର୍ଷିକୀ। ରାଜାରାଜୁଡ଼ା ଶାସନରେ ଥିବା ୫୬୫ଟି ରାଜ୍ୟକୁ ଭାରତରେ ମିଶାଇବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ତେଣୁ ସେହିଦିନ ଦୁଇ କେନ୍ଦ୍ରଶାସିତ ଅଞ୍ଚଳ ଗଠନ ହେବାକୁ ଯାଉଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି।

■ **୩୭୦ ଉଚ୍ଛେଦ ପରେ ଭାରତ-ପାକ୍ ବିବାଦ**

# ମୁଣ୍ଡ ଖେଳାଇବନି ଜାତିସଂଘ

ଜାତିସଂଘ,୯।୮ (ପି.ଟି./ଆଇଏଏନ୍‌ଏସ୍)

ସମ୍ବିଧାନ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦରେ ଜାତିସଂଘ ମୁଣ୍ଡ ଖେଳାଇବ ନାହିଁ। ଜମ୍ମୁ-କଶ୍ମୀର ପ୍ରସଙ୍ଗରେ ଦୁଇଦେଶ କୌଣସି ଉତ୍ତେଜନା ସୃଷ୍ଟିକାରୀ ପଦକ୍ଷେପ ନ ନେଇ ସର୍ବାଧିକ ସଂଯମ ଅବଲମ୍ବନ କରନ୍ତୁ। ଏଥିସହ ଶିମ୍‌ଲା ରାଜିନାମାକୁ ଅନୁସରଣ କରି ବିବାଦର ସମାଧାନ କରନ୍ତୁ ବୋଲି ଶୁକ୍ରବାର ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଭାରତ ଓ ପାକିସ୍ତାନକୁ ପରାମର୍ଶ ଦେଇଛନ୍ତି।



ଆଣ୍ଟୋନିଓ ଗୁଟେରେସ୍

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ଅନୁଚ୍ଛେଦ ୩୭୦କୁ ହଟାଯାଇ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରାଯାଇଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଏଥିରେ ଛାନିଆ ହୋଇ ଭାରତକୁ ଯୁଦ୍ଧଭୟ ଦେଖାଇବା ସହ ପୁଲୱାମା ଭଳି ଆକ୍ରମଣ ପୁଣି ଘଟିବ ବୋଲି ଚେତାବନୀ ଦେଇଛନ୍ତି। ଭାରତର ନିଷ୍ପତ୍ତିକୁ ଇସ୍‌ଲାମାବାଦ ଏକତରଫା ଏବଂ ବେଆଇନ ବୋଲି ଦର୍ଶାଇ କୂଟନୈତିକ ଓ ବାଣିଜ୍ୟିକ ସମ୍ପର୍କ ଛିନ୍ନ କରିଛି। ଏହାସହ ଦୁଇଦେଶ ମଧ୍ୟରେ ଚାଲିଥିବା ସମ୍‌ଝୌତା ଏକ୍ସପ୍ରେସ୍‌କୁ ବନ୍ଦ କରିଦେଇଥିବାବେଳେ ଥର୍ ଏକ୍ସପ୍ରେସ୍‌କୁ


■ **ଶିମ୍‌ଲା ରାଜିନାମାକୁ ଅନୁସରଣ କରଃ ଗୁଟେରେସ୍**
■ **ତୁମ କଥା ତୁମେ ବୁଝଃ ଚାଇନା**
■ **ବେଜିଂ ଧାଇଁଲେ କୁରେଶୀ**
■ **ଆମେରିକାର ନୀତି ଅପରିବର୍ତ୍ତିତ**

ମଧ୍ୟ ବନ୍ଦକରିବା ପାଇଁ ଚିନ୍ତା କରୁଛି। ସେହିପରି ସମସ୍ତ ପ୍ରକାର ଦ୍ୱିପାକ୍ଷିକ ସାଂସ୍କୃତିକ ସମ୍ପର୍କକୁ ମଧ୍ୟ ବାତିଲ କରିଦେଇଛି। ପାକିସ୍ତାନର ଏଭଳି ନିଷ୍ପତ୍ତିକୁ ଭାରତ ପକ୍ଷରୁ ନିନ୍ଦା କରାଯାଇ ପୁନର୍ବିଚାର ପାଇଁ କୁହାଯାଇଥିବାବେଳେ ଜାତିସଂଘର ଦ୍ୱାରସ୍ଥ ହୋଇଛି ଇସ୍‌ଲାମାବାଦ। ହେଲେ ଜାତିସଂଘ ଏହି ବ୍ୟାପାରରେ ମୁଣ୍ଡ ଖେଳାଇବା ପାଇଁ ମନାକରିଦେଇଥିବାରୁ ପାକିସ୍ତାନକୁ ଶକ୍ତ ଝଟକା ଲାଗିଛି। ମହାସଚିବ ଆଣ୍ଟୋନିଓ ଗୁଟେରେସ୍ କହିଛନ୍ତି, ଜମ୍ମୁ-କଶ୍ମୀର ସ୍ଥିତି ଉପରେ ଜାତିସଂଘ ନଜର ରଖିଛି। ଉଭୟ ପକ୍ଷ ଯଥାସମ୍ଭବ ସଂଯମ ରହିବା ଉଚିତ। ଭାରତ-ପାକିସ୍ତାନ ୧୯୭୨ ଶିମ୍‌ଲା ରାଜିନାମା ଅନୁସାରେ କାମ କରନ୍ତୁ। ତେବେ ଏହି ପ୍ରସଙ୍ଗରେ ହସ୍ତକ୍ଷେପ ବା ମଧ୍ୟସ୍ଥତା କରିବାକୁ ଗୁଟେରେସ୍ ମନା କରିଦେଇଥିବା ତାଙ୍କ ମୁଖପାତ୍ର ଷ୍ଟିଫେନ୍ ଡୁଜାରିକ୍ ଏହି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ବର୍ତ୍ତମାନ ସ୍ଥିତିରେ ଏହି ବିବାଦରେ କୌଣସି ଦେଶ ଛନ୍ଦି ହେବାକୁ ଚାହୁଁ ନ ଥିବା ଜଣାପଡ଼ିଛି। ଆପୋସ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ ପାଇଁ ଦୁଇଦେଶକୁ ଚାଇନା ପରାମର୍ଶ ଦେଇଥିବାବେଳେ ପାକିସ୍ତାନର ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ୍ କୁରେଶୀ ବେଜିଂ ଧାଇଁଛନ୍ତି। ଇତିମଧ୍ୟରେ ଏହି ପ୍ରସଙ୍ଗରେ ଆମେରିକା ତା'ର ପୂର୍ବ ନୀତି ବଜାୟ ରଖିଥିବା ୱାଶିଂଟନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଫଳରେ ଅନ୍ତର୍ଜାତୀୟ ସମୁଦାୟ ନିକଟରେ ଭାରତ ବିରୋଧରେ ଫେରାଦ ହୋଇଥିବା ପାକିସ୍ତାନକୁ ନିରାଶ ହେବାକୁ ପଡ଼ିଛି।

## ଶିମ୍‌ଲା ରାଜିନାମା କ'ଣ

ନୂଆଦିଲ୍ଲୀ,୯।୮

୧୯୭୧ରେ ଭାରତ ଓ ପାକିସ୍ତାନ ମଧ୍ୟରେ ବାଂଲାଦେଶ ମୁକ୍ତି ଯୁଦ୍ଧ ହୋଇଥିଲା। ଏହାର ପରିଣାମ ସ୍ୱରୂପ ପୂର୍ବ ପାକିସ୍ତାନ ନାମରେ ପରିଚିତ ବାଂଲାଦେଶ ପାକିସ୍ତାନ ଭୂଖଣ୍ଡରୁ ଅଲଗା ହୋଇଥିଲା। ଭାରତ ସହାୟତାରେ ବାଂଲାଦେଶ ଏକ ନୂଆ ରାଷ୍ଟ୍ର ଭାବେ ଉଭା ହୋଇଥିଲା। ଏଥିଯୋଗୁ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ହୋଇଥିଲା। ଏହାକୁ ନେଇ ଦୁଇଦେଶରେ ଲାଗିରହିଥିବା ବିବାଦର ସମାଧାନ ପାଇଁ ୧୯୭୨ ଜୁଲାଇ ୨ ରାତି ୧୨ଟା ୪୦ ମିନିଟରେ ହିମାଚଳ ପ୍ରଦେଶ ରାଜଧାନୀ ଶିମ୍‌ଲାରେ ଭାରତ ଓ ପାକିସ୍ତାନ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଥିଲା। ଏହା 'ଶିମ୍‌ଲା ରାଜିନାମା' ନାମରେ ପରିଚିତ। ଦୁଇଦେଶ ନିଜ ନିଜ ମଧ୍ୟରେ ଚାଲିଥିବା ବିବାଦରେ ପୂର୍ଣ୍ଣଚ୍ଛେଦ ପକାଇବେ ବୋଲି ଏଥିରେ ସହମତି ପ୍ରକାଶ କରିଥିଲେ। ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଓ ପାକିସ୍ତାନର ତତ୍କାଳୀନ ରାଷ୍ଟ୍ରପତି ଜୁଲ୍‌ଫିକର ଅଲି ଭୁଟ୍ଟୋଙ୍କ ଦ୍ୱାରା ସ୍ୱାକ୍ଷରିତ ଉକ୍ତ ରାଜିନାମାକୁ ସେହିବର୍ଷ ଉଭୟ ଭାରତ ଓ ପାକିସ୍ତାନ ପାର୍ଲାମେଣ୍ଟର ଅନୁମୋଦନ ମିଳିଥିଲା। ଜମ୍ମୁ-କଶ୍ମୀର ସମସ୍ୟା ଏକ ଦ୍ୱିପାକ୍ଷିକ ପ୍ରସଙ୍ଗ। ଏଥିରେ ତୃତୀୟ ପକ୍ଷର କିଛି ଭୂମିକା ନାହିଁ। ଜାତିସଂଘର ଚାର୍ଟର ଅନୁସାରେ ଜମ୍ମୁ-କଶ୍ମୀରର ଚୂଡ଼ାନ୍ତ ସ୍ଥିତି ନିର୍ଣ୍ଣୟ କରାଯିବ ବୋଲି ଏହି ରାଜିନାମାରେ ସର୍ତ୍ତ ରହିଛି।



୧୯୭୨ ଶିମ୍‌ଲା ରାଜିନାମାରେ ସ୍ୱାକ୍ଷର କରୁଛନ୍ତି ଭାରତର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଓ ପାକିସ୍ତାନ ରାଷ୍ଟ୍ରପତି ଜୁଲ୍‌ଫିକର ଅଲି ଭୁଟ୍ଟୋ।

## ଏମ୍ସରେ ଜେଟ୍‌ଲୀ



ନୂଆଦିଲ୍ଲୀ,୯।୮ (ପି.ଟି.)

ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ତଥା ଭାଜପାର ବରିଷ୍ଠ ନେତା ଅରୁଣ ଜେଟ୍‌ଲୀ ଶୁକ୍ରବାର ସକାଳେ ଶ୍ୱାସକ୍ରିୟା ନେବାରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଦିଲ୍ଲୀର ଏମ୍ସରେ ଭର୍ତ୍ତି କରାଯାଇଛି। ସେ ହସ୍ପିଟାଲର କାର୍ଡିଓ-ନ୍ୟୁରୋ ୱାର୍ଡରେ ଅବ୍‌ଜରଭେସନ୍‌ରେ ରହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ଓ ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ ହସ୍ପିଟାଲରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଗତବର୍ଷ ମେ ୧୪ରେ ଜେଟ୍‌ଲୀଙ୍କର ବୃକ୍କ ପ୍ରତିରୋପଣ ହୋଇଥିଲା ଓ ସେ ଦୀର୍ଘଦିନ ଧରି ଅର୍ଥମନ୍ତ୍ରୀ ଦାୟିତ୍ୱରୁ ଦୂରରେ ରହିଥିଲେ। ସ୍ୱାସ୍ଥ୍ୟଗତ କାରଣରୁ ସେ ୨୦୧୯ ଲୋକ ସଭା ନିର୍ବାଚନ ପୂର୍ବରୁ ଚିକିତ୍ସା ପାଇଁ ଆମେରିକା ଯାଇଥିଲେ। ପରେ ସେ ଏମ୍ସରେ ଭର୍ତ୍ତି ହୋଇଥିଲେ। ନିର୍ବାଚନ ପରେ ସରକାରରେ କୌଣସି ପଦପଦବୀରେ ରହିବା ପାଇଁ ସେ ମନା କରିଦେଇଥିଲେ।

### ଆଜିର ସମ୍ପାଦକୀୟ
**ନୂଆ ଆଭିମୁଖ୍ୟ**

### ଆଜିର ମନ୍ତବ୍ୟ

" ପାର୍ଲାମେଣ୍ଟରେ ସଦସ୍ୟମାନଙ୍କ ପାଇଁ ଦଳଗୁଡ଼ିକ ଆଚରଣବିଧି ଲାଗୁ କରିବା ଉଚିତ।
– ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି

## ୮ଠା କୃଷି ନୀତି ଉନ୍ମୋଚନ କଲେ ରାଜ୍ୟ ସରକାର

# କୃଷି, କୃଷକଙ୍କ ସର୍ବାଙ୍ଗୀନ ଉନ୍ନତିକୁ ଗୁରୁତ୍ୱ

■ **କାଳିଆ ଯୋଜନା ଅବଧି ୫ ବର୍ଷ ବୃଦ୍ଧି ପାଇଁ ପ୍ରସ୍ତାବ**
■ **ଫୋକସ୍‌ରେ ୪୮ ପ୍ରତିଶତ ଭୂମିହୀନ ମହିଳା କୃଷି ଶ୍ରମିକ**

ଭୁବନେଶ୍ୱର,୯।୮ (ବ୍ୟୁରୋ)

ଓଡ଼ିଶା ସରକାରଙ୍କ ପକ୍ଷରୁ ଶୁକ୍ରବାର ୮ଠା କୃଷି ନୀତି ପ୍ରସ୍ତୁତ କରାଯାଇଛି। ରାଜ୍ୟର କୃଷକମାନଙ୍କ ସଶକ୍ତୀକରଣ, ସର୍ବାଙ୍ଗୀନ ଉନ୍ନତି ଓ ବିଶେଷ ଭାବେ ଆୟକୁ ବହୁଗୁଣିତ କରିବା ଉପରେ ଏଥିରେ ପ୍ରାଧାନ୍ୟ ଦିଆଯାଇଛି। ଏତଦ୍ ବ୍ୟତୀତ ପ୍ରସ୍ତୁତ ୮ଠା କୃଷି ନୀତିରେ କୃଷକଙ୍କ ଅର୍ଥନୈତିକ ବିକାଶ ସହ ସାମାଜିକ ସୁରକ୍ଷାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ରାଜ୍ୟରେ ୪୮ ପ୍ରତିଶତ ଭୂମିହୀନ ମହିଳା କୃଷି ଶ୍ରମିକ ବୋଲି ୮ଠାରେ ଉଲ୍ଲେଖ କରାଯାଇଛି। ସେହିପରି ରାଜ୍ୟରେ ପ୍ରାୟ ୫୦,୦୦୦ ଭୂମିହୀନ ଏକାକିନୀ ମହିଳା କୃଷି ଶ୍ରମିକ ରହିଥିବା ଆକଳନ କରାଯାଇଛି। ପ୍ରସ୍ତୁତ ୮ଠା କୃଷି ନୀତିରେ ଏହି ବର୍ଗର ମହିଳାଙ୍କୁ ବିଶେଷ ପ୍ରାଧାନ୍ୟ ଦିଆଯାଇଥିବା କୁହାଯାଇଛି।

କୃଷିମନ୍ତ୍ରୀ ଅରୁଣ ସାହୁ କହିଛନ୍ତି ଯେ, କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ର ଉପରେ ନିର୍ଭରଶୀଳ କୃଷକଙ୍କୁ ଦୃଷ୍ଟିରେ ରଖାଯାଇ ୮ଠା ପ୍ରସ୍ତୁତ କରାଯାଇଛି। ଆବଶ୍ୟକ ସୁବିଧା ସହ ଆଧୁନିକ ଜ୍ଞାନକୌଶଳ ବିନିଯୋଗ ମାଧ୍ୟମରେ କିପରି ସୁଫଳ ପାଇହେବ, ସେଥିପ୍ରତି ଦୃଷ୍ଟି ଦିଆଯାଇଛି। ଚାଷୀଙ୍କ ଆୟ ଦ୍ୱିଗୁଣିତ ନୁହେଁ, ନିୟମିତ ବ୍ୟବଧାନରେ ଯେପରି ବହୁଗୁଣିତ ହୋଇପାରିବ, ସେଥିପ୍ରତି ଦୃଷ୍ଟି ଦିଆଯାଇଥିବା ମନ୍ତ୍ରୀ କହିଛନ୍ତି। ପୂର୍ବରୁ ୨୦୧୩ ମସିହାରେ ରାଜ୍ୟ ପକ୍ଷରୁ କୃଷିନୀତି ଲାଗୁ କରାଯିବା ସହ ଅନେକାଂଶରେ ସଫଳତା ମଧ୍ୟ ଲାଭ କରାଯାଇଥିଲା। ସେହିପରି ୨୦୧୬-୧୭ରେ ରାଜ୍ୟ ୧୧୭ ଲକ୍ଷ ମେଟ୍ରିକ ଟନ୍ ଖାଦ୍ୟ ଶସ୍ୟ ଉତ୍ପାଦନ କରିବା ସହ ବଳକା ରାଜ୍ୟ ହୋଇପାରିଥିବା ମନ୍ତ୍ରୀ ସୂଚନା ଦେଇଥିଲେ। ସେହିଭଳି ୨୦୦୨-୦୩ରୁ ୨୦୧୫-୧୬ ମଧ୍ୟରେ ରାଜ୍ୟର ଚାଷୀଙ୍କ ଆୟରେ ମାତ୍ରାଧିକ ଅଭିବୃଦ୍ଧି ଲକ୍ଷ୍ୟ କରାଯାଇଥିଲା। ଏହି ସମୟରେ ରାଜ୍ୟରେ ଥିବା ଚାଷୀଙ୍କ ହାରାହାରି ମାସିକ ଆୟ ୧୦୬୨ ଟଙ୍କାରୁ ୭୭୩୧ ଟଙ୍କାକୁ ବୃଦ୍ଧି ହୋଇଥିଲା। ସେ ସମୟରେ ଏ ସମ୍ପର୍କିତ ଜାତୀୟ ଅଭିବୃଦ୍ଧି ହାର ୧୧.୭ ପ୍ରତିଶତ ରହିଥିବାବେଳେ ରାଜ୍ୟର ହାର ଉତ୍ସାହଜନକ ୧୬.୫ ପ୍ରତିଶତ ରହିଥିଲା। ଗତ ଡିସେମ୍ବରରେ ଆରମ୍ଭ କରାଯାଇଥିବା କାଳିଆ ଯୋଜନାକୁ ୫ ବର୍ଷ ଯାଏ ବୃଦ୍ଧି କରିବା ପାଇଁ ୮ଠା କୃଷି ନୀତିରେ ସୁପାରିସ କରାଯାଇଛି। ପ୍ରାଥମିକ ଭାବେ ୫ଟି ପର୍ଯ୍ୟାୟ ଚାଷ ପାଇଁ ଏହାକୁ ଲାଗୁ କରାଯାଇଥିଲା। ଏହି ଯୋଜନା ଦ୍ୱାରା କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କୁ ପ୍ରତି ଫସଲ ପିଛା ୫୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଅନୁରୂପଭାବେ ଭାଗଚାଷୀ ଓ ଜମିହୀନ କୃଷି ଶ୍ରମିକଙ୍କୁ ମଧ୍ୟ ସହାୟତା ଦେବାର ବ୍ୟବସ୍ଥା ରହିଥିଲା। ୮ଠାରେ ମୁଖ୍ୟତଃ ୮ଟି ଗୁରୁତ୍ୱପୂର୍ଣ୍ଣ ଦିଗକୁ ବିଶେଷ ଭାବେ ବିଚାର କରାଯାଇଛି। ଏଗୁଡ଼ିକ ହେଉଛି- କୃଷି କ୍ଷେତ୍ରରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ବ୍ୟାପକ ବ୍ୟବହାର, ଜଳବାୟୁ ପରିବର୍ତ୍ତନ ସହ ଖାପଖୁଆଇ ଚାଷ କରିବା, ସୁବ୍ୟବସ୍ଥିତ ବଜାର ବ୍ୟବସ୍ଥା, ଉତ୍ପାଦନ ଶକ୍ତି ବୃଦ୍ଧି, ଭିତ୍ତିଭୂମି ବିକାଶ, ବିବିଧୀକରଣ, ଦକ୍ଷତା ବିକାଶ ଓ କୃଷି ସଂସ୍ଥାକୁ ସୁଦୃଢ଼ୀକରଣ।

## ମନ୍ତ୍ରୀ ଅଶୋକ ପଣ୍ଡା ଅନୁଗୋଳ ଜିଲା ଯୋଜନା କମିଟି ଅଧ୍ୟକ୍ଷ

ଭୁବନେଶ୍ୱର,୯।୮ (ବ୍ୟୁରୋ)

ରାଜ୍ୟ ସରକାର ଶୁକ୍ରବାର ସବୁ ଜିଲାର ଯୋଜନା କମିଟି ଅଧ୍ୟକ୍ଷଙ୍କ ନାମ ଘୋଷଣା କରିଛନ୍ତି। ଅନୁଗୋଳ ଜିଲା ଯୋଜନା କମିଟି ଅଧ୍ୟକ୍ଷ ଭାବେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ନିଯୁକ୍ତ ହୋଇଥିବାବେଳେ ଢେଙ୍କାନାଳ ପାଇଁ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ମୟୂରଭଞ୍ଜ ପାଇଁ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା, ବାଲେଶ୍ୱର ପାଇଁ ଅନନ୍ତ ଦାସ, ଭଦ୍ରକ ପାଇଁ ବ୍ୟୋମକେଶ ରାୟ, ଯାଜପୁର ପାଇଁ ମନ୍ତ୍ରୀ ସମୀର ଦାଶ, କେନ୍ଦ୍ରାପଡ଼ା ପାଇଁ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଜଗତସିଂହପୁର ପାଇଁ ପ୍ରଶାନ୍ତ କୁମାର ମୁଦୁଲି, କଟକ ପାଇଁ ପ୍ରମୋଦ ମଲ୍ଲିକ, ପୁରୀ ପାଇଁ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ଖୋର୍ଦ୍ଧା ପାଇଁ ପ୍ରଶାନ୍ତ ଜଗଦେବ, ନୟାଗଡ଼ ପାଇଁ ସତ୍ୟନାରାୟଣ ପ୍ରଧାନ, ଗଞ୍ଜାମ ପାଇଁ ଶ୍ରୀକାନ୍ତ ସାହୁ, ବୌଦ୍ଧ ପାଇଁ ମହିଧର ରଣା, ଗଜପତି ପାଇଁ ମନ୍ତ୍ରୀ ଜଗନ୍ନାଥ ସାରକା, କନ୍ଧମାଳ ପାଇଁ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସୁବର୍ଣ୍ଣପୁର ପାଇଁ ମନ୍ତ୍ରୀ ସୁଦାମ ମାରାଣ୍ଡି, ରାୟଗଡ଼ା ପାଇଁ ମନ୍ତ୍ରୀ ପଦ୍ମିନୀ ଦିଆନ, କୋରାପୁଟ ପାଇଁ ରଘୁରାମ ପଡାଲ, ନବରଙ୍ଗପୁର ପାଇଁ ମନ୍ତ୍ରୀ ରଘୁନନ୍ଦନ ଦାସ, ମାଲକାନଗିରି ପାଇଁ ମନ୍ତ୍ରୀ ତୁଷାରକାନ୍ତି ବେହେରା, ନୂଆପଡ଼ା ପାଇଁ ରାଜେନ୍ଦ୍ର ଢୋଲକିଆ, ବଲାଙ୍ଗୀର ପାଇଁ ମନ୍ତ୍ରୀ ନବ କିଶୋର ଦାସ, ବରଗଡ଼ ପାଇଁ ଦେବେଶ ଆଚାର୍ଯ୍ୟ, ସମ୍ବଲପୁର ପାଇଁ ମନ୍ତ୍ରୀ ସୁଶାନ୍ତ ସିଂ, ଝାରସୁଗୁଡ଼ା ପାଇଁ ମନ୍ତ୍ରୀ ପଦ୍ମନାଭ ବେହେରା, ସୁନ୍ଦରଗଡ଼ ପାଇଁ ସାରଦା ପ୍ରସାଦ ନାୟକ, ଦେବଗଡ଼ ଏବଂ କେନ୍ଦୁଝର ପାଇଁ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, କଳାହାଣ୍ଡି ପାଇଁ ମନ୍ତ୍ରୀ ଜ୍ୟୋତି ସାହୁଙ୍କୁ ନିଯୁକ୍ତ କରାଯାଇଛି।

ଜିଲା ଯୋଜନା କମିଟି ଦାୟିତ୍ୱ ବହି ଯାଇଥିଲେ ମଧ୍ୟ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ପଦ ସମ୍ପର୍କରେ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ। ବିଷ୍ଣୁ ଦାସ ଉକ୍ତପଦ ଦେବାପରେ ଏହି ପଦ ଖାଲିପଡ଼ିଛି। ତିର୍ତ୍ତୋଲରୁ ସେ ନିର୍ବାଚନ ଲଢି ବିଧାୟକ ହୋଇଛନ୍ତି। ଏହି ପଦରେ ବର୍ତ୍ତମାନ ଦଳ କାହାକୁ ବସାଇବ ତାକୁ ନେଇ ଚର୍ଚ୍ଚା ବଢ଼ିବାରେ ଲାଗିଛି।

■ **୬୬ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା**

# ଉରି, ଅନ୍ଧାଧୁନ୍, ବଧାଇ ହୋ, ପ୍ୟାଡମ୍ୟାନ୍‌କୁ ସର୍ବଶ୍ରେଷ୍ଠ ମାନ୍ୟତା

ନୂଆଦିଲ୍ଲୀ,୯।୮ (ଆଇଏଏନ୍‌ଏସ୍)

ବଲିଉଡ୍ ଫିଲ୍ମ 'ଉରି: ଦି ସର୍ଜିକାଲ ଷ୍ଟ୍ରାଇକ୍', 'ଅନ୍ଧାଧୁନ୍', 'ବଧାଇ ହୋ' ଏବଂ 'ପ୍ୟାଡମ୍ୟାନ୍' ୬୬ତମ ଜାତୀୟ ଫିଲ୍ମ ପୁରସ୍କାର ପାଇବା ଲାଗି ଯୋଗ୍ୟ ବିବେଚିତ ହୋଇଛନ୍ତି। ଫିଚର ଫିଲ୍ମ କ୍ୟାଟେଗୋରି ଜୁରିର ଚେୟାରପର୍ସନ ରାହୁଲ ରାୱଲ, ନନ୍-ଫିଚର ଫିଲ୍ମ କ୍ୟାଟେଗୋରି ଚେୟାରପର୍ସନ ଏ.ଏସ୍ କନଲ ଏବଂ ସର୍ବୋତ୍ତମ ସିନେମା କାହାଣୀ ଲେଖା କ୍ୟାଟେଗୋରି ଚେୟାରପର୍ସନ ଉତ୍ପଳ ବୋରପୁଜାରୀ ଖବରଦାତା ସମ୍ମିଳନୀରେ ଏହା ଘୋଷଣା କରିଛନ୍ତି। ଚେୟାରପର୍ସନ ଏବଂ ଅନ୍ୟ ବିଚାରକମଣ୍ଡଳୀ ସଦସ୍ୟମାନେ ପୂର୍ବାହ୍ନରେ ଏ ସମ୍ବନ୍ଧରେ ଏକ ରିପୋର୍ଟ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡ଼େକରଙ୍କୁ ପ୍ରଦାନ କରିଛନ୍ତି। ସାମାଜିକ ସମସ୍ୟାଭିତ୍ତିକ ହିନ୍ଦୀ ଚଳଚ୍ଚିତ୍ର 'ପ୍ୟାଡମ୍ୟାନ୍'କୁ ସର୍ବଶ୍ରେଷ୍ଠ ଚଳଚ୍ଚିତ୍ର ଘୋଷଣା କରାଯାଇଛି। 'ଅନ୍ଧାଧୁନ୍' ଓ 'ଉରି: ଦି ସର୍ଜିକାଲ ଷ୍ଟ୍ରାଇକ୍'ରେ ଅଭିନୟ ପାଇଁ ଆୟୁଷ୍ମାନ ଖୁରାନା ଓ ଭିକି କୌଶଲଙ୍କୁ ଯୁଗ୍ମଭାବେ ସର୍ବଶ୍ରେଷ୍ଠ ଅଭିନେତା ପୁରସ୍କାର, ଉରି ନିର୍ଦ୍ଦେଶକ ଆଦିତ୍ୟ ଧରଙ୍କୁ ସର୍ବଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର ପ୍ରଦାନ କରାଯିବ। ଏହାସହିତ ଏହି ଫିଲ୍ମରେ ବିଶ୍ୱଦୀପ ଦୀପକ ଚାଟାର୍ଜୀଙ୍କୁ ସାଉଣ୍ଡ ଡିଜାଇନର ଆୱାର୍ଡ ପ୍ରଦାନ କରାଯିବ। ଉକ୍ତ ଫିଲ୍ମର ବେଷ୍ଟ ମ୍ୟୁଜିକ୍ ଡାଇରେକ୍ଟର ଭାବେ ଶାଶ୍ୱତ ସଚଦେବଙ୍କୁ ପୁରସ୍କୃତ କରାଯିବ। 'ଅନ୍ଧାଧୁନ୍'କୁ ଚଳିତ ବର୍ଷ ଜାତୀୟ ପୁରସ୍କାର ମିଳିଛି। ଏହାକୁ ସର୍ବଶ୍ରେଷ୍ଠ ହିନ୍ଦୀ ଫିଲ୍ମ ପୁରସ୍କାର ପାଇଁ ଘୋଷଣା କରାଯାଇଛି। 'ବଧାଇ ହୋ' ସର୍ବଶ୍ରେଷ୍ଠ ଲୋକପ୍ରିୟ ଫିଲ୍ମର ମାନ୍ୟତା ପାଇଛି। ଏହା ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଯୋଗାଇବା ସହିତ ଏଥିରେ ଶ୍ରେଷ୍ଠ ସହାୟକ ଅଭିନେତ୍ରୀ ଭାବେ ସୁରେଖା ସିକ୍ରି ଅଭିନୟ କରିଛନ୍ତି। ଅକ୍ଷୟ କୁମାରଙ୍କ ଅଭିନୀତ 'ପ୍ୟାଡମ୍ୟାନ୍'କୁ ସାମାଜିକ ସମସ୍ୟା ଆଧାରିତ ସର୍ବୋତ୍ତମ ଫିଲ୍ମ ଘୋଷଣା କରାଯାଇଛି। 'ପଦ୍ମାବତ୍'କୁ ମ୍ୟୁଜିକ୍ କ୍ୟାଟେଗୋରିରେ ପୁରସ୍କାର ପ୍ରଦାନ ପାଇଁ ଘୋଷଣା କରାଯାଇଛି। ଏହାବ୍ୟତୀତ ଗୁଜରାଟୀ ଫିଲ୍ମ 'ହେଲାରୋ'କୁ ବେଷ୍ଟ ଫିଚର ଫିଲ୍ମ ପୁରସ୍କାର, ତେଲୁଗୁ ଚଳଚ୍ଚିତ୍ର 'ମହାନଟି'ରେ ସର୍ବୋତ୍ତମ ଅଭିନୟ ପାଇଁ କୀର୍ତ୍ତି ସୁରେଶଙ୍କୁ ପୁରସ୍କୃତ କରାଯିବ। ପରିବେଶ ସଂରକ୍ଷଣ କ୍ଷେତ୍ରରେ 'ପାନି', ଜାତୀୟ ଏକତା ଉପରେ 'ଓଣ୍ଡଲା ଏରାଡାଲା'କୁ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ନର୍ଗିସ ଦତ୍ତ ପୁରସ୍କାର ଦିଆଯିବାକୁ ଘୋଷଣା କରାଯାଇଛି।



■ **ପ୍ୟାଡମ୍ୟାନ୍' ଶ୍ରେଷ୍ଠ ଚଳଚ୍ଚିତ୍ର**
■ **'ଅନ୍ଧାଧୁନ୍' ଓ 'ଉରି'ରେ ଆୟୁଷ୍ମାନ ଓ ଭିକି ଯୁଗ୍ମଭାବେ ଶ୍ରେଷ୍ଠ ଅଭିନେତା**
■ **ଆଦିତ୍ୟ ଧର୍ ଶ୍ରେଷ୍ଠ ନିର୍ଦ୍ଦେଶକ**


NECC | Venco's CHICKEN | 09.08.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 55 | 100 | 110 |
| CTC | 54 | 98 | 108 |
| DKL | 52 | 96 | 106 |
| BDK | 52 | 96 | 106 |
| BLS | 52 | 96 | 106 |
| ANG | 53 | 97 | 107 |
| BHM | 51 | 94 | 104 |

Eggs Retail Price- 42/-Dozen
Issued in the Interest of Consumers
Conditions Apply



"ଇଭିଏମ୍‌ରୁ ଦୂରେଇ ଯାଇ ପୁଣି ଥରେ ବାଲଟ ପେପର ଯୁଗକୁ ଫେରିବା ପ୍ରଶ୍ନ ଉଠୁନି। ସ୍ୱରାଷ୍ଟ୍ର ଓ ଆଇନ ମନ୍ତ୍ରଣାଳୟରୁ ଆନୁଷ୍ଠାନିକ ଭାବେ ସବୁଜ ସଙ୍କେତ ମିଳିବା ପରେ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ହେବା।
- ସୁନୀଲ ଆରୋରା, ମୁଖ୍ୟ ନିର୍ବାଚନ କମିଶନର

## ■ ୭ ରାଜ୍ୟରେ ବର୍ଷା ବିପ୍ଳବ: କେରଳ, ମହାରାଷ୍ଟ୍ରରେ ୬୭ ମୃତ

# ୪ ରାଜ୍ୟରେ ଜଳ ତାଣ୍ଡବ

ଥିରୁଭାନନ୍ତପୁରମ୍/ବେଙ୍ଗାଲୁରୁ/ମୁମ୍ବାଇ/ଡେରାଡୁନ,୯।୮(ପି.ଟି.)



କର୍ନାଟକର ବେଲ୍‌ଗମ ଜିଲାରେ ସେନା ଯବାନ ବନ୍ୟା ଘେରରୁ ଲୋକଙ୍କୁ ଉଦ୍ଧାର କରୁଛନ୍ତି।



ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା ଆକାଶ ମାର୍ଗରୁ ବନ୍ୟାଞ୍ଚଳ ପରିଦର୍ଶନ କରୁଛନ୍ତି।

ପ୍ରବଳ ବର୍ଷା ଯୋଗୁ ମହାରାଷ୍ଟ୍ର, କର୍ନାଟକ, ଗୁଜରାଟ ଓ କେରଳ ସମେତ ୭ଟି ରାଜ୍ୟରେ ବନ୍ୟାର କରାଳ ରୂପ ଦେଖିବାକୁ ମିଳିଛି। କେରଳରେ ବର୍ଷା ଓ ଭୂସ୍ଖଳନ ଜନିତ ମୃତ୍ୟୁସଂଖ୍ୟା ୩ ଦିନରେ ୩୦ରେ ପହଞ୍ଚିଥିବାବେଳେ ୨୨ ହଜାରରୁ ଅଧିକ ଲୋକଙ୍କୁ ବିଭିନ୍ନ ରିଲିଫ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ସେହିପରି ମହାରାଷ୍ଟ୍ରର ୫ ଜିଲାରେ ବନ୍ୟାଜନିତ ମୃତ୍ୟୁସଂଖ୍ୟା ୩୭ରେ ପହଞ୍ଚିଛି। କର୍ନାଟକ ସରକାର ଅଲମାଟି ଡ୍ୟାମ୍‌ରୁ ୪.୮୦ ଲକ୍ଷ କ୍ୟୁସେକ୍ ଜଳ ଛାଡ଼ିଥିବାରୁ ମହାରାଷ୍ଟ୍ର ବନ୍ୟା ପରିସ୍ଥିତି ଆହୁରି ସଙ୍ଗିନ୍ ହେବାକୁ ଯାଉଛି। କର୍ନାଟକରେ ବନ୍ୟା ସ୍ଥିତି ଗମ୍ଭୀର ରହିଛି। ବେଲାଗାଭି ଜିଲା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ହଜାର ହଜାର ଲୋକ ବନ୍ୟାପାଣି ଘେରରେ ରହିଥିବାବେଳେ ଲକ୍ଷାଧିକ ଏକର ଚାଷଜମି ଜଳମଗ୍ନ ହୋଇଛି। ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା ଆକାଶମାର୍ଗରୁ ବନ୍ୟାସ୍ଥିତି ଅନୁଧ୍ୟାନ କରିଛନ୍ତି। ଗୁଜରାଟରେ ପ୍ରବଳ ବର୍ଷା ଯୋଗୁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। ନର୍ମଦା ନଦୀର ସର୍ଦ୍ଦାର ସରୋବର ଡ୍ୟାମ୍‌ରେ ଜଳସ୍ତର ପ୍ରଥମ ଥର ପାଇଁ ୧୩୧ ମିଟରରେ ପହଞ୍ଚିଛି। ୨୧ ହଜାରରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ଓଡ଼ିଶାର ମାଲକାନଗିରି ଓ ରାୟଗଡ଼ା ଜିଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଉଦ୍ଧାର ଓ ରିଲିଫ କାର୍ଯ୍ୟ ଲାଗି କେରଳ, ମହାରାଷ୍ଟ୍ର, କର୍ନାଟକ ଓ ଗୁଜରାଟକୁ ରାଜ୍ୟକୁ ଏନ୍‌ଡିଆର୍‌ଏଫ୍‌ର ୮୩ ଟିମ୍ ପଠାଯାଇଛି। ଏହାବ୍ୟତୀତ ତିନି ସେନା ଓ ତଟସୁରକ୍ଷା ବାହିନୀର ମୋଟ ୧୭୩ ଟିମ୍ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ ବସି ବିଭିନ୍ନ ରାଜ୍ୟର ବନ୍ୟା ପରିସ୍ଥିତି ସମୀକ୍ଷା କରାଯାଇଛି।

କେରଳରେ ବର୍ଷା ଓ ଭୂସ୍ଖଳନ ଯୋଗୁ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଅଧିକାଂଶ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେବା ସହ ବିଭିନ୍ନ ସ୍ଥାନରେ ବନ୍ୟା ସୃଷ୍ଟି ହୋଇଛି। ୱାୟନାଡ଼, ମାଲାପୁରମ୍, କନ୍ନୁର ଏବଂ ଇଡୁକ୍କି ଜିଲା ସର୍ବାଧିକ ପ୍ରଭାବିତ ହୋଇଛି। କୋଚି ବିମାନ ବନ୍ଦରକୁ ରବିବାର ପର୍ଯ୍ୟନ୍ତ ବନ୍ଦ କରିଦିଆଯାଇଛି। ବର୍ଷା ଲାଗିରହିଥିବାରୁ

- ■ ଉତ୍ତରାଖଣ୍ଡରେ ବାଦଲଫଟା ବର୍ଷା: ୪ ଜଣଙ୍କ ଜୀବନ ଗଲା
- ■ କର୍ନାଟକରେ ୧.୨୪ ଲକ୍ଷ ଲୋକ ସ୍ଥାନାନ୍ତର
- ■ ଉଦ୍ଧାର କାର୍ଯ୍ୟରେ ୮୩ ଏନ୍‌ଡିଆର୍‌ଏଫ ଟିମ୍ ସମେତ ୩ ସେନା ମୁତୟନ

ରାଜ୍ୟର ୧୪ ଜିଲା ମଧ୍ୟରୁ ୯ଟିରେ ରେଡ୍ ଆଲର୍ଟ ଜାରି ହୋଇଛି। ଶନିବାର ପର୍ଯ୍ୟନ୍ତ ସ୍କୁଲ୍ କଲେଜ ବନ୍ଦ ରଖାଯାଇଛି। ଶୁକ୍ରବାର ସକାଳେ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍ ରିଲିଫ ଓ ଉଦ୍ଧାର କାର୍ଯ୍ୟ ନେଇ ଏକ ଉଚ୍ଚସ୍ତରୀୟ ବୈଠକ କରିଥିବାବେଳେ ସ୍ଥଳସେନା ଓ ବାୟୁସେନାର ସହାୟତା ଲୋଡ଼ିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ କେରଳ ବନ୍ୟା ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ସେ ନିଜ ନିର୍ବାଚନମଣ୍ଡଳୀ ୱାୟନାଡ଼ ସମେତ ବନ୍ୟା ପ୍ରଭାବିତ ଅନ୍ୟ ଅଞ୍ଚଳର ବିପନ୍ନମାନଙ୍କୁ ସହାୟତା ଯୋଗାଇଦେବାକୁ ସେ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ପ୍ରଧାନମନ୍ତ୍ରୀ ସମସ୍ତ ସହାୟତା ଯୋଗାଇଦିଆଯିବାର ପ୍ରତିଶ୍ରୁତି ଦେଇଥିବା ରାହୁଲ ଟୁଇଟ୍ କରିଛନ୍ତି।

ମହାରାଷ୍ଟ୍ରର ବିଭିନ୍ନ ଜିଲାରେ ବନ୍ୟା ସଙ୍ଗିନ୍ ରହିଛି। ସର୍ବାଧିକ ପ୍ରଭାବିତ ସାଙ୍ଗଲି ଓ କୋହ୍ଲାପୁର ଜିଲାରେ ନୌସେନାର ୧୨ ଉଦ୍ଧାରକାରୀ ଦଳଙ୍କୁ ନିୟୋଜିତ କରାଯାଇଛି। ୨ ଲକ୍ଷରୁ ଅଧିକ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ମହାରାଷ୍ଟ୍ରର ୫ ଜିଲାରେ ବର୍ଷା ଓ ବନ୍ୟାଜନିତ ମୃତ୍ୟୁସଂଖ୍ୟା ୨୭ରେ ପହଞ୍ଚିଛି।

କର୍ନାଟକର କ୍ରିଷ୍ଣା, କାବେରୀ, କାଳୀ, ବରାହୀ, ମାର୍କଣ୍ଡେୟ, ଭୀମା, ମାଳପ୍ରଭା, ଘାଟପ୍ରଭା, ତୁଙ୍ଗା, ଭଦ୍ରାବତୀ, ହେମବତୀ, ଶରାବତୀ, ନେତ୍ରାବତୀ, ତୁଙ୍ଗଭଦ୍ରା, କୁମାରଧାରା, ବରଦା, କାବିନି ଆଦି ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ବେଲାଗାଭି ସମେତ ବଗଲାକୋଟ, ବିଜୟପୁର, ରାଇଚୁର, ଯାଦ୍‌ଗିର୍, ଗଡାଗ୍, ଉତ୍ତର କନ୍ନଡ, ହାଭେରି, ହୁବଲ୍ଲି-ଧରୱାଡ୍, ବେଲାରୀ, ଦକ୍ଷିଣ କନ୍ନଡ, ଚିକ୍କମାଗାଲୁରୁ ଏବଂ କୋଡଗୁ ଜିଲା ବନ୍ୟା ପ୍ରଭାବିତ ହୋଇଛି। କୋଡଗୁ ଜିଲାର କୋରଙ୍ଗାଲା ଅଞ୍ଚଳରେ ବନ୍ୟା ସ୍ଥିତି ଅତ୍ୟନ୍ତ ଗମ୍ଭୀର ରହିଛି। କାନ୍ଥ ପଡି ଗୋଟିଏ ପରିବାରର ୪ ଜଣଙ୍କ ମୃତ୍ୟୁ ଘଟିଛି। ୧ ଲକ୍ଷ ୨୪ ହଜାରରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇ ନିରାପଦ ସ୍ଥାନକୁ ନିଆଯାଇଥିବାବେଳେ ବର୍ଷାଜନିତ ଦୁର୍ଘଟଣାରେ ୯ ଜଣଙ୍କ ମୃତ୍ୟୁ ଘଟିଛି। ଉଦ୍ଧାର କାର୍ଯ୍ୟରେ ଅଗ୍ନିଶମ ଓ ଜରୁରୀ ବିଭାଗ, ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ ସମେତ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏନ୍‌ଡିଆର୍‌ଏଫ୍)ର ୯ଟି ଟିମ୍ ଓ ସେନା ଯବାନ ସାମିଲ ହୋଇଛନ୍ତି। ଉଦ୍ଧାର କାର୍ଯ୍ୟରେ ବାୟୁସେନା ହେଲିକପ୍ଟରକୁ ନିୟୋଜିତ କରାଯାଇଛି।

ସେହିପରି ତାମିଲନାଡୁର ନୀଳଗିରି ପାର୍ବତ୍ୟ ଜିଲାରେ ପ୍ରବଳ ବର୍ଷା ଯୋଗୁ ୫ ଜଣଙ୍କର ମୃତ୍ୟୁ ଘଟିଛି। ଏହି ଜିଲାରେ ସର୍ବାଧିକ ୯୧୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ପାଇକରାର ଇନ୍ଦିରା ନଗରରେ କାନ୍ଥ ପଡ଼ି ମାଆଝିଅଙ୍କ ମୃତ୍ୟୁ ହୋଇଥିବାବେଳେ କୁରୁଖୁକୁଲି ଡ୍ରେନ୍‌ରୁ ୨ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ସେମାନେ ଗୁରୁବାର ସନ୍ଧ୍ୟାରେ କାମ ସାରି ଘରକୁ ଫେରୁଥିବାବେଳେ ଡ୍ରେନ୍‌ରେ ଭାସିଯାଇଥିଲେ। ସେହିପରି କାନ୍ଥ ଭୁଶୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି।

ସେପଟେ ଉତ୍ତରାଖଣ୍ଡର ଟିହରି ଜିଲାରେ ବାଦଲଫଟା ବର୍ଷାରେ ମାଆପୁଅଙ୍କ ମୃତ୍ୟୁ ଘଟିଥିବାବେଳେ ଶୁକ୍ରବାର ସକାଳେ ଚାମୋଲି ଜିଲାରେ ଅନ୍ୟ ଦୁଇଜଣ ବନ୍ୟାଜଳରେ ଭାସିଯାଇଛନ୍ତି। ଏହି ପାର୍ବତ୍ୟାଞ୍ଚଳ ରାଜ୍ୟରେ ପ୍ରବଳ ବର୍ଷାରେ ଅନେକ ଘର, ପୋଲ ଭାସିଯିବା ସହ ଫସଲ ନଷ୍ଟ ହୋଇଛି।

## ସଂକ୍ଷେପରେ

### ଭେଲୋରରେ ଡିଏମ୍‌କେର ବାଜିମାତ୍



ଡି.ଏମ୍. କାଥିର ଆନନ୍ଦ

ଚେନ୍ନାଇ,୯।୮-ବହୁ ପ୍ରତୀକ୍ଷିତ ଭେଲୋର ଲୋକ ସଭା ଆସନ ଡିଏମ୍‌କେ ହାତକୁ ଯାଇଛି। ଏଠାରେ ଦଳର ପ୍ରାର୍ଥୀ ଡି.ଏମ୍. କାଥିର ଆନନ୍ଦ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ନ୍ୟୁ ଜଷ୍ଟିସ୍ ପାର୍ଟି ମୁଖ୍ୟ ଏ.ସି. ଷନ୍ମୁଘମ୍‌ଙ୍କୁ ମାତ୍ର ୮,୧୪୧ ଭୋଟରେ ପରାସ୍ତ କରିଛନ୍ତି। ଷନ୍ମୁଘମ୍‌ଙ୍କୁ ଶାସକ ଏଆଇଏଡିଏମ୍‌କେ ନିଜର ମେଣ୍ଟ ପ୍ରାର୍ଥୀ ଭାବେ ଘୋଷଣା କରିଥିଲା। ଆନନ୍ଦଙ୍କୁ ୪.୮୫ ଲକ୍ଷ ଭୋଟ ମିଳିଥିବାବେଳେ ଷନ୍ମୁଘମ୍‌ଙ୍କୁ ୪.୭୭ ଲକ୍ଷ ଭୋଟ ମିଳିଛି। ଏହି ବିଜୟ ସହ ଡିଏମ୍‌କେ ଏମ୍‌ପିଙ୍କ ସଂଖ୍ୟା ତାମିଲନାଡୁରେ ୩୯ରେ ପହଞ୍ଚିଛି। ପ୍ରକାଶଥାଉ କି, ଗତ ୫ ତାରିଖରେ ଏଠାରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା।

### ଭାଜପାରେ ମିଶିଲେ ଭୁବନେଶ୍ୱର କଳିଥା



ନୂଆଦିଲ୍ଲୀ,୯।୮(ପି.ଟି.)-ବରିଷ୍ଠ କଂଗ୍ରେସ ନେତା ଭୁବନେଶ୍ୱର କଳିଥା କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋଏଲଙ୍କ ଉପସ୍ଥିତିରେ ଶୁକ୍ରବାର ଭାଜପାରେ ଯୋଗଦେଇଛନ୍ତି। ସୋମବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ୩୭୦ ଧାରା ଉଚ୍ଛେଦ ନେଇ ଗୃହରେ ବିଲ ଆଗତ କରିବା ପରେ ସେ ରାଜ୍ୟ ସଭାରୁ ଇସ୍ତଫା ଦେଇଥିଲେ। ଧାରା ୩୭୦କୁ ନେଇ କଂଗ୍ରେସର ଆଭିମୁଖ୍ୟରେ ଅସନ୍ତୁଷ୍ଟ ହୋଇ ସେ ଦଳ ଛାଡ଼ିଥିବା ଜଣାପଡ଼ିଛି। ଆସାମରୁ ରାଜ୍ୟ ସଭାକୁ ଆସିଥିବା ଏହି ଏମ୍‌ପି କେନ୍ଦ୍ର ନିଷ୍ପତ୍ତିକୁ ସମର୍ଥନ କରିବା ସହ ଜମ୍ମୁ-କଶ୍ମୀରରୁ ୩୭୦ ଧାରା ଉଚ୍ଛେଦକୁ ଦୃଢ଼ ସମର୍ଥନ କରିଛନ୍ତି।

### [ଇତିହାସର ଆଇନାରେ]

### ଅଗଷ୍ଟ ୧୦ର ପ୍ରମୁଖ ଘଟଣା

୨୦୧୨ ଅଗଷ୍ଟ ୧୦ରେ ଦକ୍ଷିଣ ଆଫ୍ରିକାର ରୁଷ୍ଟେନବର୍ଗ ନିକଟରେ ମାରିକାନା ଗଣହତ୍ୟା ଘଟିଥିଲା। ଏଥିଯୋଗୁ ୪୭ ଲୋକଙ୍କ ମୃତ୍ୟୁ ଘଟିଥିଲା। ଦକ୍ଷିଣ ଆଫ୍ରିକାର ଖଣି ଶ୍ରମିକଙ୍କ ଦେଶବ୍ୟାପୀ ଧର୍ମଘଟର ୨୫ତମ ବାର୍ଷିକୀରେ ଏହି ହତ୍ୟାକାଣ୍ଡ ଘଟିଥିଲା।

୨୦୧୪ ଅଗଷ୍ଟ ୧୦ରେ ତେହେରାନ୍‌ର ସେପାହାନ ଏୟାରଲାଇନ୍ସ ଫ୍ଲାଇଟ୍ ୫୯୧୫ ଦୁର୍ଘଟଣାଗ୍ରସ୍ତ ହେବାରୁ ୪୦ଲୋକଙ୍କ ମୃତ୍ୟୁ ଘଟିଥିଲା। ଏହି ବିମାନ ଇରାନ୍‌ର ରାଜଧାନୀ ତେହେରାନ୍‌ରୁ ଟାବାସ୍‌କୁ ଉଡାଣ କରୁଥିଲା। ଉକ୍ତ ବିମାନର ଖଣ୍ଡବିଖଣ୍ଡିତ ଅଂଶ ଆଜାଦି ଷ୍ଟାଡିୟମ୍ ନିକଟବର୍ତ୍ତୀ ଏକ ଜନବସତି ଅଞ୍ଚଳ ଉପରେ ପଡିଥିଲା।



ପଶ୍ଚିମବଙ୍ଗର ନଦୀୟା ଜିଲାରେ ବିଶ୍ୱ ସ୍ୱଦେଶୀ ଲୋକ ଦିବସ ପାଳନ ଅବସରରେ କଳାକାରମାନେ ଲୋକନୃତ୍ୟ ପ୍ରଦର୍ଶନ କରୁଛନ୍ତି।

## ରାଜା, ୟେଚୁରୀ ଶ୍ରୀନଗରରେ ଅଟକ

ନୂଆଦିଲ୍ଲୀ,୯।୮(ପି.ଟି.)

ସିପିଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ଏବଂ ସିପିଏମ୍ ମୁଖ୍ୟ ଡି. ରାଜାଙ୍କୁ ଶୁକ୍ରବାର ଜମ୍ମୁ-କଶ୍ମୀରରେ ପ୍ରବେଶ କରିବାକୁ ଦିଆଯାଇ ନାହିଁ। ଉଭୟଙ୍କୁ ଶ୍ରୀନଗର ବିମାନବନ୍ଦରରେ ଅଟକ ରଖାଯିବା ପରେ ଦିଲ୍ଲୀକୁ ବିମାନରେ ଫେରାଇ ଦିଆଯାଇଛି। ଏହାକୁ ଦୁଇ ବାମପନ୍ଥୀ ନେତା ଅଗଣତାନ୍ତ୍ରିକ ବୋଲି ଅଭିହିତ କରି କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି।

ବାମପନ୍ଥୀ ନେତା ୟେଚୁରୀ ଓ ରାଜା ଶୁକ୍ରବାର ସିପିଏମ୍ ନେତା ମହମ୍ମଦ ତାରିଗାମୀଙ୍କ ସମେତ



### ଦୁହିଁଙ୍କୁ ଦିଲ୍ଲୀ ଫେରାଗଲା

ଅନ୍ୟ ସହଯୋଗୀଙ୍କୁ ଭେଟିବା ପାଇଁ ଶ୍ରୀନଗର ଯାଇଥିଲେ। ବିମାନବନ୍ଦରରେ ଓହ୍ଲାଇବା ପରେ ସୁରକ୍ଷା କାରଣରୁ ଉଭୟଙ୍କୁ ସେଠାରେ ଅଟକ ରଖାଯାଇଥିଲା। ପରେ ସେମାନଙ୍କୁ ଦିଲ୍ଲୀ ଫେରାଇ ଦିଆଯାଇଥିଲା। ଦୁଇନେତା ଗୁରୁବାର ଜମ୍ମୁ-କଶ୍ମୀର ରାଜ୍ୟପାଳ ସତ୍ୟପାଲ ମଲିକଙ୍କୁ ସେମାନଙ୍କ ଗସ୍ତ ସମ୍ପର୍କରେ ଅବଗତ କରି ଅନୁମତି ମାଗିଥିଲେ। ଏହାସତ୍ତ୍ୱେ ଯିବାକୁ ଅନୁମତି ନ ମିଳିବା କେନ୍ଦ୍ରର ଭାଜପା ସରକାରଙ୍କ ଏକଚ୍ଛତ୍ରବାଦୀ ଓ ଅଗଣତାନ୍ତ୍ରିକ କାର୍ଯ୍ୟ ବୋଲି ବାମପନ୍ଥୀ ନେତାମାନେ ସମାଲୋଚନା କରିଛନ୍ତି।

## ଭାରତ-ପାକ୍ ଆପୋସ ଆଲୋଚନା ଉପରେ ଚାଇନାର ଗୁରୁତ୍ୱ

ବେଜିଂ, ୯।୮(ପି.ଟି.)

ବିଭିନ୍ନ ସମସ୍ୟାର ସମାଧାନ ଲାଗି ଭାରତ ଓ ପାକିସ୍ତାନ ଆପୋସ ଆଲୋଚନା କରିବା ଉଚିତ ବୋଲି ଚାଇନା ଶୁକ୍ରବାର ମତ ଦେଇଛି। ଜମ୍ମୁ-କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ପରେ ଉପୁଜିଥିବା ପରିସ୍ଥିତିକୁ ନେଇ ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ କୁରେଶି ସମର୍ଥନ ଲାଗି ସେଠାକୁ ଯାଇଥିବାବେଳେ ଏହା ପୂର୍ବରୁ ଚାଇନା ଏଭଳି ମତ ରଖିଛି। କୁରେଶି ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟି ଓ ଅନ୍ୟ ନେତାଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ତେବେ ଉଭୟେ ଆଞ୍ଚଳିକ ଶାନ୍ତି ଓ ସ୍ଥିରତା ରକ୍ଷାକରି ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ ଚାଇନା ମତ ଦେଇଛି। ପ୍ରକାଶଥାଉ କି, ଗତ ୬ରେ ଚାଇନା ଲଦାଖକୁ ସ୍ୱତନ୍ତ୍ର କେନ୍ଦ୍ର ଶାସିତ ଅଞ୍ଚଳ ମାନ୍ୟତାକୁ ବିରୋଧ କରିଥିଲା।

## କଂଗ୍ରେସର ନୂଆ ମୁଖ୍ୟ ନିଷ୍ପତ୍ତି ଆଜି

ନୂଆଦିଲ୍ଲୀ, ୯।୮




ମୁକୁଲ ୱାସ୍‌ନିକ

କଂଗ୍ରେସର ନୂଆ ଅଧ୍ୟକ୍ଷ ନିଯୁକ୍ତି ସମ୍ପର୍କରେ ଶନିବାର ବସିବାକୁ ଥିବା କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲୁସି) ବୈଠକରେ ନିଷ୍ପତ୍ତି ନିଆଯିବ। ଗତ ସାଧାରଣ ନିର୍ବାଚନରେ ଦଳର ଶୋଚନୀୟ ପରାଜୟ ପରେ ମେ ମାସରେ ଅଧ୍ୟକ୍ଷ ପଦରୁ ରାହୁଲ ଇସ୍ତଫା ଦେଇଥିଲେ। ଗାନ୍ଧୀ ପରିବାରକୁ ଛାଡ଼ି ଏଥର କଂଗ୍ରେସ ଅଧ୍ୟକ୍ଷ ନିଯୁକ୍ତି କରାଯିବ ବୋଲି ୟୁପିଏ ଅଧ୍ୟକ୍ଷା ତଥା କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ କହିଥିବାବେଳେ ଦଳରେ ଉତ୍ସାହ ବଢିବାରେ ଲାଗିଛି। କଂଗ୍ରେସ ଅଧ୍ୟକ୍ଷ ପଦ ଦୌଡ଼ର ସର୍ବାଗ୍ରେ ପୂର୍ବତନ ମନ୍ତ୍ରୀ ମୁକୁଲ ୱାସ୍‌ନିକ ରହିଥିବା କୁହାଯାଉଛି। ଅତି କମ୍‌ରେ ସାଙ୍ଗଠନିକ ନିର୍ବାଚନ ହେବା ପର୍ଯ୍ୟନ୍ତ ତାଙ୍କୁ ଅଧ୍ୟକ୍ଷ ପଦରେ ନିଯୁକ୍ତ କରାଯାଇପାରେ ବୋଲି କୁହାଯାଉଛି। ଅନ୍ୟ ପକ୍ଷରେ ଜ୍ୟୋତିରାଦିତ୍ୟ ସିନ୍ଧିଆ, ସଚିନ୍ ପାଇଲଟଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି। ସିଡବ୍ଲୁସି ବୈଠକ ବସିବା ପୂର୍ବରୁ ଶୁକ୍ରବାର ସୋନିଆ ଗାନ୍ଧୀଙ୍କ ବାସଭବନରେ ଅନୁଷ୍ଠିତ ବୈଠକରେ ଦଳର ବରିଷ୍ଠ ନେତା ଏ.କେ. ଆଣ୍ଟୋନୀ, ଅହମ୍ମଦ ପଟେଲ, କେ.ଭି. ବେଣୁଗୋପଳ ପ୍ରମୁଖ ଏନେଇ ବିସ୍ତୃତ ଆଲୋଚନା କରିଥିଲେ। ତେବେ କାହାକୁ ଦଳର ମଙ୍ଗ ଧରିବା ଲାଗି ବଛାଯିବ ତାହା ଶନିବାର ସ୍ପଷ୍ଟ ହୋଇଯିବ।

## ଅଯୋଧ୍ୟା ମାମଲାର ଦୈନନ୍ଦିନ ଶୁଣାଣି ଜାରି ରହିବ

ନୂଆଦିଲ୍ଲୀ, ୯।୮(ପି.ଟି.)



ରାଜୀବ ଧୱନ

ଅଯୋଧ୍ୟା ଜମି ସ୍ୱତ୍ୱ ବିବାଦ ନେଇ ଚାଲିଥିବା ମାମଲାର ଦୈନନ୍ଦିନ ଶୁଣାଣି ଜାରିରହିବ ବୋଲି ଶୁକ୍ରବାର ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ସର୍ବଭାରତୀୟ ସୁନ୍ନି ୱାକଫ୍ ବୋର୍ଡ ତରଫରୁ ମାମଲା ଲଢୁଥିବା ଓକିଲ ରାଜୀବ ଧୱନ ଦୈନନ୍ଦିନ ଶୁଣାଣିକୁ ବିରୋଧ କରିଥିଲେ। ସପ୍ତାହକୁ ୫ ଦିନ ମାମଲାର ଶୁଣାଣି କରାଗଲେ ଏଥିରେ ପ୍ରସ୍ତୁତ ହୋଇ ଭାଗନେବାକୁ ଅସୁବିଧା ହେଉଥିବା ଧୱନ ଦର୍ଶାଇଥିଲେ। ଏତେଶୀଘ୍ର ଶୁଣାଣି କରାଗଲେ ତାଙ୍କ ପ୍ରସ୍ତୁତିରେ ସମସ୍ୟା ସୃଷ୍ଟିହେଉଛି। ଉର୍ଦ୍ଦୁ ଓ ସଂସ୍କୃତରେ ଥିବା କାଗଜପତ୍ର ଅନୁବାଦ କରିବାରେ ଅସୁବିଧା ହେଉଛି ବୋଲି କହିଥିଲେ। ତେବେ ପୂର୍ବରୁ ସ୍ଥିରୀକୃତ ନିର୍ଦ୍ଦେଶନାମାରେ କୌଣସି ପରିବର୍ତ୍ତନ କରାଯାଇ ପାରିବ ନାହିଁ ବୋଲି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ନେତୃତ୍ୱାଧୀନ ୫ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ତେବେ ବରିଷ୍ଠ ଓକିଲ ଧୱନ ଚାହିଁଲେ ବିଶ୍ରାମ ନେଇପାରିବେ ବୋଲି ଖଣ୍ଡପୀଠ କହିଛନ୍ତି।

## ସ୍ୱାଭାବିକ ହେଉଛି କଶ୍ମୀର ସ୍ଥିତି

ଶ୍ରୀନଗର/ନୂଆଦିଲ୍ଲୀ,୯।୮

- ■ ଜମ୍ମୁରୁ ହଟିଲା ୧୪୪ ଧାରା
- ■ ଶନିବାର ଖୋଲିବ ସ୍କୁଲ, କଲେଜ

ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଜମ୍ମୁ-କଶ୍ମୀରରେ ଉତ୍ତେଜନା ଓ ହିଂସା ଏଡ଼ାଇବା ପାଇଁ ଜାରି ହୋଇଥିବା କଟକଣାକୁ ପ୍ରଶାସନ ପକ୍ଷରୁ ଧୀରେ ଧୀରେ ଉଠାଇ ଦିଆଯାଉଛି। ଏଥିଯୋଗୁ ଉପତ୍ୟକାରେ ସ୍ଥିତି ସ୍ୱାଭାବିକ ହେବାରେ ଲାଗିଛି। ଶୁକ୍ରବାର କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ମୁସ୍‌ଲିମ୍ ସମ୍ପ୍ରଦାୟର ଲୋକେ ପ୍ରାର୍ଥନା କରିଛନ୍ତି। କାଁ ଭାଁ କେତୋଟି ସ୍ଥାନରେ ଅପ୍ରୀତିକର ଘଟଣାକୁ ଛାଡ଼ିଦେଲେ ମୋଟାମୋଟି ଭାବେ ଉପତ୍ୟକାକୁ ଶାନ୍ତି ଫେରୁଛି ବୋଲି କୁହାଯାଇପାରେ।

କିଛିଦିନ ହେଲା ନିଜ ନିଜ ଘରେ ଆବଦ୍ଧ ହୋଇ ରହିଥିବା କଶ୍ମୀରୀମାନେ ଏବେ ପଦାକୁ ଗୋଡ଼ କାଢ଼ିବାରେ ଲାଗିଛନ୍ତି। ଶୁକ୍ରବାର ନମାଜ ପାଠ ଥିବାରୁ ସ୍ଥାନୀୟ ମସ୍‌ଜିଦଗୁଡ଼ିକରେ କଟକଣା କୋହଳ କରାଯାଇଥିଲା। ବହୁସଂଖ୍ୟକ ଲୋକ ସାମୂହିକ ନମାଜ ପାଠ କରିଥିଲେ। ମଙ୍ଗଳବାରଠାରୁ କଶ୍ମୀରରେ ଥିବା ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲଙ୍କ ନିର୍ଦ୍ଦେଶକ୍ରମେ ଏହି ନିଷ୍ପତ୍ତି ନିଆଯାଇଛି। ଡୋଭାଲ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଶ୍ରୀନଗରର ଇଦ୍‌ଘା ସମେତ କେତେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପରିଦର୍ଶନ କରିଥିଲେ। ପରେ ସେ ରାଜ୍ୟପାଳ ସତ୍ୟପାଲ ମଲିକଙ୍କୁ ଭେଟି ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ବିଭିନ୍ନ ସହରରେ ଦୋକାନ ବଜାରଗୁଡ଼ିକ ଖୋଲିବାରେ ଲାଗିଛି। ଅଗଷ୍ଟ ୫ରୁ ଜାରି ହୋଇଥିବା ୧୪୪ ଧାରାକୁ ଶୁକ୍ରବାର ଜମ୍ମୁ ଜିଲା ପ୍ରଶାସନ ହଟାଇଦେଇଛି। ଶନିବାରଠାରୁ ସ୍କୁଲ, କଲେଜ ଓ ଅନ୍ୟ ଶିକ୍ଷାନୁଷ୍ଠାନ ଖୋଲିବା ପାଇଁ ଜିଲାପାଳ ସୁଷମା ଚୌହାନ ନିର୍ଦ୍ଦେଶ ଦେଇଛନ୍ତି। ଉତ୍ତର କଶ୍ମୀରର ସୋପୋରରେ ସୁରକ୍ଷା ବଳକୁ ଟେକାମାଡ଼ ହୋଇଥିବା ଜଣାପଡ଼ିଛି। କୌଣସି ପ୍ରକାର ଅଘଟଣକୁ ଏଡ଼ାଇବା ପାଇଁ ପ୍ରାୟ ସବୁ ସମ୍ବେଦନଶୀଳ ସ୍ଥାନରେ ସୁରକ୍ଷା କର୍ମୀ ପୂର୍ବଭଳି ମୁତୟନ ରହିଛନ୍ତି। ଅନ୍ୟପକ୍ଷରେ ୩୭୦ ଉଚ୍ଛେଦ ପ୍ରତିବାଦରେ ଦିଲ୍ଲୀରେ କଶ୍ମୀରୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଜମ୍ମୁ-କଶ୍ମୀରରୁ ଆସି ଦିଲ୍ଲୀ-ଏନ୍‌ସିଆର୍‌ରେ ରହୁଥିବା ଛାତ୍ର ଓ କର୍ମଚାରୀମାନେ ଯନ୍ତରମନ୍ତର ରୋଡ୍‌ରେ ମୁହଁରେ କଳାପଟି ବାନ୍ଧି ଓ ହାତରେ ପ୍ଲାକାର୍ଡ ଧରି କେନ୍ଦ୍ର ବିରୋଧୀ ସ୍ଲୋଗାନ ଦେଇଛନ୍ତି। ଉପତ୍ୟକାରେ ଯୋଗାଯୋଗର ମାଧ୍ୟମ ବିଚ୍ଛିନ୍ନ ହୋଇଥିବାରୁ ୫ ଦିନ ହେଲା ସେମାନେ ନିଜ ପରିବାର ସହ ଫୋନ୍‌ରେ କଥା ହୋଇପାରି ନ ଥିବା ଦିଲ୍ଲୀ ୟୁନିଭର୍ସିଟି, ଜାମିଆ ମିଲିଆ ଇସ୍‌ଲାମିଆ ଏବଂ ଜେଏନ୍‌ୟୁ ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି।

## ଥର୍ ଏକ୍ସପ୍ରେସ ବାତିଲ କଲା ପାକ୍



ନୂଆଦିଲ୍ଲୀ, ୯।୮(ପି.ଟି.)

### ଦିଲ୍ଲୀ ଫେରିଲା 'ସମଝୌତା'

ଜମ୍ମୁ-କଶ୍ମୀର ପ୍ରସଙ୍ଗକୁ ନେଇ ପାକିସ୍ତାନ ଥର୍ ଏକ୍ସପ୍ରେସ ସେବା ବାତିଲ କରିଛି। ଏହି ଟ୍ରେନ ୨୦୦୬ରୁ ଯୋଧପୁରର ଭଗତ୍ କୀ କୋଠି ଷ୍ଟେଶନଠାରୁ ପ୍ରତ୍ୟେକ ଶୁକ୍ରବାର ରାତିରେ କରାଚୀ ଅଭିମୁଖେ ଯାତ୍ରା କରୁଥିଲା। ଯୋଧପୁର ରେଲୱେ ଡିଭିଜନ ପକ୍ଷରୁ ଏନେଇ ଅବଗତ କରାଯାଇ ନ ଥିବା କୁହାଯାଇଛି। ଥର୍ ଏକ୍ସପ୍ରେସ ପୂର୍ବଭଳି ଯାତ୍ରା ଆରମ୍ଭ କରିବ ବୋଲି ଯୋଧପୁର ଡିଭିଜନର ମୁଖପାତ୍ର ଗୋପାଳ ଶର୍ମା ପ୍ରକାଶ କରିଛନ୍ତି। ଏନେଇ ପାକିସ୍ତାନର ୪୨ ଯାତ୍ରୀଙ୍କୁ ମିଶାଇ ଅନେକ ଟିକେଟ୍ କାଟିଥିବା କୁହାଯାଇଛି।

ପୂର୍ବରୁ ଦୁଇ ଦେଶକୁ ଯୋଡୁଥିବା ସମଝୌତା ଏକ୍ସପ୍ରେସ ସେବାକୁ ପାକିସ୍ତାନ ବାତିଲ କରିଥିଲା। ୱାଘା ସୀମାରେ ଏହାକୁ ଅଟକାଇବା ପରେ ମାତ୍ର ୧୧୭ ଯାତ୍ରୀ (ପାକିସ୍ତାନର ୪୮)ଙ୍କୁ ନେଇ ସମଝୌତା ଏକ୍ସପ୍ରେସ ଶୁକ୍ରବାର ସକାଳେ ସାଢେ ୪ ଘଣ୍ଟା ବିଳମ୍ବରେ ଦିଲ୍ଲୀ ଫେରିଛି। ୱାଘାରେ ଏହାକୁ ଅଟକାଯାଇଥିଲାବେଳେ ଅଟ୍ଟାରିରେ ଯାତ୍ରୀମାନେ ବିଳମ୍ବରେ ପହଞ୍ଚିଥିଲେ।

### ଭାରତ ସହ ସାଂସ୍କୃତିକ ସମ୍ପର୍କ ଛିନ୍ନ କଲା

ଇସ୍‌ଲାମାବାଦ,୯।୮(ପି.ଟି.)- ଜମ୍ମୁ-କଶ୍ମୀର ପ୍ରସଙ୍ଗକୁ ନେଇ ପାକିସ୍ତାନ ଭାରତ ସହ ସମସ୍ତ ସାଂସ୍କୃତିକ, ମନୋରଞ୍ଜନ ଶିଳ୍ପର ଯୁଗ୍ମ ଉପକ୍ରମ ସମ୍ପର୍କ ଆଦି ଛିନ୍ନ କରିବାକୁ ନିଷ୍ପତ୍ତି ନେଇଛି। ଏମିତିକି ଭାରତୀୟ ଡିଟିଏଚ୍ ସରଞ୍ଜାମଗୁଡ଼ିକୁ ବିରୋଧ କରାଯିବ ବୋଲି ସୂଚନା ଓ ପ୍ରସାରଣ ବ୍ୟାପାରରେ ପ୍ରଧାନମନ୍ତ୍ରୀଙ୍କ ବିଶେଷ ସହାୟକ ଫର୍ଦ୍ଦୋସ୍ ଆସିକ୍ ଆୱାନ୍ କହିଛନ୍ତି। ଦୁଇ ଦେଶ ମଧ୍ୟରେ ସାଂସ୍କୃତିକ ଭାବ ବିନିମୟ କଳୁଷିତ ହୋଇଯାଇଥିବା ସେ ପ୍ରକାଶ କରିଛନ୍ତି। ଜାତୀୟ ସୁରକ୍ଷା ପରିଷଦ ପକ୍ଷରୁ ସବୁସ୍ତରରେ ହିନ୍ଦୁତ୍ୱ ଭାବଧାରାକୁ ବିରୋଧ କରିବା ଲାଗି ଏକ ଗୋଷ୍ଠୀ ଗଠନ କରାଯାଇଛି। ପାକିସ୍ତାନରେ ଭାରତୀୟ ଫିଲ୍ମକୁ ନିଷିଦ୍ଧ କରାଯାଇଛି। ପାକିସ୍ତାନର କୌଣସି ସିନେମା ହଲ୍‌ରେ ଭାରତୀୟ ଫିଲ୍ମ, ଡ୍ରାମା ଚାଲିପାରିବ ନାହିଁ ବୋଲି ଆୱାନ୍ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ୧୨ରୁ ପ୍ରବଳ ବର୍ଷା

**ଭୁବନେଶ୍ୱର, ୯।୮ (ବ୍ୟୁରୋ):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଧୀରେ ଧୀରେ ଦୁର୍ବଳ ହେଉଥିବାବେଳେ ଏବେ ମଧ୍ୟପ୍ରଦେଶ ଉପରେ ରହିଛି। ଏହା ଫଳରେ ଓଡ଼ିଶାରେ ବର୍ଷା ପରିମାଣ କମିଯାଇଛି। ଆସନ୍ତା ଦୁଇଦିନ ଆଉ ବଡ଼ଧରଣର ବର୍ଷା ହେବାର ସମ୍ଭାବନା ନାହିଁ। ତେବେ ରାଜ୍ୟର ସବୁ ସ୍ଥାନରେ କାଁ ଭାଁ ବର୍ଷା ହୋଇପାରେ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଆସନ୍ତା ୧୨ ତାରିଖ ବେଳକୁ ଆଉ ଗୋଟିଏ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ମୌସୁମୀ ସକ୍ରିୟ ହେବା ସହ ଓଡ଼ିଶାର କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ ବୋଲି ଅନୁମାନ କରାଯାଉଛି। ବିଶେଷକରି ଉତ୍ତର ଓଡ଼ିଶା ଓ ପଶ୍ଚିମ ଓଡ଼ିଶାରେ ପ୍ରବଳ ବର୍ଷା ହୋଇପାରେ। ୧୨ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର, ଦେବଗଡ଼, ମୟୂରଭଞ୍ଜ, ଢେଙ୍କାନାଳ, ସମ୍ବଲପୁର, ଯାଜପୁର, ଭଦ୍ରକରେ ପ୍ରବଳ ବର୍ଷା ହେବ। ସେହିପରି ୧୩ ତାରିଖରେ ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ନୂଆପଡ଼ା, ବଲାଙ୍ଗୀର, ସୁନ୍ଦରଗଡ଼, ଦେବଗଡ଼, ଢେଙ୍କାନାଳ, କଟକ, ଜଗତସିଂହପୁର, ନବରଙ୍ଗପୁର, କୋରାପୁଟର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ଆକଳନ କରିଛି। ଅନ୍ୟପଟେ ଗତ ୩୬ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ଚଳିତବର୍ଷର ସବୁଠାରୁ ଅଧିକ ବର୍ଷା ହୋଇଛି। ବଲାଙ୍ଗୀରରେ ସର୍ବାଧିକ ୨୧୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସେହିପରି ଝାରସୁଗୁଡ଼ାରେ ୧୭୪.୫ ମିମି, କୋରାପୁଟରେ ୧୨୯.୪ ମିମି, ସୋନପୁରରେ ୧୦୧.୨ ମିମି, ହୀରାକୁଦରେ ୯୪.୨ ମିମି, ଟିଟିଲାଗଡ଼ରେ ୭୯.୮ ମିମି ବର୍ଷା ହୋଇଛି। ଚଳିତ ସପ୍ତାହରେ ହୋଇଥିବା ବର୍ଷା ରାଜ୍ୟରେ ଜାରି ରହିଥିବା ନିଅଣ୍ଟିଆ ବର୍ଷାକୁ କିଛିମାତ୍ରାରେ ପୂରଣ କରିଛି। ତଥାପି କେତେକ ଜିଲାରେ ନିଅଣ୍ଟିଆ ବର୍ଷାର ସ୍ଥିତି ରହିଛି।

# ଚିଲିକା: ବିଭାଗୀୟ ତଥ୍ୟକୁ ହାଇକୋର୍ଟଙ୍କ ସନ୍ଦେହ

ଭୁବନେଶ୍ୱର,୯।୮ (ବ୍ୟୁରୋ)

- ବିପଦ ଆଣିବ ଚିଙ୍ଗୁଡ଼ି ଘେରି
- ସେପ୍ଟେମ୍ବର ୧୬ରେ ପରବର୍ତ୍ତୀ ଶୁଣାଣି
- ଆଶଙ୍କାରେ ପରିବେଶବିତ୍
- ଚଳିତ ବର୍ଷ ବସିନାହିଁ ଚିଲିକା ସମ୍ପର୍କିତ ବହୁ ଗୁରୁତ୍ୱପୂର୍ଣ୍ଣ କମିଟି


ଦ୍ରୁତ ଶିଳ୍ପାୟନ ମାନବ ସମାଜ ପାଇଁ ବିକାଶ ଆଣିଛି। ହେଲେ ଶିଳ୍ପାୟନ ଓ ଅର୍ଥନୈତିକ ଫାଇଦା ପାଇଁ ମନୁଷ୍ୟ ପ୍ରକୃତିକୁ ନିଜ ଇଚ୍ଛା ଅନୁସାରେ ବ୍ୟବହାର କରୁଛି, ଯାହା ପରବର୍ତ୍ତୀ ସମୟରେ ଅନେକ ବିପର୍ଯ୍ୟୟକୁ ଡାକି ଆଣୁଛି। ସବୁଜିମା ଜଙ୍ଗଲ ପରି ଜୈବ ବିବିଧତାରେ ନଦୀ, ହ୍ରଦର ଆବଶ୍ୟକତା ରହିଛି। ହେଲେ ସେଗୁଡ଼ିକର ଉପଯୁକ୍ତ ଯତ୍ନ ନିଆଯାଉ ନ ଥିବା ଅନୁଭବ ହେଉଛି। ଆମ ରାଜ୍ୟର ଚିଲିକା ହ୍ରଦ କଥା ବିଚାର କରାଯାଉ ବିଦେଶୀ ପକ୍ଷୀ, ଡଲଫିନ ଓ ଅନ୍ୟାନ୍ୟ ପର୍ଯ୍ୟଟନ କ୍ଷେତ୍ର ପାଇଁ ଏହା ପ୍ରସିଦ୍ଧ। ଅନୁରୂପ ଭାବେ ସ୍ଥାନୀୟ ହ୍ରଦକୁ ଜୀବିକା କରି ମତ୍ସ୍ୟଜୀବୀମାନେ ମଧ୍ୟ ଗୁଜୁରାଣ ମେଣ୍ଟାଇ ଥାଆନ୍ତି। ହେଲେ ଓଡ଼ିଶା ହାଇକୋର୍ଟଙ୍କ ନିଜସ୍ୱ ଅନୁଧ୍ୟାନ ଓ ଚିଲିକା ସୁରକ୍ଷା ସମ୍ପର୍କିତ ସରକାରୀ ତଥ୍ୟ ମେଳ ଖାଉ ନ ଥିବା ଏବେ ଜଣାପଡ଼ିଛି।

ଚଳିତ ମାସ ପହିଲାରେ ହାଇକୋର୍ଟରେ ଏ ସଂକ୍ରାନ୍ତରେ ଏକ ଶୁଣାଣି ସମୟରେ ରାଜ୍ୟ ସରକାର ଚିଲିକାରେ ଚିଙ୍ଗୁଡ଼ି ଘେରି ହ୍ରାସ ପାଇଥିବା ଜଣାଇଥିଲେ ମଧ୍ୟ ସେ ସଂକ୍ରାନ୍ତରେ ଲିଖିତ ତଥ୍ୟ ଉପସ୍ଥାପନ କରି ନ ଥିଲେ। ଏଥିରେ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହା ଏକ ସମ୍ବେଦନଶୀଳ ମାମଲା ହୋଇଥିବାରୁ ପୂର୍ବରୁ ହାଇକୋର୍ଟ ବେଆଇନ ଚିଙ୍ଗୁଡ଼ି ଘେରି ସମ୍ପର୍କରେ ସ୍ୱତନ୍ତ୍ର ଅନୁଧ୍ୟାନ ପାଇଁ ଆମିକସ୍ କ୍ୟୁରୀ ମୋହିତ ଅଗ୍ରୱାଲ ନିଯୁକ୍ତ କରିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜଙ୍ଗଲ ଓ ପରିବେଶ ବିଭାଗ ଏ ସମ୍ପର୍କରେ ନିୟମିତ ବୈଠକ କରୁଛି। ଗତ ଜୁନ୍ ୨୪ରେ ହୋଇଥିବା ବୈଠକରେ ସରକାରଙ୍କ ପକ୍ଷରୁ ଚିଙ୍ଗୁଡ଼ି ଘେରିର ପରିମାଣ ୨୯,୦୦୦ଏକର ବୋଲି ଖୋଦ୍ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଦର୍ଶାଯାଇଥିଲା। ସାଟେଲାଇଟ୍ ବ୍ୟବହାର ମାଧ୍ୟମରେ ଏହି ସଂଖ୍ୟା ଜଣାପଡ଼ିଥିବା ମଧ୍ୟ ଉଲ୍ଲେଖ କରାଯାଇଥିଲା। ହେଲେ ଗତ ଅଗଷ୍ଟ ୧ରେ ଏହି ସଂଖ୍ୟା ଅହେତୁକ ହ୍ରାସ ପାଇଥିବା କୁହାଗଲା। ଏହାକୁ ନେଇ ହାଇକୋର୍ଟ ସରକାରୀ ତଥ୍ୟ ଉପରେ ସନ୍ଦେହପ୍ରକଟ କରିଥିଲେ। ଏଥିସହିତ ସତ୍ୟପାଠ ଆକାରରେ ଚିଙ୍ଗୁଡ଼ି ଘେରି ସମ୍ପର୍କିତ ପୂର୍ଣ୍ଣାଙ୍ଗ ତଥ୍ୟ ରଖିବାକୁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି। ଆସନ୍ତା ସେପ୍ଟେମ୍ବର ୧୬ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବାକୁ ଯାଉଛି। ତେଣୁ ସରକାର ଚିଙ୍ଗୁଡ଼ି ଘେରି ନେଇ କି ତଥ୍ୟ ରଖୁଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିଛି। ପୁରୀ, ଖୋର୍ଦ୍ଧା ଏବଂ ଗଞ୍ଜାମ ଜିଲାରେ ଚିଲିକାର ଉପସ୍ଥିତି ଥିଲେ ବି କୃଷ୍ଣପ୍ରସାଦ ଅଞ୍ଚଳରେ ବ୍ୟାପକ ବେଆଇନ ଚିଙ୍ଗୁଡ଼ି ଘେରି ଦେଖାଦେଇଥାଏ। ଏହାକୁ ଉଚ୍ଛେଦ କରିବା ନିର୍ଦ୍ଦେଶ ରହିଥିଲେ ମଧ୍ୟ ତାହା ଠିକ୍ ଭାବେ ଅନୁପାଳନ ହେଉନାହିଁ। ହାଇକୋର୍ଟଙ୍କ ବ୍ୟତୀତ ପରିବେଶ ଓ ଜଳ ବିଶେଷଜ୍ଞମାନେ ମଧ୍ୟ ଚିଲିକାକୁ ନେଇ ସନ୍ଦେହପ୍ରକଟ କରିଛନ୍ତି। ଜଳ ବିଶେଷଜ୍ଞ ରଞ୍ଜନ ପଣ୍ଡା କହିଛନ୍ତି ଯେ, ଚିଙ୍ଗୁଡ଼ି ଘେରି ଦ୍ୱାରା ଜାଲ ଲଗାଯିବା ସହ ହ୍ରଦ ମଧ୍ୟରେ ମାଟି ବନ୍ଧ କରାଯାଇଥାଏ। ଏହା ଦ୍ୱାରା ମୂଳ ହ୍ରଦର ପରିସୀମା ଆପେ ସଙ୍କୁଚିତ ହୋଇଥାଏ। ଦୀର୍ଘଦିନ ଧରି ଘେରି ରହିବା ଦ୍ୱାରା ପଟୁ ବଢ଼ିଥାଏ। ଆକର୍ଷଣୀୟ ଆକାରର ଚିଙ୍ଗୁଡ଼ି ଉତ୍ପାଦନ ନେଇ ବ୍ୟବହାର କରାଯାଉଥିବା ସାର ଓ ରସାୟନ ପଦାର୍ଥର ପ୍ରୟୋଗ ମଧ୍ୟ ହ୍ରଦକୁ ପ୍ରଦୂଷିତ କରିଥାଏ। ଏହା ଦ୍ୱାରା ମାଛ ବଂଶ ପ୍ରତି ବିପଦ ସୃଷ୍ଟି ହେଉଥିବାବେଳେ ପାରମ୍ପରିକ ମତ୍ସ୍ୟଜୀବୀଙ୍କ ଭାତହାଣ୍ଡିକୁ ପ୍ରଭାବିତ କରୁଛି। ହ୍ରଦର ପ୍ରାକୃତିକ ପରିସୀମା କମିବା ଦ୍ୱାରା ଜଳ ନିଜର ଗୁଣାତ୍ମକମାନ ହରାଇବ। ଚିଙ୍ଗୁଡ଼ି ଘେରି ବୃଦ୍ଧି ଯୋଗୁ ପକ୍ଷୀଙ୍କ ଜୀବନ ପ୍ରଭାବିତ ହେଉଛି ବୋଲି ରଞ୍ଜନ କହିଛନ୍ତି।

ସେହିପରି ଚିଲିକାର ସୁରକ୍ଷା ପାଇଁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କମିଟି ରହିଛି। ଷୋଡଶ ବିଧାନସଭାର ପ୍ରଥମ ଅଧିବେଶନରୁ ପ୍ରାପ୍ତ ଉତ୍ତରରୁ ଚଳିତ ବର୍ଷ ଷ୍ଟିଅରିଂ କମିଟି ଓ କାର୍ଯ୍ୟନିର୍ବାହୀ କମିଟି ବୈଠକ ବସି ନ ଥିବା ସ୍ପଷ୍ଟ ଉଲ୍ଲେଖ ରହିଛି। ଶେଷଥର ପାଇଁ କାର୍ଯ୍ୟନିର୍ବାହୀ ବୈଠକ ୨୦୧୮ ଡିସେମ୍ବର ୫ ଏବଂ ଷ୍ଟିଅରିଂ କମିଟି ବୈଠକ ସେହିମାସ ୨୦ରେ ବସିଥିଲା। ହେଲେ ଆଶ୍ଚର୍ଯ୍ୟର ବିଷୟ ଗଭର୍ଣ୍ଣିଂ ବଡି ବୈଠକ ଶେଷଥର ପାଇଁ ୨୦୧୩ ଜୁନ୍ ୨୭ରେ ବସିଥିଲା। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝିଙ୍କ ଦ୍ୱାରା ଗତ ଜୁଲାଇ ୧୬ରେ ପଚରାଯାଇଥିବା ଅଣତାରକା ପ୍ରଶ୍ନ ନଂ-୭୯୮ର ଉତ୍ତର ରଖି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏହି ତଥ୍ୟ ରଖିଛନ୍ତି। ତେଣୁ ଚିଲିକାର ସୁରକ୍ଷା ପ୍ରତି ସରକାର କେତେ ସମ୍ବେଦନଶୀଳ, ତାହା ଏଥିରୁ ସ୍ପଷ୍ଟ ଅନୁମେୟ ବୋଲି ସମୀକ୍ଷକମାନେ ମତ ରଖିଛନ୍ତି।

### ଛତୁ ଖାଇ ଗୋଟିଏ ପରିବାରର ୫ ଅସୁସ୍ଥ

**ବଲାଙ୍ଗୀର ଅଫିସ, ୯।୮:** ଛତୁ ଖାଇ ଗୋଟିଏ ପରିବାରର ୫ ସଦସ୍ୟ ଅସୁସ୍ଥ ହୋଇ ବଲାଙ୍ଗୀର ମେଡିକାଲରେ ଭର୍ତ୍ତି ହୋଇଛନ୍ତି । ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ, ବରଗଡ ଜିଲା ଗାଇସିଲେଟ୍ ବ୍ଲକ୍ ଅନ୍ତର୍ଗତ ଗୌରେନ୍‌ମୁଣ୍ଡା ଗ୍ରାମର ବିନୋଦ ବାରିକ (୪୮)ଙ୍କ ପରିବାରର ୫ ଜଣ ସଦସ୍ୟ ଶୁକ୍ରବାର ଛତୁ ଖାଇଥିଲେ । ବିନୋଦ ସକାଳେ କ୍ଷେତହିଡରେ ଫୁଟିଥିବା ଛତୁକୁ ଘରକୁ ଆଣିଥିଲେ । ଏହାକୁ ରାନ୍ଧି ଖାଇବା ପରେ ବିନୋଦଙ୍କ ପୁଅ ଗୋବିନ୍ଦ (୨୮), ବୋହୂ ସୁନୀତା (୨୨), ମା ଭଗବତୀ (୭୦), ବଡଭଉଣୀ ରାଧା (୩୫)ଙ୍କ ପ୍ରବଳ ବାନ୍ତି ହୋଇଥିଲା । ସେମାନଙ୍କୁ ଗୁରୁତର ଅବସ୍ଥାରେ ବଲାଙ୍ଗୀର ଭୀମଭୋଇ ମେଡିକାଲ ଅଣାଯାଇଥିଲା । ପ୍ରବଳ ବାନ୍ତି ଯୋଗୁ ଗୋବିନ୍ଦଙ୍କ ଖାଦ୍ୟନଳୀରେ କ୍ଷତ ସୃଷ୍ଟି ହୋଇଥିବା ଜଣାପଡ଼ିଛି । କ୍ଷେତରୁ ଆଣିଥିବା ଛତୁ ଖାଇବାରୁ ଏଭଳି ବାନ୍ତି ହୋଇଥିବା ବିନୋଦ କହିଛନ୍ତି ।




# ମଧ୍ୟାହ୍ନଭୋଜନରେ ମଳାମୂଷା

ଭଦ୍ରକ ଅଫିସ/ତିହିଡ଼ି, ୯।୮ (ଡି.ଏନ.ଏ.)



ଭଦ୍ରକ ଜିଲା ଚିକିତ୍ସାଳୟରେ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

- ୧୯ ଛାତ୍ରୀଛାତ୍ର ଅସୁସ୍ଥ
- ଡାକ୍ତରଖାନାରେ ଭର୍ତ୍ତି
- ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲାପାଳ

ଭଦ୍ରକ ଜିଲା ତିହିଡ଼ି ବ୍ଲକ ରାଜନଗର ପଞ୍ଚାୟତ ଅଧୀନ ଚାରିତରଫ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ମଧ୍ୟାହ୍ନ ଭୋଜନରେ ମଳାମୂଷା ବାହାରିବା ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଖାଦ୍ୟ ଖାଇ ୧୯ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡ଼ିଥିଲେ। ମୁଣ୍ଡ ବୁଲାଇବା ସହ ବାନ୍ତି ହେବାରୁ ସେମାନଙ୍କୁ ଶୁକ୍ରବାର ମଧ୍ୟାହ୍ନରେ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳ ପୀତାମ୍ବର ସାମଲ, ସହକାରୀ ଜିଲାପାଳ କାର୍ତ୍ତିକନାଥ ମଣ୍ଡଳ ମେଡିକାଲରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଜିଲାପାଳ ଜ୍ଞାନରଞ୍ଜନ ଦାସ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗତ ଗୁରୁବାର ଏହି ସ୍କୁଲରେ ଛାତ୍ରୀଛାତ୍ର ମଧ୍ୟାହ୍ନଭୋଜନ ଖାଇବାର କିଛି ସମୟ ପରେ ଭାତ ଥିବା ହାଣ୍ଡିରୁ ମଳାମୂଷା ବାହାରିଥିଲା। ଏହାକୁ ଦେଖିବା ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଅଧା ଖାଇଥିବା ମଧ୍ୟାହ୍ନଭୋଜନକୁ ସେମାନେ ଫିଙ୍ଗି ଦେଇଥିଲେ। ପରେ ପୁଣି ରୋଷେଇ କରାଯାଇ ପିଲାଙ୍କୁ ଖାଇବାକୁ ଦିଆଯାଇଥିଲା। ମଧ୍ୟାହ୍ନଭୋଜନ ଖାଇଥିବା କେତେଜଣ ଛାତ୍ରୀଛାତ୍ରଙ୍କ ମୁଣ୍ଡ ଘୂରାଇବା ସହ ବାନ୍ତି ହେବାରୁ ଶିକ୍ଷକ ଧର୍ମେନ୍ଦ୍ର ପ୍ରଧାନ ଏକ ବୋଲେରୋ ଯୋଗେ ଛାତ୍ରୀଛାତ୍ରଙ୍କୁ ଜିଲା ଚିକିତ୍ସାଳୟକୁ ପଠାଇଥିଲେ। ସେମାନଙ୍କୁ ସାଲାଇନ ଓ ଇଞ୍ଜେକ୍ସନ ଦିଆଯିବା ପରେ ବିପଦମୁକ୍ତ ହୋଇଥିବା ଜଣାପଡ଼ିଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ କେତେଜଣ ଛାତ୍ରୀଛାତ୍ର ଚିକିତ୍ସାଧୀନ ଥିଲେ। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ନାଥଙ୍କୁ ପଚାରିବାରୁ ଗୁରୁବାର ମୂଷା ପଡ଼ିଥିବା ଖାଦ୍ୟ ଫିଙ୍ଗି ଦିଆଯାଇଥିଲା। କିନ୍ତୁ ହଠାତ୍ ଶୁକ୍ରବାର କେତେଜଣ ଛାତ୍ରୀଛାତ୍ର ମୁଣ୍ଡ ଘୂରାଉଥିବା କହିବାରୁ ସେମାନଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଯାଇଥିଲା। ତେବେ ମୂଷା କିଭଳି ମଧ୍ୟାହ୍ନଭୋଜନରେ ପଡ଼ିଲା ତାହା ସ୍ପଷ୍ଟ ହୋଇନାହିଁ। ଜିଲା ଶିକ୍ଷାଧିକାରୀ ଏହି ଖବର ପାଇବା ପରେ ବ୍ଲକ ଶିକ୍ଷାଧିକାରୀ ଉଦୟ ନାରାୟଣ ଦାଶଙ୍କୁ ପରିସ୍ଥିତି ସମ୍ପର୍କରେ ବୁଝିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଇଓଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଉତ୍ତମ କୁମାର ବିଶ୍ୱାଳ ଏବଂ ସିଆର୍‌ସିସି ବସନ୍ତ କୁମାର ବଳ ସ୍କୁଲକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି।

# ରାଜଧାନୀରେ ମୁଖ୍ୟମନ୍ତ୍ରୀ କରିବେ ପତାକା ଉତ୍ତୋଳନ

ଭୁବନେଶ୍ୱର,୯।୮ (ବ୍ୟୁରୋ)

**ସ୍ୱାଧୀନତା ଦିବସ ସମାରୋହ**
- ଢେଙ୍କାନାଳରେ ଅରୁଣ, ଅନୁଗୋଳରେ ବିକ୍ରମ ଆରୁଖ
- ପୁରୀରେ ପ୍ରଫୁଲ୍ଲ, କେନ୍ଦ୍ରାପଡ଼ାରେ ରଣେନ୍ଦ୍ର

ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜଧାନୀ ଭୁବନେଶ୍ୱରରେ ଜାତୀୟ ପତାକା ଉତ୍ତୋଳନ କରିବେ। ସେହିପରି ବିଭିନ୍ନ ଜିଲା ମୁଖ୍ୟାଳୟରେ କିଏ ଜାତୀୟ ପତାକା ଉତ୍ତୋଳନ କରିବେ ସେନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ଶୁକ୍ରବାର ତାଲିକା ପ୍ରକାଶ ପାଇଛି। ସେମାନଙ୍କ ମଧ୍ୟରେ କୃଷିମନ୍ତ୍ରୀ ଅରୁଣ କୁମାର ସାହୁ ଢେଙ୍କାନାଳରେ, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କଟକରେ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଅନୁଗୋଳରେ, ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ପୁରୀରେ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କେନ୍ଦ୍ରାପଡ଼ାରେ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କଳାହାଣ୍ଡି ଜିଲା ମୁଖ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରିବେ। ସେହିଭଳି ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ମୟୂରଭଞ୍ଜରେ, ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ସୁନ୍ଦରଗଡ଼ରେ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ କନ୍ଧମାଳ, ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ବଲାଙ୍ଗୀରରେ ଓ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ ନୟାଗଡ ଜିଲା ମୁଖ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରିବେ। ଏସ୍‌ସି, ଏସ୍‌ଟି, ଓବିସି ଏବଂ ସଂଖ୍ୟାଲଘୁ ବିକାଶ ମନ୍ତ୍ରୀ ଜଗନ୍ନାଥ ସାରକା କେନ୍ଦୁଝରରେ, ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ସମ୍ବଲପୁରରେ, ବିଜ୍ଞାନ ଓ କାରିଗରି ବିଦ୍ୟା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ବାଲେଶ୍ୱରରେ, ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯାଜପୁରରେ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ନବରଙ୍ଗପୁରରେ, ଦକ୍ଷତା ବିକାଶ ମନ୍ତ୍ରୀ ପ୍ରେମାନନ୍ଦ ନାୟକ କୋରାପୁଟ ଜିଲା ମୁଖ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରିବେ। ଅନ୍ୟମାନଙ୍କ ମଧ୍ୟରେ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ମାଲକାନଗିରିରେ, ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ରାୟଗଡାରେ, କ୍ରୀଡ଼ା ମନ୍ତ୍ରୀ ତୁଷାରିକାନ୍ତି ବେହେରା ଗଜପତିରେ, ରାଜସ୍ୱ ପର୍ଷଦ ସଦସ୍ୟ ଭଦ୍ରକ ଜିଲାରେ ପତାକା ଉତ୍ତୋଳନ କରିବେ। ସେହିପରି ଖୋର୍ଦ୍ଧା ଜିଲା ମୁଖ୍ୟାଳୟରେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର, ବ୍ରହ୍ମପୁରରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର, ରାଉରକେଲାରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଜାତୀୟ ପତାକା ଉତ୍ତୋଳନ କରିବେ। ବରଗଡ଼, ବୌଦ୍ଧ, ଦେବଗଡ଼, ଗଞ୍ଜାମ, ଜଗତ୍‌ସିଂହପୁର, ଝାରସୁଗୁଡ଼ା, ନୂଆପଡା ଓ ସୁବର୍ଣ୍ଣପୁର ଜିଲାରେ ସେଠାକାର ଜିଲାପାଳ ଜାତୀୟ ପତାକା ଉତ୍ତୋଳନ କରିବେ ବୋଲି ସ୍ଥିର ହୋଇଛି।

# ୪ ରାଜ୍ୟ ପାଇଁ ଭାଜପାର ନିର୍ବାଚନ ପ୍ରଭାରୀ ନିଯୁକ୍ତ

ନୂଆଦିଲ୍ଲୀ,୯।୮ (ପି.ଟି.)

ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ୪ ରାଜ୍ୟ ଦିଲ୍ଲୀ, ହରିୟାଣା, ଝାଡ଼ଖଣ୍ଡ ଓ ମହାରାଷ୍ଟ୍ର ପାଇଁ ଭାଜପା ପ୍ରଭାରୀ ନିଯୁକ୍ତ କରିଛି। କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକରଙ୍କୁ ଦିଲ୍ଲୀ ପାଇଁ ନିର୍ବାଚନ ପ୍ରଭାରୀ ନିଯୁକ୍ତ କରାଯାଇଥିବାବେଳେ ନରେନ୍ଦ୍ର ସିଂ ତୋମାର ହରିୟାଣା ଏବଂ ଭୂପେନ୍ଦ୍ର ଯାଦବ ମହାରାଷ୍ଟ୍ର ପାଇଁ ପ୍ରଭାରୀ ନିଯୁକ୍ତ ହୋଇଛନ୍ତି। ସେହିପରି ଓମ୍.ମାଥୁର ଝାଡ଼ଖଣ୍ଡ ପାଇଁ ନିର୍ବାଚନ ପ୍ରଭାରୀ ରହିଛନ୍ତି। ହରିୟାଣା, ମହାରାଷ୍ଟ୍ର, ଝାଡଖଣ୍ଡରେ ଚଳିତ ବର୍ଷ ଶେଷ ସୁଦ୍ଧା ନିର୍ବାଚନ ହେବାକୁ ଥିବାବେଳେ ଦିଲ୍ଲୀ ବିଧାନସଭା ନିର୍ବାଚନ ୨୦୨୦ ଆରମ୍ଭରେ ହେବ।

# ପୋତା ଯାଇଥିବା ମହିଳାଙ୍କ ମୃତଦେହ ଉଦ୍ଧାର

ହାଟଡ଼ିହୀ,୯।୮ (ଡି.ଏନ.ଏ.)

- ହତ୍ୟା ମାମଲା ରୁଜୁ କଲା ପୋଲିସ
- ଗୃହକର୍ତ୍ତାଙ୍କ ସ୍ତ୍ରୀ ମାସେ ହେଲା ନିଖୋଜ ଥିଲେ
- ମୃତଦେହ ଚିହ୍ନଟ ପାଇଁ ପୋଲିସର ଉଦ୍ୟମ

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ନନ୍ଦିପଦା ଥାନା ଅଧୀନ ଅଣା ଗ୍ରାମର ଜଣେ ବ୍ୟକ୍ତିଙ୍କ ବାଡ଼ିରୁ ପୋଲିସ ପୋତା ଯାଇଥିବା ଜଣେ ମହିଳାଙ୍କ ଗଳିତ ମୃତଦେହକୁ ଶୁକ୍ରବାର ଉଦ୍ଧାର କରିଛି। ପ୍ରାୟ ୨ ସପ୍ତାହ ତଳେ ତାଙ୍କୁ ହତ୍ୟା କରି ପୋତି ଦିଆଯାଇଥିବା ପୋଲିସ ସନ୍ଦେହ କରୁଛି। ସାଇଣ୍ଟିଫିକ୍ ଟିମ୍,ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ ୫ଫୁଟ୍ ଗଭୀର ମାଟି ତଳୁ ସଂପୃକ୍ତା ମହିଳାଙ୍କ ମୃତଦେହକୁ ବସିବା ଅବସ୍ଥାରେ ଉଦ୍ଧାର କରିଛି । ହତ୍ୟାକାରୀ ମୃତଦେହକୁ ମାଟିରେ ପୋତିବା ପରେ ବଡ଼ବଡ଼ ଟିପ୍ପ ଲଦିଦେଇଥିବା ଜଣାପଡ଼ିଛି । ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ଗ୍ରାମରକ୍ଷୀଙ୍କ ସୂଚନାକୁ ଆଧାର କରି ଦଫା ୩୦୨ ଏବଂ ୨୦୧ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ଗୃହକର୍ତ୍ତା ପ୍ରଦୀପ ମଲ୍ଲିକ(୩୪)ଙ୍କୁ ପୋଲିସ ଖୋଜୁଛି । ତାଙ୍କ ସ୍ତ୍ରୀ ମଧୁସ୍ମିତା ମାସେ ହେବ ନିଖୋଜ ଥିବାରୁ ପୋଲିସ ସେ ଦିଗକୁ ଗୁରୁତ୍ୱ ଦେଇ ତଦନ୍ତ ଆରମ୍ଭ କରିଛି ।

ପୋଲିସ ସୂଚନା ଅନୁଯାୟୀ ନନ୍ଦିପଦା ଥାନା ଅଧୀନ ଅଣା ଗାଁ ମୁଣ୍ଡ ରାସ୍ତାକଡରେ ପ୍ରଦୀପଙ୍କ ଘର । ତାଙ୍କ ବାଡିପଟୁ ଦୁର୍ଗନ୍ଧ ଆସୁଥିବା ଜାଣି ସ୍ଥାନୀୟ ଲୋକେ ଗୁରୁବାର ପୋଲିସକୁ ଖବର ଦେଇଥିଲେ। ପୋଲିସ ଯାଞ୍ଚ କରି ଫେରିଥିଲା। ଶୁକ୍ରବାର ଘଟଗାଁ ଡିଏସ୍‌ପି ରବୀନ୍ଦ୍ର ମଲ୍ଲିକଙ୍କ ସହ କେନ୍ଦୁଝର ସାଇଣ୍ଟିଫିକ ଟିମ୍‌ର ଏସ୍‌ଆଇ ସୂର୍ଯ୍ୟକାନ୍ତ ସେଠୀ ଓ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ହାଟଡିହୀ ତହସିଲଦାର ଗାୟତ୍ରୀ ସୋରେନ, ନନ୍ଦିପଦା ଆଇଆଇସି ମାନସ ସ୍ୱାଇଁ, ଏସ୍‌ଆଇ ଅରୂପ ସାମଲ ପ୍ରମୁଖଙ୍କ ଉପସ୍ଥିତିରେ ମୃତଦେହ ଉଦ୍ଧାର କରାଯାଇଥିଲା। ପ୍ରଦୀପଙ୍କ ସ୍ତ୍ରୀ ମଧୁସ୍ମିତା ମାସେ ହେବ ନିଖୋଜ ଥିବାରୁ ଏହା ସ୍ଥାନୀୟ ଲୋକଙ୍କ ସମେତ ପୋଲିସକୁ ଚିନ୍ତାରେ ପକାଇଛି । ଉଦ୍ଧାର ମୃତଦେହ ନିଖୋଜ ମହିଳାଙ୍କର ହୋଇ ଥାଇ ପାରେ ବୋଲି ସନ୍ଦେହ କରାଯାଉଥିବା ନେଇ ଗ୍ରାମରକ୍ଷୀ ଗୌରାଙ୍ଗ ଜେନା ଥାନାକୁ ଲିଖିତ ଭାବେ ଜଣାଇଛନ୍ତି। ଡିଏସ୍‌ପି ମଲ୍ଲିକ କହିଛନ୍ତି , ମୃତଦେହ ମାଟିତଳୁ ଉଦ୍ଧାର ହୋଇଛି। ଚିହ୍ନଟ କରାଯାଇନାହିଁ। ଘର ମାଲିକ ପ୍ରଦୀପଙ୍କ ବାପା ପ୍ରଶାନ୍ତ ଓ ଭାଇ ପ୍ରଭାତଙ୍କୁ ପଚରାଉଚୁରା କରାଯାଉଛି। ପ୍ରଦୀପ ଏକ ଯାତ୍ରା ପାର୍ଟିରେ ଅଭିନୟ କରନ୍ତି । ତାଙ୍କ ପ୍ରଥମ ସ୍ତ୍ରୀ ମରିଯିବା ପରେ ସେ ଯାତ୍ରାପାର୍ଟିର ଜଣେ ଯୁବତୀଙ୍କୁ ଭଲପାଇ ଦ୍ୱିତୀୟ ବିବାହ କରିଥିଲେ । ତାଙ୍କର ପ୍ରାୟ ୫ ବର୍ଷର ଏକ ପୁଅ ଅଛନ୍ତି। ବିବାହ ପରେ ପ୍ରଦୀପ ନିଜ ମା'ବାପାଙ୍କ ଠାରୁ ଅଲଗା ହୋଇ ଗାଁ ମୁଣ୍ଡ ରାସ୍ତା କଡ଼ରେ ଘର କରି ସ୍ତ୍ରୀ ଓ ପୁଅଙ୍କୁ ନେଇ ରହୁଥିଲେ। ନିଖୋଜ ଥିବା ମହିଳାଙ୍କ ବାପଘର ଠିକଣା ଜାଣିବା ଲାଗି ପୋଲିସ ଉଦ୍ୟମ କରୁଛି। ତଦନ୍ତ ପରେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ଡିଏସ୍‌ପି ମଲ୍ଲିକ କହିଛନ୍ତି।

# ଆଜିଠୁ ଶ୍ରୀମନ୍ଦିରରେ ଝୁଲଣ ଯାତ୍ରା

ପୁରୀ ଅଫିସ, ୯।୮



ଝୁଲଣ ଯାତ୍ରା ପାଇଁ ରାଧାବଲ୍ଲଭ ମଠରେ କୁଞ୍ଜ ପ୍ରସ୍ତୁତି ଚାଲିଛି।

ଶ୍ରାବଣ ଶୁକ୍ଳ ଦଶମୀ ତିଥି ଅର୍ଥାତ୍ ଶନିବାରଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହେବ ଝୁଲଣ ଯାତ୍ରା। ୭ ଦିନ ବ୍ୟାପୀ ଏହି ଝୁଲଣ ଯାତ୍ରା ଚାଲିବ। ଏଥିସହ ଶ୍ରୀକ୍ଷେତ୍ରର ଅନ୍ୟାନ୍ୟ ମଠ, ମନ୍ଦିରରେ ମଧ୍ୟ ଝୁଲଣ ଯାତ୍ରା ଅନୁଷ୍ଠିତ ହେବ। କେତେକ ମଠରେ ଏହା ପାଞ୍ଚଦିନ ଧରି ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଶରତ ରାସର ପୂର୍ବାଭାସ ଏହି ଝୁଲଣ ଯାତ୍ରା ହେଉଛି ଗୋପୀମାନଙ୍କ ଗହଣରେ ରାଧାକୃଷ୍ଣଙ୍କ ବିଳାସମୟ ଦୋଳିଖେଳ। ଭଜନ, କୀର୍ତ୍ତନରେ ଗୁଞ୍ଜରିତ ହେବ ମଠ, ମନ୍ଦିର। ଏଥିପାଇଁ ପ୍ରସ୍ତୁତି ପ୍ରାୟ ଶେଷ ହୋଇଛି। ତେବେ ମଠ, ମନ୍ଦିର ସଂସ୍କୃତିକୁ ନେଇ ସମୃଦ୍ଧ ଶ୍ରୀକ୍ଷେତ୍ର ଝୁଲଣ ଯାତ୍ରା ପାଇଁ ଚଳଚଞ୍ଚଳ ହୋଇପଡ଼ିଛି। ବିଭିନ୍ନ ଦେବାଳୟରେ ପ୍ରସ୍ତୁତ ହୋଇଯାଇଛି ଝୁଲଣ କୁଞ୍ଜ। କୁଞ୍ଜ ପରିସରକୁ ଜରି ଜମ୍ବୁରାରେ ଆକର୍ଷଣୀୟ ଭାବେ ସଜେଇ ଦିଆଯାଇଛି। ଏଥିସହ ବିଭିନ୍ନ ପ୍ରକାର ରଙ୍ଗୀନ ଆଲୋକମାଳାରେ ଝଲସି ଉଠୁଛି କୁଞ୍ଜ ପରିସର। ଏହି ସୁସଜ୍ଜିତ କୁଞ୍ଜରେ ଗୋପୀମାନଙ୍କ ଗହଣରେ ରାଧାକୃଷ୍ଣ ଦୋଳିରେ ଝୁଲିବେ।

ଶ୍ରୀକ୍ଷେତ୍ରରେ ରହିଛି ଅନେକ ପୁରାତନ ମଠ। ପ୍ରାୟ ଅଧିକାଂଶ ମଠରେ ପୂଜା ପାଉଛନ୍ତି ରାଧାକୃଷ୍ଣ। ସଙ୍ଗୀତ, ବାଦ୍ୟ ଓ ନୃତ୍ୟ ମୁଖର ଝୁଲଣ ଯାତ୍ରାରେ ସୁସଜ୍ଜିତ ରାଧା ଦାମୋଦରଙ୍କୁ ଦର୍ଶନ କରିବା ପାଇଁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁମାନେ ପୁରୀ ଆସିଛନ୍ତି। ବିଶେଷକରି ଶ୍ରୀକ୍ଷେତ୍ରରେ ଜଗନ୍ନାଥ ବଲ୍ଲଭ ମଠ,

**ଚଳଚଞ୍ଚଳ ଶ୍ରୀକ୍ଷେତ୍ରର ମଠ ମନ୍ଦିର**

ନେବଳ ଦାସ ମଠ, ହରିଦାସ ମଠ, ଉତ୍ତରପାର୍ଶ୍ୱ ମଠ, ଜିୟର ସ୍ୱାମୀ, ରାଧାବଲ୍ଲଭ ମଠ, ବଡ଼ ଓଡ଼ିଆ ପ୍ରଭୃତି ମଠରେ ବେଶ୍ ଆଡମ୍ବରରେ ଅନୁଷ୍ଠିତ ହେବ ଝୁଲଣ ଯାତ୍ରା। ଏହି ଉପଲକ୍ଷେ ବିଭିନ୍ନ ମଠରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଇଛି। ନେବଳ ଦାସରେ ୫ ଦିନ ଧରି ଝୁଲଣ ଅନୁଷ୍ଠିତ ହେବ। ବିଭିନ୍ନ ଦିବସରେ ରାଧାକୃଷ୍ଣ, ଲକ୍ଷ୍ମୀ ନାରାୟଣ, ଲକ୍ଷ୍ମୀନୃସିଂହ ଏବଂ ରାମ ଲକ୍ଷ୍ମଣ ସୀତା କୁଞ୍ଜରେ ଦୋଳି ଖେଳିବେ। ପ୍ରତ୍ୟହ ନିତ୍ୟ ଆଳତୀ ପରେ ପ୍ରଭୁଙ୍କ ପାଇଁ ଝୁଲଣ ଆଳତୀ କରାଯିବ। ଏଥିସହ ସ୍ୱତନ୍ତ୍ର ଭୋଗ ମଧ୍ୟ ଲାଗି କରାଯିବ। ପ୍ରତ୍ୟହ ସନ୍ଧ୍ୟା ୭ଟାରୁ ରାତି ସାଢେ ୧୦ଟା ପର୍ଯ୍ୟନ୍ତ ପାଲା, ଦାସକାଠିଆ ଓ ପାରମ୍ପରିକ ଭଜନ ପରିବେଷଣ କରାଯିବ। ଏହାବ୍ୟତୀତ ଅନ୍ୟାନ୍ୟ ମଠ ମନ୍ଦିରରେ ମଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

**କିଛି ତଥ୍ୟ**

ଇ-ମୋବିଲିଟିକୁ ପ୍ରୋତ୍ସାହନ ଲାଗି ସରକାର ଚଳିତ ବର୍ଷ ୧୦,୦୦୦ କୋଟି ଟଙ୍କାର ପାଣ୍ଠି ବ୍ୟବସ୍ଥା କରିଛନ୍ତି।
-ଅର୍ଥ ମନ୍ତ୍ରଣାଳୟ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ବସନ୍ତ କୁମାର
ପରିବାରବର୍ଗ


ଈଶିକା
ପରିବାରବର୍ଗ


କୁକୁ
ପରିବାରବର୍ଗ


ସାଇ ସମର୍ଥ
ପରିବାରବର୍ଗ


ରାମଚନ୍ଦ୍ର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# '୧୫ ପରିସଂଖ୍ୟାନ ଅନୁସନ୍ଧାନକାରୀଙ୍କୁ ନିଯୁକ୍ତି'

**ଭୁବନେଶ୍ୱର,୯।୮(ବ୍ୟୁରୋ)**

ଓଡ଼ିଶାରେ ଦାରିଦ୍ର୍ୟ ବ୍ୟାପକ ଭାବରେ ହ୍ରାସ ପାଇଛି। ବିଗତ ଦଶନ୍ଧିରୁ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ବିଭିନ୍ନ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ସର୍ବେକ୍ଷଣ ଜରିଆରେ ଯେଉଁ ତଥ୍ୟ ପ୍ରଦାନ କରିଥାଆନ୍ତି, ତାହା ରାଜ୍ୟର ବିଭିନ୍ନ ଯୋଜନା ପ୍ରଣୟନ ନିମନ୍ତେ ବ୍ୟବହୃତ ହୋଇଥାଏ। ସାମାଜିକ କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନହିତକର ଯୋଜନା ପ୍ରଣୟନ କରିବାରେ ଅନୁସନ୍ଧାନକାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଶୁକ୍ରବାର ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି। ସ୍ଥାନୀୟ ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ସମ୍ମିଳନୀ କକ୍ଷରେ ଚୟନ ହୋଇଥିବା ୧୫ ଜଣ ପରିସଂଖ୍ୟାନ ଅନୁସନ୍ଧାନକାରୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିବା ସମୟରେ ମନ୍ତ୍ରୀ ବେହେରା ଏହି କଥା କହିଛନ୍ତି।

ମନ୍ତ୍ରୀ କହିଥିଲେ ଯେ, ରାଜ୍ୟବାସୀଙ୍କୁ ଏକ ଉତ୍ତରଦାୟୀ, କାର୍ଯ୍ୟକ୍ଷମ, ସ୍ୱଚ୍ଛ, ସକ୍ରିୟ ସୁଶାସନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୫'ଟି ମନ୍ତ୍ର ତଥା କାର୍ଯ୍ୟକ୍ଷେତ୍ରରେ ଦଳଗତ ପରିଚାଳନା, ବୈଷୟିକ ବିଦ୍ୟାର ପ୍ରୟୋଗ, ସ୍ୱଚ୍ଛତା, ସମୟାନୁବର୍ତ୍ତିତାକୁ ବଜାୟ ରଖିବାକୁ ଆହ୍ୱାନ ଦେଇଛନ୍ତି। ଏହା ଫଳରେ ରାଜ୍ୟରେ ପରିବର୍ତ୍ତନ ଆସିବା ସହ ବିକାଶ ତ୍ୱରାନ୍ୱିତ ହୋଇପାରିବ ବୋଲି ମନ୍ତ୍ରୀ କହିଥିଲେ। ନିଯୁକ୍ତ ଅନୁସନ୍ଧାନକାରୀମାନେ ନିଜ ନିଜ କାର୍ଯ୍ୟ ପରିସରରେ ମୁଖ୍ୟମନ୍ତ୍ରୀଙ୍କ ୫'ଟି'ର ଉପଯୋଗ ଓ ଅନୁପାଳନ କରିବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ନୂତନ ଅନୁସନ୍ଧାନକାରୀମାନଙ୍କୁ ଚଳିତ ଜାତୀୟ ନମୁନାର ୭୭ତମ ସର୍ବେକ୍ଷଣ କାର୍ଯ୍ୟରେ ନିୟୋଜିତ କରାଯିବା ସ୍ଥିର କରାଯାଇଛି। ଏହାର କାର୍ଯ୍ୟକାଳ ଅବଧି ଚଳିତ ବର୍ଷ ଜାନୁୟାରୀରୁ ଡିସେମ୍ବର ଶେଷ ପର୍ଯ୍ୟନ୍ତ ରଖାଯାଇଛି। ଜମି, ପ୍ରାଣୀ ସମ୍ପଦ ରଖିଥିବା ପରିବାର ଏବଂ ଚାଷୀ ପରିବାରର ପରିସ୍ଥିତି ଆକଳନ ନିମନ୍ତେ ଋଣ ଓ ପୁଞ୍ଜି ଲଗାଣର ତଥ୍ୟ, ଜମିର ମାଲିକାନା ସ୍ୱତ୍ୱ, ଚାଷ ଜୋତର ପରିମାଣ ସହିତ ସେହି ମାଲିକାନାରେ ଥିବା ପ୍ରାଣୀ ସମ୍ପଦର ତଥ୍ୟ ସଂଗ୍ରହ କରାଯାଉଛି। ଏହା ବ୍ୟତୀତ ସମସ୍ତ ପରିବାରର ଖାଉଟି ବ୍ୟୟ, ଆୟ, ଉତ୍ପାଦନକ୍ଷମ ସମ୍ପତ୍ତି, ଋଣଭାର, ଚାଷ ପ୍ରଣାଳୀ ଓ ଆଧୁନିକ କୃଷି ଜ୍ଞାନକୌଶଳ ପରି ବିଭିନ୍ନ ଅର୍ଥନୈତିକ ମାନଦଣ୍ଡ ସଂପର୍କିତ ତଥ୍ୟ ସଂଗ୍ରହ କରାଯାଉଛି।

### ହଳଧର ନାଗଙ୍କ ଦାବି

## ସମ୍ବଲପୁରୀ-କୋଶଲୀକୁ ସମ୍ବିଧାନରେ ଅନ୍ତର୍ଭୁକ୍ତ କର

**ନୂଆଦିଲ୍ଲୀ,୯।୮:** ସମ୍ବଲପୁରୀ-କୋଶଲୀ ଭାଷାକୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସାମିଲ କରିବା ପାଇଁ ଶୁକ୍ରବାର ବିଶିଷ୍ଟ କବି ପଦ୍ମଶ୍ରୀ ହଳଧର ନାଗ ଦାବି କରିଛନ୍ତି। ନୂଆଦିଲ୍ଲୀରେ ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ସର୍ବଭାରତୀୟ ସ୍ୱଦେଶୀ ଲେଖକ ସମ୍ମିଳନୀକୁ ସମ୍ବୋଧିତ କରି ହଳଧର କହିଛନ୍ତି, ସମ୍ବଲପୁରୀ-କୋଶଲୀ ଭାଷାକୁ କ୍ରମଶଃ ସ୍ୱୀକୃତି ମିଳିବାରେ ଲାଗିଛି। କେନ୍ଦ୍ର ସରକାର ଏହାକୁ ସମ୍ବିଧାନର ୮ମ ପରିଚ୍ଛେଦରେ ସାମିଲ କରନ୍ତୁ। ଏହି ଅବସରରେ ସେ କୋଶଲୀ ଭାଷାରେ ଏକ କବିତା ଆବୃତ୍ତି କରିଥିଲେ। ଏହି ସାହିତ୍ୟ ମହୋତ୍ସବକୁ ପ୍ରଖ୍ୟାତ ଓଡ଼ିଆ କବି ସୀତାକାନ୍ତ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ବିହାର, ପଶ୍ଚିମବଙ୍ଗ ସମେତ ଉତ୍ତର-ପୂର୍ବାଞ୍ଚଳର ଅନେକ ଲେଖକ ଯୋଗଦେଇ ଦେଶର ସ୍ଥାନୀୟ ଭାଷାଗୁଡ଼ିକୁ ସ୍ୱୀକୃତି ଦେବା ପାଇଁ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** କୌଣସି ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକି ରହିଥିବା କାମରେ ଅଗ୍ରଗତି ଘଟିବ। ଆର୍ଥିକ ସଙ୍କଟ ଥିଲେ ମଧ୍ୟ ନୂତନ ଯୋଜନା ଆରମ୍ଭକରିବା ସକାଶେ ମନ ବଳାଇବେ। ଆକସ୍ମିକ ସମସ୍ୟା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ଗୁରୁଜନମାନଙ୍କ ପରାମର୍ଶ କ୍ରମେ କାମ କଲେ ସମସ୍ୟା ସମାଧାନ ହେବା ସମ୍ଭାବନା ରହିଛି।

**ବୃଷ** ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବାକୁ ବାଧହେବେ। ସାମାଜିକ ସ୍ତରରେ ସମ୍ମାନ ପାଇବେ, କିନ୍ତୁ ଅନ୍ୟମାନେ ପରୋକ୍ଷରେ ବିରୁଦ୍ଧାଚରଣ କରିପାରନ୍ତି। କଳା, କ୍ରୀଡ଼ା, ସଙ୍ଗୀତ, ସାହିତ୍ୟରେ ଉନ୍ନତି କରିବେ ଓ ପ୍ରଶଂସିତ ମଧ୍ୟ ହେବେ। ଆର୍ଥିକ ସ୍ଥିତି କମ୍‌ଜୋର ରହିବ, ଫଳରେ ଅନ୍ୟର ସାହାଯ୍ୟ ନେବାକୁ ବାଧ ହୋଇପାରନ୍ତି।

**ମିଥୁନ** ସମସ୍ୟା ଆସିଲେ ମଧ୍ୟ ପୂର୍ବ ଯୋଜନା ଅନୁଯାୟୀ କର୍ମ କରିବାରେ ସମର୍ଥ ହେବେ ଓ କାମ ମଧ୍ୟ ଅଟକିବ ନାହିଁ। ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି, ଯାହାକି କଳହର କାରଣ ହୋଇପାରେ । ପୁରାତନ ରୋଗର ପୀଡ଼ା ମନକୁ ସାମୟିକ ବିଷାଦିତ କରିବ। ପିଲାଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ବିଚାରକରି ଉଚିତ ପଦକ୍ଷେପ ନିଅନ୍ତୁ।

**କର୍କଟ** ଆଜିର ନୂତନ କର୍ମାରମ୍ଭ ପ୍ରୀତିପଦ ହେବ, ମାତ୍ର ଏଥିପାଇଁ ବହୁ ଶ୍ରମ ଓ ସମୟ ବିନିଯୋଗ କରିବାକୁ ପଡ଼ିବ। ସାମାଜିକ ସ୍ତରରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ତଥା ବନ୍ଧୁମାନଙ୍କ ମଧ୍ୟରେ ପ୍ରଶଂସିତ ହେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବା ଆଶଙ୍କା ରହିଛି।

**ସିଂହ** ଯେତେ ପ୍ରକାର ଚେଷ୍ଟାକଲେ ମଧ୍ୟ ବିଳମ୍ବିତ ସମୟରେ କାମଗୁଡ଼ିକ ସମ୍ପନ୍ନ ହେବାରୁ ମନରେ ସରସତା ରହିବନାହିଁ । ବିଳାସ ଉପକରଣ କିଣିବା ସକାଶେ ଘରୁ ବରାଦ ପାଇପାରନ୍ତି। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ, କୌଣସି କାରଣ ନ ଥାଇ ଅନ୍ୟମାନେ ଆପଣଙ୍କୁ ଦୋଷ ଦେଇପାରନ୍ତି।

**କନ୍ୟା** ଭାଗ୍ୟ ସ୍ଥାନକୁ ଚନ୍ଦ୍ର ଏବଂ ବୃହସ୍ପତିଙ୍କ ଦୃଷ୍ଟି ଅର୍ଥ ଓ ସମ୍ମାନ ପ୍ରଦାନ କରିବ। ଶନିଙ୍କ କୁପ୍ରଭାବରେ କର୍ମକ୍ଷେତ୍ରରେ ସମସ୍ୟା ସୃଷ୍ଟି ଆଶଙ୍କା ରହିଛି। ଏକାଦଶସ୍ଥ ଗ୍ରହମାନେ କଳା, ସାହିତ୍ୟ, ସଂସ୍କୃତି, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ସଫଳତା ପ୍ରଦାନ କରିବେ। ଦ୍ୱାଦଶଭାବସ୍ଥ ମଙ୍ଗଳ ଭ୍ରାତୃ ସମ୍ପର୍କ ହାନିକରିପାରେ।

**ତୁଳା** କର୍ମକ୍ଷେତ୍ରରେ ଦୀର୍ଘଦିନରୁ ଲାଗି ରହିଥିବା ସମସ୍ୟା ସମାଧାନ ହେବ। ଅଭିଳାଷ ପୂରଣ ଦିଗରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ। ପଡ଼ୋଶୀମାନେ ନିଜ ନିଜର ସ୍ୱାର୍ଥସାଧାନ ମାନସରେ ମନ ବୁଝିଲା ଭଳି କଥା କହି କାର୍ଯ୍ୟ ହାସଲ କରିବେ।

**ବିଛା** କର୍ମକ୍ଷେତ୍ରରେ ଅନ୍ୟମନସ୍କ କାରଣରୁ କିମ୍ବା ଅସାବଧାନତା ହେତୁ ଟଙ୍କା ପଇସା ହଜିଯାଇପାରେ। ସାମାଜିକ ସ୍ତରରେ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହେବେ। କଳା, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। ସହକର୍ମୀମାନଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ।

**ଧନୁ** ଆଜିର ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବନ୍ଧୁମାନଙ୍କ ଜରିଆରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ, କିନ୍ତୁ ଏଥିପାଇଁ ବହୁତ ଟଣାଓଟରା ଲାଗିପାରେ। ବିବାଦୀୟ ଘଟଣାରେ, ପରିବହନରେ, ବ୍ୟବସାୟରେ, ଆଧାତ୍ମିକ କାର୍ଯ୍ୟକ୍ରମରେ ଯଥାସମ୍ଭବ ଶତ୍ରୁଠାରୁ ଦୂରେଇ ରହି କାମ କରିବା ଭଲ ହେବ।

**ମକର** ଆଜି ସକାଳୁ ସକାଳୁ କୌଣସି ବନ୍ଧୁ କିମ୍ବା ହିତୈଷୀଙ୍କ ଦର୍ଶନ ପାଇଁ ମନ ଛଟପଟ ହୋଇପାରେ। ଶିଳ୍ପ,ବାଣିଜ୍ୟ କ୍ଷେତ୍ରରେ, ପରିବାର ଭିତରେ, ସମସ୍ୟା ସମାଧାନ ହୋଇଯିବ । ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାରକରିପାରନ୍ତି। ସ୍ଥଗିତ ରହିଥିବା ନିର୍ମାଣ କାର୍ଯ୍ୟରେ ଉନ୍ନତି ପରିଲକ୍ଷିତ ହୋଇପାରେ।

**କୁମ୍ଭ** ଯେକୌଣସି କାମ ଅନ୍ୟମାନଙ୍କ ସକାଶେ ଯେତିକି ସହଜ ଓ ସୁବିଧାଜନକ ହୋଇପାରୁଛି ଆପଣଙ୍କ ପାଇଁ ତାହା ନ ହେବା କାରଣରୁ ଦୁଃଖ ପ୍ରକାଶ କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ଅସଂଗତି ଲକ୍ଷ୍ୟକଲେ ମଧ୍ୟ ଜାଣିଶୁଣି ନୀରବ ରହିବାକୁ ବାଧ୍ୟ ହେବେ। କୌଣସି ନୀଚଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି।

**ମୀନ** ଆଜି ସକାଳୁ ସକାଳୁ ହଠାତ୍ ଉପରିସ୍ଥଙ୍କ ଚାପରେ ବାହାରକୁ ଯିବାକୁ ପଡ଼ିପାରେ। ପାରିବାରିକ ସମସ୍ୟା ବିଷୟରେ ଗୁଡ଼ାଏ ଚିନ୍ତାକରି ମନକୁ ଭାରାକ୍ରାନ୍ତ କରନ୍ତୁ ନାହିଁ । ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବେ। ଅସୁବିଧା ନ ହେଲେ ମଧ୍ୟ କେତେକ କ୍ଷେତ୍ରରେ ବୃଥା ଆଶଙ୍କା କରି ମନ ଅସ୍ଥିର ରହିବ।

ଆଜି ଶ୍ରାବଣ ଶୁକ୍ଳ ଦଶମୀଯୁକ୍ତ ଏକାଦଶୀ ଶନିବାର, ଶ୍ରୀମନ୍ଦିରରେ ଝୁଲଣଯାତ୍ରା ବା କୁଟୁହ ମହୋତ୍ସବ ଆରମ୍ଭ, ଅଗଷ୍ଟ ୧୦ ତାରିଖ, ଡେଙ୍ଗୁ ନିରୋଧକ ଦିବସ, ମକ୍କାରେ ହଜ୍ ଆରମ୍ଭ। ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ଏକାଦଶୀର ପାର୍ବଣ ଶ୍ରାଦ୍ଧ। ଦିବା ଘ୦୧।୪୫ମି. ଗତେ, ଘ୧।୨୬ମି. ମଧ୍ୟେ ଘ୨।୫୮ମି. ଗତେ, ଘ୪।୩୫ମି. ମଧ୍ୟେ ଅମୃତବେଳା। ଦିବା ଘ୬।୫୦ମି. ଗତେ ଘ୮।୨୭ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୮।୪୦ମି. ଗତେ ଘ୧୦।୧୬ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

Maruti Van OMINI with gas connection for sale. Contact: 7978024751. D-62199

TATA ACE mega 2017 model, NANO TWIST in excellent condition. Finance facility available. 9439778849. D-64997




**SALE**

**6000 sqft GA corner plot sale at Saheed Nagar, Bhubaneswar. Contact- Deepak: 9937329999.** D-66280

Plot for sale at Khandagiri, Hanspal, Trisulia, Nakhara, 9937816565, 9937568585. D-13835

**Gharabari boundary plot Tamando MCL boundary side, direct owner: 8144391451.** D-66739

Guest house for sale, land: 2200sqft. construction 8000sqft. near Nuagaon Petrol Pump. 9861067341. D-13837

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs, Contact - 9937059891, 8908292617.** D-13507

**ଭୁବନେଶ୍ୱର AIIMS Medical ଠାରୁ 500 mtr ଦୂରତାରେ yellowzone ଘରବାରି boundary 30' ରାସ୍ତାଥାଇ sqft- 1850/- ରେ plot ବିକ୍ରିହେବ। 6370292040.** D-66746

Booking 2BHK simplex 1500 sqft. land 27,40,000/, Tankapaniroad, Sai temple, simplex BJEM-(2) 1200 sqft. land 15,80,000/-. 7735738102. D-13836

**Twincity ର middle point ଫୁଲନଖରାରେ ଥିବା Delhi Public Schoolକୁ ଲାଗି ଘରବାରି boundary plots ସୁଲଭ ମୂଲ୍ୟରେ କିଣନ୍ତୁ ଏବଂ ସଙ୍ଗେ ସଙ୍ଗେ ଗୃହ ନିର୍ମାଣ କରନ୍ତୁ। 9124321519.** D-66758

**ଫୁଲନଖରାର Synergy Engineering College ସମ୍ମୁଖରୁ walkable distance ରେ ପିଚୁରାସ୍ତାକୁ ଲାଗି ଘରବାରି boundary plots ଶସ୍ତାରେ ମିଳୁଅଛି। 9938737955.** D-66756

**Twincityର middle point ଫୁଲନଖରାରେ ଥିବା Delhi Public Schoolକୁ ଲାଗି ଘରବାରି boundary plots ସୁଲଭ ମୂଲ୍ୟରେ କିଣନ୍ତୁ ଏବଂ ସଙ୍ଗେ ସଙ୍ଗେ ଗୃହ ନିର୍ମାଣ କରନ୍ତୁ। 7978773097.** D-66757

**Ready to move 3BHK flat with garage near Khandagiri, outright sale, 70lakhs. Contact: 9040090395, 9040090398.** D-65677

**3BHK ready to move Premium Duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-13500

**ଭୁବନେଶ୍ୱର ବାଳକାଟି ବଜାରରୁ 2km. boundary ଘରବାରି plot ଇଲେକ୍ଟ୍ରିସିଟି ସୁବିଧାଥାଇ sqft.-550/- (Spot possession then registration). 9348020724, 7978939440.** D-66744

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508.** D-66753

Land available at Sisupalgarh 1k.m. from Lingaraj temple. Call: 9437033691. D-65678

**Ready to construction BDA yellowzone boundary, Electricity plot near VSS Nagar, Chakeisihani. 7978666923, 7326065426.** D-66751

2BR flats 1113-1400 sqft. for sale, AIIMS Hospital, Patrapada, Bhubaneswar. 8917665342, 9861444497. D-66173

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ (ଫଟୋ ସହ)। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ଭୁବନେଶ୍ୱର ଜଟଣୀ ଗେଟ୍ NH5 ରୁ ଅଳ୍ପଦୂରତାରେ 1200sqft, 2,16,000/, IIT Argul ରେଲୱେ ଷ୍ଟେସନଠାରେ 1200sqft 2,00,000/- ରେ outright ରେ ମିଳୁଅଛି । 9776974912, 8144706560.** D-66750

BDA plot 60', 30' road, ready for construction. Sqft. 650/- ରେ ଭୁବନେଶ୍ୱର Pitapalli, NH side ରେ ମିଳୁଅଛି। Contact: 6371719107, 9777764051. D-13840

**ନଖରା ତ୍ରିନାଥବଜାରଠାରେ SC plot ଘରବାରି ପାଚେରି ସହ 1500କୁ 5,25,000/, general plot sqft- 400/- outrightରେ ମିଳୁଅଛି। 9348847649, 8249243709.** D-66749

Prime land on Puri Konark Marine Drive on NH (1st plot) 8000sqft. cost 150lakhs (negotiable), ideal for Lodge/Nursing home. Contact No.: 9338579645. D-65000

**Ready to move 4BHK flat near Hotel Mayfair, Jaydev Vihar, price Rs. 5500/- per sqft & triplex and duplex at Rangabazar near BJEM English Medium School-II. Price start Rs. 45lakhs. Call: 9040046767, 9040007267.** D-67340

Ready for construction BDA plot 30' road, electric pole, boundary sqft. 600/- ରେ ଭୁବନେଶ୍ୱର Pitapalli, NH sideରେ ମିଳୁଅଛି। Contact: 9777449397, 9438330874. D-13841

**ORERA registered 1BHK studio flats @ Narendrakona, Puri, construction in full-swing. Mobile: 9238356740, 9437030740.** D-67339

Plot for sale at Trisulia, total area 10440sqft., 16ft road, 400 meter from Trisulia square. Contact: 6371449544. Broker excuse. D-13843

**Residential plot at Bramhan Jharilo gharabari with compound wall 6k.m from Nakhara, Cuttack. 7809525452/ 8249851363.** D-66937

**Bhubaneswar Sundarpada Xavier backside sqft.135/- Gangapada 1200sqft. 3,60,000/- spot possession. 9348232008, 9938841730.** D-66760

**Bhubaneswar କଳ୍ପନାଛକଠାରୁ 11k.m. ଏବଂ ରଙ୍ଗବଜାର BJEM School-2 ଠାରୁ 3k.m. Gayatri College ପାଖରେ ଘରବାରି demarcated 30' ରାସ୍ତା ଏବଂ Electricity ସୁବିଧାଥାଇ immediate ଘର ଉପଯୋଗୀ ପ୍ଲଟ sqft. 415/- ରେ ମିଳୁଛି। 9937025111, 9437114429.** D-66759

**Best commercial plot near Hanspal 8000sqft. and Pahala NH. 15000 sqft. Contact only buyers- 9040059669.** D-67035

**3500 sqft gharabari plot sale at Jagamara (Khandagiri) 30 feet road, Bhubaneswar. Contact Deepak: 9937329999.** D-66278

Gharabari developed plot at Tankapani Road, just 6km from Ravi Talkies Square. Immediate registration, boundary, electricity, wide road. Contact: 7008229682, 7978737479. D-13845

**4BHK duplex with gated community at Balianta (Land-1400, construction-2200 @ 55lakh and 2600 @ 65lakh). Contact: mplanets: 9938219397, 9861022055.** D-13820

**Bank approved fully furnished 1&2 BHK flat in Puri, book at 1.5lakhs. 9438389359.** D-13839

**SC gharabari plot (3000sqft) near Puri Canal, Hanspal just 2k.m from NH-5 (sqft. Rs.1270). M- 8763499150, 8895131458.** D-13838




**Built your Residential & Commercial Project with best quality material @ 1349/- onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech - 9040008777.** D-13844

**Contact for interior design of ceiling, TV unit, wardrobe and modular kitchen from the experts. Call: 7008550473.** D-13806




3BHK, Ground floor 1800 sqft., garage, Nageswar Tangi. Bank, Corporate, executive preffered. 7894391620. D-52900

300 sqft. with kitchen for office use only backside of Hotel Royal Midtown, 23-Ashok Nagar. Contact: 9861011328. D-65676




Fully refreshed / relaxed body massage by expert therapist, Shastri Nagar. 7377984773. D-67333

Rejuvenate and ayurvedic full body massage by smart therapist. 9114402304. D-67334

Full body herbal massage with refreshment expert therapist. 7381239385, 06742540855. D-67337

Experience full body massage with us (expert). Call: 7377048581, 06742597822. D-67338

Herbal full body massage by smart / expert therapist. Contact: 8338067247. D-67335

Summer special mesmerizing offer expert therapeutic refreshing massage appointment. 9668374480. D-67336

Thailand unisex massage experience luxurious hospitality home services. 7077335555. thailandunisexspa9853999966@gmail.com. D-59937

Ayurvedic herbal full body massage smart lady therapist:9437453813. D-66279

Newly opening Ayurvedic body massage smart therapist, Shree herbal, 775 0020754. D-67343

Physiotherapy full body massage by trained ladies / gents therapist: 7008773793. D-67032

Welcome Seva Care enjoy sensual service by smart Therapist: 6371291612. D-67034

Kajal ayurvedic massage club fully relaxed by smart lady, home service available. 9937637219. D-66939




Medical Courses ପାଇଁ registration କରନ୍ତୁ। BDS, BAMS, BHMS, BUMS, D.Pharma, ANM, GNM (only for practioners). Whatsapp / call: 9893869473, (Agent excuse). D-67345




ଆଚାର୍ଯ୍ୟଜୀ ଗୋଲ୍ଡ ମେଡ଼ାଲିଷ୍ଟ। ସମସ୍ୟାର ତୁରନ୍ତ ସମାଧାନ। ବଶୀକରଣ, ପ୍ରେମବିବାହ, ପ୍ରେମରେ ପ୍ରତାରଣା, ସଉତୁଣୀ ଶତ୍ରୁମୁକ୍ତି, ପ୍ରେମିକ, ସ୍ୱାମୀ, ସନ୍ତାନ, ମନୋମାଳିନ୍ୟ। ସମସ୍ୟା ଯାହା ବି ହେଉ- 8054019023, 9779158760. D-13793

ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେଁ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ-ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13802


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଜିଲା ଚିଠି ବରଗଡ଼



# ଭାତହାଣ୍ଡିରୁ ଲୁଣ୍ଠନ

ଓଡ଼ିଶାର ବରଗଡ଼ ଜିଲାରେ ସର୍ବାଧିକ ଧାନ ଉତ୍ପାଦନ ହୁଏ। ଏହି ଦୃଷ୍ଟିରୁ ବରଗଡ଼କୁ ରାଜ୍ୟର ଭାତହାଣ୍ଡି ବୋଲି ଅଭିହିତ କରାଯାଏ। ମାତ୍ର ଯେଉଁ ଚାଷୀମାନଙ୍କ ପାଇଁ ଜିଲା ଏଭଳି ନାମିତ ହୋଇଛି, ସେହି ଚାଷୀଙ୍କୁ ଆଜି ଦୁର୍ବିଷହ ଜୀବନ ଅତିବାହିତ କରିବାକୁ ପଡୁଛି। କେବଳ ଅଭାବୀ ବିକ୍ରି, ମରୁଡ଼ି, ମାଟିଆଗୁଣ୍ଡି ପୋକ(ଚକଡ଼ା) ଉପଦ୍ରବ ଯୋଗୁ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି ତାହା ନୁହେଁ ବରଂ ଏହି ଚାଷୀଙ୍କୁ ନାନା ଆଳ ଦେଖାଇ ବୀମା କମ୍ପାନୀ ମଧ୍ୟ ଲୁଣ୍ଠନ କରିବାରେ ଲାଗିଛି। ଗତ କିଛିବର୍ଷ ହେଲା ଜିଲାରେ କ୍ରମାଗତ ଫସଲକ୍ଷତି ହେଉଛି। ହେଲେ ବୀମାଭୁକ୍ତ ସମସ୍ତ ଚାଷୀଙ୍କୁ ବୀମା ସହାୟତା ମିଳୁନାହିଁ। କ୍ଷେତ୍ର ପରିଦର୍ଶନ ରିପୋର୍ଟ ବଦଳରେ ସାଟେଲାଇଟ୍ ତଥ୍ୟ, ଆକ୍ଚୁଏଲ ୟିଲ୍ଡ(ଏୱାଇ), ଥ୍ରେସହୋଲ୍ଡ ୟିଲ୍ଡ(ଟିୱାଇ), ନୂଆ ଗାଇଡ୍ ଲାଇନ୍ ଆଦି ଆଳ ଦେଖାଇ ବୀମା କମ୍ପାନୀ ଚାଷୀଙ୍କୁ ସେମାନଙ୍କ ପ୍ରାପ୍ୟ ବୀମା ସହାୟତାରୁ ବଞ୍ଚିତ କରୁଛି। ପ୍ରତି ଫସଲ ପୂର୍ବରୁ ଚାଷୀଙ୍କଠାରୁ ବୀମା ପ୍ରିମିୟମ ବାଧ୍ୟତାମୂଳକ ଭାବେ ଅସୁଲି କରାଯାଉଛି। ମାତ୍ର ଫସଲ କ୍ଷତି ସତ୍ତ୍ୱେ ବୀମା ରାଶି ପ୍ରଦାନ ସମୟ ଆସିଲେ ସମ୍ପୃକ୍ତ କମ୍ପାନୀ ଆଉ ଧରାଛୁଆଁ ଦେଉନାହିଁ। ଥରେ କିମ୍ବା ଦୁଇଥର ନୁହେଁ, ଫସଲ ସମୟ ଆସିଲେ ପ୍ରିମିୟମ ଅସୁଲି ପାଇଁ ତତ୍ପର ହୋଇ ପଡୁଥିବା ବୀମା କମ୍ପାନୀ ଅମଳବେଳେ ଫସଲକ୍ଷତି ଜଣାପଡ଼ିଲେ ଚାଷୀଙ୍କଠାରୁ ବାରମ୍ବାର ଦୂରେଇ ଯାଉଥିବା ଦେଖିବାକୁ ମିଳିଛି। ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଶତ ପ୍ରତିଶତ ଧାନ ଫସଲ କ୍ଷତି ପାଇଁ ବରଗଡ଼ ଜିଲା ପାଇଁ ଆଗରୁ ହେକ୍ଟର ପ୍ରତି ୧୨ହଜାର ୫୦୦ ଟଙ୍କା ବୀମା ସହାୟତା ପ୍ରଦାନ ନିର୍ଦ୍ଧାରିତ ହୋଇଥିଲା। ଏଥର ତାହା ହେକ୍ଟର ପ୍ରତି ୬୫ହଜାର ଟଙ୍କାକୁ ବୃଦ୍ଧି ପାଇଥିବାବେଳେ ବୀମା କମ୍ପାନୀ ଏଥିପାଇଁ ୧୪ ପ୍ରତିଶତ ବୀମା ପ୍ରିମିୟମ ସଂଗ୍ରହ କରୁଛି। ସେଥିରୁ ୨ପ୍ରତିଶତ ଚାଷୀ ଦେଉଥିବାବେଳେ ବାକି ପ୍ରିମିୟମ ରାଶିର ୫୦ପ୍ରତିଶତ ଲେଖାଏଁ ଉଭୟ ରାଜ୍ୟ, କେନ୍ଦ୍ର ସରକାର ବୀମା କମ୍ପାନୀଙ୍କୁ ଦେଉଛନ୍ତି। ଏହି କ୍ରମରେ ପ୍ରିମିୟମ ବାବଦକୁ ବୀମା କମ୍ପାନୀ ହେକ୍ଟର ପ୍ରତି ଚାଷୀଙ୍କଠାରୁ ୧୩୦୦, ରାଜ୍ୟ ସରକାରଙ୍କଠାରୁ ୩୯୦୦ ଏବଂ କେନ୍ଦ୍ର ସରକାରଙ୍କଠାରୁ ୩୯୦୦ ଟଙ୍କା ନେଉଛି। କେବଳ ବରଗଡ଼ ଜିଲାରେ ବୀମା କମ୍ପାନୀ ଗତ ୨୦୧୭ ଖରିଫରେ ୧ଲକ୍ଷ ୬୧ହଜାର ୩୬, ୨୦୧୭-୧୮ ରବିରେ ୩୨ହଜାର ୨୬୦, ୨୦୧୮ ଖରିଫରେ ୧ଲକ୍ଷ ୭୫ହଜାର ୮୧୯, ୨୦୧୮-୧୯ ରବିରେ ୩୩ ହଜାର ୯୫୬, ୨୦୧୯ ଖରିଫରେ ୨ଲକ୍ଷ ୮୭ହଜାର ୪୮୭ ହେକ୍ଟର ଜମି ପାଇଁ ସେହି ହାରରେ ବୀମା ପ୍ରିମିୟମ ଅସୁଲି କରିଥିବା ଯୋଗୁ ସବୁକୁ ଆକଳନ କଲେ, ସେ ବାବଦକୁ ସମୁଦାୟ କେତେ ଟଙ୍କା ପାଇଥିବ, ତାହା ଏଥିରୁ ସହଜରେ ଅନୁମେୟ। ଅନ୍ୟପଟେ ଫସଲକ୍ଷତି ଯୋଗୁ ଜିଲାକୁ ଗତ ୨୦୧୭ ଖରିଫରେ ୬୯୧, ୨୦୧୭-୧୮ ରବିରେ ୩୮, ୨୦୧୮ ଖରିଫରେ ୨୪୦ କୋଟି ବୀମା ସହାୟତା ପହଞ୍ଚି ସାରିଛି। ୨୦୧୯ ଖରିଫ ଆରମ୍ଭ ହୋଇଥିବା ବେଳେ ୨୦୧୮-୧୯ ରବି ଫସଲକ୍ଷତି ବାବଦକୁ ବୀମା ସହାୟତା ପ୍ରଦାନ ପାଇଁ ଏପର୍ଯ୍ୟନ୍ତ ବୀମା କମ୍ପାନୀ ଆକଳନ ସାରି ପାରିନାହିଁ। କେବଳ ସେତିକି ନୁହେଁ, ଜିଲାର ଯେତେ ସଂଖ୍ୟକ ଚାଷୀଙ୍କଠାରୁ ବୀମା କମ୍ପାନୀ ପ୍ରିମିୟମ ନେଉଛି, ସେମାନଙ୍କ ଫସଲକ୍ଷତି ହୋଇଥିଲେ ସୁଦ୍ଧା ସମସ୍ତଙ୍କୁ ବୀମା ସହାୟତା ପ୍ରଦାନ କରୁନାହିଁ। ବୀମା ସହାୟତା ପ୍ରଦାନ ବେଳେ ନାନା ଆଳରେ ଅଯୋଗ୍ୟ ଦର୍ଶାଇ ସେଥିରୁ ଅନେକ ଚାଷୀଙ୍କୁ ବାଦ୍ ଦେଉଛି। ତେବେ ଅଯୋଗ୍ୟ ଘୋଷିତ ହେଲେ, ରାଜ୍ୟ ସରକାର ଯେଭଳି କାଳିଆ ଯୋଜନା ହେଉ କି ଖାଦ୍ୟ ସୁରକ୍ଷା ଆଇନ(ଏନ୍ଏଫ୍ସିଏ) ଯୋଜନାରୁ ଲୋକଙ୍କୁ ଦିଆଯାଇଥିବା ସହାୟତା ଫେରାଇ ନେଉଛନ୍ତି। ହେଲେ ଅଯୋଗ୍ୟ ଜଣାପଡ଼ିଲେ ବୀମା କମ୍ପାନୀ ସମ୍ପୃକ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସେମାନେ ଜମା କରିଥିବା ବୀମା ପ୍ରିମିୟମ ରାଶି ଫେରାଇବାକୁ ନାରାଜ ହେଉଛି ଏବଂ ଏଥିରେ ସରକାର ମଧ୍ୟ ନୀରବ ରହିଛନ୍ତି। ଫଳରେ ସହାୟତା ବଦଳରେ ମିଳିମିଶି ଭାତହାଣ୍ଡିରୁ ବୀମା କମ୍ପାନୀ ଲୁଣ୍ଠନ କରି ଚାଲିଛି।

– ପ୍ରେମାନନ୍ଦ ଖମାରୀ

■ ୭୭ତମ ଅଗଷ୍ଟ କ୍ରାନ୍ତି ଦିବସ ଏବଂ ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ଉତ୍ସବ

# ମୁକ୍ତି ସଂଗ୍ରାମରେ ଓଡ଼ିଶାର ବଳିଷ୍ଠ ଭୂମିକା ଥିଲା

■ ୩ ବର୍ଷୀୟାନ ସ୍ୱାଧୀନତା ସଂଗ୍ରାମୀ ସମ୍ବର୍ଦ୍ଧିତ

■ ଡାକ ବିଭାଗର ସ୍ୱତନ୍ତ୍ର ଲଫାପା ଉନ୍ମୋଚିତ

ଭୁବନେଶ୍ୱର,୯।୮(ବ୍ୟୁରୋ)

ମୁକ୍ତି ସଂଗ୍ରାମରେ ଓଡ଼ିଶାର ଭୂମିକା ଯଥେଷ୍ଟ ଥିଲା। ଓଡ଼ିଶାର ବରପୁତ୍ରମାନେ ନିଜ ତ୍ୟାଗ ଓ ବଳିଦାନ ପାଇଁ ଚିରକାଳ ମନେରହିବେ। ସେହି ମହାନ ବରପୁତ୍ରମାନଙ୍କ ଜୀବନକୁ ଅନୁଶୀଳନ କରି ବର୍ତ୍ତମାନର ପିଢୀ ନିଜର ଚେତାନକୁ ଜାଗ୍ରତ କରିବାର ଆବଶ୍ୟକତା ରହିଛି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୭୭ତମ ଅଗଷ୍ଟ କ୍ରାନ୍ତି ଦିବସ ଏବଂ ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ପାଳନ ଉପଲକ୍ଷେ ରାଜ୍ୟ ଅଭିଲେଖାଗାର ପରିସରରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ସ୍ୱାଧୀନତା ସଂଗ୍ରାମୀଙ୍କ ଅସୀମ ଦେଶଭକ୍ତି ଓ ବଳିଦାନକୁ ସ୍ମରଣ କରିଥିଲେ। କ୍ରାନ୍ତିର ଅର୍ଥ ରକ୍ତପାତ ନୁହେଁ। ଏହାର ଅର୍ଥ ପରିବର୍ତ୍ତନ। ମହାଭାରତରେ ଭଗବାନ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କ ଜୀବନରେ କ୍ରାନ୍ତି ଆଣିଥିଲେ। ସେହିପରି ଛତ୍ରପତି ଶିବାଜୀଙ୍କ ଜୀବନରେ ତାଙ୍କ ଗୁରୁ ସ୍ୱାମୀ ରାମଦାସ ନିଜର ଶିକ୍ଷା ଦ୍ୱାରା କ୍ରାନ୍ତି ଜାଗ୍ରତ କରାଇଥିଲେ। ବିଂଶ ଶତାବ୍ଦୀରେ ମହାତ୍ମା ଗାନ୍ଧୀ ସତ୍ୟାଗ୍ରହ ଓ ଅହିଂସା ମାର୍ଗ ଜରିଆରେ ଭାରତମାତାକୁ ପରାଧୀନତାର ଶୃଙ୍ଖଳରୁ ମୁକ୍ତ କରିବାକୁ ଦେଶବାସୀଙ୍କ ମଧ୍ୟରେ କ୍ରାନ୍ତିର ଚେତନା ଜାଗ୍ରତ କରାଇଥିଲେ। ଗାନ୍ଧିଜୀଙ୍କ ନେତୃତ୍ୱରେ ୧୯୪୨ ଅଗଷ୍ଟ ୯ ତାରିଖରେ ଆରମ୍ଭ ହୋଇଥିବା 'ଭାରତ ଛାଡ଼ ଆନ୍ଦୋଳନ' ଭାରତର ମୁକ୍ତି ସଂଗ୍ରାମରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲା ବୋଲି ରାଜ୍ୟପାଳ ମତବ୍ୟକ୍ତ କରିଥିଲେ।

ଉତ୍ସବରେ ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ କହିଥିଲେ, ଓଡ଼ିଶା ଗସ୍ତ ସମୟରେ ଗାନ୍ଧିଜୀ ଏଠାକାର ଦାରିଦ୍ର୍ୟକୁ ଦେଖି ବିଚଳିତ ହୋଇଥିଲେ। ଗରିବ ଓ ଅବହେଳିତଙ୍କୁ ସାହାଯ୍ୟ କରିବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଗାନ୍ଧିଜୀ ଗସ୍ତ କରିଥିବା ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଏକ ସର୍କିଟ୍ରେ ପରିଣତ କରି ଏହାର ଉନ୍ନତୀକରଣ ପାଇଁ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରିଥିବା ମନ୍ତ୍ରୀ କହିଥିଲେ। ବିଭାଗୀୟ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଭାରତ ଛାଡ଼ ଆନ୍ଦୋଳନର ଇତିହାସ ସମ୍ପର୍କରେ ଆଲୋକପାତ କରି ଏହି ଆନ୍ଦୋଳନରୁ ବ୍ରିଟିଶ୍ ସାମ୍ରାଜ୍ୟବାଦ ବିଲୋପର ବୀଜ ସ୍ଥାପିତ ହୋଇଥିଲା ବୋଲି କହିଥିଲେ। ଓଡ଼ିଶା ଡାକ ସର୍କଲର ମହାଡାକପାଳ ସନ୍ତୋଷ କୁମାର କାମିଲା କାର୍ଯ୍ୟକ୍ରମରେ ଯୋଗଦେଇ ଡାକ ବିଭାଗ ପକ୍ଷରୁ ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ପାଳନ ଏବଂ ଗାନ୍ଧିଜୀଙ୍କ ଓଡ଼ିଶା ଗସ୍ତକୁ ନେଇ ଡାକଟିକେଟ ଓ ଫଟୋ ପ୍ରଦର୍ଶନୀ ଆୟୋଜନ କରୁଥିବା କହିଥିଲେ। ଏହି ଅବସରରେ ରାଜ୍ୟପାଳ ୩ବର୍ଷୀୟାନ ସ୍ୱାଧୀନତା ସଂଗ୍ରାମୀ ତଥା ଭଦ୍ରକ ଜିଲାର ରାମହରି ଗୋସ୍ୱାମୀ ଓ ଶ୍ୟାମସୁନ୍ଦର ବେହେରା ଏବଂ ସମ୍ବଲପୁର ଜିଲାର ଦେବାନନ୍ଦ ଗୁପ୍ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଡାକ ବିଭାଗ ପକ୍ଷରୁ ପ୍ରକାଶିତ ସ୍ୱତନ୍ତ୍ର ଲଫାପା ଉନ୍ମୋଚନ କରିବା ସହ ରାଜ୍ୟ ଅଭିଲେଖାଗାରର ସୋସିଆଲ ମିଡ଼ିଆ ଦୃଶ୍ୟ ଶ୍ରାବ୍ୟ ଅଭିଲେଖାକୁ ଲୋକାର୍ପଣ କରିଥିଲେ। ବିଭାଗୀୟ ନିର୍ଦ୍ଦେଶକ ବିଜୟ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଯୁଗ୍ମ ସଚିବ ସଂଘମିତ୍ରା ସତପଥୀ ଏବଂ ଓଡ଼ିଶା ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ସୁଚିସ୍ମିତା ମନ୍ତ୍ରୀ ମଞ୍ଚାସୀନ ଥିଲେ। ଗାନ୍ଧିଜୀ, ଓଡ଼ିଶା ଓ ଭାରତଛାଡ଼ ଆନ୍ଦୋଳନକୁ ନେଇ ଆୟୋଜିତ ଫଟୋ ଓ ଡାକଟିକେଟ ପ୍ରଦର୍ଶନୀକୁ ରାଜ୍ୟପାଳ ବୁଲି ଦେଖିଥିଲେ।



୩ ବର୍ଷୀୟାନ ସ୍ୱାଧୀନତା ସଂଗ୍ରାମୀଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ସମ୍ବର୍ଦ୍ଧିତ କରୁଛନ୍ତି।

ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ନର୍ସିଂ କର୍ମଚାରୀ ସଂଘର ଆଲୋଚନା

# ଦାବି ପୂରଣ ପାଇଁ ପଦକ୍ଷେପ ନେବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୯।୮(ବ୍ୟୁରୋ)

ଦୀର୍ଘଦିନ ଧରି ଅସ୍ଥାୟୀ କର୍ମଚାରୀ ଭାବେ କାମ କରୁଥିବା ସେବିକାମାନଙ୍କୁ ନିୟମିତ କରିବା, ମୂଳ ଦରମା ସଂଶୋଧନ, ଠିକ ସମୟରେ ପଦୋନ୍ନତି ଆଦି ୩ଦଫା ପ୍ରମୁଖ ଦାବି ନେଇ ନର୍ସିଂ କର୍ମଚାରୀ ସଂଘ ପକ୍ଷରୁ ଶୁକ୍ରବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ନବକିଶୋର ଦାସଙ୍କ ସହ ଆଲୋଚନା ହୋଇଛି। ଲୋକସେବା ଭବନସ୍ଥିତ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଏହି ଆଲୋଚନା ହୋଇଥିଲା। ଏହା ଉପରେ ଖୁବ୍ଶୀଘ୍ର ପଦକ୍ଷେପ ନେବାକୁ ସ୍ୱାସ୍ଥ୍ୟ ସଚିବ ଡା. ପ୍ରମୋଦ ମେହେର୍ଦ୍ଦା, ଯୁଗ୍ମ ସଚିବ ଗୁହା ପୁନମ ତାପସ କୁମାରଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୂଳ ଦରମା ସଂଶୋଧନ ନିମନ୍ତେ ଆନୋମଲି କମିଟି ପ୍ରସ୍ତୁତ କରିବା ପାଇଁ ମଧ ମନ୍ତ୍ରୀ କହିଛନ୍ତି। ଏହି ଆଲୋଚନା ସମୟରେ ନର୍ସିଂ କର୍ମଚାରୀ ସଂଘର ମୁଖ୍ୟ ଉପଦେଷ୍ଟା ସୁବାସ ସିଂ, ସାଧାରଣ ସମ୍ପାଦିକା ପ୍ରଭାତୀ ମହାନ୍ତି, ଓଭର ସାଇଟ୍ କମିଟି ସଦସ୍ୟା ମାଳତି ତ୍ରିପାଠୀ, କାର୍ଯ୍ୟକାରିଣୀ ସଦସ୍ୟା ସୁମତି ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ହାଇକୋର୍ଟ ସମ୍ମୁଖରେ ଆଇନଜୀବୀଙ୍କ ଆନ୍ଦୋଳନ

**ସ୍ୟାଟ୍ ଉଚ୍ଛେଦ ପ୍ରସଙ୍ଗ**

■ କାର୍ଯ୍ୟବନ୍ଦ କରି କୋର୍ଟ ବର୍ଜନ

କଟକ ଅଫିସ, ୯।୮: ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣ (ସ୍ୟାଟ୍) ଉଚ୍ଛେଦ ପ୍ରତିବାଦରେ ଶୁକ୍ରବାର ସ୍ୟାଟ୍ ବାର ଆସୋସିଏଶନ ପକ୍ଷରୁ ହାଇକୋର୍ଟ ସମ୍ମୁଖରେ ଦିନିକିଆ ଆନ୍ଦୋଳନ କରାଯାଇଥିଲା। ଏଥିରେ ହାଇକୋର୍ଟ ବାର୍ ଆସୋସିଏଶନ, ହାଇକୋର୍ଟ କ୍ରିମିନାଲ ବାର୍, କେନ୍ଦ୍ର ପ୍ରଶାସନିକ ଟ୍ରିବ୍ୟୁନାଲ ବାର୍, ଡେବ୍ଟ ରିକଭରି ଟ୍ରିବ୍ୟୁନାଲ ବାର୍, କଞ୍ଜ୍ୟୁମର ବାର୍, କ୍ଲେମ୍ ବାର୍, ରେଲ୍ ବାର୍ ସାମିଲ ହେବା ସହ କାର୍ଯ୍ୟବନ୍ଦ କରି କୋର୍ଟ ବର୍ଜନ କରିଥିଲେ। ସ୍ୟାଟ୍ ବାର ଆସୋସିଏଶନ ସଭାପତି ଧୂଳିରାମ ପଟ୍ଟନାୟକ ଓ ସମ୍ପାଦକ ଶଶିଭୂଷଣ ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ଆନ୍ଦୋଳନରେ ବିଭିନ୍ନ ସଂଘର ସଭାପତି, ସମ୍ପାଦକ ସାମିଲ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ଏକ ପ୍ରତିନିଧିମଣ୍ଡଳୀ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀଙ୍କୁ ଭେଟିଥିଲେ। ସ୍ୟାଟ୍ରେ ପଡ଼ିରହିଥିବା ପ୍ରାୟ ୭୨ହଜାର ମାମଲାର ଭବିଷ୍ୟତ ନେଇ ପ୍ରତିନିଧିମଣ୍ଡଳୀ ଆଲୋଚନା କରିବା ସହ ହାଇକୋର୍ଟରେ ଦୁଇଟି ଅତିରିକ୍ତ ସର୍ଭିସ୍ ବେଞ୍ଚ ପ୍ରତିଷ୍ଠା ପାଇଁ ଦାବି କରିଥିଲେ।

ସୂଚନାଯୋଗ୍ୟ, ରାଜ୍ୟ ସରକାରୀ କର୍ମଚାରୀମାନଙ୍କ ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୧୪ ଫେବୃୟାରୀ ୧୮ରେ ସ୍ୟାଟ୍ରେ ୮ଜଣ ସଦସ୍ୟ ରହିବା ନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ଭୁବନେଶ୍ୱର ଏହାର ପ୍ରମୁଖ ବେଞ୍ଚ ହୋଇଥିଲା। ତେବେ କଟକ ବେଞ୍ଚ ସହିତ ସମ୍ବଲପୁର ଓ ବ୍ରହ୍ମପୁର ସର୍କିଟ୍ ବେଞ୍ଚ ପ୍ରତିଷ୍ଠା କରାଯାଇଥିଲା। ମାତ୍ର ରାଜ୍ୟ ସରକାରଙ୍କ କ୍ୟାବିନେଟ୍ ୨୦୧୫ ସେପ୍ଟେମ୍ବର ୯ରେ ସ୍ୟାଟ୍ ଉଚ୍ଛେଦ ଲାଗି ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ। ସୋମବାର କେନ୍ଦ୍ର ସରକାର ସ୍ୟାଟ୍ ଉଚ୍ଛେଦ ନେଇ ଗେଜେଟ୍ ନୋଟିଫିକେଶନ ପ୍ରକାଶ କରିଥିଲେ। ଏହାକୁ ନେଇ ସ୍ୟାଟ୍ବାର ଆସୋସିଏଶନ ପକ୍ଷରୁ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ମାତ୍ର ହାଇକୋର୍ଟ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରକାଶିତ ସ୍ୟାଟ୍ ଉଚ୍ଛେଦ ଗେଜେଟ୍ ନୋଟିଫିକେଶନ୍ ଉପରେ ସ୍ଥଗିତାଦେଶ ଜାରି କରିବାକୁ ମନାକରିଥିଲେ।




# ଏଟିଏମ୍ରୁ ୨୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଗାଏବ, ୨ ଅଟକ

ବାସୁଦେବପୁର, ୯।୮ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବେତଡ଼ା ବଜାରରେ ଥିବା ଷ୍ଟେଟବ୍ୟାଙ୍କ ଶାଖା ଏଟିଏମ୍ରୁ ହଠାତ୍ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଗାଏବ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏ ସମ୍ପର୍କରେ ଶୁକ୍ରବାର ଅପରାହ୍ନରେ ଜଣାପଡ଼ିବା ପରେ ଉକ୍ତ ଷ୍ଟେଟବ୍ୟାଙ୍କ ଶାଖା ପକ୍ଷରୁ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଏଟିଏମ୍ରେ ଟଙ୍କା ଭର୍ତ୍ତି ଦାୟିତ୍ୱରେ ଥିବା କମ୍ପାନୀର ଦୁଇ କର୍ମଚାରୀଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା କରୁଛି। ଭଦ୍ରକ ଏସ୍ଡିପିଓ ଜଳନ୍ଧର ଜାଲି ଥାନାରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଏଟିଏମ୍ ନିକଟସ୍ଥ ଏକ ଦୋକାନର ସିସିଟିଭିକୁ ଏସ୍ଡିପିଓ ସଂଗ୍ରହ କରି ଯାଞ୍ଚ କରୁଥିବା ଆଇଆଇସି ଉମାଶଙ୍କର ନାଏକ କହିଛନ୍ତି। ତଦନ୍ତ ଜାରି ରହିଥିବା ବେଳେ ଏ ନେଇ ଅଦ୍ୟାବଧି ଥାନାରେ ମାମଲା ରୁଜୁ ହୋଇ ନ ଥିବା ପୋଲିସ ସୂତ୍ରରୁ ପ୍ରକାଶ।



> ଯେ ଅନ୍ୟଠାରୁ ପ୍ରେମ ପାଏ ଓ ତାକୁ ଭୋଗ କରେ– ସେହି ପ୍ରେମ ଦ୍ୱାରା ସେ ନିଜକୁ ଉଜ୍ଜ୍ୱଳ କରିପାରେନା କି ପରିପୂର୍ଣ୍ଣ କରିପାରେନା। କିନ୍ତୁ ଯେ ଅନ୍ୟକୁ ପ୍ରେମ ଦିଏ– ତା'ର ସେହି ପ୍ରେମ ହିଁ ତାକୁ ଉଜ୍ଜ୍ୱଳ ଓ ପରିପୂର୍ଣ୍ଣ କରିଦିଏ। –ଶ୍ରୀମା

# ନୂଆ ଆଭିମୁଖ୍ୟ



ଦିଲ୍ଲୀକା ବାବୁ
ଦିଲୀପ ଚେରିଏନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ସରକାରର ଦ୍ୱିତୀୟ ପାଳିରେ ଜନସାଧାରଣଙ୍କ ଉଚ୍ଚ ପ୍ରତ୍ୟାଶା ପ୍ରତି ସଚେତନ ଅଛନ୍ତି। ଦେଶର ଦୁର୍ଗତି ପାଇଁ ପୂର୍ବର ଉପା ସରକାର ଉପରେ ବା ଆହୁରି ପୂର୍ବର ନେହେରୁ ସରକାର ଉପରେ ଦୋଷ ଲଦିଦେଇ ସେ ନିଜ ଦାୟିତ୍ୱକୁ ଫାଙ୍କିଦେଇ ପାରିବେ ନାହିଁ। ତେଣୁ ତାଙ୍କୁ ଦକ୍ଷତା ପ୍ରଦର୍ଶନ କରିବାକୁ ପଡ଼ିବ।

ଅମଲାତନ୍ତ୍ର ଉପରେ ଖୁବ୍ ଆସ୍ଥା ସ୍ଥାପନ କରୁଥିବା ମୋଦି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିରେ ପରିବର୍ତ୍ତନ, ପ୍ରଶାସନିକ ସଂସ୍କାର ଓ କ୍ଷମତା ବିକାଶ ଉପରେ ଜୋର ଦେବାର ସମ୍ଭାବନା ରହିଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍ଓ) ହେଉଛି ସବୁ ନିଷ୍ପତ୍ତି ନେବା ପ୍ରକ୍ରିୟାର କେନ୍ଦ୍ର। ଅର୍ଥ ସଚିବ ସୁଭାଷ ଚନ୍ଦ୍ର ଗର୍ଗଙ୍କୁ ହଠାତ୍ ତାଙ୍କ ସ୍ଥାନରୁ ହଟାଇ ଏହା ପୁଣି ଅମଲାତନ୍ତ୍ର ଉପରେ ନିଜର କର୍ତ୍ତୃତ୍ୱକୁ ଦୋହରାଇଛି। ଦେଶ ସାରା ବାବୁମାନଙ୍କୁ ଏହାଦ୍ୱାରା ସୂଚନା ମିଳିଯାଇଛି କି ମୋଦି ୨.୦ ସରକାର ଅପାରଗ ବା ସରକାରଙ୍କ ଆଭିମୁଖ୍ୟକୁ ବୁଝିପାରୁ ନ ଥିବା ବାବୁମାନଙ୍କୁ ଆଦୌ ସହ୍ୟ କରିବେ ନାହିଁ।

ଅଧିକାଂଶ ବିଶ୍ୱାସ କରନ୍ତି ଯେ, ପ୍ରଧାନମନ୍ତ୍ରୀ ସ୍ଥିରତା ଉପରେ ଗୁରୁତ୍ୱ ଦେବେ। ସେ ତାଙ୍କ ପୂର୍ବ ପାଳି ସରକାରର ଅଧିକାଂଶ ବାବୁଙ୍କୁ ପୂର୍ବ ପଦରେ ରଖିଛନ୍ତି ଏବଂ ତାଙ୍କର ମୁଖ୍ୟ ସହଯୋଗୀମାନେ ମଧ୍ୟ ତାଙ୍କ ପଟରେ ରହିଛନ୍ତି। ପିଏମ୍ଓର କାର୍ଯ୍ୟଶୈଳୀ ପୂର୍ବ ପରି ରହିଛି କିନ୍ତୁ ଏହା ଅଧିକ ଅଭିଜ୍ଞତା ବା ଅଧିକ ଅଭିଜ୍ଞ ବାବୁଙ୍କ ଦ୍ୱାରା ସମୃଦ୍ଧ ହୋଇଛି। ଶୁଣିବାକୁ ମିଳୁଛି ଯେ, ମାସକ ପରେ ଉପର ସ୍ତରରେ କିଛି ପରିବର୍ତ୍ତନ ଘଟିବ। ମୋଦିଙ୍କ କାର୍ଯ୍ୟ ସଂସ୍କୃତିର ମୁଖ୍ୟ ଉପାଦାନ ହେଉଛି ଡାଇରେକ୍ଟ ଆକ୍ସେସ୍ (ସିଧାସଳଖ ଯୋଗାଯୋଗ), କାର୍ଯ୍ୟଧାରାର ସରଳୀକରଣ ଏବଂ ନିଷ୍ପତ୍ତି ନେବା ଓ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାରେ ବିଳମ୍ବ ନ କରିବା। ସେ ଚାହାନ୍ତି ବାବୁମାନେ ସୃଜନାତ୍ମକ ଚିନ୍ତା କରିବେ ଏବଂ ରିସ୍କ ନେଇ କାର୍ଯ୍ୟ କରିବେ। ସୂଚନା ମିଳୁଛି ଯେ, ନୂତନ କର୍ମଚାରୀବର୍ଗ ପରିଚାଳନା ନୀତି ଆସିବ, ଯେଉଁଥିରେ କର୍ମଚାରୀମାନେ ପ୍ରଶାସନର ପ୍ରାଥମିକତା ଅନୁସାରେ ନିଯୁକ୍ତି ପାଇବେ, ପ୍ରଥମ ପାଳି ପରି ସରକାରଙ୍କ ପ୍ରତି ଆସ୍ଥା ବା ବିଶ୍ୱାସକୁ ଭିତ୍ତି କରି ନୁହେଁ।

ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ପାଳିରେ ୩୬୦ ଡିଗ୍ରୀ ମୂଲ୍ୟାଙ୍କନ ବ୍ୟବସ୍ଥା, ଅଫିସ୍ ଓ ଫାଇଲଗୁଡ଼ିକର କମ୍ପ୍ୟୁଟରୀକରଣ, ବାରମ୍ବାର ବହୁସଂଖ୍ୟାରେ ଅଦଳବଦଳ, ଅବଧି ପୂରିବା ପୂର୍ବରୁ ବାବୁମାନଙ୍କୁ ନିଜ ରାଜ୍ୟକୁ ପଠାଇଦେବା ପ୍ରଭୃତି ଘଟଣା ଅମଲାତନ୍ତ୍ରକୁ ଦୋହଲାଇଦେଇଥିଲା ବେଳେ ଦ୍ୱିତୀୟ ପାଳିରେ ସରକାର ବ୍ୟବସ୍ଥାରେ ପରିବର୍ତ୍ତନ କରିବାକୁ ଯାଉଛନ୍ତି। ୨୦୧୪ରେ କେନ୍ଦ୍ରରେ ମୋଦି କ୍ଷମତାକୁ ଆସିବା ପରେ ସେ ନେଇଥିବା ପଦକ୍ଷେପଗୁଡ଼ିକୁ ନେଇ ବାବୁମାନେ ଯାହା ଭାବନ୍ତୁ ନା କାହିଁକି ଏହା ଅତୀତରେ କାମ ଦେଇଥିଲା। ତଥାପି ଏହାର କିଛି ଉପଯୋଗିତା ନାହିଁ ବୋଲି ମନେକରାଯାଉଛି।

ତେଣୁ ଅଧିକାଂଶ ଆଶା କରୁଛନ୍ତି ଯେ, ମୋଦିଙ୍କ ପ୍ରଥମ ପାଳିର ଆଭିମୁଖ୍ୟରେ ପରିବର୍ତ୍ତନ ଘଟିବ। ନିର୍ବାଚନରେ ବିପୁଳ ଜନସମର୍ଥନ ପାଇଥିବାରୁ ପ୍ରଧାନମନ୍ତ୍ରୀ ମୋଦି ଲୋକପ୍ରିୟତାରେ ତାଙ୍କର ପୂର୍ବସୂରି ନେହେରୁ ଓ ଇନ୍ଦିରା ଗାନ୍ଧୀଙ୍କ ସମକକ୍ଷ ହୋଇପାରିଛନ୍ତି। ସେମାନଙ୍କ ପରି ମୋଦି ନୂତନ ଚିନ୍ତାଧାରା ଆପଣେଇ ଓ ସେଗୁଡ଼ିକୁ କାର୍ଯ୍ୟକାରୀ କରି ଇତିହାସ ସୃଷ୍ଟି କରିବାକୁ ଚାହିଁପାରନ୍ତି। ଏଥିପାଇଁ ସେ ତାଙ୍କ କାର୍ଯ୍ୟାଳୟ ଓ କେନ୍ଦ୍ରୀୟ ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡ଼ିକ ପାଇଁ ଉତ୍ସର୍ଗୀକୃତ ଓ ନିଷ୍ପାପର ବାବୁମାନଙ୍କୁ ବାଛିବାର ଆବଶ୍ୟକତା ରହିଛି।

ପ୍ରଧାନମନ୍ତ୍ରୀ ତାଙ୍କ ପ୍ରଥମ ପାଳି ଅପେକ୍ଷା ଏବେ ବାବୁମାନଙ୍କର ଅଧିକ ପରିଚିତ। ଏଥର ପ୍ରଧାନମନ୍ତ୍ରୀ ମୋଦିଙ୍କ କାର୍ଯ୍ୟସୂଚୀ ହେଉଛି ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ୨୦୨୨ ସୁଦ୍ଧା ଉଭୟ ଅର୍ଥନୀତି ଓ ରାଷ୍ଟ୍ର ଶାସନ ବ୍ୟବସ୍ଥାରେ ଉଲ୍ଲେଖନୀୟ ପରିବର୍ତ୍ତନ କରି ତାଙ୍କ ପ୍ରଶାସନ ଉପରେ ଏକ ସ୍ୱତନ୍ତ୍ର ମୋହର ଲଗାଇବାକୁ ସୁନିଶ୍ଚିତ କରିବା। ଭାରତକୁ ବିକାଶ ପଥରେ ଉଚ୍ଚତର ସ୍ତରକୁ ନେବା ପାଇଁ ହେଲେ ଦରକାର ଜନାଭିମୁଖୀ ଆଇନକାନୁନଗୁଡ଼ିକର ଉତ୍ତରଦାୟୀ ଓ ଦକ୍ଷ କାର୍ଯ୍ୟକାରିତା ଏବଂ ମୋଦି ତାହା କରିବା ପାଇଁ ଯତ୍ପରୋନାସ୍ତି ଚେଷ୍ଟିତ।

Email: dilipcherian@gmail.com

## ଚିରନ୍ତନୀ

ଜୀବନ ପରେ ଏ ଦେହ ହୁଏ
ଜଡ଼ହୁଁ ବେଶି ହୀନ
ଚିହ୍ନ ତାର ନ ରହେ କାହିଁ ଲେଶ,
ଅସୀମ କାଳ କରଇ ଖେଳ
ଆସଇ ନିଶିଦିନ
ନାହିଁ କି ଲୟ, ନାହିଁ କି ତା'ର ଶେଷ! (ଅମର ଆଶା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | | | | | | 3 | | | | | | | 4 | 2 |
| 7 | | | | | C | | B | | A | 0 | 1 | | | |
| 9 | | | | | E | | A | | | | | | 5 | |
| | | | 6 | | 3 | 2 | | E | 7 | | 4 | 1 | | C |
| | 4 | 3 | | | | | | D | | 5 | 8 | | B | |
| 5 | | | | A | | B | 4 | | 6 | | | | | D |
| | | | 8 | | | | | 7 | 4 | | | 3 | 2 | |
| C | | | | | | | | | | 9 | | | 6 | |
| | E | | | | | | | 6 | | D | 0 | 8 | | 7 |
| | | | 4 | 0 | 9 | | | | E | 3 | | | | |
| | | D | | 3 | | | 5 | 1 | | | | | | 8 |
| | | | | | B | 9 | | C | | 1 | 3 | 4 | 7 | |
| | | C | | | 1 | | D | 4 | 0 | E | | 5 | 9 | B |
| | | | | | D | A | 0 | | | 4 | | 2 | | 1 |
| | 0 | | | 6 | | | 7 | | | | 9 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | A | 3 | 2 | E | 6 | 8 | 0 | 1 | C | 9 | 7 | 5 | D | B |
| 0 | B | 6 | 9 | 7 | 5 | E | 4 | 3 | D | 8 | 2 | A | 1 | C |
| 5 | E | C | 4 | A | D | 6 | 9 | 2 | 1 | 3 | B | 8 | 7 | 0 |
| 9 | 7 | 1 | B | 8 | C | 5 | A | D | 4 | E | 0 | 3 | 2 | 6 |
| 2 | D | 8 | 0 | 3 | 1 | B | C | 7 | 5 | A | 6 | E | 9 | 4 |
| 7 | 3 | 5 | 6 | 0 | A | C | 1 | 8 | 9 | 2 | 4 | D | B | E |
| 1 | 2 | E | D | C | B | 4 | 3 | 0 | 7 | 6 | 8 | 9 | 5 | A |
| D | C | 9 | E | 4 | 8 | A | 6 | B | 3 | 1 | 5 | 7 | 0 | 2 |
| 8 | 6 | 0 | 1 | 5 | 2 | D | 7 | 9 | A | B | E | C | 4 | 3 |
| B | 4 | A | 7 | 9 | 3 | 2 | E | 5 | 0 | C | D | 1 | 6 | 8 |
| 6 | 5 | D | C | B | 0 | 9 | 8 | A | E | 4 | 1 | 2 | 3 | 7 |
| 3 | 0 | 4 | 8 | 1 | 9 | 7 | B | E | 2 | 5 | C | 6 | A | D |
| E | 9 | 7 | A | 2 | 4 | 0 | 5 | C | 6 | D | 3 | B | 8 | 1 |
| A | 8 | 2 | 3 | 6 | E | 1 | D | 4 | B | 7 | 9 | 0 | C | 5 |
| C | 1 | B | 5 | D | 7 | 3 | 2 | 6 | 8 | 0 | A | 4 | E | 9 |

ଗତକାଲିର ଉତ୍ତର

# କେବଳ ବାବୁ ତିଆରି କାରଖାନା



ମନ–ମାନଚିତ୍ର
ଡ. ନରହରି ବେହେରା

ଭାରତ ହେଉଛି ଋଷି ଓ କୃଷିର ଦେଶ। ସମୟ ଥିଲା ଏ ଦେଶର ମୁନିଋଷିମାନେ ଏ ମାଟିର ପଥପ୍ରଦର୍ଶକ ଏବଂ କୃଷି ଓ ଗୋପାଳନ ଏ ଧର୍ମର ବୃତ୍ତି ତଥା ସଂସ୍କୃତି ଥିଲା। ସମୟ ବଦଳିଛି। ଋଷି ପରମ୍ପରା ନାହିଁ। କିଛି ଭଣ୍ଡବାବାଙ୍କ ଆଚରଣ ଯୋଗୁ ପ୍ରତ୍ୟେକ ସାଧୁସନ୍ଥ ଆଜି ସନ୍ଦେହ ଘେରରେ। ଅନ୍ୟପକ୍ଷରେ କୃଷି ଓ ଗୋସମ୍ପଦ ମଧ୍ୟ ବିପର୍ଯ୍ୟସ୍ତ। ପ୍ରାଚୀନ କାଳରେ ଗୁରୁକୁଳ ହିଁ ଥିଲା ଏ ଦେଶର ଭାଗ୍ୟ ଓ ଭବିଷ୍ୟତ। ସାଧୁମାନେ ଶିଷ୍ୟମାନଙ୍କୁ ଭିକ୍ଷାବୃତ୍ତିଠାରୁ ଆରମ୍ଭ କରି କୃଷି, ଗୋପାଳନ, ସଂସାର ଧର୍ମ, ଆଧ୍ୟାତ୍ମିକ ଜ୍ଞାନ ପର୍ଯ୍ୟନ୍ତ ସବୁ ବିଷୟରେ ଶିକ୍ଷା ଦେଉଥିଲେ। ଏହି ଶିକ୍ଷାର ଉଦ୍ଦେଶ୍ୟ ଥିଲା ଜଣେ ବିଦ୍ୟାର୍ଥୀ ଜୀବନର ପ୍ରତ୍ୟେକ କ୍ଷେତ୍ରର ଅଭିଜ୍ଞତା ଅର୍ଜନ କରୁ, ବଞ୍ଚିବାପାଇଁ ସଂଗ୍ରାମ କରି ଶିଖୁ।

ପରାଧୀନ ଭାରତରେ ଏ ସମସ୍ତ ରୂପରେଖ ବଦଳିଗଲା। ବ୍ରିଟିଶ୍ ସରକାର ଏ ଅଖଣ୍ଡ ଭାରତକୁ ଭାଗଭାଗ କରିବାକୁ ପ୍ରଥମେ ଦୃଷ୍ଟି ଦେଲେ ଶିକ୍ଷା ଉପରେ। ସେମାନେ ଉଚ୍ଚଶ୍ରେଣୀ ଏବଂ ମଧ୍ୟବିତ୍ତ ଶ୍ରେଣୀର ଲୋକମାନଙ୍କୁ ଇଂଲିଶ୍ ଶିକ୍ଷା ଦେଇ ଏକ ସ୍ୱତନ୍ତ୍ର ଶ୍ରେଣୀ ସୃଷ୍ଟି କରି ନିଜର ଆଧିପତ୍ୟ ଜାହିର କରିବାକୁ ପ୍ରୟାସ ଜାରିରଖିଲେ। ସେମାନେ ଅନୁଭବ କରିଥିଲେ, ଯେ ପର୍ଯ୍ୟନ୍ତ ଭାରତୀୟ ସଂସ୍କୃତି ଅକ୍ଷୁଣ୍ଣ ଥିବ ସେ ପର୍ଯ୍ୟନ୍ତ ଏ ଗୋରା ଶାସନକୁ ସେମାନେ ସହଜରେ ଗ୍ରହଣ କରିବେ ନାହିଁ। ଏହି ଭାବନାକୁ ଅଧିକ ରସାଣିତ କରି ଚାର୍ଲସ ଗ୍ରାଣ୍ଟ ଏବଂ ୱିବର ଫୋର୍ସ ବାରମ୍ବାର ଇଷ୍ଟ ଇଣ୍ଡିଆ କମ୍ପାନୀ ଉପରେ ଇଂଲିଶ୍ ଭାଷା ମାଧ୍ୟମରେ ପାଶ୍ଚାତ୍ୟ ସାହିତ୍ୟ ଏବଂ ଖ୍ରୀଷ୍ଟିଆନ ଧର୍ମର ପ୍ରଚାର କରିବାକୁ ଚାପ ସୃଷ୍ଟି କଲେ। ପରବର୍ତ୍ତୀ ସମୟରେ ୧୯୩୫ ମସିହାରେ ଯେଉଁ ଶିକ୍ଷାନୀତି ଖସଡ଼ା ପ୍ରସ୍ତୁତ କଲେ ତାହା ଭାରତରେ ଇଂଲିଶ ଶିକ୍ଷାର ପଥ ପ୍ରଶସ୍ତ କରିଦେଲା। ସବୁଠି ଇଂଲିଶ୍ ଶିକ୍ଷାର ପ୍ରଚଳନ କରାଯିବାର ବ୍ୟବସ୍ଥା କରାଗଲା। ଅନ୍ୟ ପୁସ୍ତକ ଅପେକ୍ଷା ଇଂଲିଶ୍ ଭାଷାରେ ରଚିତ ପୁସ୍ତକ ସୁଲଭ ହେଲା। ଯେଉଁମାନେ ଇଂଲିଶ୍ ଭାଷା ଅଧ୍ୟୟନ କଲେ ସେମାନଙ୍କୁ ସରକାରୀ ଦପ୍ତରରେ ଚାକିରିର ସୁଯୋଗ ମିଳିଲା। ଅନ୍ୟପକ୍ଷରେ ତତ୍କାଳୀନ ସମାଜରେ ଲୁଚି ରହିଥିବା ଅପସଂସ୍କୃତିକୁ ଦୂର କରିବା ଲାଗି ଭାରତୀୟମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଇଂଲିଶ୍ ଶିକ୍ଷାର ଗୁରୁତ୍ୱ ଅଛି ବୋଲି ରାଜା ରାମମୋହନ ରାୟଙ୍କ ପରି ବିଦ୍ୱାନମାନେ ଏହାକୁ ସମର୍ଥନ ଜଣାଇଲେ। ଫଳରେ ଇଂଲିଶ୍ ଭାଷା କାୟା ବିସ୍ତାର କଲା। ଏହା ସହିତ ଲର୍ଡ ମାକ୍‌ଲେଙ୍କ ଲୁଚି ରହିଥିବା ମନ୍ଦ ଉଦ୍ଦେଶ୍ୟ ମଧ୍ୟ ପ୍ରଭାବ ବିସ୍ତାର କଲା।

ଏ ଇଂଲିଶ୍ ଶିକ୍ଷାର ପ୍ରକୃତ ଉଦ୍ଦେଶ୍ୟ କ'ଣ ଥିଲା ମାକ୍‌ଲେ ୧୮୩୬ ଅକ୍ଟୋବର ୧୨ ତାରିଖରେ ତାଙ୍କ ବାପାଙ୍କୁ ଲେଖିଥିବା ଚିଠିର କିୟଦଂଶ ସୂଚାଇ ଦିଏ। ସେ ଲେଖିଥିଲେ– ''Our English schools are flourishing wonderfully; we find it difficult to provide instruction to all. The effect of this education on Hindus is prodigious. No Hindu who has received an English education ever remains sincerely attached to his religion. It is my firm belief that if our plans of education are followed up, there will not be a single idolator among the respected classes 30 years hence. And this will be effected without our efforts to proselytize.'' କାଳକ୍ରମେ ଏମିତି ପରିସ୍ଥିତି ହେଲା ଯେ ସମସ୍ତେ କ୍ଷମତାସୀନ ସରକାରଙ୍କ ଭାଷାରେ ପାଣ୍ଡିତ୍ୟ ପ୍ରଦର୍ଶନ କରି ସେମାନଙ୍କର ନିକଟତର ହେବାକୁ ଚେଷ୍ଟା କଲେ। କଥାରେ ଅଛି ମଲୁ ଖୋଜୁଥିଲା କାକରପାଣି, ବଇଦ କହିଲା ଦିଅ ତୋରାଣି। ଏଇ ନ୍ୟାୟରେ ବ୍ରିଟିଶ୍ ସରକାର ତାଙ୍କର ଭାଷା, ଭାବନା ଏବଂ ପଶ୍ଚିମା ସଂସ୍କୃତିକୁ ଲଦି ଦେବାରେ ସଫଳ ହେଲେ। ୧୯୩୧ ମସିହାରେ ଗାନ୍ଧିଜୀ ଗୋଲ୍ ଟେବୁଲ ବୈଠକରେ ବ୍ରିଟିଶ୍ ସରକାରଙ୍କୁ ଦାୟୀ କରି କହିଥିଲେ– The beautiful tree of education was cut by you British. Therefore today India is far more illiterate than it was 100 years ago. ଗାନ୍ଧିଜୀଙ୍କ କଥା ଆଜି ସତ୍ୟରେ ପରିଣତ ହୋଇଛି। ଭାରତର ସାହିତ୍ୟ, ଦର୍ଶନ, ଚିନ୍ତା ଚେତନା ସବୁ କିଛି ଲକ୍ଷ୍ୟହରା ହୋଇପଡ଼ିଛି।

ସ୍ୱାଧୀନ ଭାରତରେ ଅନେକ କମିଶନ ବସିଛି, ସଂସ୍କାର ପାଇଁ ଅନେକ ପରାମର୍ଶ ଦିଆଯାଇଛି। ମାତ୍ର ଶିକ୍ଷାର୍ଥୀମାନେ କେବଳ ବସ୍ତୁବାଦୀ ହେବା ବ୍ୟତୀତ କିଛି ଶିକ୍ଷା ଲାଭ କରିପାରୁ ନାହାନ୍ତି। ବିଦ୍ୟାଦାତା ଏବଂ ବିଦ୍ୟାର୍ଥୀ ଉଭୟେ କେବଳ ଶୁକପକ୍ଷୀ ପରି ପାଠ କଣ୍ଠସ୍ଥ କରିବାରେ ବ୍ୟସ୍ତ। ଶ୍ରେଣୀ ଶିକ୍ଷା ଅପେକ୍ଷା ଜେରକ୍ସ କପି ଏବଂ ଗୁଗ୍‌ଲ ସର୍ଚ୍ଚରେ ପାଠପଢ଼ା ଚାଲୁଛି। ଶିକ୍ଷକମାନେ ଆଜି ନୀରବ। ଶ୍ରେଣୀରେ ପିଲାଙ୍କୁ ଆକଟ କରିବାକୁ ଡରୁଛନ୍ତି, କାରଣ ଏହା ଏବେ ଦଣ୍ଡମୁକ୍ତ ଅଞ୍ଚଳ। ପିଲାଟି ଯେତେ ଦୁଷ୍ଟାମି କରୁ, ପାଠ ନ ପଢୁ, ଏ ଶ୍ରେଣୀରୁ ସେ ଶ୍ରେଣୀକୁ ଡେଉଁଥାନ୍ତୁ– ଶିକ୍ଷକମାନେ ବାପଲୋ ଧନଲୋ କହିବେ ସିନା ଶାସନ କରିପାରିବେ ନାହିଁ। ତିରିଶ ବର୍ଷ ତଳେ ବିଦ୍ୟାର୍ଥୀମାନେ ବିଦ୍ୟାଳୟରେ SUPWରେ ବିଭିନ୍ନ ଫଳଫୁଲ ଚାଷ କରୁଥିଲେ। ବାଡ଼ିବଗିଚାର ଯତ୍ନ ନେଉଥିଲେ। ନିଜ ଶ୍ରେଣୀ ଗୃହ ସଫାସୁତୁରା ରଖୁଥିଲେ। ଏସବୁ କାମଦ୍ୱାରା ତାଙ୍କ ମନ ଭିତରେ କୌଣସି କାମ ପ୍ରତି ବୀତସ୍ପୃହ ଭାବ ରହୁ ନ ଥିଲା। ସେମାନଙ୍କୁ ଆନନ୍ଦ ମିଳୁଥିଲା। ମନ ଭିତରେ ଥିବା ଧନୀ–ଗରିବର ଭାବ ଦୂର ହେଉଥିଲା। କର୍ମ ପ୍ରତି ଥିବା ବିମୁଖତା ଦୂର ହୋଇଯାଉଥିଲା। କହିବାକୁ ଗଲେ ଏ ବ୍ୟବସ୍ଥା ପ୍ରାଚୀନ ଭାରତରେ ଆଶ୍ରମ ଜୀବନର ଥିଲା ଏକ ବିମଳ ସ୍ମୃତି। ମାତ୍ର ଏବେ ସେସବୁ ନିଷିଦ୍ଧ କର୍ମ। କୌଣସି ଛାତ୍ରୀଛାତ୍ର ସେ କାମ କରିଦେଲେ ସଙ୍ଗେ ସଙ୍ଗେ ମିଡିଆରେ ପ୍ରକାଶ ହୋଇଯାଉଛି। ଏ ଶିକ୍ଷାର ଉଦ୍ଦେଶ୍ୟ କ'ଣ? କେବଳ ବାବୁ ତିଆରି କରିବା ପାଇଁ ଯୋଜନା ନୁହେଁ ତ?

ବାବୁ ତିଆରି କରି ବ୍ରିଟିଶ୍ ଶାସନକୁ ଦୃଢ଼ କରିବା ପାଇଁ ସ୍ୱପ୍ନ ଦେଖୁଥିବା ମାକ୍‌ଲେଙ୍କ ସଂଖ୍ୟା ଏବେ ଦିନକୁ ଦିନ ବଢ଼ି ଚାଲିଛି। ଭାରତ ବର୍ତ୍ତମାନ ଇଂଲିଶ୍‌ମୟ ହୋଇଯାଇଛି। ଇଂଲିଶ୍‌ରେ ପାଣ୍ଡିତ୍ୟ ଅର୍ଜନ ନ କଲେ ଜଣେ ବିଦ୍ୟାର୍ଥୀ କୌଣସି କାମ ପାଇଁ ଯୋଗ୍ୟ ହୋଇପାରିବ ନାହିଁ। ପାଠ ପଢ଼ି ଦୁଇପଦ ଇଂଲିଶ୍‌ରେ କହି ନ ପାରିଲେ ସେ ପାଠୁଆରେ ଗଣା ହେବନାହିଁ– ଏ ଭାବନା ଏବେ ପ୍ରାୟ ସମସ୍ତଙ୍କୁ କାଳିଶି ପରି କାବୁ କରିଛି। ସମସ୍ତେ ଏଥିପାଇଁ ପାଗଳପ୍ରାୟ। ଛତୁ ଫୁଟିଲାପରି ପବ୍ଲିକ୍ ସ୍କୁଲ। ସବୁଠି ଛାତ୍ରୀଛାତ୍ରଙ୍କର ପ୍ରବଳ ଭିଡ଼। ଅଭିଭାବକଙ୍କର ଇଂଲିଶ୍ ପାଠ ପଢ଼ାଇବାରେ ଯେଉଁ ବ୍ୟାକୁଳତା ଏବଂ ଆତ୍ମତୃପ୍ତିର ମିଶ୍ରିତ ଦୀପ୍ତି ଆଖିରେ ନ ଦେଖିଲେ ବୁଝି ହେବନାହିଁ। ଅଭିଭାବକଙ୍କର ଆଗ୍ରହ ଦେଖି ଓଡ଼ିଶା ସରକାର ମଧ୍ୟ ଇଂଲିଶ୍ ଭାଷାରେ ଛାତ୍ରୀଛାତ୍ରଙ୍କୁ ଦକ୍ଷ କରିବା ପାଇଁ ମଡେଲ ଇଂଲିଶ୍ ସ୍କୁଲ ଖୋଲିବାରେ ଲାଗିପଡ଼ିଛନ୍ତି। ମାତ୍ର ଏହାର ପରିଣତି କ'ଣ ହେଉଛି ତାହା ଦେଖିବାକୁ କାହାର ବେଳ ନାହିଁ। ପ୍ରତ୍ୟେକ ବର୍ଷ ଇଂଲିଶ୍ ଭାଷାରେ ଦକ୍ଷ ହୋଇଥିବା ଏବଂ ସାଧାରଣ ବିଦ୍ୟାଳୟର ବିଦ୍ୟାର୍ଥୀମାନେ ଉତ୍ତୀର୍ଣ୍ଣ ହେବାପରେ କି ପ୍ରତିଷ୍ଠା ଅର୍ଜନ କରିଛନ୍ତି, ସେମାନେ ଭାରତୀୟ ସଂସ୍କୃତି ଏବଂ ପରମ୍ପରାରେ କେତେ ଦକ୍ଷ ହୋଇଛନ୍ତି ଇତ୍ୟାଦି ବିଷୟରେ ତର୍ଜମା କରାଯାଉ ନାହିଁ। ଶିକ୍ଷାନୁଷ୍ଠାନଗୁଡ଼ିକରେ ଆଧ୍ୟାତ୍ମିକ, ସାଂସ୍କୃତିକ କିମ୍ବା ଭାରତୀୟ ଭାବଧାରା ବିଷୟରେ ଦକ୍ଷତା ବୃଦ୍ଧି ପାଇଁ କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ନାହିଁ କି ପାଠ୍ୟକ୍ରମ ନାହିଁ। ସପ୍ତାହରେ ଅନ୍ତତଃ ଗୋଟିଏ ଦୁଇଟି ପିରିୟଡ ରଖାଯାଇ ପାରନ୍ତା, ମାତ୍ର ତାହା ହେଉନାହିଁ। ଏପରି ପରିସ୍ଥିତିରେ ଉଚ୍ଚ ଶିକ୍ଷାଲାଭ ପରେ ବିଦ୍ୟାର୍ଥୀଟିଏ ଡାକ୍ତର, ଇଞ୍ଜିନିୟର, ଅଧିକାରୀ ଯାହା କିଛି ହେଲେ ବି ତା'ଠାରୁ ମାନବୀୟ ଗୁଣ ଆଶା କରିବା ବିଡ଼ମ୍ବନା ମାତ୍ର। ତେଣୁ ଶିକ୍ଷାନୁଷ୍ଠାନଗୁଡ଼ିକ କେବଳ ବାବୁ ତିଆରି କାରଖାନା ନ ହୋଇ ମଣିଷ ତିଆରି କାରଖାନା ହେବା ଉଚିତ। ତା' ନ ହେଲେ ଏ ଦେଶର ଭାଗ୍ୟ ଭବିଷ୍ୟତ କ'ଣ ହେବ ତାହା ଜଳ ଜଳ ହୋଇ ଦିଶୁଛି।

ବାସୁଦେବବାସ୍ୟମ୍, ଜଗନ୍ନାଥ ବିହାର, ବାଇପାସ୍, ଭଦ୍ରକ,ମୋ–୭୯୭୮୯୦୩୫୦୯

# ବାଲ୍ୟ ବିବାହକୁ ରୋକିବ ନୂତନ ଶିକ୍ଷାନୀତି



ଘାସିରାମ ପଣ୍ଡା

୧୯୮୬ ମସିହାରୁ ପ୍ରଚଳିତ ଜାତୀୟ ଶିକ୍ଷାନୀତିକୁ ଦେଶର ଏକ ମାଇଲ ଖୁଣ୍ଟ ଭାବରେ ଗଣାଯାଏ। ଶିକ୍ଷାକୁ ମୌଳିକ ଅଧିକାର ଭାବରେ ଗ୍ରହଣ କରାଯାଇ ୨୦୦୯ ମସିହାରେ ଶିକ୍ଷା ଅଧିକାର ଆଇନ ପ୍ରଣୟନ କରାଗଲା। ଏହା ପରେ ଶିକ୍ଷାନୀତିରେ ପରିବର୍ତ୍ତନର ଆବଶ୍ୟକତା ଥିଲା। ଡେରିରେ ହେଲେବି ବର୍ତ୍ତମାନର ସରକାର ଏକ ନୂତନ ଶିକ୍ଷାନୀତି ଆଣିବା ସ୍ୱାଗତ ଯୋଗ୍ୟ। ଆମ ଦେଶରେ ବିଭିନ୍ନ ଆଇନରେ ଶିଶୁମାନଙ୍କ ବୟସ ଭିନ୍ନ ଭିନ୍ନ ରଖାଯାଇଛି। ସାଧାରଣତଃ ୧୮ ବର୍ଷ ପର୍ଯ୍ୟନ୍ତ ଶିଶୁ ବୋଲି ଧରାଯାଏ। ଶିକ୍ଷା ଅଧିକାର ଆଇନରେ ଏହାକୁ୧୪ ରଖାଯାଇଛି। ପ୍ରସ୍ତାବିତ ନୂତନ ଶିକ୍ଷା ନୀତିରେ ଏହାର ପରିଧିକୁ ୧୮ ପର୍ଯ୍ୟନ୍ତ ବିସ୍ତାର କରାଯାଇ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପରିଯୋଜନା କରାଯାଇଛି। ଦେଶରେ ତଥା ଆମ ରାଜ୍ୟରେ ଅନେକ ଝିଅ ଅଧାରୁ ପାଠ ଛାଡି ବିବାହ କରୁଛନ୍ତି। ଶିକ୍ଷା ଅଧିକାର ଆଇନର ପରିସର ୧୪ ବର୍ଷ ପର୍ଯ୍ୟନ୍ତ ଥିବା କାରଣରୁ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଭଳି ଆବାସିକ ଶିକ୍ଷା ବ୍ୟବସ୍ଥା ଅଷ୍ଟମ ଶ୍ରେଣୀ ପରେ ଶେଷ ହୋଇଯାଉଛି। ଏହା ପରେ ପଢିବା ପାଇଁ ଆର୍ଥିକ ସ୍ୱଚ୍ଛଳତା ନ ଥିବା ଛାତ୍ରୀଙ୍କ ପାଠ ପଢା ସେତିକିରେ ରହିଯାଉଛି। ଏହା ପରେ ବିବାହ ବ୍ୟତୀତ ସେମାନଙ୍କ ପାଇଁ ଆଉ କିଛି ବିକଳ୍ପ ରହୁନାହିଁ। ୧୪ ବର୍ଷ ଭିତରେ ଘଟୁଥିବା ବାଲ୍ୟବିବାହକୁ ରୋକାଯାଇ ପାରିଲେ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ବ୍ୟବସ୍ଥାକୁ ଫେରେଇ ଅଣାଯାଇ ପାରୁଛି। କିନ୍ତୁ ୧୪ ପରେ ଓ ୧୮ ଭିତରେ ବାଲ୍ୟବିବାହକୁ ରୋକାଗଲେ ଶିକ୍ଷା ବାଧ୍ୟତାମୂଳକ ହୋଇ ନ ଥିବାରୁ ବିଦ୍ୟାଳୟକୁ ପଠାଯାଇ ପାରୁନାହିଁ। ସାବାଳିକା ହୋଇ ନ ଥିଲେ ଅନେକ କ୍ଷେତ୍ରରେ ଧନ୍ଦାମୂଳକ ଶିକ୍ଷାରେ ବି ସାମିଲ କରାଯାଇ ପାରୁନାହିଁ। ଏପରି କ୍ଷେତ୍ରରେ ଶିକ୍ଷା ଅଧିକାରର ପରିସର ୧୮କୁ ବୃଦ୍ଧି ପାଇଲେ ବାଲ୍ୟବିବାହକୁ ରୋକିବାରେ ଏହା ନିଶ୍ଚିତ ସହାୟକ ହେବ। କିନ୍ତୁ ଏହାର ସଫଳ ରୂପାୟନ ପାଇଁ ଆମକୁ ପୂର୍ବ ଅଭିଜ୍ଞତାରୁ ଅନେକ କିଛି ଶିଖିବାକୁ ପଡିବ।

ପ୍ରଚଳିତ ଶିକ୍ଷା ଅଧିକାର ଆଇନକୁ ଦଶବର୍ଷ ପୂରିଲାଣି। ଏହା ସତ୍ତ୍ୱେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକ ପାଇଁ ଏଥିରେ ନିର୍ଧାର୍ଯ୍ୟ ମାନ ପୂରଣରେ ଆମେ ସଫଳ ହୋଇ ନାହୁଁ। ଏଣୁ ବୟସର ପରିସରକୁ ଖାଲି ବଢେଇଦେଲେ ଶିକ୍ଷା ମାଧ୍ୟମରେ ଦେଶ ପରିବର୍ତ୍ତନର ସ୍ୱପ୍ନ ଫଳବତୀ ହେବ ନାହିଁ। ଏଥିପାଇଁ ଶିକ୍ଷା ଅଧିକାର ଆଇନର କାର୍ଯ୍ୟାନ୍ୱୟନରେ ହୋଇଥିବା ଉପଲବ୍ଧି ଆଧାରରେ ପ୍ରସ୍ତାବିତ ଶିକ୍ଷାନୀତିରେ ପରିବର୍ତ୍ତନ ଆଣିବାକୁ ପଡିବ। ବିଦ୍ୟାଳୟ ପାଇଁ ଆନୁଷଙ୍ଗିକ ଭିତ୍ତିଭୂମି, ଆବଶ୍ୟକ ସଂଖ୍ୟକ ଶିକ୍ଷକଙ୍କ ଅଭାବ, ଦୂରତା ପ୍ରଭୃତି ଅନେକ କାରଣରୁ ପିଲାମାନେ ବିଦ୍ୟାଳୟ ବାହାରେ ରହୁଛନ୍ତି। ପ୍ରାଥମିକ ଶିକ୍ଷାକୁ ସ୍ୱେଚ୍ଛାସେବୀଙ୍କ ହାତରେ ଛାଡିଦେଲେ ଏହା ଆହୁରି ଦୁର୍ବିଷହ ହୋଇପଡିବ। ଶିକ୍ଷା ପରିଚାଳନା ଏକ କୌଶଳ। ଏଣୁ ଏଥିପାଇଁ ନିର୍ଦ୍ଦିଷ୍ଟ ତାଲିମର ଆବଶ୍ୟକ ହୁଏ। ବିନା ତାଲିମପ୍ରାପ୍ତ କାହାକୁ ଶିକ୍ଷା ପରିଚାଳନାରେ ସାମିଲ କରାଯିବା ଉଚିତ ହେବ ନାହିଁ। ଅନେକ ଶ୍ରେଣୀକୁ ଗୋଟିଏ ଶିକ୍ଷକ ଦ୍ୱାରା ଶିକ୍ଷା ପରିଚାଳନା ବ୍ୟବସ୍ଥା 'ବସ୍ତ୍ର ଅଭାବରେ ସୂତା ଦାନ' ଭଳି। ଏଣୁ ଶିକ୍ଷା ପାଇଁ ବ୍ୟୟକୁ ବୋଝ ମନେ ନ କରି ଶ୍ରେଣୀ ଅନୁସାରେ ଶିକ୍ଷକ ନିଯୁକ୍ତିକୁ ନୂତନ ଶିକ୍ଷାନୀତିରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଏକାଧିକ ବିଦ୍ୟାଳୟକୁ ମିଶାଇ 'ସ୍କୁଲ କମ୍ପ୍ଲେକ୍ସର ପରିକଳ୍ପନା ଏଥିରେ କରାଯାଇଛି। ପିଲାଙ୍କ ସଂଖ୍ୟା ଆଧାରରେ ବିଦ୍ୟାଳୟକୁ ବନ୍ଦ କରାଯାଉଥିବା ବ୍ୟବସ୍ଥାକୁ ଏହା ପରୋକ୍ଷରେ ଅନୁମୋଦନ କରୁଛି। ବିଦ୍ୟାଳୟର ଦୂରତାକୁ ସର୍ବନିମ୍ନ ଏକ କିଲୋମିଟର ଭିତରେ ନ ରଖିଲେ ବୟସର ପରିସର ବଢେଇଲେ ବି ପିଲା ବିଦ୍ୟାଳୟ ବାହାରେ ହିଁ ରହିବେ। ଆଦିବାସୀ ଅଞ୍ଚଳରେ ସ୍ଥାନୀୟ ଭାଷା ଓ ବହିର ଭାଷାରେ ପ୍ରଭେଦ କାରଣରୁ ପିଲାମାନଙ୍କର ଆଗ୍ରହ କମେ ଓ ବିଦ୍ୟାଳୟ ଆସିବା ବନ୍ଦ କରିଦିଅନ୍ତି। ସ୍ଥାନୀୟ ଲୋକଙ୍କୁ କେବଳ ଅସ୍ଥାୟୀ ଭାବେ ସାମିଲ କଲେ ଏ ସ୍ଥିତିରେ ବିଶେଷ ଉନ୍ନତି ହେବ ନାହିଁ। ଶିକ୍ଷକ ନିଯୁକ୍ତିକୁ ଜିଲାଭିତ୍ତିକ କରାଯାଇ ପାରିଲେ ସ୍ଥାନୀୟ ଲୋକଙ୍କ ସକ୍ରିୟ ଭାଗୀଦାରି ସମ୍ଭବ ହୋଇପାରିବ। ପ୍ରାଥମିକ ଶିକ୍ଷାରେ ଘରୋଇ ଅନୁଷ୍ଠାନ ପାଇଁ ଥିବା ନିୟମକୁ କୋହଳ କରାଯିବା ପାଇଁ ନୂତନ ଶିକ୍ଷାନୀତି ପ୍ରସ୍ତାବ ଦେଇଛି। ଏହା ହିଁ ପ୍ରାଥମିକ ଶିକ୍ଷାର ଦୁର୍ଦ୍ଦଶା ଓ ସାମାଜିକ ବିଷମତାର କାରଣ ହେବ। ପ୍ରାଥମିକ ଶିକ୍ଷା ସରକାରଙ୍କ ନିୟନ୍ତ୍ରଣରେ ରହିଲେ ଯାଇ ସମସ୍ତଙ୍କ ପାଇଁ ସମାନ ଶିକ୍ଷା ବ୍ୟବସ୍ଥାର ସ୍ୱପ୍ନ ସାକାର ହେବ। ନୂତନ ଶିକ୍ଷାନୀତିର ପ୍ରଣୟନକୁ ଏଥିପାଇଁ ଏକ ସୁଯୋଗ ବୋଲି ଗ୍ରହଣ କରାଯାଇ ପାରେ।

ସୁବର୍ଣ୍ଣପୁର, ମୋ– ୯୪୩୮୩୪୧୭୯୪,
ghasirampanda@gmail.com

## ଏଇ ଭାରତରେ

ବିହାରରେ ଜଣେ ଚାଷୀଙ୍କ ପୁଅଙ୍କୁ ଉଲ୍ଲେଖନୀୟ ସାମାଜିକ କାର୍ଯ୍ୟ ପାଇଁ ସମ୍ମାନଜନକ ଗ୍ରେନେଲ୍ ପୁରସ୍କାର ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଗୟା ଜିଲାର ହମ୍‌ଜାପୁର ଗାଁର ଶଫିକୁର ରହମନଙ୍କୁ ପୁରସ୍କାର ସ୍ୱରୂପ ୭୦ଲକ୍ଷ ଟଙ୍କା ପ୍ରଦାନ କରାଯିବ। ମହିଳାଙ୍କ ଅଧିକାର ଲାଗି ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ଉକ୍ତ ପୁରସ୍କାର ପାଇବାରେ ସେ ହେଉଛନ୍ତି ପ୍ରଥମ ଭାରତୀୟ। ସେ ୧୫ବର୍ଷ ବୟସରୁ ସାମାଜିକ କାର୍ଯ୍ୟ କରିଆସୁଛନ୍ତି। ବର୍ତ୍ତମାନ ସେ ହରିୟାଣା, ରାଜସ୍ଥାନ, ପଞ୍ଜାବ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର ଆଦି ରାଜ୍ୟରେ ନିଜର ସାମାଜିକ କାର୍ଯ୍ୟ ଜାରି ରଖିଛନ୍ତି। ଦେଶରେ ତାଙ୍କର ୭୦ଟି ଟିମ୍ ସାମାଜିକ କାର୍ଯ୍ୟରେ ଜଡ଼ିତ ରହିଛନ୍ତି। ୨୦୦୪ରେ ସେ ଦିଲ୍ଲୀରେ ଗୋଟି ଶ୍ରମିକ ବିରୋଧୀ ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ। ୨୦୦୬ରେ ସେ 'ଏମ୍ପାୱାର୍ଡ ପିପଲ' ନାମକ ଏକ ସ୍ୱେଚ୍ଛାସେବୀ ସଂସ୍ଥା ଗଠନ କରିଥିଲେ। ସେହିପରି କନ୍ୟାଭ୍ରୂଣ ହତ୍ୟାକୁ ବିରୋଧ କରି ସେ ୩ଶହ କିଲୋମିଟର ପଦଯାତ୍ରା କରିଛନ୍ତି। ଇତିମଧ୍ୟରେ ଶଫିକୁର ୫ହଜାରରୁ ଅଧିକ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରାଇ ସାରିଲେଣି। ଶଫିକୁରଙ୍କ ଏଭଳି ଜନହିତକର କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ପ୍ରେରଣାପ୍ରଦ ନିଶ୍ଚୟ।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ଅଗଷ୍ଟ ୧୯୯୪

- ତାମିଲନାଡୁରେ ଇଞ୍ଜିନିୟରିଂ ଓ ମେଡିକାଲ କଲେଜଗୁଡ଼ିକରେ ୬୯% ସ୍ଥାନ ସଂରକ୍ଷଣ ନୀତିର କାର୍ଯ୍ୟକାରିତା ଉପରେ ସୁପ୍ରିମକୋର୍ଟଙ୍କ ରହିତାଦେଶ।
- ବିଶିଷ୍ଟ ସମାଜତତ୍ତ୍ୱବିତ୍ ଏସ.ସି. ଦୁବେଙ୍କୁ ୧୯୯୩ର ସମ୍ମାନଜନକ ମୂର୍ତ୍ତିଦେବୀ ପୁରସ୍କାର ପ୍ରଦାନ କରାଯିବା ପାଇଁ ମନୋନୀତ କରାଯାଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ହ୍ୱାଟ୍ସଆପ୍ ବେମାରି

ମହାଶୟ,

ତଥ୍ୟ ପ୍ରେରଣର ଅନ୍ୟତମ ସାଧନ ହ୍ୱାଟ୍ସଆପ୍ ଆଜି ଏକ ବେମାରିରେ ପରିଣତ ହୋଇଛି। ଲୋକମାନେ ବିଶେଷକରି ଯୁବତୀଯୁବକମାନେ ହ୍ୱାଟ୍ସଆପ୍‌ରେ ନିମଗ୍ନ ରହି ନିଜର ବହୁମୂଲ୍ୟ ସମୟ ଅପଚୟ କରୁଛନ୍ତି। ବିଦ୍ୟାର୍ଥୀମାନଙ୍କ ଜୀବନରେ ତ ହ୍ୱାଟ୍ସଆପ୍‌ର କୁପରିଣାମ ନ କହିବା ଭଲ। ପାଠପଢ଼ାରେ ହେଳାକରି, ହ୍ୱାଟ୍ସଆପ୍‌ରେ ମଜ୍ଜିଯାଇ ସେମାନେ ସେମାନଙ୍କର, ସମାଜର ଓ ରାଷ୍ଟ୍ରର ଭବିଷ୍ୟତ ଅନ୍ଧକାର କରୁନାହାନ୍ତି କି? ହ୍ୱାଟ୍ସଆପ୍‌ର କେବଳ ସକାରାତ୍ମକ ଓ ସୀମିତ ପ୍ରୟୋଗ କରାଯିବା ଉଚିତ। ମା'ବାପା ଓ ଶିକ୍ଷକମାନେ ସଜାଗ ହୁଅନ୍ତୁ।

ସୁଧାଂଶୁ ଶେଖର ମିଶ୍ର, ବ୍ଲକ କଲୋନୀ, ଆଠଗଡ଼, କଟକ

### ସ୍କୁଲରେ ତାଲା

ସ୍କୁଲରେ ଛାତ୍ରୀଛାତ୍ର ସଂଖ୍ୟା କମିଯାଉଥିବାରୁ ୨୦୧୬ରେ ସରକାର ୯୬୬ଟି ପ୍ରାଇମେରୀ ଏବଂ ଅପର ପ୍ରାଇମେରୀ ସ୍କୁଲରେ ତାଲା ପକାଇଥିଲେ। ଏବେ ପୁଣି ୨୨୮ଟି ସ୍କୁଲରେ ତାଲା ପଡ଼ିଲା। ୧୯୬୦ରେ ଭାରତ ସରକାର ଦେଶର ସମସ୍ତଙ୍କୁ ସାକ୍ଷର କରିବାକୁ ନାମଲେଖା ଅଭିଯାନ ଆରମ୍ଭ କରିଥିଲେ। ଆଜିକା ଦିନରେ ଆଉ ସେ ନାମଲେଖା ଅଭିଯାନ ନାହିଁ। ଘରୋଇ ସ୍କୁଲ ଏବଂ ଇଂଲିଶ୍ ମାଧ୍ୟମ ସ୍କୁଲ ସେସବୁ କରୁଛନ୍ତି ଏବଂ ସେମାନଙ୍କ ସ୍କୁଲ ଲାଗି ପିଲା ସଂଗ୍ରହ କରୁଛନ୍ତି। ଏବେ ଆମ ଓଡ଼ିଶା ସରକାରଙ୍କ ଗଣଶିକ୍ଷା ବିଭାଗ ଅଧୀନରେ ୩୩,୩୯୮ଟି ପ୍ରାଥମିକ ଏବଂ ୧୭,୯୯୬ଟି ଉଚ୍ଚ ପ୍ରାଥମିକ ସ୍କୁଲ ରହିଛି। କିନ୍ତୁ ଦୁଃଖର କଥା ଥରେ ସ୍କୁଲ ଘର ତିଆରି ହୋଇଯିବା ପରେ ତାହାର ରକ୍ଷଣାବେକ୍ଷଣ କଥା ସରକାର ଭୁଲି ଯାଉଛନ୍ତି। ସ୍କୁଲରେ ପାଚେରି, ଖେଳପଡିଆ ଏବଂ ଆସବାବପତ୍ର ନାହିଁ। କେଉଁ ସ୍କୁଲରେ ଶୌଚାଳୟ ଅଛି ତ ଆଉ କେଉଁଠି ନାହିଁ। ସ୍କୁଲ ଘର ଏବଂ ପରିବେଶର ରକ୍ଷଣାବେକ୍ଷଣ ଠିକ୍ ଭାବରେ ହେଉ ନ ଥିବାରୁ ଘରର କବାଟ, ଝରକା, ଆଲମିରା ଏବଂ ବହିପତ୍ରକୁ ଉଇ ଖାଇଯାଉଛନ୍ତି। ଘର ବାହାରେ ଏବଂ ଭିତରେ ସାପ, ବେଙ୍ଗ ଲୁଚକାଳି ଖେଳୁଛନ୍ତି। ଘରର ଛାତ ଉପରେ ବରଗଛ ଠିଆହୋଇଯାଉଛି। କୋଠରିର ଅଭାବ ଯୋଗୁ ଗୋଟିଏ ଗୋଟିଏ କଠୋରିରେ ଦୁଇ ତିନିଟା କ୍ଲାସ ହେଉଛି। ଶିକ୍ଷକ ଅଭାବରୁ ଜଣେ ଜଣେ ଶିକ୍ଷକ ୨/୩ଟା କ୍ଲାସକୁ ସମ୍ଭାଳୁଛନ୍ତି। ଏଥିରେ କି ପାଠପଢ଼ା ହେବ? ଏହି ପ୍ରାଥମିକ ସ୍କୁଲଗୁଡ଼ିକ ପାଇଁ ୨ ଲକ୍ଷ ୨୪ ହଜାର ୩୩୦ ଜଣ ଶିକ୍ଷକଙ୍କର ଆବଶ୍ୟକତା ଥିଲା ବେଳେ ୧ ଲକ୍ଷ ୨୪ ହଜାର ୩୩୦ ଜଣ ଶିକ୍ଷକରେ କାମ ଚଳାଯାଉଛି। ୭୦ ହଜାର ଶିକ୍ଷାକର୍ମୀ ନିୟୋଜିତ ହୋଇଥିଲେ ମଧ୍ୟ ଠିକ୍ ଭାବରେ ଦରମା ପାଉନାହାନ୍ତି। ତେଣୁ ମେଧାବୀ ଛାତ୍ରୀଛାତ୍ର ଶିକ୍ଷକତା ପ୍ରତି ମନ ବଳାଉନାହାନ୍ତି। ସମୟ ଆସିବ, ଯେତେବେଳେ ସରକାରୀ ସ୍କୁଲଗୁଡିକ ପୂରା ବନ୍ଦ ହୋଇଯିବ। ଗରିବ ପିଲା ପାଠପଢ଼ାରୁ ବଞ୍ଚିତ ହେବେ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଅଗଷ୍ଟ ୧୬ରେ ଭୁବନେଶ୍ୱରରେ ଆନ୍ଦୋଳନ

**ଢେଙ୍କାନାଳ ଅଫିସ, ୯।୮:** ଢେଙ୍କାନାଳ ଜିଲା ୬୬୨ବର୍ଗ ଅଧାପକ କର୍ମଚାରୀ ସଂଘର ଏକ ବୈଠକ ଶୁକ୍ରବାର ଅପରାହ୍ନରେ ବଳରାମ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସଭାପତି ଗୋଲକ ନାୟକଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଅଧାପକ, କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅଗଷ୍ଟ ୧୬ରେ ଶିକ୍ଷକଙ୍କ ଦାବିକୁ ସମର୍ଥନ ଜଣାଇ ଭୁବନେଶ୍ୱରରେ ଆନ୍ଦୋଳନ କରାଯିବ। ଏଥିରେ ବହୁସଂଖ୍ୟାରେ ଯୋଗଦେବାକୁ ନିଷ୍ପତ୍ତି ହୋଇଛି। ସମ୍ପାଦକ ପ୍ରଭାତ ସାମଲ, କର୍ମକର୍ତ୍ତା ଡ. କବିତା ମହାନ୍ତି, ଅଧାପକ ବିଜୟ ପଟ୍ଟନାୟକ, ପ୍ରଭାତୀ ସାମଲ, ପ୍ରଦୀପ ମିଶ୍ର, ସମୀର ସାହୁ, ବିକାଶ ଦାସ, ସୁରେନ୍ଦ୍ର ପୋଥାଳ, ବନଜ ରାୟ, ଶିଶିର ରାଉତ, ପଞ୍ଚାନନ ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

### ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ



**ଭାପୁର, ୯।୮(ଡି.ଏନ୍.ଏ.):** ଢେଙ୍କାନାଳ ସଦର ଥାନା ଭାପୁର ଫାଣ୍ଡି ଅଧୀନ ଶଙ୍କରପୁର ଛକରେ ଶୁକ୍ରବାର ଅପରାହ୍ନ ୧ଟାରେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକ ପ୍ରାଣ ହରାଇଛନ୍ତି। ମୃତକ ହେଲେ ପର୍ବତିଆ ଗ୍ରାମର ପ୍ରତାପ ରାଉତ (୩୮)। ବ୍ଲକ ପ୍ରଶାସନ ପକ୍ଷରୁ ନିର୍ମାଣାଧୀନ ମାର୍କେଟ୍ ବିଲ୍ଡିଂ କାର୍ଯ୍ୟ ଚାଲିଥିବାବେଳେ ଏହି ଦୁର୍ଘଟଣା ଘଟିଛି। ମୃତଦେହ ଆଠଗଡ଼ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ମରଶରୀର ଗ୍ରାମରେ ପହଞ୍ଚିବା ପରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ମୃତଦେହ ରଖି ଅପରାହ୍ନ ୫ଟାରୁ ରାତି ୮ଟା ଯାଏ ରାସ୍ତାରୋକୋ କରିଥିଲେ। ଫଳରେ ପୁରୁଣା କଟକ-ସମ୍ବଲପୁର ରାସ୍ତାରେ ଶତାଧିକ ଯାନବାହନ ଅଟକି ରହିଥିଲା। ସଦର ଥାନା ଆଇଆଇସି ସନ୍ଧ୍ୟାରାଣୀ ବେହୁରିଆ, ଭାପୁର ଓଆଇସି ପ୍ରଶାନ୍ତ ପଡ଼ିଆରୀ, ଅତିରିକ୍ତ ତହସିଲଦାର ଲକ୍ଷ୍ମଣ ଦଳେଇ ପହଞ୍ଚି ରେଡ୍‌କ୍ରସ୍ ପାଣ୍ଠିରୁ ମୃତକଙ୍କ ପରିବାରକୁ ୧୦ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ଏଥିସହ ଅନ୍ୟାନ୍ୟ ସରକାରୀ ସୁବିଧା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।

### ସେମିରେ ସଦର ବ୍ଲକ

**ଢେଙ୍କାନାଳ ଅଫିସ, ୯।୮:** ଢେଙ୍କାନାଳ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମ୍‌ରେ ଚାଲିଥିବା ଜିଲା ବିଦ୍ୟାଳୟସ୍ତରୀୟ ଫୁଟବଲ ପ୍ରତିଯୋଗିତାର ଅନ୍ତିମ କ୍ୱାର୍ଟର ଫାଇନାଲ ମ୍ୟାଚରେ ଓଡ଼ାପଡ଼ାକୁ ୫-୦ ଗୋଲ୍‌ରେ ହରାଇ ସଦର ବ୍ଲକ ସେମିଫାଇନାଲରେ ପ୍ରବେଶ କରିଛି। ରେଫରି ଭାବେ ମହାବୀର ନାଥ, ସୁଶୀଲ କୁମାର ପଣ୍ଡା, ଅମୂଲ୍ୟ ସାମଲ, ପ୍ରତାପ ମହାନ୍ତି ମ୍ୟାଚ୍ ପରିଚାଳନା କରିଥିଲେ। ମାୟାଧର ସାହୁ ମ୍ୟାଚ କମିଶନର ରହିଥିଲେ। କୈଳାସ ଚନ୍ଦ୍ର ରଥ, ଦେବେନ୍ଦ୍ରନାଥ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରାଇଥିଲେ। ଉପସଭାପତି ସଞ୍ଜୟ କୁମାର ଭଞ୍ଜ, କ୍ରୀଡ଼ାବିତ୍ ଅଭିଜିତ୍ ମିଶ୍ର ଏଥିରେ ସହଯୋଗ କରିଥିଲେ। ଶନିବାର ପ୍ରଥମ ସେମିଫାଇନାଲ ମ୍ୟାଚରେ କଙ୍କଡ଼ାହାଡ଼ ବ୍ଲକ ମଣ୍ଟଫୋର୍ଟ ସ୍କୁଲକୁ ଭେଟିବ ବୋଲି କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ ସୂଚନା ଦେଇଛନ୍ତି।

### ସାରସକଣାରେ ସିପିଆଇର ପ୍ରତିବାଦ ସଭା

**ସାରସକଣା, ୯।୮(ଡି.ଏନ୍.ଏ.)-** ଜମ୍ମୁ-କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ପ୍ରତିବାଦରେ ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ସମ୍ମୁଖରେ ସିପିଆଇ ପକ୍ଷରୁ ଶୁକ୍ରବାର ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସାରସକଣା-ଝାଡପୋଖରିଆ ଅଞ୍ଚଳ କମିଟି ପକ୍ଷରୁ ଆୟୋଜିତ ଏହି ପ୍ରତିବାଦ ସଭାରେ ସାଥୀ ବଳରାମ ମହାନ୍ତ ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିପିଆଇ ଜିଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ର, ଝାଡପୋଖରିଆ- ସାରସକଣା ଜୋନ ସମ୍ପାଦକ ପରମେଶ୍ୱର ମହାନ୍ତ, ହୃଷିକେଶ ସାହୁ, ରଥ ସିଂ, ଶିବୁ ହେମ୍ବ୍ରମ, ଉତ୍ତରା ବେହେରା, ପଦ୍ମାବତୀ ମହାନ୍ତ, ବିମଳା ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଗଣେଶ ପୂଜା ପାଇଁ ପ୍ରସ୍ତୁତି

# ୩୮ ମଣ୍ଡପରେ ପୂଜାର୍ଚ୍ଚନା



ବୈଠକରେ ଜିଲାପାଳ, ପୂଜା କମିଟି କର୍ମକର୍ତ୍ତାଙ୍କ ସମେତ ଅନ୍ୟମାନେ।

- ସେପ୍ଟେମ୍ବର ୯ରେ ଭସାଣି
- ଡିଜେ, ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା
- ମଦ ନିଷେଧ ପାଇଁ ଶପଥ

**ଢେଙ୍କାନାଳ ଅଫିସ, ୯।୮**

ଢେଙ୍କାନାଳ ସହରରେ ସେପ୍ଟେମ୍ବର ୨ରୁ ଆରମ୍ଭ ହେଉଛି ବିଘ୍ନରାଜ ଗଜାନନଙ୍କ ପୂଜା। ସପ୍ତାହବ୍ୟାପୀ ଏହି କାର୍ଯ୍ୟକ୍ରମକୁ ଶୃଙ୍ଖଳିତ କରିବାକୁ ଶୁକ୍ରବାର ଅପରାହ୍ନରେ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଏଥିରେ ଅଧକ୍ଷତା କରି ସମସ୍ତ ପୂଜା କମିଟି କର୍ମକର୍ତ୍ତାଙ୍କ ସହଯୋଗ ଲୋଡ଼ିଥିଲେ। ଚଳିତବର୍ଷ ୩୮ ମଣ୍ଡପରେ ବିଘ୍ନ ବିନାଶକଙ୍କ ପୂଜା ଅନୁଷ୍ଠିତ ହେବ। ସେପ୍ଟେମ୍ବର ୯ରେ ଭସାଣି ଉତ୍ସବ ରହିଛି। ମିଳିତ ଭସାଣି ଶୋଭାଯାତ୍ରାରେ ୩୩ ମେଢ଼ ସାମିଲ ହେବେ ବୋଲି ସୂଚନା ଦିଆଯାଇଛି।

ପୂଜା ଉତ୍ସବକୁ ଶବ୍ଦ ପ୍ରଦୂଷଣ ମୁକ୍ତ କରିବାକୁ ଡିଜେ ସାଉଣ୍ଡ ଉପରେ କଟକଣା ଜାରି କରାଯାଇଛି। ସେହିପରି ପରିବେଶ ପ୍ରଦୂଷଣ ରୋକିବାକୁ ପ୍ଲାଷ୍ଟିକ୍, ଥର୍ମୋକୁଲ, ପଲିଥିନ ବ୍ୟବହାର ବର୍ଜନ କରିବାକୁ ନିଷ୍ପତ୍ତି ହୋଇଛି। ପୂଜା ପ୍ରତିଯୋଗିତାମୂଳକ ହେଉଥିବାରୁ ମଣ୍ଡପ, ସାଜସଜ୍ଜା, ଶାନ୍ତିଶୃଙ୍ଖଳାକୁ ନଜରରେ ରଖି ମୂଲ୍ୟାୟନ କରାଯିବ। ଏଥି ଲାଗି ବିଚାରକ କମିଟି ଗଠନ କରାଯିବ। ଲକ୍ଷ୍ମୀପୂଜାରେ ଆୟୋଜିତ ପଲ୍ଲିଶ୍ରୀ ମେଳାରେ ଶ୍ରେଷ୍ଠ ପୂଜା କମିଟି ପୁରସ୍କୃତ ହେବେ। ପୂଜାରେ ମଦକୁ ସମ୍ପୂର୍ଣ୍ଣ ବର୍ଜନ କରାଯାଇଛି। ଭସାଣି ଉତ୍ସବର ୨୪ଘଣ୍ଟା ପୂର୍ବରୁ ସମସ୍ତ ମଦ ଦୋକାନ ବନ୍ଦ ରହିବ। ଏ ନେଇ କମିଟି କର୍ମକର୍ତ୍ତାମାନେ ସ୍ୱତଃସ୍ଫୂର୍ତ୍ତ ଭାବେ ଶପଥ ନେଇଛନ୍ତି, ଯାହାକୁ ସ୍ୱାଗତ କରିଛନ୍ତି ଜିଲାପାଳ।

ଭସାଣି ଦିନ ପୂର୍ବାହ୍ନ ୮ଟା ସୁଦ୍ଧା ସମସ୍ତ ମେଢ଼ ଅସ୍ଥାନ ଛାଡ଼ି ମିନି ଷ୍ଟାଡିୟମରେ ପହଞ୍ଚିବେ। ସେଠାରେ କ୍ରମିକ ନମ୍ବର ପାଇଁ ଲଟେରି ହେବ। ତଦନୁଯାୟୀ ମେଢଗୁଡ଼ିକ ମିଳିତ ଶୋଭାଯାତ୍ରାରେ ବାହାରିବେ। ଅପରାହ୍ନ ୫ଟା ସୁଦ୍ଧା ପ୍ରଥମ ୭ଟି ମେଢ ବିସର୍ଜିତ ହେବେ। ରାତି ୭ଟା ସୁଦ୍ଧା ଭସାଣି ସମ୍ପନ୍ନ ହେବ ବୋଲି ସ୍ଥିର କରାଯାଇଛି। ମୂର୍ତ୍ତି ବିସର୍ଜନ ପାଇଁ ଜଳାଶୟରେ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ପୌରସଂସ୍ଥା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପର୍ଯ୍ୟାପ୍ତ ପାନୀୟ ଜଳ ଯୋଗାଣ କରିବାକୁ ଜନସ୍ୱାସ୍ଥ୍ୟ ବିଭାଗକୁ କୁହାଯାଇଛି। ଯେକୌଣସି ଦୁର୍ଘଟଣାକୁ ଏଡ଼ାଇବାକୁ ଡାକ୍ତରୀ ଦଳ, ଆମ୍ବୁଲାନ୍ସ ସଜାଗ ରହିବେ ବୋଲି ସୂଚନା ଦିଆଯାଇଛି।

ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ପିଡି ଡିଆରଡିଏ ନରୋତ୍ତମ ବେହେରା, ଅତିରିକ୍ତ ଏସ୍‌ପି ହରେକୃଷ୍ଣ ପ୍ରଧାନ, ମିଳିତବଜାର ଗଣେଶ ପୂଜା କମିଟିର ସଭାପତି ସୁଧାଂଶୁ କୁମାର ଦଳେଇ, ସମ୍ପାଦକ ବିଶ୍ୱନାଥ ବେହେରାଙ୍କ ସମେତ ବିଭିନ୍ନ ବିଭାଗ ଅଧିକାରୀ ଉପସ୍ଥିତ ରହି ସୁଚିନ୍ତିତ ମତ ଦେଇଥିଲେ।

## ଶାଶୁଙ୍କୁ ବୋହୂ ମାଡ଼ ମାରିବା ଘଟଣା

# ଥାନାରେ ସମାଧାନ ହେଲା ମାମଲା

- ଦୋଷ ସ୍ୱୀକାର କଲେ ଅଭିଯୁକ୍ତା ମହିଳା
- ଏକାଠି ଚଳିବାକୁ ଲିଖିତ ପ୍ରତିଶ୍ରୁତି ଦେଲେ ପୁଅ

**ପରଜଙ୍ଗ, ୯।୮(ଡି.ଏନ୍.ଏ.)**

ଢେଙ୍କାନାଳ ପରଜଙ୍ଗ ଥାନା ଗେହ୍ଲେଇକାଟେଣୀ ଗ୍ରାମର ବୃଦ୍ଧା ପାରେଇ ନାୟକଙ୍କୁ ବୋହୂ ସବିତା ଗାଁ ଦାଣ୍ଡରେ ମାଡ଼ ମାରୁଥିବା ଭିଡ଼ିଓ ଭାଇରାଲ ହୋଇଥିଲା। ଶୁକ୍ରବାର ଥାନାରେ ଆପୋସ ବୁଝାମଣା ମାଧ୍ୟମରେ ମାମଲାର ସମାଧାନ ହୋଇଛି। ଏଣିକି ଶାଶୁ-ବୋହୂ ଏକାଠି ଚଳିବେ ବୋଲି ପ୍ରତିଶ୍ରୁତି ଦେବାପରେ ବିବାଦରେ ଯବନିକା ପଡ଼ିଛି।

ବୃଦ୍ଧାଙ୍କୁ ନିର୍ଯାତନା ଦିଆଯାଉଥିବାର ଭିଡିଓ ଭାଇରାଲ ହେବା ସତ୍ତ୍ୱେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ନାମକୁ ମାତ୍ର ଚିକିତ୍ସା କରାଇ ଦାୟିତ୍ୱ ସାରିଦେଇଥିଲା। ଗଣମାଧ୍ୟମରେ ଘଟଣା ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ସମାଲୋଚନାର ଶିକାର ହୋଇଥିଲା ପୋଲିସ। ଦାୟିତ୍ୱହୀନତାର ଦାଗ ଧୋଇବାକୁ ଶୁକ୍ରବାର ପୋଲିସ କର୍ମଚାରୀ ଶାଶୁ ଏବଂ ବୋହୂଙ୍କୁ ଘରୁ ଉଠାଇ ଆଣିଥିଲେ। ପାରେଇଙ୍କ ଅଭିଯୋଗକ୍ରମେ ନଂ. ୨୧୩/୧୯ ମାମଲା ରୁଜୁ କରାଯାଇଥିଲା।

ତଦନ୍ତରୁ ଜଣାପଡ଼ିଛି, ପାରେଇ ପଡ଼ୋଶୀଙ୍କ ଘରୁ ତରକାରି ମାଗି ଆଣିଥିଲେ। ଏହାକୁ ନେଇ ସବିତା ଶାଶୁଙ୍କୁ ତାଗିଦ୍ କରିଥିଲେ। ଏ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସବିତା ଶାଶୁଙ୍କୁ ପିଟିଥିବା ସ୍ୱୀକାର କରିଛନ୍ତି। ଏପରି ଘଟଣାର ପୁନରାବୃତ୍ତି ଆଗକୁ କେବେ ହେବନାହିଁ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ପାରେଇ ମଧ୍ୟ ଅନ୍ୟ କାହା ଘରୁ କୌଣସି ଖାଦ୍ୟ ପଦାର୍ଥ ମାଗି ଆଣିବେନି ବୋଲି କହିଛନ୍ତି। ହେଲେ ବୋହୂ ଯେପରି ନିର୍ଯାତନା ନ ଦିଏ, ତାହା ସୁନିଶ୍ଚିତ କରିବାକୁ ସେ ପୋଲିସ ନିକଟରେ ଗୁହାରି କରିଥିଲେ। ଏଣିକି ପରିବାରରେ କୌଣସି ବିଶୃଙ୍ଖଳା ହେବନାହିଁ ବୋଲି ପୁଅ ଲଛମନ ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ ୪୧ ସିଆର୍‌ପିସିରେ ସବିତାଙ୍କୁ ଜାମିନରେ ଛାଡ଼ି ଦିଆଯାଇଥିବା ଥାନାଧିକାରୀ ଆନନ୍ଦ ଡୁଙ୍ଗ୍‌ଡୁଙ୍ଗ୍ ସୂଚନା ଦେଇଛନ୍ତି।



ଥାନାରେ ବୃଦ୍ଧା ପାରେଇ ନାୟକ (ମଝି)ଙ୍କ ସମେତ ବୋହୂପୁଅ।

## ବିଜ୍ଞାନ ଅଭିମୁଖୀ ପଦଯାତ୍ରା

# କୁସଂସ୍କାର ହଟାଇବାକୁ ଛାତ୍ରୀଛାତ୍ର ଏକାଠି




ବୈଠକରେ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୯।୮**

ବିଜ୍ଞାନର ଅଗ୍ରଗତି ସତ୍ତ୍ୱେ ସମାଜରୁ କୁସଂସ୍କାର ଦୂର ହୋଇପାରୁନାହିଁ। ପ୍ରଚଳିତ ବିଧିବ୍ୟବସ୍ଥାରେ ଅନ୍ଧବିଶ୍ୱାସ ବସା ବାନ୍ଧିଛି। ଏହାକୁ ଦୂର କରିବା ଏବଂ ବୈଜ୍ଞାନିକ ଚିନ୍ତାଧାରାର ବିକାଶ କରିବା ଉଦ୍ଦେଶ୍ୟରେ ଶୁକ୍ରବାର ଢେଙ୍କାନାଳରେ ଆୟୋଜିତ ହୋଇଥିଲା ବିଜ୍ଞାନ ଅଭିମୁଖୀ ଜନଯାତ୍ରା। ଛାତ୍ରୀଛାତ୍ରମାନେ ବିଶିଷ୍ଟ ବୈଜ୍ଞାନିକ ସି.ଭି. ରମଣ, ମେଘନାଦ ଶାହ, ମାଡାମ କ୍ୟୁରୀ, ଷ୍ଟିଫେନ୍ ହକିନ୍ସଙ୍କ ପୋଷ୍ଟର ଧରି ସଚେତନତା ସୃଷ୍ଟି କରିଥିଲେ। ସ୍ଥାନୀୟ ଷ୍ଟାଡିୟମରୁ ବାହାରିଥିବା ଏହି ରାଲି ରଥଗଡ଼ା ଛକ ପର୍ଯ୍ୟନ୍ତ ଯାଇଥିଲା। ଶିକ୍ଷାର ପ୍ରଗତି ପାଇଁ କେନ୍ଦ୍ର ସରକାର ୧୦% ଏବଂ ରାଜ୍ୟ ସରକାର ୩୦% ବଜେଟରେ ବ୍ୟୟ ବରାଦ କରିବା, ବୈଜ୍ଞାନିକ ଗବେଷଣା ପାଇଁ ଜିଡିପିର ୩% ଖର୍ଚ୍ଚ କରିବାକୁ ଦାବି କରାଯାଇଥିଲା। ଅବସରପ୍ରାପ୍ତ ପ୍ରଫେସର ଡ. ପୂର୍ଣ୍ଣଚନ୍ଦ୍ର ରଥ ଉଦ୍‌ବୋଧନ ଦେଇଥିଲେ।

ଏହି ଅବସରରେ ପୂର୍ବାହ୍ନ ସାଢ଼େ ୧୧ଟାରେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ର ପରିସରରେ ସେମିନାର ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଅଧକ୍ଷ ସଚ୍ଚିଦାନନ୍ଦ ମିଶ୍ର ସଭାପତିତ୍ୱ କରିଥିଲେ। ବିବି ହାଇସ୍କୁଲର ଶିକ୍ଷକ ଡ. ଦେବୀ ପ୍ରସାଦ ମିଶ୍ର, ବିଜ୍ଞାନ ଚେତନା ମଞ୍ଚର ଉପଦେଷ୍ଟା ଡ. ବିଶ୍ୱାବସୁ ଦାସ ଯୋଗଦେଇ କହିଲେ, ବିଜ୍ଞାନ ହେଉଛି ପରୀକ୍ଷିତ ସତ୍ୟର ସମଷ୍ଟି। ଏହାକୁ ଆଧାର କରି ବିଶାଳ ଜ୍ଞାନଜଗତ ସୃଷ୍ଟି ହୋଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବୈଜ୍ଞାନିକ ଚିନ୍ତାଚେତନାର ବିକାଶ ହେଲେ ସୂଚନା ଏବଂ ପ୍ରଯୁକ୍ତି ବିଦ୍ୟା ଉନ୍ନତିର ଶିଖର ଛୁଇଁବ। ଏଥିପାଇଁ ପିଲାମାନେ ତର୍କ କରିବା, ପ୍ରଶ୍ନ ମାଧ୍ୟମରେ ଆଲୋଚନାରେ ଭାଗ ନେବା, ସମସ୍ତ ବିଷୟକୁ ବିଶ୍ଳେଷଣ କରିବାକୁ ଉଭୟେ ଆହ୍ୱାନ ଦେଇଥିଲେ।

ଅପରାହ୍ନରେ ଅନ୍ୟ ଏକ ସେମିନାର ଇ-ଟେକ୍ ଆବାସିକ ମହାବିଦ୍ୟାଳୟରେ ଆୟୋଜିତ ହୋଇଥିଲା। ଅଧକ୍ଷ ଡ. ସୁରେଶ ମିଶ୍ର ସଭାପତିତ୍ୱ କରିଥିବାବେଳେ ବିନୋଦ ସେଠୀ ଧନ୍ୟବାଦ ପ୍ରଦାନ କରିଥିଲେ।

## ଔଷଧ ଖାଇ ୧୮ ଛାତ୍ରୀଛାତ୍ର ଅସୁସ୍ଥ

**କାମାକ୍ଷାନଗର, ୯।୮(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା ବାରୁଆ (କା) ପଞ୍ଚାୟତ ଅଧୀନ ଆଞ୍ଚଳିକ ହାଇସ୍କୁଲରେ ଶୁକ୍ରବାର କୃମିନାଶକ ଔଷଧ ଖାଇ ୧୮ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କୁ ଅଁଳାବେରେଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସମସ୍ତେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

ସରକାରୀ ନିର୍ଦ୍ଦେଶ ପରେ ସାରା ଜିଲାରେ ସାମୂହିକ ଫାଇଲେରିଆ ଏବଂ କୃମିନାଶକ ଔଷଧ ସେବନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହିକ୍ରମରେ ସ୍କୁଲରେ ମଧ୍ୟାହ୍ନ ଭୋଜନ ପରେ ପିଲାଙ୍କୁ ଔଷଧ ଦିଆଯାଇଥିଲା। ବଟିକା ଖାଇସାରିବା ପରେ ପାର୍ଶ୍ୱପ୍ରତିକ୍ରିୟା ଆରମ୍ଭ ହୋଇଥିଲା। ହଠାତ୍ ଛାତ୍ରୀଛାତ୍ରଙ୍କ ମୁଣ୍ଡ ଘୂରାଇବା ସହ ବାନ୍ତି ହୋଇଥିଲା। ଏଥିରେ ଦଶମ ଶ୍ରେଣୀ ଛାତ୍ର ଜ୍ଞାନରଞ୍ଜନ ପ୍ରଧାନ, ସୌମ୍ୟରଞ୍ଜନ ପ୍ରଧାନ, ନଗେନ୍ଦ୍ର ବେହେରା, ଗୁରୁପ୍ରସାଦ ମାହୁନ୍ତ, ଦେବ ଖଟୁଆ, ଶିଳା ପାତ୍ର, ରାଜେନ୍ଦ୍ର ସାହୁ, ସୁରିଆ ପଧାନ, ନବମ ଶ୍ରେଣୀର ମାମାଲି ଭୋଇ, କାର୍ତ୍ତିକ ବେହେରା, ଅଷ୍ଟମ ଶ୍ରେଣୀର ପାର୍ଥସାରଥି ପରିଡ଼ା, ବିନାୟକ ସେଠୀ, ଅଶେଷ ପାତ୍ର, କାର୍ତ୍ତିକ ନାୟକ, ସୁମନ ଭୋଇ, ଅନିଲ ବେହେରା, ସୋମନାଥ ଦେହୁରୀ, ମହେଶ୍ୱର ନାୟକ ପ୍ରମୁଖ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କୁ ତୁରନ୍ତ ୧୦୮ ଆମ୍ବୁଲାନ୍ସରେ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସୁସ୍ଥ ଅନୁଭବ କରିବା ପରେ ସମସ୍ତଙ୍କୁ ଘରକୁ ପଠାଇ ଦିଆଯାଇଥିବା ଡା. ପ୍ରମିଳ ଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

ସହକାରୀ ଜନସ୍ୱାସ୍ଥ୍ୟ ଅଧିକାରୀ ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ସରପଞ୍ଚ ମମତା ମାହୁନ୍ତ, ସମିତିସଭ୍ୟ ଦୀପକ ମାହୁନ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

**ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରରେ ପ୍ରକଳ୍ପ କର୍ମଚାରୀ ନିଯୁକ୍ତି ନିମନ୍ତେ ବିଜ୍ଞାପନ**

ଭାରତ ସରକାରଙ୍କର ପ୍ରାଥମିକ ଉଦ୍ୟମରେ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର (ଶା.ଓ.ଉ.ଅ.କେ.) ନିମନ୍ତେ ନିମ୍ନସୂଚିତ ପଦବୀ ଆବଶ୍ୟକ।

| କ୍ର. ସଂ. | ପଦବୀର ନାମ | ପଦବୀ ସଂଖ୍ୟା | ମାସିକ ସମ୍ମିଳିତ ବେତନ |
|---|---|---|---|
| | ପ୍ରଶାସନିକ ପଦବୀ | | |
| ୧ | ପ୍ରକଳ୍ପ ନିର୍ଦ୍ଦେଶକ | ୦୧ | ୭୦,୦୦୦ |
| ୨ | କାର୍ଯ୍ୟାଳୟ ଅଧକ୍ଷ | ୦୧ | ୩୦,୦୦୦ |
| ୩ | କନିଷ୍ଠ ହିସାବ ଅଧିକାରୀ | ୦୧ | ୩୦,୦୦୦ |
| ୪ | କ୍ଲର୍କ (ଉଚ୍ଚ ବର୍ଗ) | ୦୧ | ୨୪,୦୦୦ |
| ୫ | ବହୁମୁଖୀ କାର୍ଯ୍ୟ ସହାୟକ (ଏମ୍.ଟି.ଏସ୍.) | ୦୧ | ୧୨,୦୦୦ |
| | ବିଦ୍ୟା-ଆଧାରିତ (ଏକାଡେମିକ୍) ପଦବୀ | | |
| ୬ | ବରିଷ୍ଠ ଗବେଷକ | ୦୫ | ୪୧,୦୦୦ |
| ୭ | ସହାୟକ ଗବେଷକ | ୦୫ | ୩୭,୦୦୦ |

ଆବେଦନପତ୍ର ପହଞ୍ଚିବାର ଶେଷ ତାରିଖ :- ଦୈନିକ ସମ୍ବାଦପତ୍ରଗୁଡିକରେ (ଓଡ଼ିଶାର ପ୍ରମୁଖ ଓଡ଼ିଆ ଓ ଇଂରାଜି ଦୈନିକ) ଏହି ବିଜ୍ଞାପନ ପ୍ରକାଶ ପାଇବାର ୨୧ଦିନ ମଧ୍ୟରେ ନିମ୍ନଲିଖିତ ଠିକଣାରେ ଆବେଦନପତ୍ର ପହଞ୍ଚିବା/ଦାଖଲ କରିବା ଆବଶ୍ୟକ। ସମ୍ପୂର୍ଣ୍ଣ ହୋଇଥିବା ଆବେଦନପତ୍ରକୁ ନିର୍ଦ୍ଦେଶକ, କେନ୍ଦ୍ରୀୟ ଭାରତୀୟ ଭାଷା ସଂସ୍ଥାନ, ମାନସଗଙ୍ଗୋତ୍ରୀ, ହୁଣସୂରୁ ରୋଡ୍, ମୈସୁର-୫୭୦୦୦୬, କର୍ଣ୍ଣାଟକ (Director, Central Institute of Indian Languages, Manasagangothri, Hunsur Road, Mysore-570006, Karnataka) ଠିକଣାରେ ଡାକରେ ପଠାଇପାରିବେ ବା ନିଜେ ଦାଖଲ କରିପାରିବେ। ନିର୍ଦ୍ଦିଷ୍ଟ ବା ନିର୍ଦ୍ଧାରିତ ତାରିଖ ପରେ ଆବେଦନପତ୍ର ପହଞ୍ଚିଲେ ବା ଦାଖଲ କଲେ ତାହା ଗ୍ରହଣଯୋଗ୍ୟ ନୁହେଁ। ଅନୁଷ୍ଠାନର ୱେବ୍‌ସାଇଟ୍ **www.ciil.org**ର ଘୋଷଣା (Announcement) ପୃଷ୍ଠାରେ ଆବେଦନପତ୍ର ତଥା ଏ ସମ୍ପର୍କିତ ଅଧିକ ସୂଚନା ଉପଲବ୍ଧ।

**ସହାୟକ ନିର୍ଦ୍ଦେଶକ (ପ୍ରଶାସନ)**
davp 21248/11/0002/1920 **କେନ୍ଦ୍ରୀୟ ଭାରତୀୟ ଭାଷା ସଂସ୍ଥାନ, ମୈସୁର**

**ପୌରପାଳିକା, ଅନୁଗୋଳ**

ସଂଖ୍ୟା.୭୮୬୭ ତା.୦୯।୦୮।୨୦୧୯

**ବିଜ୍ଞାପନ**

ଏତଦ୍ୱାରା ଅନୁଗୋଳ ପୌରପାଳିକା ଇଲାକା ମଧ୍ୟରେ ବସବାସ କରୁଥିବା ସମସ୍ତ ସ୍ୱୀକୃତୀପ୍ରାପ୍ତ ମହିଳା ସ୍ୱୟଂସହାୟକ ଗୋଷ୍ଠୀର କର୍ମକର୍ତ୍ତାମାନଙ୍କୁ ଅବଗତ କରାଯାଉଅଛି ଯେ, ସରକାରଙ୍କ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶ ଅନୁସାରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ସ୍ୱଚ୍ଛସାଥୀ ଓ ସୁପରଭାଇଜର ପ୍ରାର୍ଥୀ ଚୟନ କରାଯିବ ତେଣୁ ଆପଣମାନଙ୍କୁ ଅନୁରୋଧ, ଆପଣମାନେ ଆବଶ୍ୟକୀୟ ପ୍ରମାଣପତ୍ର ସହ ଯଥା-ଭୋଟର ଆଇକାର୍ଡ, ଆଧାରକାର୍ଡ, ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଏବଂ ଦରଖାସ୍ତ ଫର୍ମ ସହ ପୌରକାର୍ଯ୍ୟାଳୟରେ ତା-୧୬।୦୮।୨୦୧୯ରିଖ ଅପରାହ୍ନ ୩ଘଟିକା ପୂର୍ବରୁ ଦାଖଲ କରିବେ ଏବଂ ଉପସ୍ଥିତ ରହିବେ। ପ୍ରକାଶ ଥାଉକି ସ୍ୱଚ୍ଛସାଥୀ ନିମନ୍ତେ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ଦୁଇ (+2) ଏବଂ ସୁପରଭାଇଜର ନିମନ୍ତେ ଯୁକ୍ତ ତିନି (+3) ଧାର୍ଯ୍ୟ କରାଯାଇଅଛି।

**ସ୍ୱା./- ନିର୍ବାହୀ ଅଧିକାରୀ**
**ପୌରପରିଷଦ, ଅନୁଗୋଳ**

**ଦେନା ବ୍ୟାଙ୍କ अब-बैंक ऑफ बड़ौदा DENA BANK NOW-BANK OF BARODA**

**ବାଲେଶ୍ୱର ଶାଖା**
ବିବେକାନନ୍ଦ ମାର୍ଗ, ବାଲେଶ୍ୱର-୭୫୬୦୦୧
ଫୋନ୍: ୦୬୭୮୨-୨୬୦୨୧୮, ୨୬୩୩୧୧

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ) (ପରିଶିଷ୍ଟ ୪ [ରୁଲ୍ ୮(୧)])**

ନିମ୍ନ ସ୍ୱାକ୍ଷରକାରୀ **ଦେନା ବ୍ୟାଙ୍କ ବର୍ତ୍ତମାନ ବ୍ୟାଙ୍କ ଅଫ୍ ବରୋଦାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ (ଦ୍ୱିତୀୟ) '[ଆକ୍ଟ] ୨୦୦୨ ଏବଂ ଧାରା ୧୩ (୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସୁଧ ଏବଂ ସେବାବଦ ଖର୍ଚ୍ଚ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା(ମାନେ) ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ଓ କଥିତ ରୁଲ୍ସର ରୁଲ୍ ୯ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି ଯେ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ବକେୟା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନିମନ୍ତେ **ଦେନା ବ୍ୟାଙ୍କ ବର୍ତ୍ତମାନ ବ୍ୟାଙ୍କ ଅଫ୍ ବରୋଦା** ନିକଟରେ ଉତ୍ତରଦାୟୀ ରହିବେ।

**ସ୍ଥାବର ସମ୍ପତ୍ତିଗୁଡିକର ସମ୍ପୂର୍ଣ୍ଣ ବିବରଣୀ**

| ଋଣଗ୍ରହୀତା(ମାନ)ଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|
| **ଋଣଗ୍ରହୀତାମାନେ: ୧) ମେସର୍ସ ଲକ୍ଷ୍ମୀ ବ୍ରିକ୍ସ ଇଣ୍ଡଷ୍ଟ୍ରିଜ୍, କାରଖାନା ଠିକଣା-** ସା: ବଣପାରିଆ, କୁରୁଡା, ଏନ୍‌ଏଚ୍-୫ ପାର୍ଶ୍ୱ, ସର୍ଭିସ୍ ରୋଡ୍, ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୫୬, **୨) ମନ୍ମଥ କୁମାର ଦତ୍ତ, ୩) ଶ୍ରୀମତୀ ବିଜୟ ଲକ୍ଷ୍ମୀ ଦତ୍ତ, ବାସସ୍ଥାନ ଠିକଣା-** ସା: ଚାନ୍ଦମାରୀ ପଡିଆ, ପ୍ଲଟ୍ ନଂ.: ୧୬, ଶିବ ମନ୍ଦିର ନିକଟ, ସହଦେବ ଖୁଣ୍ଟା, ବାଲେଶ୍ୱର-୭୫୬୦୦୧, ଓଡ଼ିଶା | **୧) ମନ୍ମଥ କୁମାର ଦତ୍ତ**ଙ୍କ ନାମରେ ଥିବା ଜମି ଏବଂ କାରଖାନା ସେଡ ଯାହାର ଖାତା ନଂ.: ୩୧୫/୨୬୬, ପ୍ଲଟ୍ ନଂ.: ୧୧୧/ ୧୨୮୩ ଏବଂ ୧୧୨/୧୨୮୪, ଅନୁରୂପ ହାଲ୍ ଖାତା ନଂ.: ୩୧୫/୬୪୩, ହାଲ୍ ପ୍ଲଟ୍ ନଂ.: ୧୧୨/୧୨୮୪/୧୬୧୧ ଏବଂ ୧୧୧/୧୨୮୩/୧୬୧୦, କ୍ଷେତ୍ର: ୦.୨୦ ଏକର, ମୌଜା: ବଣପାରିଆ, କୁରୁଡା, ଜିଲ୍ଲା: ବାଲେଶ୍ୱର-୭୫୬୦୫୬, ଏହାର | ୦୪.୦୫.୨୦୧୯ / ୦୫.୦୮.୨୦୧୯ | ତା୦୪.୦୫.୨୦୧୯ ରିଖ ସୁଦ୍ଧା ଟ.୫୩,୭୬,୩୧୦/- + ତା୦୧.୦୩.୨୦୧୯ରିଖ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |

ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୧୨, ଦକ୍ଷିଣ: ପ୍ଲଟ୍ ନଂ.: ୧୧୪୨, ପୂର୍ବ: ଗିରିଜା ଶଙ୍କର ଦାସଙ୍କ ଜମି, ପଶ୍ଚିମ: ପ୍ଲଟ୍ ନଂ.: ୧୧୦, **୨) ମନ୍ମଥ କୁମାର ଦତ୍ତ**ଙ୍କ ନାମରେ ଥିବା ବାସୋପଯୋଗୀ ଡ୍ୟୁପ୍ଲେକ୍ସ ୟୁନିଟ୍ ଯାହାକି "ସୁପ୍ରତିକ ଲାଇଫ୍ ଷ୍ଟାଇଲ୍"ରେ ଅବସ୍ଥିତ ଯାହାର ମୌଜା: କୁରୁଡା, ଥାନା: ସଦର, ଥାନା ନଂ.: ୧୯୬, ଜିଲ୍ଲା: ବାଲେଶ୍ୱର, ସବ୍ ପ୍ଲଟ୍ ନଂ.: ଏ/୧୫, କ୍ଷେତ୍ର: ୧୪୧୦ ବର୍ଗଫୁଟ, ମ୍ୟୁଟେସନ୍ ଖାତା ନଂ.: ୧୯୬/୮୦୬, ପ୍ଲଟ୍ ନଂ.: ୫୯/୧୫୪୫, ଏହାର ଚାରିପାର୍ଶ୍ୱରେ ଉତ୍ତର: ଅବଶିଷ୍ଟ ଜମି ପ୍ଲଟ୍ ନଂ.: ୫୯/୧୫୪୫ (ସବ୍ ପ୍ଲଟ୍ ନଂ.: ଏ.୧୪), ଦକ୍ଷିଣ: ଅବଶିଷ୍ଟ ଜମି ପ୍ଲଟ୍ ନଂ.: ୫୯/୧୫୪୫ (ସବ୍ ପ୍ଲଟ୍ ନଂ.: ଏ.୧୬), ପୂର୍ବ: ଅବଶିଷ୍ଟ ଜମି ପ୍ଲଟ୍ ନଂ.: ୫୯/୧୫୪୫ (ସବ୍ ପ୍ଲଟ୍ ନଂ.: ଏ.୬), ପଶ୍ଚିମ: ପ୍ରସ୍ତାବିତ ରାସ୍ତା

ସ୍ଥାନ : ବାଲେଶ୍ୱର, ତାରିଖ : ୦୯.୦୮.୨୦୧୯ — କ୍ଷମତାପ୍ରାପ୍ତ ଅଧିକାରୀ, ଦେନା ବ୍ୟାଙ୍କ ବର୍ତ୍ତମାନ ବ୍ୟାଙ୍କ ଅଫ୍ ବରୋଦା

**ODISHA SUB-ORDINATE STAFF SELECTION COMMISSION**
Block No.3 & 5, Unit -1, Bhubaneswar-751009
Telephone - 0674-2597149, 2597152 (office)
Fax- 0674-2597155, Website : www.osssc.gov.in

**No.IIE-69/2018 -268 (C)/OSSSC, Date- 07.08.2019**

**NOTICE**

**Written Test for recruitment to the post of Excise Constable**

No.40-T :- In pursuance of the Advertisements No.IIE-68/2017- 910(C)/OSSSC dt. 09.10.2018, No.39(C)/OSSSC dt.11.01.2019 and IIE-69/2018-29 (C)/OSSSC dt. 10.01.2019, the Provisional List of the candidates qualified in the Physical Standard Measurement and Physical Efficiency Test held from 18.01.2019 to 31.01.2019 for the post of Excise Constable is hereby published as at Annexure-1. The candidates who appeared in the PSM & PET may visit the Commission's website: **www.osssc.gov.in** to see the results. The Written Test for the qualified candidates will be held at all the approved examination centres in the district headquarters on **08.09.2019 (Sunday)** from 10.00 AM onwards. The admission letters available online may be downloaded from the OSSSC Website from 24.08.2019 onwards by the qualified candidates using their User ID and Password to appear in the examination. **No hard-copy of Admission Letter will be sent to any candidate by post.**

*By order of the Commission*
**Sd./- Secretary**

09007/11/0001/1920

## ସଂକ୍ଷେପରେ

### ଝାଡ଼ଖଣ୍ଡ କଂଗ୍ରେସ ସଭାପତିଙ୍କ ଇସ୍ତଫା

ରାଞ୍ଚି,୯।୮(ଆଇଏଏନ୍ଏସ୍): ଝାଡ଼ଖଣ୍ଡ ପ୍ରଦେଶ କଂଗ୍ରେସ ସଭାପତି ଅଜୟ କୁମାର ଶୁକ୍ରବାର ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ପୂର୍ବତନ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ପାଖକୁ ପଠାଇଦେଇଛନ୍ତି। ଲୋକ ସଭା ନିର୍ବାଚନରେ କଂଗ୍ରେସର ପରାଜୟ ପରେ ଅଜୟ ଦ୍ୱିତୀୟ ଥର ପାଇଁ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି।

### ଯନ୍ତ୍ରଣା ସହି ନ ପାରି ଆତ୍ମହତ୍ୟା

ଅନୁଗୋଳ ଅଫିସ, ୯।୮- ଅନୁଗୋଳ ନତଡ଼ା ଅଞ୍ଚଳର ଜୟ ନାୟକ(୩୨) ଶୁକ୍ରବାର ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ଦୀର୍ଘ ଦିନ ହେଲା ଜୟ ଅସୁସ୍ଥ ଥିଲେ। ଯନ୍ତ୍ରଣା ସହି ନ ପାରି ସେ ରଶି ଲଗାଇ ଦେଇଥିବା ପୋଲିସ କହିଛି। ପରିବାର ଲୋକେ ପ୍ରଥମେ ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ପୋଲିସ କ୍ୱାର୍ଟର୍ସ ପରିସରରୁ ଗଛ କାଟିନେଲେ

ଅନୁଗୋଳ ଅଫିସ, ୯।୮- ଅନୁଗୋଳର ଜଣେ ପୋଲିସ କର୍ମଚାରୀଙ୍କ ଘର ପରିସରରେ ଥିବା ଏକ ଚନ୍ଦନ ଗଛକୁ କେହି ଦୁର୍ବୃତ୍ତ କାଟି ନେଇଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ରାତିରେ ଏପରି ଘଟଣା ଘଟିଥିବାବେଳେ ବୁଧବାର ଏ ନେଇ ଥାନାରେ ଅଭିଯୋଗ ହୋଇଥିବା ଜଣାପଡିଛି। ଏ ସଂକ୍ରାନ୍ତରେ ଏକ ମାମଲା ମଧ ରୁଜୁ ହୋଇଛି।

### ଶିଶୁ ଯତ୍ନ ଗୃହ ଯିବେ ଦୁଇ ନାବାଳିକା

ଅନୁଗୋଳ ଅଫିସ, ୯।୮- ଅନୁଗୋଳ ସହରରେ ଜୁନ ୨୧ରେ ବଳାତ୍କାରର ଶିକାର ହୋଇଥିବା ଜନୈକା ନାବାଳିକା ଓ ଗତ ୪ ତାରିଖରେ ବନ୍ତଳା ଅଞ୍ଚଳରେ ଜେଜମା ମାଡ଼ରେ ଆହତ ହୋଇଥିବା ୩ ବର୍ଷିୟା ଶିଶୁକନ୍ୟାଙ୍କୁ ଜିଲା ଶିଶୁ ଯତ୍ନ କେନ୍ଦ୍ରରେ ରଖାଯିବ।
ଏହି ଦୁଇଟି ଘଟଣା ଜିଲା ଶିଶୁ ମଙ୍ଗଳ ସମିତିକୁ ଆସିଥିଲା। ଦୁହିଁଙ୍କୁ ଉକ୍ତ କେନ୍ଦ୍ରରେ ରଖାଯିବାକୁ ସ୍ଥିର ହୋଇଥିବା ଜିଲା ଶିଶୁ ମଙ୍ଗଳ ମିମିତିର ଭାରପ୍ରାପ୍ତ ଅଧକ୍ଷ ଦେବାଶିଷ ପଟ୍ଟନାୟକ କହିଛନ୍ତି। ଏପରି କି ବଳାତ୍କାର ଶିକାର ହୋଇଥିବା ପୀଡ଼ିତାଙ୍କୁ ୨୪ ଘଣ୍ଟିଆ ପୋଲିସ ସୁରକ୍ଷା ମଧରେ ରଖାଯିବା ପାଇଁ ପୋଲିସ ବିଭାଗକୁ ଚିଠି ଲେଖାଯାଇଛି। ସମ୍ପୃକ୍ତା ନାବାଳିକା ୩ୟ ଶ୍ରେଣୀରୁ ପାଠ ପଢ଼ା ଛାଡ଼ିଥିବାରୁ ତାଙ୍କୁ ପଢ଼ାଇବା ପାଇଁ ମଧ କୁହାଯିବ ବୋଲି ପଟ୍ଟନାୟକ କହିଛନ୍ତି।ଅନ୍ୟପକ୍ଷରେ ବଳାତ୍କାର ପୀଡ଼ିତାଙ୍କ ସମ୍ପର୍କରେ ଅନୁଗୋଳ ପୋଲିସ ତଥ୍ୟ ଯୋଗାଡ଼ କରିବାକୁ ମହାରାଷ୍ଟ୍ର ଯାଇଥିବା ସୂଚନା ମିଳିଛି। ଜାତିଗତ ପ୍ରମାଣପତ୍ର ସହ ବୟସ ଜାଣିବା ପାଇଁ ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇଙ୍କ ସହ ଏକ ଟିମ୍ ମହାରାଷ୍ଟ୍ର ଯାଇଥିବା ଜଣାପଡ଼ିଛି।


### କ୍ରୀଡ଼ା ଅଣଗେଜେଟେଡ ସଂଘ ପୂର୍ବତନ ସଭାପତି ସମ୍ବର୍ଦ୍ଧିତ



ବଅଁରପାଳ, ୯।୮(ଡି.ଏନ୍.ଏ)- ରାଜ୍ୟ କ୍ରୀଡ଼ା ଅଣଗେଜେଟେଡ କର୍ମଚାରୀ ସଂଘର ପୂର୍ବତନ ସଭାପତି ରାମଚନ୍ଦ୍ର ସାହୁଙ୍କୁ ବିଭାଗୀୟ ମନ୍ତ୍ରୀ ରଘୁନନ୍ଦନ ଦାସ ଏକ କାର୍ଯ୍ୟକ୍ରମରେ ଭୁବନେଶ୍ୱରଠାରେ ସମ୍ବର୍ଦ୍ଧିତ କରିଛନ୍ତି। ରାମଚନ୍ଦ୍ର ୨୦୦୭ରୁ ୨୦୧୯ ପର୍ଯ୍ୟନ୍ତ ସଂଘର ସଭାପତି ଭାବେ କାର୍ଯ୍ୟ ତୁଲାଇଥିଲେ। ରାଜ୍ୟର ସମସ୍ତ ଜିଲାର ସବୁ ପଞ୍ଚାୟତରେ ପାଣି ପଞ୍ଚାୟତ ଦ୍ୱାରା ଜଳସେଚନ କରିବା ପାଇଁ ସେ ଉଦ୍ୟମ କରିଥିଲେ। ତାଙ୍କ ଉଦ୍ୟମ ଯୋଗୁ ଅଣଗେଜେଟେଡ କର୍ମଚାରୀମାନଙ୍କ ବହୁ ସମସ୍ୟା ସମାଧାନ ହୋଇପାରିଛି। ଗତ ଜୁଲାଇ ୩୧ ତାରିଖରେ ସେ କାର୍ଯ୍ୟରୁ ଅବସର ଗ୍ରହଣ କରିଥିଲେ।

# ରାଜ୍ୟର ୧୨ ହସ୍ପିଟାଲରେ ଏଲ୍ଇଡି ଡିସ୍ପ୍ଲେ ବୋର୍ଡ ଉନ୍ମୋଚିତ

ଭୁବନେଶ୍ୱର, ୯।୮(ବ୍ୟୁରୋ)




କ୍ୟାପିଟାଲ ହସ୍ପିଟାଲରେ ଏଲ୍ଇଡି ଡିସପ୍ଲେ ବୋର୍ଡ ଉନ୍ମୋଚନ ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ଓ ଅନ୍ୟମାନେ।

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସଚେତନତା ବୃଦ୍ଧି ତଥା ସ୍ୱାସ୍ଥ୍ୟସେବା ସମ୍ପର୍କିତ ସମସ୍ତ ଅପ୍‌ଡେଟ୍ ସୂଚନା ଲୋକଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ଶୁକ୍ରବାର କ୍ୟାପିଟାଲ ହସ୍ପିଟାଲ ପରିସରରେ ଏଲ୍ଇଡି ଡିସପ୍ଲେ ବୋର୍ଡ ଉନ୍ମୋଚନ କରିଛନ୍ତି। ସ୍ୱାସ୍ଥ୍ୟସେବା ସମ୍ପର୍କରେ ସଚେତନତା ବୃଦ୍ଧି, ଲୋକଙ୍କ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଥିବା ବ୍ୟବହାରରେ ପରିବର୍ତ୍ତନ, ସୁସ୍ଥ ରହିବା ନିମନ୍ତେ ଠିକ୍ ଅଭ୍ୟାସ ଆପଣାଇବା ପାଇଁ ପ୍ରୋତ୍ସାହନ, ବ୍ୟବହାର ପରିବର୍ତ୍ତନ ଦ୍ୱାରା ଜନସ୍ୱାସ୍ଥ୍ୟ ସୁରକ୍ଷା କ୍ଷେତ୍ରରେ ମିଳୁଥିବା ସୁଫଳକୁ ଲୋକଙ୍କ ନିକଟରେ ପହଞ୍ଚାଇବା ସହ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ ଉଦ୍ଦେଶ୍ୟରେ ରାଜ୍ୟର ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ଅନ୍ୟ ଡାକ୍ତରଖାନା ଏଭଳି ମୋଟ ୧୨ଟି ସ୍ଥାନରେ ଏକାଥରକେ ଏହି ବୋର୍ଡ ଉନ୍ମୋଚନ କରାଯାଇଛି।

ପ୍ରଥମ ପର୍ଯ୍ୟାୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମ୍ୟାଲେରିଆ,

### ସ୍ୱାସ୍ଥ୍ୟସେବା ସଂକ୍ରାନ୍ତ ସୂଚନା ପାଇବେ ଜନସାଧାରଣ

କୀଟନାଶକ ସିଞ୍ଚନ, ଔଷଧୀୟ ମଶାରି ବ୍ୟବହାର, ଡେଙ୍ଗୁ, ଗର୍ଭାବସ୍ଥାର ଲକ୍ଷଣ, ସ୍ତନ୍ୟପାନ, ପରିବାର ନିୟୋଜନ, ସୁରକ୍ଷିତ ମାତୃତ୍ୱ, ଉଚ୍ଚ ରକ୍ତଚାପ, ଡାଇରିଆ, ଟିବି, ହାତଧୁଆ, ଶୌଚାଳୟ ବ୍ୟବହାର, ନିରାପଦ ଖାଦ୍ୟ ଓ ପାନୀୟଜଳ ବ୍ୟବହାର, ତମାଖୁ ସେବନଠାରୁ ଦୂରେଇ ରହିବା, ଚକ୍ଷୁଦାନ, ଏଚ୍ଆଇଭି/ଏଡ୍ସ, କୁଷ୍ଠ, ଡେଙ୍ଗୁ, ଡାଇବେଟିସ୍, ୧୦୮ ଓ ୧୦୨ ଆମ୍ବୁଲାନ୍ସ, ନିରାମୟ, ଆମ କ୍ଲିନିକ ଭଳି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସଂକ୍ରାନ୍ତ ସୂଚନା ସମ୍ବଳିତ ଅଡିଓ ଭିଜୁଆଲ ପ୍ରଦର୍ଶିତ ହେବ। ପର୍ଯ୍ୟାୟ କ୍ରମେ ଜନସାଧାରଣଙ୍କ ନିମନ୍ତେ ଏହି ବୋର୍ଡଗୁଡ଼ିକରେ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ପଦକ୍ଷେପ ଓ କାର୍ଯ୍ୟକ୍ରମ ସଂକ୍ରାନ୍ତ ସୂଚନା ପ୍ରଦର୍ଶନ କରାଯିବ। କ୍ୟାପିଟାଲ ହସ୍ପିଟାଲ ପରିସରରେ ଆୟୋଜିତ ଉନ୍ମୋଚନ କାର୍ଯ୍ୟକ୍ରମରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ରାଜ୍ୟ ମେଡିକାଲ ନିଗମ ଏମ୍‌ଡି ୟାମିନୀ ଷଡ଼ଙ୍ଗୀ, ଯୁଗ୍ମ ସଚିବ ଗୁହା ପୁନମ୍ ତାପସ କୁମାରଙ୍କ ସମେତ ବିଭାଗର ସ୍ୱତନ୍ତ୍ର ସଚିବ, ନିର୍ଦ୍ଦେଶକ ବୃନ୍ଦ, କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଏବଂ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୀପ ତେଜି ଉଠୁଛି,**
**ହାତ ଚିକ୍କଣ ହେଉଛି ।**

ସାଧାରଣତଃ ଅନ୍ୟର ସମ୍ପତ୍ତିବାଡ଼ି ରକ୍ଷଣାବେକ୍ଷଣ କରୁଥିବା ବ୍ୟକ୍ତି ସମୟସୁବିଧା ଦେଖି ନିଜର ହାତ ଚିକ୍କଣ କରୁଥିବାର ବା ଲାଭ ଉଠାଇଥିବାର ଲକ୍ଷ୍ୟ କରାଯାଇଥାଏ। ଦୀପର ସଳିତାକୁ ତେଜିଲେ ଯେପରି ହାତରେ ଘିଅ ବା ତେଲ ଲାଗିଯାଇଥାଏ ସେହିପରି ଯିଏ ଅର୍ଥ କାରବାର କରେ, ତହିଁରୁ ସିଏ କିଛି ନିଜର ଫାଇଦା ଉଠାଇ ନେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦେଇନାନୀ ବୋଲି ଗୋଟିଏ ଥିଲା**
**ଦଇବ ଦଣ୍ଡିଲା ତାକୁ,**
**ଆଣ୍ଠୁଏ ପାଣିରେ ଜପ କରୁଥିଲା**
**ପରଧନ ଖାଇବାକୁ ।**

ନିଜେ ତ ଦାନୀ ନୁହେଁ, ଅଥଚ ପରଧନ ଖାଇବାରେ ଧୂରୀଣ। କେତକ ବ୍ୟକ୍ତି ପରଧନ ପ୍ରତି ଲୋଲୁପ ଦୃଷ୍ଟି ପକାଇଥାନ୍ତି। କଳେବଳେ କୌଶଳେ କେମିତି ସେସବୁ ଭୋଗ କରିବେ ସେ ପ୍ରସ୍ତୁତି ଚଳାଇଥାନ୍ତି। ତେବେ ଅସତ୍ ଉପାୟରେ ଉପାର୍ଜନ କରାଯାଉଥିବା ଧନ କେବେହେଲେ ଭୋଗ୍ୟ ହୋଇ ପାରି ନ ଥାଏ, ଫଳସ୍ୱରୂପ ପରଧନ ଆତ୍ମସାତ୍ କରିବାକୁ ପଛାଉ ନ ଥିବା ମହିଳା ନିଜ କୃତକର୍ମର ଫଳଭୋଗ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
– ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

### ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କଲା ପୋଲିସ

# ରାଜଧାନୀରେ ୩୦ କଶ୍ମୀରୀ ଛାତ୍ରଙ୍କ ସୁରକ୍ଷା ବଢ଼ିଲା

ଭୁବନେଶ୍ୱର,୯।୮(ବ୍ୟୁରୋ):

ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ହଟିବା ପରେ ସାରା ଦେଶରେ ଗୃହବିଭାଗ ପକ୍ଷରୁ ଆର୍ଲଟ ଜାରି କରାଯାଇଛି। ଦେଶର ବିଭିନ୍ନ ସ୍ଥାନରେ ପଢୁଥିବା କଶ୍ମୀରୀ ଛାତ୍ରଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା ବଢାଇବାକୁ ମଧ ଗୃହବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଛି। ଭୁବନେଶ୍ୱରର ଦୁଇଟି ବିଶ୍ୱବିଦ୍ୟାଳୟରେ ୩୦ ଜଣ ଜମ୍ମୁ-କଶ୍ମୀର ଛାତ୍ର ପାଠ ପଢୁଛନ୍ତି। ତେଣୁ ସେମାନଙ୍କ ସୁରକ୍ଷାକୁ କମିଶନରେଟ ପୋଲିସ ଅଧିକ ପ୍ରାଧାନ୍ୟ ଦେଇଛି। ଏ ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ, ହଷ୍ଟେଲ ୱାର୍ଡେନ ଏବଂ ସମ୍ପୃକ୍ତ ଛାତ୍ରମାନଙ୍କ ସହ ପୋଲିସ ଆଲୋଚନା କରିଛି। ଏହାପରେ କଶ୍ମୀରୀ ଛାତ୍ରମାନଙ୍କ ସୁରକ୍ଷା ବଢାଇ ଦିଆଯାଇଛି। ଯଦି ଏହି ଛାତ୍ରମାନେ ଘରକୁ ଯିବାକୁ ଚାହିଁବେ ତେବେ କର୍ତ୍ତୃପକ୍ଷ ପୋଲିସକୁ ଜଣାଇବା ପାଇଁ କୁହାଯାଇଛି। ଏ ନେଇ ପୋଲିସ କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି, ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ହଟିବା ପରେ ଦେଶରେ ହାଇଆଲର୍ଟ ଜାରି ହୋଇଛି। ତେଣୁ ବିଭିନ୍ନ ରାଜ୍ୟରେ ପଢୁଥିବା କାଶ୍ମୀର ଛାତ୍ରଙ୍କ ସୁରକ୍ଷା ବଢାଇବା ପାଇଁ ନିର୍ଦ୍ଦେଶ ରହିଥିଲା। ଏହାକୁ ଦୃଷ୍ଟିରେ ରଖି ରାଜଧାନୀର ଦୁଇଟି ବିଶ୍ୱବିଦ୍ୟାଳୟରେ ପଢୁଥିବା ୩୦ଜଣ କଶ୍ମୀରୀ ପିଲାଙ୍କୁ ସୁରକ୍ଷା ଯୋଗାଇ ଦିଆଯାଇଛି। ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ହଷ୍ଟେଲ ୱାର୍ଡେନଙ୍କ ସହ ପୋଲିସ ଆଲୋଚନା କରିଛି। ଯଦି ଏହି ଛାତ୍ରମାନେ ଘରକୁ ଯିବାକୁ ଚାହିଁବେ ତେବେ ପୋଲିସକୁ ଜଣାଇବେ। ପୋଲିସ କେନ୍ଦ୍ର ଗୃହ ମନ୍ତ୍ରଣାଳୟକୁ ଏ ନେଇ ଅବଗତ କରିବା ପରେ ସେମାନେ ନିଜ ଘରକୁ ଯାଇପାରିବେ।

### ଜୟଦୁର୍ଗା କ୍ଲବ ପକ୍ଷରୁ ଶୋକସଭା

ଅନୁଗୋଳ ଅଫିସ, ୯।୮- ଅନୁଗୋଳ ସ୍ଥିତ ଅମଲାପଡ଼ା ଜୟଦୁର୍ଗା କ୍ଲବ ପକ୍ଷରୁ ନାଟ୍ୟମର ପୁରାତନ ସଭ୍ୟ ସଂସ୍କୃତି ପ୍ରେମୀ ମାୟାଧର ପ୍ରଧାନଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ସୁଧାଂଶୁ ମୋହନ ଦ୍ୱିବେଦୀ, ଅଶୋକ ଦାସ, ରାଧାକାନ୍ତ ମହାନ୍ତି, ଦିପକ ଘୋଷ, ବସନ୍ତ କୁମାର ଦାସ, ହୃଦାନନ୍ଦ ପଣ୍ଡା, ବଟକୃଷ୍ଣ ତ୍ରିପାଠୀ, ନରୋତ୍ତମ ମହାନ୍ତି, ନିଝାରଅଲ୍ଲୀ ଦାମାନୀ, ସନ୍ତୋଷ କୁମାର ସାମନ୍ତ, ସମୀର କୁମାର ପଟ୍ଟନାୟକ, ମାୟାଧର ପ୍ରଧାନଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସ୍ୱର୍ଗତ ପ୍ରଧାନ ଅନେକ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ସହ ପୁରସ୍କୃତ ହୋଇଛନ୍ତି। ୨୦୧୮ ମସିହାରେ ନାଟ୍ୟମ ଦ୍ୱାରା ନାଟକ ପାଇଁ ବିଶେଷ ଅବଦାନ ପାଇଁ ତାଙ୍କୁ ସମ୍ମାନିତ କରାଯାଇଥିବା ସଭାରେ ପ୍ରକାଶ ପାଇଥିଲା।

### କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀଙ୍କୁ ଭାଜପା ଏମ୍‌ପିମାନଙ୍କ ଅନୁରୋଧ

# ଶ୍ରୀମନ୍ଦିର, ସୂର୍ଯ୍ୟମନ୍ଦିରକୁ ଆଦର୍ଶ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦିଅ

**ଭୁବନେଶ୍ୱର,୯।୮(ବ୍ୟୁରୋ)**

କଳା, ସଂସ୍କୃତି ଓ ପର୍ଯ୍ୟଟନର ଭୂମି ଓଡ଼ିଶା। ଐତିହ୍ୟ ଓ କାରୁକାର୍ଯ୍ୟରେ ପ୍ରସିଦ୍ଧି ଲାଭ କରିଥିବା କୋଣାର୍କ ସୂର୍ଯ୍ୟମନ୍ଦିର ଏବଂ ଜଗନ୍ନାଥ ଧାମ୍ ପୁରୀର ଶ୍ରୀମନ୍ଦିର ହେଉଛି ବିଶ୍ୱ ଦରବାରରେ ଓଡ଼ିଶାର ପରିଚୟ। ଏହି ଦୁଇ ଆଧ୍ୟାତ୍ମିକ କ୍ଷେତ୍ର ଭାରତର ପ୍ରମୁଖ ପର୍ଯ୍ୟଟନ ସ୍ଥଳଭାବେ ପରିଗଣିତ ହେଉଛି। ତେଣୁ କେନ୍ଦ୍ର ସରକାର ଉଭୟ ପୁରୀ ଓ କୋଣାର୍କକୁ ଭାରତର ଆଦର୍ଶ ପର୍ଯ୍ୟଟକସ୍ଥଳୀର ମାନ୍ୟତା ଦେବାକୁ ଓଡିଶାର ଭାଜପା ଏମ୍‌ପିମାନେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ପ୍ରହଲାଦ ସିଂ ପଟେଲଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ଏମ୍‌ପିମାନେ ଦେଇଥିବା ଚିଠିରେ ଦର୍ଶାଇଛନ୍ତି, ହିନ୍ଦୁମାନଙ୍କ ପବିତ୍ର ଚାରିଧାମ ମଧ୍ୟରୁ ପୁରୀ ହେଉଛି ଅନ୍ୟତମ। ଏଠାରେ ପ୍ରତ୍ୟେକ ବର୍ଷ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ହୋଇଥାଏ। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାକୁ ପୁରୀ ଗସ୍ତ କରିଥିଲେ। ମଧ୍ୟକାଳୀନ ଶିଳ୍ପକଳା ଓ କାରୁକାର୍ଯ୍ୟ ପାଇଁ ପ୍ରସିଦ୍ଧ କୋଣାର୍କର ସୂର୍ଯ୍ୟମନ୍ଦିରକୁ ୧୩ଶ ଖ୍ରୀଷ୍ଟାବ୍ଦରେ କଳିଙ୍ଗ ରାଜା ନରସିଂହ ଦେବ ନିର୍ମାଣ କରିଥିଲେ। ନିକଟରେ କେନ୍ଦ୍ର ସରକାର ଦେଶର ୧୭ଟି ଆଦର୍ଶ ପର୍ଯ୍ୟଟନ ସ୍ଥଳୀ ଘୋଷଣା କରିଛନ୍ତି। ମାତ୍ର ଶ୍ରୀମନ୍ଦିର ଏବଂ ସୂର୍ଯ୍ୟମନ୍ଦିରକୁ ଏଥିରେ ସ୍ଥାନ ମିଳିନାହିଁ। ଓଡ଼ିଶାରୁ ଲୋକ ସଭା ଓ ରାଜ୍ୟ ସଭାକୁ ନିର୍ବାଚିତ ସମସ୍ତ ଭାଜପା ଏମ୍‌ପି ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ଚିଠି ଦ୍ୱାରା ଅନୁରୋଧ କରିଛନ୍ତି। କିଛିଦିନ ତଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀଙ୍କୁ ଚିଠି ଲେଖି ଶ୍ରୀମନ୍ଦିର ଓ ସୂର୍ଯ୍ୟମନ୍ଦିରକୁ ଭାରତର ଆଦର୍ଶ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବାକୁ ଅନୁରୋଧ କରିଥିଲେ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

HEALTH CARE

AT PURI AT PURI AT PURI
ପୁରାତନ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ର୍ୟୁମାଟଏଡ୍ ଆର୍ଥାଇଟିସ୍, ଓଷ୍ଟିଓ ଆର୍ଥାଇଟିସ୍, ପାରାଲିସିସ୍, ସିଆଟିକା, ଅଣ୍ଟାବ୍ୟଥା, ଆଣ୍ଠୁବ୍ୟଥା, ଫ୍ରୋଜନ୍ ସୋଲ୍ଡର, ସ୍ପଣ୍ଡିଲୋସିସ୍, ମାଇଗ୍ରେନ୍, ସୋରିଆସିସ୍, ମୁଖ ବ୍ରଣ, ଆଦି ରୋଗର ପରାମର୍ଶ ଓ ଉତ୍ତମ ଚିକିତ୍ସା ଉପଲବ୍ଧ ।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129 ,Timing - 9 am to 8 pm

REAL ESTATE SALE

URGENT SALE
3 BHK Flats at "Mani Tribhuvan" located on Nandan Kanan Road, Raghunathpur, Bhubaneswar.
Please contact us at
9748761763
gcoopersestate@gmail.com

FINANCE

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି
ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

ଋଣ ଧମାକା
ଆଧାର କାର୍ଡ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7491845997
7079574972
New Ashok Nagar, East Delhi, Delhi
www.toofanfinance.in

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍ + 30,000ର ଅନ୍ୟାନ ସୁବିଧା
ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348274623
8227843135

See Color Display Classified on every Tuesday & Friday

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

## ସଂକ୍ଷେପରେ

### ନାବାଳକ ଗାଡ଼ି ଚଳାଇଲେ କାର୍ଯ୍ୟାନୁଷ୍ଠାନ

ଅନୁଗୋଳ ଅଫିସ, ୯।୮- ଏଣିକି ସ୍କୁଲ ଯାତାୟାତ କରୁଥିବା ଛାତ୍ରୀଛାତ୍ରମାନେ ଟ୍ରାଫିକ ନିୟମ ଉଲ୍ଲଂଘନ କରି ଗାଡ଼ି ଚଳାଉଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେମାନେ ଯଦି ନାବାଳିକା ନାବାଳକ ହୋଇଥିବେ ଓ ବୈଧ ଲାଇସେନ୍ସ ନ ଥାଇ ବିନା ହେଲମେଟ୍‌ରେ ୨ରୁ ଅଧିକ ପିଲାଙ୍କୁ ବସାଇ ଗାଡ଼ି ଚାଳନା କରୁଥିବେ ୧ ଶହରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯିବ। ତେଣୁ ଏ ନେଇ ମାତାପିତା ଓ ଅଭିଭାବକମାନେ ସେମାନଙ୍କ ପିଲାମାନଙ୍କୁ ସଚେତନ କରିବାକୁ ଆଞ୍ଚଳିକ ପରିବହନ ଅଧିକାରୀ ଧନଞ୍ଜୟ ସେନାପତି ଜଣାଇଛନ୍ତି।

### ଅଧକ୍ଷଙ୍କ ବିୟୋଗରେ ଶୋକସଭା

ଅନୁଗୋଳ ଅଫିସ, ୯।୮- ଅନୁଗୋଳ ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ବିଜୟ କୁମାର ଦାଶଙ୍କ ଗୁରୁବାର ପରଲୋକ ଘଟିଛି। ଶୁକ୍ରବାର ବିଦ୍ୟାଳୟ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଡାକ୍ତର ସତ୍ୟନାରାୟଣ ସିଂହସାମନ୍ତ ଏଥିରେ ସଭାପତିତ୍ୱ କରିଥିଲେ। ପ୍ରଦୀପ କୁମାର ପଣ୍ଡା, ରଞ୍ଜନ କୁମାର ବେହେରା, ଆଇନଜୀବୀ ଅରୁଣ କୁମାର, ପ୍ରଦୀପ ଦେବତା, ବୀରେନ୍ କୁମାର ନାଏକ, ଅଧାପକ ଅନିଲ କୁମାର ମିଶ୍ର, ପ୍ରଶାନ୍ତ କୁମାର ମାଝି, ଗୋପାଳ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ନୀରବ ପ୍ରାର୍ଥନା କରିଥିଲେ।

### ଅଭିଯୁକ୍ତଙ୍କୁ ଗିରଫରେ ବିଳମ୍ବ, ଅସନ୍ତୋଷ

ତାଳଚେର,୯।୮(ନି.ପ୍ର.)- ତାଳଚେର ଉପଖଣ୍ଡ ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତର ଓ ନର୍ସଙ୍କୁ ମାଡ, ଅଶାଳୀନ ବ୍ୟବହାର ଘଟଣାରେ ଅଭିଯୁକ୍ତଙ୍କୁ ଅଦ୍ୟାବଧି ଗିରଫ କରାଯାଇ ନାହିଁ। ଏହାକୁ ନେଇ କାର୍ଯ୍ୟରତ ଡାକ୍ତର ଓ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଅଭିଯୋଗ ଅନୁଯାୟୀ, ଗତ ୫ ତାରିଖ ରାତିରେ ତାଳଚେର ବ୍ଲକ ସନ୍ତପଡା ଗ୍ରାମର ସୂର୍ଯ୍ୟକାନ୍ତ ଦେହୁରୀ ଜଣେ ରୋଗୀଙ୍କୁ ନେଇ ଉପଖଣ୍ଡ ଡାକ୍ତରଖାନାକୁ ଯାଇଥିଲେ। ସେଠାରେ କୌଣସି କାରଣରୁ ଡାକ୍ତରଙ୍କ ସହ ବଚସା ହୋଇଥିଲା। ଏହା ପରେ ସେ ଡାକ୍ତର ଏବଂ ନର୍ସଙ୍କୁ ମାଡ ମାରିବା ସହ ଅଶାଳୀନ ବ୍ୟବହାର କରିଥିଲେ। ଏ ସମ୍ପର୍କରେ ଆହତ ଡାକ୍ତର ଶଙ୍କର ଗାହାଣ ଗତ ୭ ତାରିଖରେ ତାଳଚେର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଳଚେର ପୋଲିସ ନଂ. ୧୯୧/୧୯ରେ ମାମଲା ରୁଜୁ କରିଥିଲା। ଅଭିଯୁକ୍ତ ଫେରାର ଥିବାବେଳେ ପୋଲିସ ତାଙ୍କ କାର୍‌କୁ ଜବତ କରଛି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବାକୁ ଉପଖଣ୍ଡ ଡାକ୍ତରଖାନାର ଡାକ୍ତର ଏବଂ ନର୍ସମାନେ ଉପଜିଲାପାଳ ପରେଶ ଚନ୍ଦ୍ର ନାୟକଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି କରଛନ୍ତି।

### ଅଗ୍ନିକାଣ୍ଡରେ ଜଳିଗଲା ଘର

ଛେଣ୍ଡିପଦା,୯।୮(ସ୍ୱ.ପ୍ର.)- ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ପରଙ୍ଗ ପଞ୍ଚାୟତ ପିତାବଳୀ ନିକଟରେ ଥିବା ମୁଣ୍ଡାବସ୍ତିରେ ଗୁରୁବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ମହି ମୁଣ୍ଡାଙ୍କର ଘର ସମ୍ପୂର୍ଣ୍ଣ ଜଳି ଯାଇଛି। ଘରେ ଥିବା ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଥିବାବେଳେ ଏକ ଛେଳି ଜୀବନ୍ତ ଦଗ୍ଧ ହୋଇଯାଇଛି। ଶୁକ୍ରବାର ଖବର ପାଇ ଗୋପବନ୍ଧୁ ଦରିଦ୍ର କଲ୍ୟାଣ ସମିତିର କର୍ମକର୍ତ୍ତାମାନେ ବିପନ୍ନ ପରିବାରଙ୍କୁ ଭେଟି ପୋଷାକ, ଚାଉଳ, ଚୁଡା ବିସ୍କୁଟ ଆଦି ପ୍ରଦାନ କରିଛନ୍ତି। ସମିତିର ବରିଷ୍ଠ ସଭ୍ୟ ବଳରାମ ସାହୁ, ସାମାଜିକକର୍ମୀ ବିଜୟ କୁମାର ମାଝି ଓ ଭଗବାନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ଡାଲି ବୋଝେଇ ଟ୍ରକ୍ ଓଲଟିଲା

ବଇଣ୍ଡା,୯।୮(ଡି.ଏନ.ଏ.)-କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ହଣ୍ଡପା ଥାନା ବଇଣ୍ଡା ବାଙ୍କ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଏକ ଡାଲି ବୋଝେଇ ଟ୍ରକ ଓଲଟି ପଡ଼ିଛି। ଏଥିରେ ଟ୍ରକ ଚାଳକ ଓ ହେଲପର ଗୁରୁତର ହୋଇଛନ୍ତି। ସେମାନଙ୍କୁ ପୋଲିସ ଉଦ୍ଧାର କରି ବଇଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛି। ପୋଲିସ କହିଛି, ଟ୍ରକ (ନଂ. ଏମ୍‌ଏଚ୍‌୪୦-୦୪ ୭୭)ଟି କଟକରୁ ସମ୍ବଲପୁର ଅଭିମୁଖେ ଯାଉଥିବାବେଳେ ଚାଳକ ଭାରସାମ୍ୟ ହରାଇ ପଡ଼ିବାରୁ ରାସ୍ତାକଡ଼କୁ ଏହା ଓଲଟି ପଡ଼ିଥିଲା। ପୋଲିସ ଗାଡ଼ି ଜବତ କରିବାସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

■ଅସୁରକ୍ଷିତ ଷ୍ଟାଡିୟମ ପୁରୁଣା ଗ୍ୟାଲେରି

# ରକ୍ଷଣାବେକ୍ଷଣ କରିବାକୁ ଦାବିପତ୍ର



ଭାଙ୍ଗିରୁଜି ଯାଇଥିବା ଗ୍ୟାଲେରି।



ଜିଲାପାଳଙ୍କଠାରେ ଅଭିଯୋଗ କରାଯାଉଛି।

ଅନୁଗୋଳ ଅଫିସ, ୯।୮

ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ବ୍ୟାପକ ବ୍ୟବସ୍ଥା କରାଯାଇଛି। କିନ୍ତୁ ମହାଆଡମ୍ବରରେ ପାଳନ ହେବାକୁ ଥିବା ଏହି ସ୍ୱାଧୀନତା ଦିବସରେ ଲୋକମାନେ କେଉଁଠି ବସିବେ ତାହାକୁ ନେଇ ଚିନ୍ତା ପ୍ରକଟ କରିଛି ଜିଲା ପ୍ରଶାସନ।

ଅନୁଗୋଳ ଷ୍ଟାଡିୟମରେ ଥିବା ଦୁଇଟି ଗ୍ୟାଲେରି ମଧ୍ୟରୁ ଗୋଟିଏକୁ ନେଇ ଅସନ୍ତୋଷ ଦେଖା ଦେଇଛି। ଅସୁରକ୍ଷିତ ଘୋଷଣା କରାଯାଇଥିଲେ ବି ବିଗତ ବର୍ଷମାନଙ୍କରେ ଉକ୍ତ ଗ୍ୟାଲେରିରେ ଦର୍ଶକମାନେ ବସିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ତେବେ ଚଳିତ ବର୍ଷ ତାହାକୁ ବନ୍ଦ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକରେ ଦାବି କରାଯାଇଥିଲା। ଏହାପରେ ଷ୍ଟାଡିୟମର ସ୍ଥିତି ପରଖିବାକୁ ଜିଲାପାଳ, ଅନୁଗୋଳ ଉପଜିଲାପାଳ, ଅତିରିକ୍ତ ଜିଲାପାଳଙ୍କ ସମେତ ବହୁ ପଦାଧିକାରୀମାନେ ଷ୍ଟାଡିୟମ ଯାଇଥିଲେ। ତେବେ ଉକ୍ତ ଗ୍ୟାଲେରି ଅସୁରକ୍ଷିତ ଥିବା ଦେଖିବା ପରେ ପୂର୍ତ୍ତ ବିଭାଗ ସହ ଆଲୋଚନା କରାଯାଇଛି। ଆବଶ୍ୟକ ପଡ଼ିଲେ ପରେଡ ସମୟରେ ଉକ୍ତ ଅସୁରକ୍ଷିତ ଗ୍ୟାଲେରିକୁ ବନ୍ଦ କରାଯିବ ବୋଲି ଜିଲାପାଳ ମନୋଜ କୁମାର ମହାନ୍ତି କହିଛନ୍ତି। ତେବେ ତାହାକୁ ମରାମତି କରାଯିବ ବୋଲି ଜିଲାପାଳ କହିଛନ୍ତି। ଅନ୍ୟପକ୍ଷରେ ନୂଆ ଗ୍ୟାଲେରି ଫୁଲ ହେବା ପରେ ପଡ଼ିଆ ମଝିରେ ହୋଇଥିବା ବ୍ୟାରିକେଟ ନିକଟରେ ରହି ଦର୍ଶକମାନେ ପରେଡ ଦେଖିପାରିବେ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଅସୁରକ୍ଷିତ ଥିବା ଗ୍ୟାଲେରିରୁ ବାରମ୍ବାର ପଲସ୍ତରା ଖସିବାରୁ ଏହାକୁ ଅସୁରକ୍ଷିତ ଘୋଷଣା କରାଯାଇଥିଲା। ଜିଲା ଆଥଲେଟିକ୍ସ କ୍ଲବ ଅଧୀନରେ ଷ୍ଟାଡିୟମ ରହିଥିବାବେଳେ ତାମଡା ପକ୍ଷରୁ ଏହାକୁ ନିର୍ମାଣ କରାଯାଇଥିଲା। ତେବେ ଅସୁରକ୍ଷିତ ହେବା ପରେ ଜିଲା ପ୍ରଶାସନ ପକ୍ଷରୁ ଷ୍ଟାଡିୟମର ମରାମତି ପାଇଁ ପୂର୍ତ୍ତ ବିଭାଗକୁ ରିପୋର୍ଟ ମଗାଯାଇଥିଲା। ପୂର୍ତ୍ତ ବିଭାଗ ୧ କୋଟି ୬୩ ଲକ୍ଷ ୨୯ ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାଇଥିଲା। କିନ୍ତୁ ଅଦ୍ୟାବଧି ପ୍ରଶାସନ ନିକଟରୁ କୌଣସି ଉତ୍ତର ଆସିନାହିଁ ବୋଲି ପୂର୍ତ୍ତ ବିଭାଗ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଷ୍ଟାଡିୟମର ରକ୍ଷଣାବେକ୍ଷଣ ପାଇଁ ଶୁକ୍ରବାର ଯୁବ ସାମାଜିକ କର୍ମୀ ଓ ଖେଳାଳିମାନେ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଜିଲାର ପ୍ରଶାସନିକ ଅବହେଳା ଯୋଗୁ ଷ୍ଟାଡିୟମର ଉନ୍ନତି ପରିବର୍ତ୍ତେ ଦିନକୁ ଦିନ ଧ୍ୱଂସ ହେବାକୁ ଯାଉଛି। ତେଣୁ ଷ୍ଟାଡିୟମ ସୁରକ୍ଷା ପାଇଁ ମୁଖ୍ୟ ଫାଟକରେ ସିସିଟିଭି ଲଗାଯିବା ସହ ରକ୍ଷଣାବେକ୍ଷଣ ଓ ଉନ୍ନତୀକରଣ ପାଇଁ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଦୀନେଶ ପ୍ରଧାନଙ୍କ ନେତୃତ୍ୱରେ କ୍ରୀଡ଼ାବିତ ଓ ସାମାଜିକ କର୍ମୀମାନେ ଜିଲାପାଳଙ୍କୁ ଭେଟି ଦାବି ଜଣାଇଛନ୍ତି।



## କ୍ରାନ୍ତି ଦିବସରେ ଶ୍ରଦ୍ଧାଞ୍ଜଳି

ଅନୁଗୋଳ ଅଫିସ, ୯।୮

ଅଗଷ୍ଟ କ୍ରାନ୍ତି ଦିବସ ଅବସରରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଅନୁଗୋଳ ଜିଲା କମିଟି ପକ୍ଷରୁ ସ୍ଥାନୀୟ ରାଜାଛକ ଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା କମିଟି ସଭ୍ୟ ନବକିଶୋର ପ୍ରଧାନ ସଭାପତିତ୍ୱ କରିଥିଲେ। ବୀର ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଅନୁଗୋଳ ବାର୍ ଆସୋସିଏଶନ୍‌ର ବରିଷ୍ଠ ଆଇନ୍‌ଜୀବୀ ପ୍ରମୋଦ କୁମାର ପ୍ରଧାନ, ଜିଲା କମିଟି ସଭ୍ୟ ମାନସ ପାଲ, ତୀର୍ଥବାସୀ ଭୋଇ ପ୍ରମୁଖ ଅଗଷ୍ଟ କ୍ରାନ୍ତି ଆନ୍ଦୋଳନ ସମ୍ପର୍କରେ ଆଲୋଚନା କରିଥିଲେ। ଦେଶ ପାଇଁ ପ୍ରାଣବଳି ଦେଇଥିବା ହଜାର ହଜାର ଶହୀଦଙ୍କ ସ୍ୱପ୍ନର ଭାରତବର୍ଷ ଗଠନ ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କମିଟି ସଭ୍ୟ ବ୍ରଜବନ୍ଧୁ ସାହୁ, ବିଜୟାନନ୍ଦ ମଲ୍ଲିକ, ଜିଲା କମିଟି ସମ୍ପାଦକ ଭିକାରି ପ୍ରଧାନ, ସୁବାସ ପ୍ରଧାନ, ସରୋଜିନୀ ନାୟକ, ସଞ୍ଜୟ ସାହୁ, ରଣଜିତ ପ୍ରଧାନ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ଗାନ୍ଧୀ ଉଦ୍ୟାନ ପରିସରରେ ଅଗଷ୍ଟ କ୍ରାନ୍ତୀ ଦିବସ ପାଳିତ ହୋଇଛି। ଏହି ବୈଠକରେ ସାମାଜିକ କର୍ମୀ ଅଦ୍ୟାଶ୍ଲୋକ ମିଶ୍ରଙ୍କର ନେତୃତ୍ୱରେ ସହରର ଗାନ୍ଧୀ ପ୍ରେମୀ ଯୋଗ ଦେଇଥିଲେ। ଉତ୍କଳ ନବଜୀବନ ମଣ୍ଡଳର ସମ୍ପାଦକ ମୁରଲୀଧର ମୂଳିଆ, ମହର୍ଷୀ ଦୟାନନ୍ଦ ମିଶନର ସଂଯୋଜକ କଲ୍ୟାଣ କିଶୋର ମହାନ୍ତି, ସାମାଜିକ କର୍ମୀ ପର୍ଶୁରାମ ଦାଶ, ଅଜୟ ଭାଇ, ଆଦିତ୍ୟ ପ୍ରସାଦ ମିଶ୍ର, ରଶ୍ମିରଞ୍ଜନ ସାହୁ, ରୁକେଶ ରୋସନ ଦାସ, ରାକେଶ ପଣ୍ଡା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ବିଦ୍ୟାଧର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ‘କଳାକାର’ର ନୂତନ କର୍ମକର୍ତ୍ତା ଚୟନ





ଅନୁଗୋଳ ଅଫିସ, ୯।୮

ଅନୁଗୋଳର ସର୍ବପୁରାତନ ସେବା ଓ ସାଂସ୍କୃତିକ ଅନୁଷ୍ଠାନ କଳାକାର ସଦସ୍ୟମାନଙ୍କ ଏକ ସାଧାରଣ ବୈଠକ ଗୁରୁବାର ସନ୍ଧ୍ୟାରେ ଚନ୍ଦନନଗର ସ୍ଥିତ କଳାକାର ଭବନରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭୂପେଶ ଚନ୍ଦ୍ର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଏଥିରେ ଆୟବ୍ୟୟ ଉପରେ ଆଲୋଚନା ସହ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଭୂପେଶ ଚନ୍ଦ୍ର ପ୍ରଧାନ ପୁନର୍ବାର ସଭାପତି ହୋଇଥିବା ବେଳେ ବୀରେନ୍ଦ୍ର କୁମାର ପ୍ରଧାନ ଓ ଦେବବ୍ରତ ପଟ୍ଟନାୟକ ଉପସଭାପତି, ବିଭୂତି ଭୂଷଣ ମହାପାତ୍ର ସମ୍ପାଦକ, ପ୍ରଶାନ୍ତ କୁମାର ରଥ ସହସମ୍ପାଦକ, ଅନୀତା ସିଂଦେଓ ସାଂସ୍କୃତିକ ସମ୍ପାଦିକା, ବିଦେଶୀ ନାଏକ ସହସାଂସ୍କୃତିକ ସମ୍ପାଦକ, ପ୍ରଫୁଲ୍ଲ କୁମାର ଦାସ ସେବା ସଂଯୋଜକ, ଅଜୟ କୁମାର ସାହୁ ସହ ସେବାସମ୍ପାଦକ, ରୁଚିର କୁମାର ବରାଳ ଲୋକ ସମ୍ପର୍କ ସମ୍ପାଦକ, ଅଜିତ କୁମାର ଧର ସହ ଲୋକସମ୍ପର୍କ ସମ୍ପାଦକ ଓ ସନ୍ତୋଷ କୁମାର ନାୟକଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଥିଲା। ଆସନ୍ତା ନଭେମ୍ବର ୯ ତାରିଖ ଠାରୁ ୧୨ ତାରିଖ ପର୍ଯ୍ୟନ୍ତ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ବୈଠକରେ ସ୍ଥିର କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଧନ୍ୟବାଦ ଦେଇଥିଲେ।

### ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାରକୁ ବିରୋଧ

କଣିହାଁ, ୯।୮(ଡି.ଏନ.ଏ.)

ଦେଶର ବିଭିନ୍ନ ରାଷ୍ଟ୍ରାୟତ୍ତ କମ୍ପାନୀରୁ କେନ୍ଦ୍ର ସରକାର ପୁଞ୍ଜି ପ୍ରତ୍ୟାହାର କରିବା ଓ ରାଷ୍ଟ୍ରୀୟ ଉଦ୍ୟୋଗଗୁଡିକର ସମ୍ପତ୍ତି ବିକ୍ରି କରିବାକୁ ବିରୋଧ କରି ଏଆଇୟୁଟିୟୁସି ସହବନ୍ଧିତ ଅନୁଗୋଳର ପିଜିସିଆଇଏଲ କଣିହାଁ ୟୁନିଟ୍ ପକ୍ଷରୁ ଶୁକ୍ରବାର କଣିହାଁ ପାୱାର ଗ୍ରୀଡ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏ ନେଇ ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ୟୁନିୟନର ସଭାପତି ଜୟସେନ ମେହେର, ସାଧାରଣ ସମ୍ପାଦକ ପ୍ରହ୍ଲାଦ ଚନ୍ଦ୍ର ସାହୁ କେନ୍ଦ୍ର ସରକାରଙ୍କ ଏହି ନୀତିକୁ ନିନ୍ଦା କରିଥିଲେ। ଏଥିସହ ପ୍ରଚଳିତ ଶ୍ରମିକ ଆଇନ ସଂଶୋଧନକୁ ବିରୋଧ କରି ପ୍ରତିବାଦରେ ଆନ୍ଦୋଳନ ତୀବ୍ର କରିବାକୁ ଶ୍ରମିକ କର୍ମଚାରୀ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। ଆନ୍ଦୋଳନରେ ଏଆଇୟୁଟିୟୁସି ଜିଲା କମିଟି ସଭ୍ୟ ଟୁନା ନାଏକ, ପ୍ରକାଶ ଗୋଛାୟତ, ପ୍ରତାପ ପ୍ରଧାନ, ହେମନ୍ତ କ୍ଷେତ୍ର, ସୁବାସ ସାହୁ, ସତ୍ୟବାଦୀ ନାଏକ ପ୍ରମୁଖ ସାମିଲ ହୋଇଥିଲେ।

## ସହର ପରିକ୍ରମା କଲା ବିଜ୍ଞାନ ପଟୁଆର




ବିଜ୍ଞାନ ପଟୁଆର ବଜାର ପରିକ୍ରମା କରୁଛି।

ଅନୁଗୋଳ ଅଫିସ, ୯।୮

ଅନୁଗୋଳ ସହରରେ ଶୁକ୍ରବାର ଏକ ବିଜ୍ଞାନ ପଟୁଆର ଅନୁଷ୍ଠିତ ହୋଇଯାଇଛି। ଇଣ୍ଡିଆ ମାର୍ଚ୍ଚ ଫର ସାଇନ୍ସ ଅନୁଗୋଳ ଜିଲା ଆନୁକୂଲ୍ୟରେ ଏହି ବିଜ୍ଞାନ ପଟୁଆର ଗୋପବନ୍ଧୁ ପାର୍କ ଠାରୁ ବାହାରି ବଜାର ପରିକ୍ରମା ପରେ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରେ ପହଞ୍ଚିଥିଲା। ସେଠାରେ ବିଜ୍ଞାନ ଅନୁଷ୍ଠାନର ଜିଲା ଆବାହକ ରାଜେଶ ରଞ୍ଜନ ପାଣିଙ୍କ ସଭାପତିତ୍ୱରେ ଏକ ବିଜ୍ଞାନ ସଭା ଅନୁଷ୍ଠିତ ହୋଇଥିଲା। ରସାୟନ ବିଭାଗ ଅଧ୍ୟାପକ ପ୍ରଦୀପ ମାଝି, ରସାୟନବିତ୍ ପ୍ରାଣବନ୍ଧୁ ମହାରଣା, ବିଜ୍ଞାନ ଶିକ୍ଷକ ମୁନା ନାଏକ ପ୍ରମୁଖ ଏହି ବିଜ୍ଞାନ ପଟୁଆରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ଧ ବିଶ୍ୱାସ, କୁସଂସ୍କାର ଦୂର କରିବା, ବୈଜ୍ଞାନିକ ମନୋବୃତ୍ତି, ମାନବୀୟ ମୂଲ୍ୟବୋଧ, ଅନୁସନ୍ଧିତ୍ସୁ ଭାବର ବିକାଶ ସହ ବୈଜ୍ଞାନିକ ଚିନ୍ତାଧାରାର ପ୍ରଚାର ପ୍ରସାର କରିବା ବିଜ୍ଞାନ ପଟୁଆରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

## ଜାତୀୟସ୍ତରୀୟ ଖୋଖୋ: ଓଡ଼ିଶା ରନର୍ସ ଅପ




ବଅଁରପାଳ, ୯।୮(ଡି.ଏନ.ଏ.)

ଉତ୍ତରପ୍ରଦେଶର କାନପୁରଠାରେ ଗତ ୭ ଓ ୮ ତାରିଖରେ ଖେଳା ଯାଇଥିବା ଜାତୀୟସ୍ତରୀୟ ସେଭେନ କ୍ଲବ ଖୋଖୋ ପ୍ରତିଯୋଗିତାର ୧୯ବର୍ଷରୁ କମ ବାଳିକା ବିଭାଗରେ ଓଡ଼ିଶା ଦଳ ରନର୍ସ ଅପ ହୋଇଛି। ଫାଇନାଲରେ ପଶ୍ଚିମବଙ୍ଗଠାରୁ ଓଡ଼ିଶା ୪/୩ ପଏଣ୍ଟରେ ପରାସ୍ତ ହୋଇଥିଲା। ରୁପାଲି ଦେହୁରୀ, ଶିବାନୀ ଦେହୁରୀ, ହସ୍ମିତା ସାହୁ, ଭବାନୀ ମାଟିଆ, ବବିତା ବାରିକ, କାଜଲ ବେହେରା, ବସୁମତୀ ଗଡନାୟକ, ତୁଳସୀ ପ୍ରଧାନ, ରେସ୍ମାରାଣୀ ପ୍ରମୁଖ ଖେଳାଳି ଏଥିରେ ଭାଗ ନେଇଥିଲେ। କୋଚ ଭାବେ ସ୍ମରଣିକା ଆଚାର୍ଯ୍ୟ ଯୋଗ ଦେଇଥିଲେ। ଅନୁଷ୍ଠାନ ତରଫରୁ କ୍ଲବର ଅଧ୍ୟକ୍ଷ ରାଜୀବ କୁମାର ଜେନା, ସଭାପତି ଅଜିତ କୁମାର ସାହୁ, ସମ୍ପାଦକ ଶରତ ଚନ୍ଦ୍ର ବିଶ୍ୱାଳ, ବିଜୟାନନ୍ଦ ମହାପାତ୍ର, ଦୋଳ ଗୋବିନ୍ଦ ଦଳେଇ, ଆଶିଷ କୁମାର ବେହେରା, ଅଭୟ ସାହୁ, ଲଳିତ ମୋହନ ପାଲ ପ୍ରମୁଖ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

■ଓପି ଜିନ୍ଦଲ ଫୁଟବଲ ଟୁର୍ନାମେଣ୍ଟ

## ପାଲଲହଡ଼ାକୁ ହରାଇ ସେମିରେ ବରଗଡ଼

ଅନୁଗୋଳ ଅଫିସ, ୯।୮

ଅନୁଗୋଳ ଷ୍ଟାଡିୟମରେ ଚାଲିଥିବା ଓ.ପି. ଜିନ୍ଦଲ କପ୍ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ ବରଗଡ଼ ୟୁନାଇଟେଡ ଏଫ୍.ସି. ୭-୦ ଗୋଲରେ ପାଲଲହଡ଼ାକୁ ହରାଇ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି।

ଅନୁଗୋଳ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ ଏକ ତରଫା ହୋଇଥିଲା। ବରଗଡ଼ ୟୁନାଇଟେଡ୍ ଏଫ୍.ସି. ପ୍ରଥମରୁ ପାଲଲହଡ଼ା ଉପରେ ଭାରି ପଡ଼ିଥିଲା। ଦଳ ପକ୍ଷରୁ ରଜତ ନାଗ ପ୍ରଥମ ଗୋଲ କରିଥିବାବେଳେ ଭରତ ମୁଣ୍ଡା ଦ୍ୱିତୀୟ, ରଜତ ନାଗ ତୃତୀୟ ଓ ଚତୁର୍ଥ ଗୋଲ କରିଥିଲେ। ସେହିପରି ଦ୍ୱିତୀୟାର୍ଦ୍ଧରେ ଭରତ ମୁଣ୍ଡା ପଞ୍ଚମ ଗୋଲ, ସୁନୀଲ ଓରାମ୍ ଷଷ୍ଠ ଓ ଧୀରାଜ ଓରାମ୍ ସପ୍ତମ ଗୋଲ କରିଥିଲେ।



ତେବେ ପାଲଲହଡ଼ାର କୌଣସି ଖେଳାଳି ଗୋଟିଏ ହେଲେ ଗୋଲ କରିବାକୁ ସକ୍ଷମ ହୋଇ ନ ଥିଲେ। ଅତିରିକ୍ତ ଏସ୍‌ପି ଅରୁଣ କୁମାର ଦାଶ ମୁଖ୍ୟଅତିଥି ଓ ପୂର୍ବତନ ଫୁଟବଲ ଖେଳାଳି ନେତ୍ରନନ୍ଦ ମହାକୁଡ଼ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବସନ୍ତ କୁମାର ଦାଶ, ଦିଲୀପ କୁମାର ରାଉତ, ଅଶୋକ କୁମାର ପଣ୍ଡା, ଶଲିଲ କୁମାର ବେହେରା ଓ ମନୋରଞ୍ଜନ ପଟ୍ଟନାୟକ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଶନିବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଗୋଳ ହୋମଗାର୍ଡ ଓ ଫୁଲବାଣୀ ମଧ୍ୟରେ ଅନୁଷ୍ଠିତ ହେବ।

### ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କଲେ ବିଧାୟକ

ଛେଣ୍ଡିପଦା, ୯।୮(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକର ବିଭିନ୍ନ ପଞ୍ଚାୟତରେ ଶୁକ୍ରବାର ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଆମ ଗାଁ ଆମ ବିକାଶ ଯୋଜନାରେ ଟାଙ୍ଗୁଡିଆ ପଞ୍ଚାୟତରେ ୪ଟି ଗୋଷ୍ଠୀ କେନ୍ଦ୍ର, ସନ୍ତରାବନ୍ଧ ଉଚ୍ଚ ବିଦ୍ୟାଳୟରେ ଜିଲା ଖଣିଜ ପାଣ୍ଠିରୁ ନିର୍ମିତ ନୂତନ ଶ୍ରେଣୀଗୃହ ବିଧାୟକ ଉଦ୍‌ଘାଟନ କରିଥିଲେ। ଏହାପରେ ଜରପଡା ପଞ୍ଚାୟତର ମାର୍କେଟ କମ୍ପ୍ଲେକ୍ସ ଓ ଏକ ଅଙ୍ଗନୱାଡି କେନ୍ଦ୍ରର ଉଦ୍‌ଘାଟନ ହୋଇଥିଲା। ବିଧାୟକ ସରକାରଙ୍କ ଲୋକାଭିମୁଖୀ ଯୋଜନା ଉପରେ ଲୋକଙ୍କୁ ବୁଝାଇଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଶ୍ରୀଧର ଗଡନାୟକ, ନନ୍ଦିନୀ ସାହୁ, ଭାନୁପ୍ରିୟା ପ୍ରଧାନ, ଜରପଡା ବିକାଶ ମଞ୍ଚ ସଭାପତି ନାରାୟଣ ସାହୁ, ବବିତା ବେହେରା, ଖଗପତି ପ୍ରଧାନ, ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ।

ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଲା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ଲୋହିତ ରଥ ଭୁବନ ରେଞ୍ଜର



ଭୁବନ, ୯।୮(ଡି.ଏନ.ଏ.): ଢେଙ୍କାନାଳ ଜିଲା ଭୁବନ ରେଞ୍ଜର ଭାବେ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି ଲୋହିତ କୁମାର ରଥ। ଏଥିପୂର୍ବରୁ ସେ ବୌଦ୍ଧ ବନ ବିଭାଗରେ କାର୍ଯ୍ୟରତ ଥିଲେ। ଏଠାକାର ରେଞ୍ଜର ବିଭୁଦାନନ୍ଦ ମିଶ୍ରଙ୍କ ବଦଳି ପରେ ସେ ଉକ୍ତ ପଦବୀରେ ଯୋଗଦେଇଛନ୍ତି। ଶୁକ୍ରବାର ଉଭୟ ରେଞ୍ଜରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଦର ରେଞ୍ଜର ମୁନାଓ୍ୱର ଖାଁଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ କପିଳାସ ରେଞ୍ଜର ଦର୍ଶନିଆ ଭୋଇ, ଷଡ଼ଙ୍ଗୀ ରେଞ୍ଜର ଅଶୋକ କୁମାର ଭଞ୍ଜ, ମହାବିରୋଡ ରେଞ୍ଜର ହରମୋହନ ନାୟକ, କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜର ସତ୍ୟନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଫରେଷ୍ଟର କବିତା ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ। ନୂଆବଜାର ବଣିକ ସଂଘ ସଭାପତି ଦୁଷ୍ମନ୍ତ କୁମାର ପୃଷ୍ଟି, ଗଣେଶ ବଜାର ପୂଜା କମିଟି ସଭାପତି ଶୁଭେନ୍ଦୁ କୁମାର ସାହୁ କହିଲେ, ରେଞ୍ଜର ବିଭୁଦାନନ୍ଦଙ୍କ କାର୍ଯ୍ୟକାଳ ସମୟ ମଧରେ ଅଞ୍ଚଳରେ ବ୍ୟାପକ ବନୀକରଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ତାଙ୍କ ଉଦ୍ୟମରେ ବୁଦ୍ଧେଶ୍ୱର ମନ୍ଦିର ନିକଟ ବ୍ରାହ୍ମଣୀ ନଦୀ ପଠାରେ ୪୦ ଏକର ଜମିରେ ଚାରା ଲଗାଯାଇଛି। ଏହି ଧାରାକୁ ଆଗକୁ ନେବାକୁ ଉଭୟେ ଗୁରୁତ୍ୱାରୋପ କରିଥିଲେ। ରେଞ୍ଜର ରଥ ନିଜ ପ୍ରତିକ୍ରିୟାରେ କୁହନ୍ତି, ଅଞ୍ଚଳରେ ବ୍ୟାପକ ଚାରାରୋପଣ କରାଯିବ। ଏଥିରେ ଅଞ୍ଚଳବାସୀ ସହଯୋଗ କରିବାକୁ ସେ ଆହ୍ୱାନ ଦେଇଥିଲେ।

### ଇଶୋ ପକ୍ଷରୁ ଜିଲାସ୍ତରୀୟ ବୈଠକ

ଢେଙ୍କାନାଳ ଅଫିସ,୯।୮: ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇଶୋ ଏବଂ ଅକ୍ସଫାମ୍ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଲେଖକ ସଂସଦ ପରିସରରେ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ସାମାଜିକ କର୍ମୀ ପ୍ରଶାନ୍ତ ମିଶ୍ର, ଅନ୍ତର୍ଯ୍ୟାମୀ ରଥ, ଆଇନ ମହାବିଦ୍ୟାଳୟ ଅଧାପକ ଡ. ବିଜୟ ଚନ୍ଦ୍ର ମହାପାତ୍ର, ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ସମ୍ପାଦକ ପ୍ରଦୀପ ସାହୁ, ଖବରଦାତା ଶିଶିର ଶତପଥୀ ପ୍ରମୁଖ ଯୋଗଦେଇ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ସାମାଜିକ କର୍ମୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ପାରାଲିଗାଲ ଭଲ୍ୟୁଣ୍ଟିୟର, ବିଭିନ୍ନ ଜାତିର ମୁଖିଆମାନେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଇଶୋର ସମ୍ପାଦିକା ପୁଷ୍ପାଞ୍ଜଳି ଜେନା ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସଚେତନ କରାଇଥିଲେ। ସର୍ବେଶ୍ୱର ମଲ୍ଲିକ, ତାରା ସ୍ୱାଇଁ, ଅନିମା ନାୟକ ଓ ତପନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ପ୍ରେମଲତା ଦାସ ଧନ୍ୟବାଦ ଦେଇଥିଲେ।

### ଜିଲାସ୍ତରୀୟ ଯୁବ ରେଡକ୍ରସ୍ ସମ୍ମିଳନୀ

ଢେଙ୍କାନାଳ ଅଫିସ, ୯।୮ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶୁକ୍ରବାର ଜିଲାସ୍ତରୀୟ ଯୁବ ରେଡ୍‌କ୍ରସ୍ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ୨୫ ମହାବିଦ୍ୟାଳୟରୁ ୫୦ଜଣ ଅଧକ୍ଷ ଏବଂ ପରାମର୍ଶଦାତା ଏଥିରେ ଭାଗ ନେଇଥିଲେ। କଲେଜ ଅଧକ୍ଷା ପ୍ରଫେସର ରଶ୍ମି ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କନିଷ୍ଠ ମହାବିଦ୍ୟାଳୟ ଅଧକ୍ଷ ଡ.ଚତୁର୍ଭୁଜ ପତି, ମୁଖ୍ୟବକ୍ତା ପ୍ରାଧାପକ ରଣଜିତ ପ୍ରଧାନ ମଞ୍ଚାସୀନ ରହି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଜିଲା ଆବାହକ ଡ. ପୂର୍ଣ୍ଣଚନ୍ଦ୍ର ବରାଳ, ପୂର୍ବତନ ଜିଲା ଆବାହକ ଡ. ଦେବାଶିଷ ମହାନ୍ତି ରେଡ୍‌କ୍ରସର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। କନିଷ୍ଠ ମହାବିଦ୍ୟାଳୟର ପରାମର୍ଶଦାତା ଅଧାପକ ଡ. ଭୂପେଶ ଚନ୍ଦ୍ର ସାହୁ ଏହାକୁ ପରିଚାଳନା କରିଥିବାବେଳେ ଅଧାପକ ଅଦ୍ୱୈତ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଗତବର୍ଷର କାର୍ଯ୍ୟକ୍ରମର ସମୀକ୍ଷା କରାଯିବା ସହ ଚଳିତବର୍ଷ ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ହୋଇଥିଲା। ସ୍ୱେଚ୍ଛାସେବୀଙ୍କ ସହାୟତାରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ, ଚାରାରୋପଣ, ଏଡ୍‌ସ ସଚେତନତା, ପ୍ରାଥମିକ ଚିକିତ୍ସା, ରେଡ୍‌କ୍ରସ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯିବାକୁ ନିଷ୍ପତ୍ତି ହୋଇଛି। ସେହିପରି ଆଗାମୀ ଦିନରେ ହେବାକୁ ଥିବା ଜିଲାସ୍ତରୀୟ ଯୁବ ରେଡ୍‌କ୍ରସ୍ ପ୍ରଶିକ୍ଷଣ ଶିବିର ଢେଙ୍କାନାଳ କଲେଜରେ ଅନୁଷ୍ଠିତ ହେବ ବୋଲି ସର୍ବସମ୍ମତି କ୍ରମେ ସ୍ଥିର କରାଯାଇଛି।

## ବାଇପାସ୍‌ରେ ଯୋଡ଼ିହେବ ଆଳତୁମା-ମାଳପୁରା

# ଖର୍ଚ୍ଚ ହେବ ୨୦.୧୧ କୋଟି

କାମାକ୍ଷାନଗର, ୯।୮(ଡି.ଏନ.ଏ.)

ଢେଙ୍କାନାଳ-କାମାକ୍ଷାନଗର ରାସ୍ତାରେ ୫୩ନଂ. ଜାତୀୟ ରାଜପଥକୁ ସଂଯୋଗ କରିବାକୁ ପୂର୍ତ୍ତ ବିଭାଗ ପକ୍ଷରୁ ଏକ ବାଇପାସ୍ ରାସ୍ତା ନିର୍ମାଣ କରାଯିବ। ଏଥିପାଇଁ ଚୂଡ଼ାନ୍ତ ନକ୍ସା ପ୍ରସ୍ତୁତ କାର୍ଯ୍ୟ ଶେଷ ହୋଇଛି। ୭.୭ କିମି ଦୈର୍ଘ୍ୟ ବିଶିଷ୍ଟ ଉକ୍ତ ରାସ୍ତା ନିର୍ମାଣରେ ୨୦ କୋଟି ୧୧ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବାକୁ ବ୍ୟୟବାରାଦ କରାଯାଇଛି। ଏଥିପାଇଁ ଆବଶ୍ୟକ ଟେଣ୍ଡର ପ୍ରକ୍ରିୟା ଏବଂ ଜମି ଅଧିଗ୍ରହଣ ଶେଷ ହୋଇଛି। ଶୁକ୍ରବାର ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ହରିପାଲ, କନିଷ୍ଠ ଯନ୍ତ୍ରୀ ଦୀପ୍ତିମୋହନ ମଲ୍ଲିକ ପ୍ରମୁଖ କର୍ମଚାରୀଙ୍କ ସହ ଉପସ୍ଥିତ ରହି ମାପଚୁପ କରିଛନ୍ତି। କିଛି ଦିନ ମଧରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ନିର୍ବାହୀ ଯନ୍ତ୍ରୀ ସୂଚନା ଦେଇଛନ୍ତି।



ପୂର୍ତ୍ତ ବିଭାଗ ଅଧିକାରୀମାନେ ମାପଚୁପ କରୁଛନ୍ତି।

ଢେଙ୍କାନାଳ-କାମାକ୍ଷାନଗର ରାସ୍ତାରେ କାମାକ୍ଷାନଗରଠାରୁ ୫୩ନଂ. ଜାତୀୟ ରାଜପଥର ଦୂରତା ୩୫ କିମି। ସେଠାରୁ ଗୋଟିଏ ପାର୍ଶ୍ୱରେ ତାଳଚେର ଏବଂ ଅନ୍ୟ ପାର୍ଶ୍ୱରେ ଭୁବନ ଅବସ୍ଥିତ। ଏବର ଯୋଜନା ଅନୁଯାୟୀ, ଜାତୀୟ ରାଜପଥଠାରୁ ୨କିମି ପୂର୍ବରୁ ରେକୁଲାଠାରୁ ମାଳବନ୍ଧ ଦେଇ ଆଳତୁମାକୁ ବାଇପାସ୍ ରାସ୍ତା ନିର୍ମାଣ ହେବ, ଯାହାର ଦୈର୍ଘ୍ୟ ରହିଛି ୩ କିମି ୫୪୦ମିଟର। ସେହିପରି ରେକୁଲାରୁ ମାଳପୁରାକୁ ଅନୁରୂପ ଭାବେ ମାଳବନ୍ଧ ଦେଇ ରାସ୍ତା ନିର୍ମାଣ କରାଯିବ। ଏହାର ଦୈର୍ଘ୍ୟ ୪କିମି ୧୮୦ ମିଟର। ଉଭୟ ରାସ୍ତା ରେକୁଲାରୁ ଜାତୀୟ ରାଜପଥକୁ ସଂଯୋଗ କରିବ। ଫଳରେ ଭୁବନକୁ ପାଖାପାଖି ୧୦ କିମି ଏବଂ ତାଳଚେରକୁ ୬କିମି ବ୍ୟବଧାନ କମିଯିବ। ଏତଦ୍‌ବ୍ୟତୀତ ପାର୍ବଣ ସମୟରେ ଟ୍ରାଫିକ୍ ସମସ୍ୟାରୁ ମୁକ୍ତି ମିଳିବ। ଦୁଇଟି କ୍ୟାଲେଣ୍ଡର ବର୍ଷ ଅର୍ଥାତ୍ ୨୦୨୨ ମଧ ଭାଗ ସୁଦ୍ଧା ଏହାର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ବାଇପାସ୍ ନିର୍ମାଣ ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ରହିଥିଲା। ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

- ତାଳଚେର, ଭୁବନକୁ ବ୍ୟବଧାନ ହ୍ରାସ ପାଇବ
- ପାର୍ବଣ ଋତୁରେ ସୁଧୁରିବ ଟ୍ରାଫିକ୍ ସମସ୍ୟା

## ଆଇଆଇଏମ୍‌ସିରେ ଆଲୋଚନାଚକ୍ର

# 'ସମ୍ପର୍କର ସେତୁ ବାନ୍ଧିଥିଲେ ଗାନ୍ଧିଜୀ'



ଢେଙ୍କାନାଳ ଅଫିସ, ୯।୮

ଢେଙ୍କାନାଳସ୍ଥିତ ଆଇଆଇଏମ୍‌ସି ପରିସରରେ ଶୁକ୍ରବାର ଅଗଷ୍ଟ କ୍ରାନ୍ତି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ 'ଜଣେ ଯୋଗାଯୋଗକାରୀ ଭାବେ ମହାତ୍ମା ଗାନ୍ଧୀ' ଶୀର୍ଷକ ଆଲୋଚନାଚକ୍ରରେ ଭାଗନେଇ ଶିକ୍ଷାବିତ୍ ସୁବୀର ଘୋଷ କହିଲେ, ଗାନ୍ଧୀଙ୍କ ପୂର୍ବରୁ ନେତା ଏବଂ ଜନତାଙ୍କ ମଧରେ ବିରାଟ ବ୍ୟବଧାନ ଥିଲା। ଏହାକୁ କମାଇବା ପାଇଁ ଗାନ୍ଧିଜୀ ଆପ୍ରାଣ ଉଦ୍ୟମ କରିଥିଲେ। ସେ ଲୋକଙ୍କ ହୃଦୟକୁ ଠିକ୍ ଭାବେ ବୁଝୁଥିଲେ। ନେତା-ଜନତାଙ୍କ ମଧରେ ସମ୍ପର୍କର ସେତୁ ବାନ୍ଧିଥିଲେ। ଟେକ୍ନୋଲେଜି ନ ଥିବା ସତ୍ତ୍ୱେ ସେ ଦକ୍ଷିଣ ଏସିଆ ଯାଏ ନିଜର ବାର୍ତ୍ତା ପହଞ୍ଚାଇବାରେ ସଫଳ ହୋଇଥିଲେ ବୋଲି ଶିକ୍ଷାବିତ୍ ଘୋଷ ମତବ୍ୟକ୍ତ କରିଥିଲେ। ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ କହିଲେ, ମହାତ୍ମା ଗାନ୍ଧୀ ଥିଲେ ଜଣେ ବିଦ୍ୱାନ୍ ସମ୍ପାଦକ। ସେ ପରବର୍ତ୍ତୀ ପିଢ଼ିର ସମ୍ପାଦକ ଏବଂ ସାମ୍ବାଦିକଙ୍କ ପାଇଁ ଉଦାହରଣ ସୃଷ୍ଟି କରିଥିଲେ। ସହକାରୀ ପ୍ରଫେସର ସମ୍ମିତ ପାଲ୍ ଧନ୍ୟବାଦ ଦେଇଥିଲେ।

ଦ୍ୱିତୀୟ ଅଧିବେଶନରେ 'ଉତ୍କଳ ଗାନ୍ଧୀ ସ୍ମାରକ ନିଧି' ଅନୁଷ୍ଠାନ ପକ୍ଷରୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବକ୍ତା ଭାବେ ଗ୍ରନ୍ଥକାର ଡ. ସତ୍ୟ ରାୟ ଯୋଗଦେଇ କହିଲେ, ଗାନ୍ଧିଜୀ ନିଜ ଲେଖା ମାଧ୍ୟମରେ ଲୋକଙ୍କୁ ଶିକ୍ଷିତ କରିବା ପାଇଁ ପ୍ରୟାସ କରୁଥିଲେ। ଦୂରଦର୍ଶନର ଅବସରପ୍ରାପ୍ତ ନିର୍ଦ୍ଦେଶିକା ଜୟନ୍ତୀ ମଞ୍ଜରୀ ରଥ କହିଲେ, ଗାନ୍ଧୀଜୀ ସତ୍ୟ ଏବଂ ଅହିଂସାର ଶକ୍ତି ବିଶ୍ୱବାସୀଙ୍କୁ ଦେଖାଇଥିଲେ। ତାଙ୍କ ଉଦ୍ୟମରେ ଦେଶ ନୂତନ ଦିଗ୍‌ଦର୍ଶନ ପାଇଥିଲା। ସହକାରୀ ପ୍ରଫେସର ଡ. ଜ୍ୟୋତି ପ୍ରକାଶ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନିଶା ନିବାରଣ ପାଇଁ ଅଣ୍ଟା ଭିଡ଼ିଲା ସଚେତନ ନାଗରିକ ଫୋରମ୍

# ମଦ ରାଜସ୍ୱ ବୃଦ୍ଧିର ବିକଳ୍ପ ନୁହେଁ: ଏମ୍‌ପି



ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଅତିଥି ଏବଂ ଫୋରମ୍‌ର କର୍ମକର୍ତ୍ତା।

ଢେଙ୍କାନାଳ ଅଫିସ, ୯।୮

ବିକାଶ ପାଇଁ ବିପୁଳ ଅର୍ଥର ଆବଶ୍ୟକତା ରହିଛି। ହେଲେ ମଦକୁ ରାଜସ୍ୱ ବୃଦ୍ଧିର ବିକଳ୍ପ ଭାବେ ଦେଖିବା ଅନୁଚିତ। ରାଜସ୍ୱ ବୃଦ୍ଧି ପାଇଁ ନିଶାକୁ ପ୍ରୋତ୍ସାହିତ କରିବା ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି ଢେଙ୍କାନାଳ ଏମ୍‌ପି ମହେଶ ସାହୁ। ସ୍ଥାନୀୟ ସଚେତନ ନାଗରିକ ଫୋରମ୍ ପକ୍ଷରୁ ଅଗଷ୍ଟ କ୍ରାନ୍ତି ଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଥିଲେ। ଫୋରମ୍ ସଭାପତି ପ୍ରଦ୍ୟୁମ୍ନ ରଥଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଦେଶବ୍ୟାପୀ ନିଶା ନିବାରଣ ଓ ଦୁର୍ନୀତି ହଟାଇବା ପାଇଁ ଆହ୍ୱାନ ଦିଆଯାଇଥିଲା। ପ୍ରାରମ୍ଭରେ ବସ୍‌ଷ୍ଟାଣ୍ଡ ନିକଟ ପାର୍କରେ ମୁଖ୍ୟଅତିଥିଙ୍କ ଦ୍ୱାରା ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିସହ ସମବେତ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ସମ୍ପାଦକ ଭରତ ଦାସ କାର୍ଯ୍ୟକ୍ରମ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଉପସଭାପତି ପଙ୍କଜ ନାୟକ, ଅଖିଳ ମହାପାତ୍ର, ଯୁଗ୍ମ ସମ୍ପାଦକ ଗୁପ୍ତେଶ୍ୱର ମିଶ୍ର, ସହର ସଂଯୋଜକ ରୁଦ୍ର ପ୍ରସାଦ ଶରଣ, ଗଣେଶ୍ୱର ପ୍ରଧାନ, ରଶ୍ମିତା ରାଉତ, ବ୍ରହ୍ମକୁମାରୀ ଉଷା, ବାସନ୍ତୀ ସ୍ୱାଇଁ, ଶିଶିର ଶତପଥୀ, ଅର୍ଜୁନ ସାହୁ, ବିନୟ ସାହୁ, ସଞ୍ଜୀବ ମିଶ୍ର, ଦିଲୀପ ଶତପଥୀ, ଚକ୍ରଧର ତରାଇ, ଦୟାନିଧି ବେହେରାଙ୍କ ସମେତ ବହୁ ସଭ୍ୟ ମଦମୁକ୍ତ ସମାଜର ଆବଶ୍ୟକତା ଉପରେ ମତ ରଖିଥିଲେ। ଏହାପରେ ଫୋରମ୍ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନିଶାମୁକ୍ତ ଓ ଦୁର୍ନୀତି ମୁକ୍ତ ସମାଜ ଗଠନ ନେଇ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା।

## ଯୁବତୀଙ୍କୁ ଲିଫ୍ଟ ଦେଇ ଫସିଲେ ଯୁବକ

ପରଜଙ୍ଗ, ୯।୮(ଡି.ଏନ.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ସରାଙ୍ଗ-ଭାଲୁମୁଣ୍ଡା ପୂର୍ତ୍ତ ବିଭାଗ ରାସ୍ତାର ଜହ୍ନାପଡ଼ା ଗାଁ ନିକଟରୁ ଶୁକ୍ରବାର ସନ୍ଧ୍ୟାରେ ଅଭିନବ ଉପାୟରେ ଲୁଟ୍ ହୋଇଛି। ଲୁଟ୍‌ର ଶିକାର ହୋଇଛନ୍ତି ଭାଲୁମୁଣ୍ଡା ଗ୍ରାମର ସନ୍ନ୍ୟାସୀ ନାଏକ। ଦୁଇଜଣ ଯୁବକ ଏବଂ ଜଣେ ଯୁବତୀ ନିସ୍ତୁକ ମାଡ଼ମାରି ତାଙ୍କଠାରୁ ୧୦୦୦ ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ହୋଇଛି। ସନ୍ନ୍ୟାସୀ ତାଳଚେରରୁ ଘରକୁ ଫେରୁଥିଲେ। ସରାଙ୍ଗ ଗେଟ୍ ନିକଟରେ ଜଣେ ଯୁବତୀ ଭାଲୁମୁଣ୍ଡା ଯିବାକୁ ଲିଫ୍ଟ ମାଗିଥିଲେ। ଜହ୍ନାପଡ଼ା ଗ୍ରାମ ନିକଟରେ ଦୁଇଜଣ ଯୁବକ ଅନ୍ୟ ଏକ ବାଇକ୍‌ରେ ଆସି ଅଟକାଇଥିଲେ। ଏହାପରେ ସନ୍ନ୍ୟାସୀଙ୍କୁ ମାଡ଼ ମାରିବା ସହ ତାଙ୍କଠାରୁ ୧୦୦୦ ଟଙ୍କା ଛଡ଼ାଇ ନେଇଥିଲେ। ଲିଫ୍ଟରେ ଆସିଥିବା ଯୁବତୀ ଜଣକ ଅଭିଯୁକ୍ତଙ୍କ ସହ ବାଇକ୍‌ରେ ବସି ଫେରାର ହୋଇଯାଇଥିଲେ। ପରଜଙ୍ଗ ଅଞ୍ଚଳରେ ଲୁଟ୍‌ତରାଜ ନୂଆ କଥା ନୁହେଁ। ହେଲେ ଏଥିରେ ଯୁବତୀଙ୍କ ସମ୍ପୃକ୍ତି ପ୍ରଥମ ଥର ବୋଲି କୁହାଯାଉଛି। ଏଥିରେ ଏକ ଗ୍ୟାଙ୍ଗ କାମ କରୁଥିବା ଚର୍ଚ୍ଚା ଜୋର୍ ଧରିଛି।

## ଢେଙ୍କାନାଳକୁ ମିଳିଲାନି ସରକାରୀ ବସ୍

# ଆନ୍ଦୋଳନ ଚେତାବନୀ ଦେଲା କଂଗ୍ରେସ

ଢେଙ୍କାନାଳ ଅଫିସ, ୯।୮



କଂଗ୍ରେସ କର୍ମକର୍ତ୍ତା ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ପୁଣିଥରେ ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବର ଶିକାର ହୋଇଛି ଢେଙ୍କାନାଳ ଜିଲା। ଆବଶ୍ୟକ ଥିବା ସତ୍ତ୍ୱେ ଶିଳ୍ପସମୃଦ୍ଧ ଜିଲାକୁ ନୂତନ ସରକାରୀ ବସ୍ ସେବାରୁ ବାଦ୍ ଦିଆଯାଇଛି। ରାଜ୍ୟ ସଡ଼କ ପରିବହନ ନିଗମର ଏପରି କାର୍ଯ୍ୟାବଳୀକୁ ତୀବ୍ର ନିନ୍ଦା କରିଛି ଜିଲା କଂଗ୍ରେସ। ଏହାର ତୁରନ୍ତ ସମାଧାନ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ଏ ନେଇ ଶୁକ୍ରବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଅଭିଯୋଗ ଅନୁଯାୟୀ, ଢେଙ୍କାନାଳ ଜିଲାର ହଜାର ହଜାର ଯାତ୍ରୀ ଦୈନିକ ବସ୍ ସେବା ଉପରେ ନିର୍ଭର କରୁଛନ୍ତି। କଟକ ଏବଂ ଭୁବନେଶ୍ୱରକୁ ଯାତାୟାତ କରୁଥିବା ଯାତ୍ରୀମାନେ ଶୋଷଣର ଶିକାର ହେଉଛନ୍ତି। ସେମାନଙ୍କୁ ସିଟ୍ ମିଳୁନାହିଁ। ଏ ନେଇ ପ୍ରତିବାଦ କରାଯିବା ସତ୍ତ୍ୱେ ସରକାର ଏହାର ସମାଧାନ ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି। ଦୀର୍ଘ ୪୦ବର୍ଷ ହେଲା ଏହି ସମସ୍ୟା ଲାଗି ରହିଛି। ତେଣୁ ଅଗ୍ରାଧିକାର ଭିତ୍ତିରେ ତୁରନ୍ତ ବସ୍‌ଯାତ୍ରୀ ସମସ୍ୟାର ସମାଧାନ ଏବଂ ନୂତନ ସରକାରୀ ବସ୍ ଚଳାଚଳ ପାଇଁ କଂଗ୍ରେସ କର୍ମକର୍ତ୍ତାମାନେ ଦାବି କରିଛନ୍ତି।

ଦାବିପତ୍ର ପ୍ରଦାନ ବେଳେ ଜିଲା କଂଗ୍ରେସ ସଭାପତି ସୁରେଶ ପାଣିଗ୍ରାହୀ, ବରିଷ୍ଠ ନେତା ନବୀନଚନ୍ଦ୍ର ନାରାୟଣ ଦାସ, ରୁଦ୍ର ପ୍ରକାଶ ଶରଣ, ନିଶାକର ସାହୁ, ତୁଷାରକାନ୍ତି ନାୟକ, ହାଇଦର ମହମ୍ମଦ, ଶେଖ ଜାବିର ବକ୍ସ, ବିଜୟ କୁମାର ସ୍ୱାଇଁ, ଅମର କୁମାର ସେନାପତି, ଅମିୟ କୁମାର ନାଥ, ନେତ୍ରୀ ମମତାଞ୍ଜଳି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# 'ସଂଗ୍ରାମୀଙ୍କ ପଥ ଅନୁସରଣ କର'



ଭୁବନ, ୯।୮(ଡି.ଏନ.ଏ.)

ଭୁବନ ହେଉଛି ସଂଗ୍ରାମୀଙ୍କ ମାଟି। ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ବଳିଦାନ ସ୍ୱାଧୀନତା ସଂଗ୍ରାମ ଇତିହାସରେ ଲିପିବଦ୍ଧ। ଏହି ମାଟିର ସନ୍ତାନ ହୋଇ ଆମେ ଇତିହାସକୁ ଭୁଲିଯିବା ଅନୁଚିତ। ଦେଶମାତୃକାର ସେବାରେ ପ୍ରାଣବଳି ଦେଇଥିବା ବୀର ସଂଗ୍ରାମୀଙ୍କ ପଥ ଅନୁସରଣ କଲେ ଏହା ହିଁ ସେମାନଙ୍କ ପ୍ରତି ଯଥାର୍ଥ ସମ୍ମାନ ହେବ ବୋଲି କହିଛନ୍ତି ଅବସରପ୍ରାପ୍ତ ବାୟୁସେନା କର୍ମଚାରୀ ପ୍ରଫୁଲ୍ଲ କୁମାର ଦାସ। ସ୍ଥାନୀୟ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ଅଗଷ୍ଟ କ୍ରାନ୍ତି ଦିବସ ଆଲୋଚନାଚକ୍ରରେ ଅତିଥିଭାବେ ଯୋଗଦେଇ ସେ ଯୁବପିଢ଼ିଙ୍କ ଉଦ୍ଦେଶ୍ୟରେ ଏହା କହିଛନ୍ତି।

କଲେଜ ଅଧକ୍ଷ କିଶୋର ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବାଜି ରାଉତଙ୍କ ପୁତୁରା କୁଳମଣି ରାଉତ, ସଂଗ୍ରାମୀ ରଘୁ ନାୟକଙ୍କ ଦାୟାଦ ତରଣୀ ସେନ ନାୟକ, ଅବସରପ୍ରାପ୍ତ ସେନା କର୍ମଚାରୀ ସୋମନାଥ ଦାସ, ରବିନାରାୟଣ ନାୟକ ଅନ୍ୟତମ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହିଅବସରରେ କଲେଜ ପରିସରରେ ଥିବା ବାଜି ରାଉତ, ସୁବାସ ଚନ୍ଦ୍ର ବୋଷ, ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କଲେଜର ବହୁ ଛାତ୍ରୀଛାତ୍ର, କର୍ମଚାରୀ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ବାଜିସେନାର ସଭାପତି କମଳଲୋଚନ ମହାରଣା ସ୍ୱାଗତ ଭାଷଣ ଏବଂ ଲାଇବ୍ରେରିଆନ ନନ୍ଦକିଶୋର ସାହୁ ଧନ୍ୟବାଦ ଦେଇଥିଲେ।

# ଏସ୍‌ଏଚ୍‌ଜି ସଦସ୍ୟଙ୍କ କ୍ଷେତ୍ର ପରିଦର୍ଶନ



ଏସ୍‌ଏଚ୍‌ଜି ସଦସ୍ୟମାନେ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

କାମାକ୍ଷାନଗର, ୯।୮(ଡି.ଏନ.ଏ.)

କାମାକ୍ଷାନଗର ଅଞ୍ଚଳର ଏସ୍‌ଏଚ୍‌ଜି ସଦସ୍ୟମାନେ ଶୁକ୍ରବାର କ୍ଷେତ୍ର ପରିଦର୍ଶନ କରି ମାଛ ଚାଷ ସମ୍ପର୍କରେ ଜ୍ଞାନ ଆହରଣ କରିଛନ୍ତି। ମିଶନ ଶକ୍ତିର ବ୍ଲକ ପ୍ରକଳ୍ପ ସଂଯୋଜିକା ମୌସୁମୀ ସ୍ୱାଇଁଙ୍କ ନେତୃତ୍ୱରେ ଗୋଷ୍ଠୀ କର୍ମକର୍ତ୍ତାମାନେ ମାଳପୁରା, ଅଁଳାବେରଣୀ, କଙ୍ଗେଇଲୋ ଗ୍ରାମରେ ଥିବା ମତ୍ସ୍ୟ ଫାର୍ମ ଏବଂ ମାଛ ଚାଷ କରାଯାଉଥିବା ପୋଖରୀ ପରିଦର୍ଶନ କରିଥିଲେ। ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ଶେଷଦେବ ପ୍ରଧାନ ସହଯୋଗ କରିଥିଲେ।

## ଫଟୋରେ ଖବର



ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ମନ୍ଦାର ପଞ୍ଚାୟତ ଖଣ୍ଡବନ୍ଧ ସେକ୍ଟରରେ ବିଶ୍ୱ ସ୍ତନ୍ୟପାନ ଦିବସ ଅବସରରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ମା' ଏବଂ ସେମାନଙ୍କ ନବଜାତକ।



ଢେଙ୍କାନାଳ ସଦର ବ୍ଲକ ଦୁଦୁକାଟେଣୀ ଗ୍ରାମରୁ ସାପ ଉଦ୍ଧାରକାରୀ ଦଳ 'ବନ୍ୟକ'ର ସଦସ୍ୟମାନଙ୍କ ଦ୍ୱାରା ଉଦ୍ଧାର କରାଯାଇଥିବା ୯ଫୁଟର ଅଜଗର।

■ ଜାତୀୟ ଚଳଚ୍ଚିତ୍ର ପୁରସ୍କାର

# ଗୋଟିଏ ବି ଓଡ଼ିଆ ଫିଲ୍ମକୁ ମିଳିଲାନି

**ଭୁବନେଶ୍ୱର,୯।୮(ବ୍ୟୁରୋ)**

କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ଘୋଷଣା ହୋଇଛି ୬୬ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର। ବହୁ ନାମୀଦାମୀ ଚଳଚ୍ଚିତ୍ରକୁ ଏଥର ମିଳିଛି ଏହି ସମ୍ମାନଜନକ ପୁରସ୍କାର। ହେଲେ ଓଡ଼ିଆମାନଙ୍କୁ ନିରାଶ ହେବାକୁ ପଡ଼ିଛି। ଗୋଟିଏ ବି ଓଡ଼ିଆ ଫିଲ୍ମକୁ ୨୦୧୮ ବର୍ଷର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଲାଗି ଚୟନ କରାଯାଇନାହିଁ। ପୁରସ୍କାର ତ ଦୂରର କଥା, ଗୋଟିଏ ବି ଫିଲ୍ମ ଆଞ୍ଚଳିକ ଜୁରୀ କମିଟି ସଦସ୍ୟଙ୍କ ମନ ଜିଣିପାରିନାହିଁ। ଚଳିତବର୍ଷ ଏହି ଦୌଡ଼ରେ ଓଡ଼ିଶାରୁ ୪ଟି ଫିଲ୍ମ ସାମିଲ ହୋଇଥିଲା। ତେବେ କୌଣସି ଓଡ଼ିଆ ଫିଲ୍ମ ପୁରସ୍କାର ଲାଗି ଚୟନ ହୋଇ ନ ଥିବା ବେଳେ ଓଡ଼ିଆ ଭାଷାରେ ମଧ୍ୟ ଶ୍ରେଷ୍ଠ ସିନେମା ନାମ ଘୋଷଣା କରାଯାଇନାହିଁ। ଅନ୍ୟ ଭାଷାର ଫିଲ୍ମକୁ ଦେଖିଲେ ଓଡ଼ିଆ ଚଳଚ୍ଚିତ୍ର କ'ଣ ପାଇଁ ସବୁବେଳେ ପଛରେ ପଡ଼ିଯାଉଛି ତାହା ପ୍ରଶ୍ନବାଚୀ ହୋଇଛି। ମୌଳିକଧର୍ମୀ କାହାଣୀର ଅଭାବ ନା ଅତ୍ୟାଧୁନିକ ଟେକ୍ନୋଲୋଜି ସହ ତାଳଦେଇ ଚାଲିବାରେ ବିଫଳତା ତାହା ଏବେ ବି ଅନାଲୋଚିତ ବିଷୟ ହୋଇ ରହିଯାଇଛି।

ଇତିମଧ୍ୟରେ ୮୨ବର୍ଷରେ ପଦାର୍ପଣ କରିଛି ଓଡ଼ିଆ ଚଳଚ୍ଚିତ୍ର। ଆଗରୁ ବର୍ଷକୁ ହାତଗଣତି ଗୋଟିଏ ଦୁଇଟି ଚଳଚ୍ଚିତ୍ରରେ ସୀମିତ ରହିଯାଉଥିବା ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରୀ ଏବେ ବାର୍ଷିକ ୩୦ରୁ ୪୦ ଫିଲ୍ମ ନିର୍ମାଣ କରୁଛି। ଏହା ସତ୍ତ୍ୱେ ବି ଗତ କିଛିବର୍ଷ ହେଲା ଓଡ଼ିଆ ଚଳଚ୍ଚିତ୍ର ଜାତୀୟ ପୁରସ୍କାରରେ ନିଜର ସ୍ଥିତି ବଜାୟ ରଖିବାରେ ବିଫଳ ହୋଇଛି। ବିଶେଷକରି ଫିଚର ଫିଲ୍ମ ବିଭାଗରେ ଲଗାତର ଓଡ଼ିଆ ଚଳଚ୍ଚିତ୍ରକୁ ବିଫଳତାର ସାମ୍ନା କରିବାକୁ ପଡୁଛି। ଗତବର୍ଷଗୁଡ଼ିକ ଭଳି ଏଥର ମଧ୍ୟ ହିନ୍ଦୀ ସହ କନ୍ନଡ଼, ପଞ୍ଜାବୀ, ମରାଠୀ, ତେଲୁଗୁ ଆଦି ଭାଷାର ଏକାଧିକ ଆଞ୍ଚଳିକ ଚଳଚ୍ଚିତ୍ର ପୁରସ୍କାର ହାତେଇବାରେ ସଫଳ ହୋଇଛନ୍ତି। ହିନ୍ଦୀ ଚଳଚ୍ଚିତ୍ର 'ବଧାଇ ହୋ', 'ଅନ୍ଧାଧୁନ୍', 'ଉରି', 'ପ୍ୟାଡ୍‌ମ୍ୟାନ୍'ଏଥର ଜାତୀୟ ପୁରସ୍କାର ପାଇଛନ୍ତି। କନ୍ନଡ଼ ଚଳଚ୍ଚିତ୍ର 'କେଜିଏଫ୍', ଗୁଜୁରାଟୀ ଚଳଚ୍ଚିତ୍ର 'ହେଲୋରା' ଏହି ପୁରସ୍କାର ଦୌଡ଼ରେ ସାମିଲ ହୋଇଛନ୍ତି। ବ୍ୟବସାୟିକ ଭାବେ ଏହି ଚଳଚ୍ଚିତ୍ରଗୁଡ଼ିକ ସଫଳତା ପାଇବା ସହ ଉଭୟ କଳା ଓ ବ୍ୟବସାୟକୁ କିଭଳି ଏକାଠି କରିହେବ ତାହାର ଉଦାହରଣ ଦେଇଛନ୍ତି। ୨୦୧୮ରେ ୩୦ରୁ ଉର୍ଦ୍ଧ୍ୱ ଓଡ଼ିଆ ଫିଲ୍ମ ରିଲିଜ ହୋଇଥିଲେ ମଧ୍ୟ ଜାତୀୟସ୍ତରରେ ସଫଳତା ମିଳିନାହିଁ। 'କୋକଲି', 'ଫେରି ଆ' ଏବଂ 'ଭିଜା ମାଟିର ସ୍ୱପ୍ନ' ଭଳି ହାତଗଣତି ୪ଟି ଫିଲ୍ମ ଉନ୍ନତମାନର ହୋଇଥିବାରୁ ତାହାକୁ ପୁରସ୍କାର ଲାଗି ପଠାଯାଇଥିଲା। ମାତ୍ର କୌଣସି ଫିଲ୍ମ ନିଜର ଶ୍ରେଷ୍ଠତ୍ୱ ଜାହିର୍ କରିପାରିନାହାନ୍ତି। ଜାତୀୟ ଚଳଚ୍ଚିତ୍ର ପୁରସ୍କାରର ଆଞ୍ଚଳିକ ଜୁରି କମିଟିରୁ ମିଳିଥିବା ସୂଚନା ମୁତାବକ ଅନୁନ୍ନତ ଟେକ୍ନୋଲୋଜିର ବ୍ୟବହାର ସହ ଦୁର୍ବଳ କାହାଣୀ ଏବଂ ଅନ୍ୟାନ୍ୟ କାରଣ ଯୋଗୁ ଏହି ଫିଲ୍ମଗୁଡ଼ିକୁ ପ୍ରାଥମିକ ପର୍ଯ୍ୟାୟରୁ ହିଁ ବାଦ୍ ଦିଆଯାଇଛି। ମନମୋହନ ମହାପାତ୍ରଙ୍କ 'ଭିଜା ମାଟିର ସ୍ୱପ୍ନ' କିନ୍ତୁ ଜାତୀୟ ଚଳଚ୍ଚିତ୍ର ଆର୍କାଇଭ୍‌ରେ ସ୍ଥାନିତ ହେବାକୁ ମନୋନୀତ ହୋଇଛି। ଯାହାକି ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରୀ ପାଇଁ ସାମାନ୍ୟ ଆଶ୍ୱସ୍ତି ଆଣିଛି।

ଆଇବିସି ସଂଶୋଧନକୁ ସୁପ୍ରିମକୋର୍ଟଙ୍କ ସମର୍ଥନ

## ଘର କ୍ରେତାଙ୍କୁ ମିଳିବ ଋଣଦାତାର ମାନ୍ୟତା

**ନୂଆଦିଲ୍ଲୀ,୯।୮**

ଘର କ୍ରେତାଙ୍କୁ ଆଶ୍ୱସ୍ତ କରି ସୁପ୍ରିମକୋର୍ଟ ଶୁକ୍ରବାର ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍(ଆଇବିସି)ରେ ସଂଶୋଧନକୁ କାଏମ ରଖିଛନ୍ତି। ଘର କ୍ରେତାଙ୍କୁ ଋଣପ୍ରଦାନକାରୀ ବ୍ୟାଙ୍କ ଭଳି ଋଣଦାତା ଭାବେ ମାନ୍ୟତା ଦେବା ଲାଗି ଆଇବିସିରେ ସଂଶୋଧନ କରାଯାଇଥିଲା। ଏହାକୁ ସର୍ବୋଚ୍ଚ ଅଦାଲତ ବଜାୟ ରଖିଛନ୍ତି। ଏ ସଂକ୍ରାନ୍ତରେ ୨୦୦ ରିଏଲ ଇଷ୍ଟେଟ କମ୍ପାନୀ ପକ୍ଷରୁ ଆଗତ ମାମଲାକୁ ଜଷ୍ଟିସ ଆର୍.ଏଫ୍.ନରିମାନଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ସେମାନେ ନିଜ ଆବେଦନରେ ଆଇବିସି ସଂଶୋଧନକୁ ଅବୈଧ ଓ ଅସାମ୍ବିଧାନିକ ଦର୍ଶାଇବା ସହ ଏହାଦ୍ୱାରା ରିଏଲ ଇଷ୍ଟେଟ ସେକ୍ଟର ଗୁରୁତର ପ୍ରଭାବିତ ହେବ। ସୁପ୍ରିମକୋର୍ଟ ନିଷ୍ପତ୍ତିରୁ ଏହା ସ୍ପଷ୍ଟ ହୋଇଛି ଯେ, କୌଣସି ରିଏଲ ଇଷ୍ଟେଟ୍ କମ୍ପାନୀ ବୁଡ଼ିଗଲେ ଅଥବା ଦେବାଳିଆ ହୋଇଗଲେ ସମ୍ପତ୍ତି ନିଲାମ ବେଳେ ଘର କ୍ରେତାଙ୍କୁ ମଧ୍ୟ ଅଂଶଧନ ମିଳିବ। ରିଏଲ ଇଷ୍ଟେଟ କମ୍ପାନୀ ବୁଡ଼ିବା କ୍ଷେତ୍ରରେ କେବଳ ଋଣ ଦେଇଥିବା ବ୍ୟାଙ୍କକୁ ନିଲାମୀରୁ ଅଂଶଧନ ମିଳିଥାଏ।

# ଚୋରା ମଦ ବିକ୍ରି ଅଭିଯୋଗରେ ଅଟକ ଅଭିଯୁକ୍ତଙ୍କ ମୃତ୍ୟୁ



ଗ୍ରାମବାସୀ ରାସ୍ତା ଉପରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ବାଲେଶ୍ୱର ଅଫିସ, ୯।୮**

ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ଅଧୀନ ରେମୁଣା ଗୋଲେଇ ମା' କାଳୀ ହୋଟେଲରେ ଚୋରା ମଦ ବିକ୍ରି ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇ ଗତ ବୁଧବାରରେ ଶିଳ୍ପାଞ୍ଚଳ ଥାନା ପୋଲିସ ହୋଟେଲର କର୍ମଚାରୀ ରତିକାନ୍ତ ଦାସଙ୍କୁ ଥାନାକୁ ଆଣି ଅଟକ ରଖିଥିଲା। ଗୁରୁବାର ସକାଳେ ତାଙ୍କ ଦେହ ଅସୁସ୍ଥ ହେବାରୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବା ବେଳେ ହଠାତ୍ ତଳେ କଚାଡ଼ି ପଡ଼ି ଯାଇଥିଲେ। ମୁଣ୍ଡ ପଛପଟେ ମାଡ଼ ହେବାରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସଙ୍ଗେ ସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚାଇ ଚିକିତ୍ସା କରାଯିବା ପରେ ଅବସ୍ଥା ଗୁରୁତର ହେବାରୁ ଗୁରୁବାର କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଶୁକ୍ରବାର ପୂର୍ବାହ୍ନ ୧୧ଟା ୪୫ ମିନିଟ୍ ସମୟରେ ରତିକାନ୍ତଙ୍କ ମୃତ୍ୟୁ ହୋଇଛି। ଏନେଇ ସ୍ଥାନୀୟ ମଙ୍ଗଳାବାଗ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ମଧ୍ୟ କରାଯାଇଛି। ଏହି ଖବର ଜାଣିବା ପରେ ଗ୍ରାମବାସୀ ଏବଂ ସ୍ଥାନୀୟ ଲୋକେ ଶିଳ୍ପାଞ୍ଚଳ ଥାନା ରେମୁଣା ଗୋଲେଇରେ ଶୁକ୍ରବାର ରାତି ୯ଟା ସମୟରେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି। ରତିକାନ୍ତଙ୍କୁ ପୋଲିସ ମାଡ଼ ମାରି ଏଭଳି ଅବସ୍ଥା କରିଥିବାର ପରିବାର ଲୋକେ ଅଭିଯୋଗ କରିଥିବାବେଳେ ଶତାଧିକ ଲୋକ ରାସ୍ତାରୋକୋରେ ସାମିଲ ହୋଇଛନ୍ତି। ଘଟଣାସ୍ଥଳରେ ଏସ୍‌ଡ଼ିପିଓ ପ୍ରଭାସ ଚନ୍ଦ୍ର ପାଲ, ସହଦେବଖୁଣ୍ଟା ଥାନା ଆଇଆଇସି ପରେଶ ରାଉତ, ଡିଏସ୍‌ପି ଉମେଶ ପଣ୍ଡା ଫୋର୍ସ ସହ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି।

ଏ ସମ୍ପର୍କରେ ଶିଳ୍ପାଞ୍ଚଳ ଥାନା ଅଧିକାରୀ ଜୟନ୍ତ ବେହେରା କହନ୍ତି, ଅଭିଯୋଗ ପାଇବା ପରେ ମଦ ବିକ୍ରି କରୁଥିବା ରତିକାନ୍ତଙ୍କୁ ଗତ ୭ ତାରିଖ ରାତିରେ ଅଣାଯାଇ ଥାନାରେ ଅଟକ ରଖାଯାଇଥିଲା। ହଠାତ୍ ତା'ର ଦେହ ଅସୁସ୍ଥ ହେବାରୁ ପରିବାର ଲୋକଙ୍କୁ ଡାକି ଚିକିତ୍ସା ପାଇଁ ପୋଲିସ ସହିତ ଯିବାବେଳେ ପୂର୍ବରୁ ଥିବା ବାତ ରୋଗ ବାହାରିଥିଲା। ସେ କଚାଡ଼ି ହୋଇ ପଡ଼ିବାରୁ ମୁଣ୍ଡରେ ଆଘାତ ଲାଗିଥିଲା। ପୋଲିସ ସଙ୍ଗେ ସଙ୍ଗେ ଜିଲା ମୁଖ୍ୟଚିକିତ୍ସାଳୟ ଓ ପରେ କଟକକୁ ନେଇ ଚିକିତ୍ସା କରାଇବାର ସମସ୍ତ ବ୍ୟବସ୍ଥା କରିଛି।

ବନ୍ୟାରେ ଧୋଇଯାଇଥିବା ରେଳପଥ ମରାମତି ଶେଷ

# ୧୦ କି.ମି.କୁ କମିଲା ଟ୍ରେନର ବେଗ

**ବାତିଲ୍ ହୋଇଥିବା ଟ୍ରେନ୍**

୧.ଦୁର୍ଗ-ବିଶାଖାପାଟଣା-ଦୁର୍ଗ ପାସେଞ୍ଜର (୫୮୫୨୯-୫୮୫୩୦)

୨. ସମ୍ବଲପୁର-କୋରାପୁଟ-ସମ୍ବଲପୁର ପାସେଞ୍ଜର (୫୮୩୦୧-୫୮୩୦୨)

୩. ସମ୍ବଲପୁର-ଜୁନାଗଡ ରୋଡ-ସମ୍ବଲପୁର ପାସେଞ୍ଜର (୫୮୩୦୩-୫୮୩୦୪)

**ଆଂଶିକ ବାତିଲ୍**

୯ତାରିଖରେ ହାଓଡ଼ାରୁ ଛାଡ଼ିବାକୁ ଥିବା ଓ ୧୦ତାରିଖରେ ଜଗଦଲପୁରରୁ ଛାଡ଼ିବାକୁ ଥିବା ହାଓଡ଼ା-ଜଗଦଲପୁର-ହାଓଡ଼ା ସମଲେଶ୍ୱରୀ ଏକ୍ସପ୍ରେସ (୧୮୦୦୫-୧୮୦୦୬) ଟିଟିଲାଗଡ଼ ପର୍ଯ୍ୟନ୍ତ ଯାତ୍ରା କରିବ। ଉଭୟ ଦିଗରୁ ଟିଟିଲାଗଡ଼ ଓ ଜଗଦଲପୁର ମଧ୍ୟରେ ଟ୍ରେନ୍ ଚଳାଚଳ ବାତିଲ୍ ରହିବ।

ଭୁବନେଶ୍ୱର, ୯।୮(ବ୍ୟୁରୋ) ରାୟଗଡ଼ାର ଡାଇକାଲୁ ଓ ଅମ୍ବାଦୋଳା ମଝିରେ ବନ୍ୟାରେ ଧୋଇଯାଇଥିବା ରେଳପଥକୁ ଶୁକ୍ରବାର ସକାଳ ସୁଦ୍ଧା ମରାମତି କରାଯାଇଛି। ଏବେ ସଂପୃକ୍ତ ପଥରେ ଟ୍ରେନ୍‌ର ବେଗକୁ ଘଣ୍ଟା ପ୍ରତି ୧୦ କିଲୋମିଟର ପର୍ଯ୍ୟନ୍ତ କମାଇ ଦିଆଯାଇଛି। ୨୪ଘଣ୍ଟିଆ ନଜର ରଖି ସେହି ପଥ ଦେଇ ଟ୍ରେନ୍ ଚଳାଇବାକୁ ନିଷ୍ପତ୍ତି ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ଟିଟିଲାଗଡ଼ ଓ ରାୟଗଡ଼ାରେ ପରିଚାଳନାଗତ ସମସ୍ୟାକୁ ଦେଖି ପୂର୍ବତଟ ରେଳବାଇ ପକ୍ଷରୁ ୩ଟି ପାସେଞ୍ଜର ଟ୍ରେନ୍‌କୁ ବାତିଲ୍ କରାଯିବା ସହ ଗୋଟିଏ ଏକ୍ସପ୍ରେସକୁ ଆଂଶିକ ବାତିଲ କରାଯାଇଛି। ମରାମତି ହୋଇଥିବା ଟ୍ରାକ୍‌ରେ ଅଳ୍ପ ବେଗରେ (୧୦କି.ମି) ଟ୍ରେନ୍ ଚଳାଇବାକୁ ଅନୁମତି ଦିଆଯାଇଥିବାରୁ ସେହି ଟ୍ରାକ୍‌ରେ ଟ୍ରେନ୍ ସଂଖ୍ୟାକୁ କମାଇ ଦିଆଯାଇଛି। ଏଣିକି ଭୁବନେଶ୍ୱରରୁ କୋରାପୁଟ ହୀରାଖଣ୍ଡ ଏକ୍ସପ୍ରେସ ଯାତ୍ରା କରିବ ବୋଲି ରେଳବାଇ ପକ୍ଷରୁ ସୂଚନା ମିଳିଛି।


**OFFICE OF THE REGULATED MARKET COMMITTEE, NABARANGPUR**

The Sub Collector cum Chairman, Regulated Market Committee, Nabarangpur invites sealed quotations for Insurance Policy Premium against storage of MAIZE & PADDY 500 MT & 1000 MT Godowns under WDRA Scheme of RMC, Nabarangpur vide Quotation Call Notice No.1596 dated. 08.08.2019 may be seen and downloaded from District web portal www.nabarangpur.nic.in. The last date for receipt of sealed quotations is 27.08.2019 up to 5.30 P.M.

Sd./- Sub Collector cum Chairman, RMC, Nabarangpur

**नालको NALCO**
National Aluminium Company Limited
(A Government of India Enterprise)
Nalco Bhawan, Nayapalli,
Bhubaneswar - 751 013, Odisha, India
CIN : L27203OR1981GOI000920
A NAVRATNA COMPANY

**GLOBAL TENDER NOTICE**

**1. No.: NBC/MM/GTN/CSL-03/2019, Date : 01.08.2019 -** Digitally signed online bids are invited in CPP Portal for supply of **Caustic Soda Lye** for Alumina Refinery Damanjodi and CPP Angul, Odisha from Indigenous as well as overseas manufacturer/suppliers or their accredited agents.

**2. No.: NBC/MM/GTN/LBD/AIF3/2019/01/ Date : 31/07/2019 -** Online bids are invited for the supply of the following material for our Smelter plant, Angul (Odisha), India from bonafide indigenous as well as overseas manufacturers/suppliers or their accredited agents.

**Item Description :** Low Density Aluminium Fluoride, **Approx. Qty. reqd (MT) :** 2,274 MT +/-5%, **Earnest Money Deposit :** Rs. 25,00,000/- or in Equivalent USD, **Last date of tender Submission :** 31.08.2019 up to 1:00 PM.

**General Manager (Mat.)**

**NOTICE INVITING TENDER**
**Ref. No. NBC/MM/LP/ADMN/SMART ID CARDS/2019, Dtd : 31.07.2019**
Online digitally signed offers in two parts in Central Public Procurement Portal (CPPP) are invited from indigenous manufacturers / suppliers for supply of Smart ID Cards.

**Dy. General Manager (Mat.)**

Details of the tender along with tender document is available at **www.nalcoindia.com** and **www.eprocure.gov.in**. Bidders are advised to visit above websites for any modification / addition / bid due date extension.

**OFFICE OF THE NOTIFIED AREA COUNCIL, BHUBAN**
**Tel. No. 06769-272023, Email : bhubann.hud@nic.in**
**E-Procurement Notice-01/2019-20**
**Tender Call Notice No. 1348/BBN NAC Dt. 08.08.2019**

| | | | |
|---|---|---|---|
| 1. | Name of the Work | : | 04 Number of Civil Construction works as in the DTCN published in the website. |
| 2. | Estimated Cost | : | Varies from Rs. 4.00 Lakh to Rs. 20.00 Lakhs |
| 3. | Period of Completion | : | One Month to Six Months |
| 4. | Date and time of availability of Bid Document in the Portal | : | From 11.00 A.M. of Dt. 16.08.2019 to 5.00 P.M. of Dt. 22.08.2019 |
| 5. | Last date / Time for receipt of Bid in the portal | : | 5.00 P.M. of Dt. 22.08.2019 |
| 6. | Date and time of opening of Bid | : | 11.00 A.M. hours of Dt. 26.08.2019 |
| 7. | Name and address of the Officer | : | Executive Officer, Bhuban NAC |

**Inviting Bid :** Further details can be seen from the e-Procurement portal http://tenderorissa.gov.in

**Sd./- Executive Officer, Bhuban NAC**

**DIRECTOR LAND RECORDS AND SURVEYS, ODISHA**
**BOARD OF REVENUE, (LR & S BRANCH), ODISHA, CUTTACK**
**No. XXXVIII-01/2019-3060/LR&S** **Dated: 09.08.2019**

**REQUEST FOR PROPOSAL (RFP) FOR SUPPLY & INSTALLATION OF IT-EQUIPMENTS, PERIPHERALS, COMPACTOR AND FURNITURE IN MODERN RECORD ROOMS OF 14 TAHASILS OF THE STATE**

No.: 18-F: Sealed tenders are invited from established and accredited System Integrators for supply and installation of IT Equipments, Peripherals, Compactor and Furniture in the Modern Record Rooms of 14 Tahasils of the State under DILRMP for the year 2019-20. The last date of submission of bid is 11.09.2019 by 5.00 P.M.

For details, please visit **http://odisha.gov.in/tender** and **http://boardodisha.nic.in/**.

**Sd./- Director**
**Land Records and Surveys**
24002/11/0002/1920

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
O/o the DGM, E.H.T. (O&M) Division, Balasore, Dist: Balasore-19. CIN: U40102OR2004SGC007553

**NOTICE INVITING TENDER - 02/2019-20**

Sealed tenders in duplicate are invited from intending Bidders having (i) valid Civil license (C or D) with PAN, GST for **Construction of open store yard cum scrap yard for stacking of various heavy equipment & scrap materials at 220 / 132 / 33KV Grid S/S, Balasore** (ii) valid dealership certificate with PAN, GST for **Procurement of 67 nos. 120W LED Flood lights Havels / Bajaj / Philips / Frequency make for Grid S/S, Balasore / Basta / Soro / Jaleswar. Cost of Tender Paper:** Rs.2,240/-, **EMD :** @1% of the quoted price including GST for each tender is to be submitted in shape of DD drawn in favour of **DGM,EHT (O&M) Division, OPTCL, Balasore** payable at Balasore without which the tender shall be rejected. Sale of tender documents from **Dt.13.08.19 to Dt. 27.08.19.** The tenders shall be received up to **1:00 P.M.** on **Dt.28.08.19** and will be opened at **3.00P.M** on same date.

For details, please visit our website **www.optcl.co.in.** Sd/-
**Corrigendum, if any, will be published in the website only.** **Dy. General Manager**

Please connect us: optcl.odisha optcl_odisha energyodisha

**GOVERNMENT OF ODISHA**
**DEPARTMENT OF TOURISM**
**No.: 7034/TSM, Bhubaneswar** **Dt.09.08.19**
**T.Cord-II(S)-132/2019**

**REQUEST FOR PROPOSAL FOR Engaging an agency to obtain Forest/Environmental clearances of Department of Tourism Land Parcels around Puri-Konark region, Odisha**

No.: 12-R: Department of Tourism, Govt. of Odisha invites Technical and Financial proposals from eligible bidders for obtaining forest/environmental clearance involving DGPS survey and to provide technical support to obtain environmental/forest clearances of selected land parcels of Tourism Development around Konark-Puri region of Odisha State.

For this purpose, bids are invited from interested firms who have prior experience in obtaining environmental/ forest clearance projects in India.

The RFP can be downloaded from **www.dot.odishatourism.gov.in** from 10th August 2019. The porposal of the bidders as per the requirements in the RFP, shall be received at the Office of Director Tourism, Paryatan Bhawan, Lewis Road, Bhubaneswar - 751014, Odisha, India latest by 1500 Hrs. on 12 September 2019.

**Sd./- Director &**
**Addl. Secretary to Govt.**
37001/11/0015/1920

See Career Appointment on every Wednesday & Saturday

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍‌ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ପତ୍ର ସଂଖ୍ୟା: ୧୭୯୪୨/ଭୁ.ଉ.କ., ଭୁବନେଶ୍ୱର ତା୩୧।୦୭।୨୦୧୯ରିଖ
KNM - 1828/93


**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଳିଙ୍ଗନଗର ଜମି ପ୍ରକଳ୍ପର MIG ପ୍ଲଟ ନଂ.K9A–2015କୁ ଶ୍ରୀ ସୁସୀମ ଚନ୍ଦ୍ର ପାତ୍ର, ପିତା–ସ୍ୱର୍ଗତ ଭିମରାଜୁ ପାତ୍ର, ଗ୍ରାମ/ପୋଅ/ଥାନା–ବାଣପୁର, ଜିଲ୍ଲା–ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ସୁସୀମ ଚନ୍ଦ୍ର ପାତ୍ର ଉକ୍ତ ପ୍ଲଟକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ସୌମ୍ୟ ରଞ୍ଜନ ଦାଶ, ପିତା–ହରେକୃଷ୍ଣ ଦାଶ, MIG–13, ହାଉସିଂ ବୋର୍ଡ କଲୋନୀ, ନୂଆସାହି, ପୋଅ–ବାଲିଆ, ଜିଲ୍ଲା–ବାଲେଶ୍ୱରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କଠାରେ ଆବେଦନ କରିଅଛନ୍ତି। ଉକ୍ତ ପ୍ରକଳ୍ପ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ସୂଚନା ପ୍ରକାଶନର ୧୫(ପନ୍ଦର)ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ ସମ୍ପାଦନ କରାଯିବ।


**ସ୍ୱା./– ଆବଣ୍ଟନ ଅଧିକାରୀ–୨**

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା**
**(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)**
**ବିଜ୍ଞାପନ**

No.: 17-g: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଦୁଇ ଜଣ ଶିଶୁ, ଖୋର୍ଦ୍ଧା ଜିଲ୍ଲା ଶିଶୁ ମଙ୍ଗଳ ସମିତିଙ୍କର ନିର୍ଦ୍ଦେଶନାମା ଅନୁସାରେ, ଖଣ୍ଡଗିରିସ୍ଥିତ ସୁଭଦ୍ରା ମହତାବ ସେବା ସଦନ ଶିଶୁ ଯତ୍ନ ଅନୁଷ୍ଠାନରେ ରହିଆସୁଅଛି। ଯଦି ଏହି ଦୁଇ ଜଣ ଶିଶୁର ପିତା, ମାତା, ଅଭିଭାବକ ବା ଦାବିଦାର ଥାନ୍ତି, ତେବେ ଏହି ବିଜ୍ଞପ୍ତିର ତିରିଶ ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଫୋନ୍ – 06755 220801 ଅଥବା ଅଧ୍ୟକ୍ଷ, ଶିଶୁ ମଙ୍ଗଳ କମିଟି, ଖୋର୍ଦ୍ଧା, ମୋ– 9437359431ଙ୍କ ସହିତ ଯୋଗାଯୋଗ କରନ୍ତୁ। ଅନ୍ୟଥା ଏହି ଶିଶୁମାନଙ୍କୁ କିଶୋର ନ୍ୟାୟ ଆଇନ୍ – 2015, ସେକ୍ସନ 38(1) ଅନୁଯାୟୀ ଶିଶୁ ମଙ୍ଗଳ ସମିତି ଖୋର୍ଦ୍ଧାଙ୍କ ଦ୍ୱାରା ପୋଷ୍ୟ ସନ୍ତାନ ପାଇଁ ବିବେଚିତ କରାଯିବ।



**ଅଭିଳାଷ (ପୁଅ),** 07 ଦିନ
ବିଶୁନିଆପଡ଼ା ବାଲିପାଟଣାରୁ ଉଦ୍ଧାର କରାଯାଇ ତା03.08.2019ରିଖ ଦିନ ଶିଶୁ ମଙ୍ଗଳ ସମିତି, ଖୋର୍ଦ୍ଧାଙ୍କ ନିକଟରେ ହାଜର କରାଯାଇଥିଲା



**କମଳା (ଝିଅ),** 02ବର୍ଷ 06 ମାସ
କୋଚିଲା ରୋଡରୁ ଉଦ୍ଧାର କରାଯାଇ ତା01.08.2019ରିଖ ଦିନ ଶିଶୁ ମଙ୍ଗଳ ସମିତି, ଖୋର୍ଦ୍ଧାଙ୍କ ନିକଟରେ ହାଜର କରାଯାଇଥିଲା

33016/11/0011/1920 **ସ୍ୱା./– ଜିଲ୍ଲାପାଳ, ଖୋର୍ଦ୍ଧା**

**GOVERNMENT OF ODISHA** **No.: 254-O**
**OFFICE OF THE SUPERINTENDING ENGINEER**
**RURAL WORKS CIRCLE, SUNDARGARH**
**E-Procurement Notice, Online – RWSESNG –10 of 2019-20 Letter No.1638/Dtd.06.08.2019**
**E-mail address-serw_sundargarh@yahoo.com**

1. Type of the Work : Bridge Work (OMBADC & DMF)
2. Total No. of works : 6 No. of Bridges (Percentage Rate Tender)
3. Estimated cost : Varies from Rs.183.85 Lakh to Rs.532.50 Lakh
4. Class of contractor : 'B' Class, 'A' Class & 'Special' Class
5. Period of completion : Nine to Twelve Calendar Months
6. Cost of tender paper : The Bidder shall transfer online the cost of bid document for Rs.10,000/- towards cost of Bid through a process as mentioned under DTCN.
7. EMD Required : The Bidder shall transfer online the Earnest Money Deposit / Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to transfer online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha.
8. APS : Additional Performance Security shall be obtained from the Bidder when the bid amount is less than estimated cost put to tender. In such an event, only the successful bidder who has quoted less bid price/rates than the estimated cost put to tender shall have to furnish the exact amount of differential cost i.e. estimated cost put to tender minus the quoted amount as Additional Performance Security (APS) in shape of Term Deposit Receipt pledged in favour of Division Officer / Bank Guarantee in favour of the Divisional Officer from any Nationalized / Scheduled Bank in India counter guaranteed by its local branch at Bhubaneswar within seven days of issue of Letter of Acceptance (LoA) by the Divisional Officer (by e-mail) to the successful bidder otherwise the bid of the successful bidder shall be cancelled and the Earnest Money Deposit / Bid Security shall be forfeited. Further, proceeding for blacklisting shall be initiated against the bidder".
9. GST : Rate quoted by the Contractor shall be excluding GST. The GST as applicable for the work contract shall be payable to the contractor on each bill amount on production of tax invoice. The prevailing rate of GST on the gross amount of bill will be deducted from the contractor bill as tax deduction at source (TDS) as per rule.
10. Other details :

| Procurement Officer | Bid Identification No. | Availability of Tender Online for Bidding | | Last Date & Time of Seeking Tender Clarification | Technical Bid Opening | Financial Bid Opening |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Sundargarh | RWSESNG-10 of 2019-20 | 16.08.2019 11.00 A.M. | 31.08.2019 3.00 P.M. | 30.08.2019 3.00 P.M. | 07.09.2019 11.00 A.M. | 12.09.2019 11.00 A.M. |

Further details can be seen from the website **www.tendersorissa.gov.in**.
**N.B.:** Corrigendum if any may be seen in this website **www.tendersorissa.gov.in**.
Authority reserves the right to reject any or all the tenders without assigning any reason thereof.
25133/11/0012/1920 **Sd./- Superintending Engineer, Rural Works Circle, Sundargarh**

***GOVERNMENT OF ODISHA*** No. 104-B
**Office of the Executive Engineer**
**Bhanjanagar (R&B) Division, Bhanjanagar.**
**(Phone/Fax: (06821) 241133 / E -mail: eernbbngr@yahoo.in)**

Ltr. No.5419 // Dtd.07.08.2019 INVITATTIONS FOR BIDS ( IFB)
E-Procurement Bid Identification No.E.E –BNJ-R&B- 03 / 2019-20.

1. Name of work :- Building works.
2. No. of works :- Eight Nos. Building works
3. No. of Covers :- Single Cover
4. Estimated cost :- Rs.24.981 to 5.216 lakhs
5. Period of Completion :- Nine to Three Calendar Months.
6. Date of time of availability of bid document in the portal :- From 12.00 Noon of dated 20.08.2019 to 5.00 PM. of dated 29.08.2019.
7. Last date/time for receipt of bids in the portal :- Up to 5.00 PM. of dated 29.08.2019.
8. Date of opening of bid documents :- At 11.00 A.M. of 30.08.2019.
9. Class of Contractor :- "B" , "C" & "D" Class
10. Name and address of officer inviting Bid :- Executive Engineer, Bhanjanagar (R&B) Division, Bhanjanagar

Further details can be seen from the e-Procurement portal www.tendersodisha.gov.in. The Addendum / Corrigendum if any will be hosted in the website only.
34015/11/0001/1920 Sd./- Executive Engineer Bhanjanagar (R&B) Division

**ZILLA SWASTHYA SAMITI, KEONJHAR**
**CHIEF DISTRICT MEDICAL & PUBLIC HEALTH OFFICER, KEONJHAR**
**TENDER CALL NOTICE**
**Advt. No. 3906** **Date: 09.08.2019**

No.: 206-E: Sealed tenders are invited from Registered Firms/ Agencies/Reputed Organizations for supply of **Equipments/ Instruments calibration in District Head Quarter Hospital, Sub-divisional Hospital & FRU CHCs of Keonjhar district**. Interested Firms/Agencies/Reputed organizations should submit their proposals in prescribed format (Technical as well as Financial Bids) along with Detailed Tender Call Notice with all supporting documents in sealed envelopes separately through Speed Post/Regd. Post/Courier to the Office of Chief District Medical & Public Health Officer, District Headquarter Hospital, Keonjhar, Odisha, PIN - 758001 on or before **28.08.2019 upto 5 P.M.** The Detail Tender Call Notice, terms & conditions are available in the district website **www.kendujhar.nic.in**. Incomplete application in any form will be summarily rejected. The sealed tenders shall be opened on **29.08.2019 at 11 A.M. in the O/o. ADPHO (FW), Keonjhar,** in the presence of purchase committee members & bidders. The authority will not be responsible for any postal delay. The undersigned has reserves the right to reject or cancel any or all the tender without assigning any reason thereof.

**Sd./- Chief District Medical & Public Health Officer, Keonjhar**
10033/11/0011/1920



# ଭଲ ସିନେମାରେ ଅଭିନୟ ଚାହାନ୍ତି ମୃଣାଳ

**ନୂଆଦିଲ୍ଲୀ:** ଅଭିନେତ୍ରୀ ମୃଣାଳ ଠାକୁର ଭଲ ସିନେମାରେ ଅଭିନୟ କରିବାକୁ ଚାହାନ୍ତି ବୋଲି କହିଛନ୍ତି। ତାଙ୍କ କହିବା କଥା ହେଉଛି ଦର୍ଶକ ଯେତେବେଳେ ଭଲ ବିଷୟବସ୍ତୁଭିତ୍ତିକ ସିନେମା ଉପରେ ଗୁରୁତ୍ୱ ଦେଉଛନ୍ତି ସେହି ସମୟରେ ତାଙ୍କର ଫିଲ୍ମ ଶିଳ୍ପରେ ପ୍ରବେଶ। ଏଥିପାଇଁ ସେ ନିଜକୁ ଭାଗ୍ୟବାନ ଏବଂ ଆଶୀର୍ବାଦ ପାଇଥିବା ମନେକରନ୍ତି। ଗତବର୍ଷ ତାଙ୍କର ପ୍ରଥମ ଫିଲ୍ମ 'ଲଭ୍ ସୋନିଆ' ମହିଳା ଚୋରାଚାଲାଣ ପ୍ରସଙ୍ଗକୁ ଭିତ୍ତିକରି ନିର୍ମାଣ ହୋଇଥିବାବେଳେ ପରେ 'ସୁପର ୩୦' ଅନେକ ଲୋକଙ୍କୁ ଶିକ୍ଷା କ୍ଷେତ୍ରରେ ଆଗକୁ ବଢ଼ାଉଥିବା ଜଣେ ବ୍ୟକ୍ତିଙ୍କ ଜୀବନ କାହାଣୀକୁ ଆଧାର କରି ଗଢ଼ିଉଠିଛି। ତେଣୁ ଫିଲ୍ମରେ ଅଭିନୟ କରିବା ତାଙ୍କ ପାଇଁ ବଡ କଥା ନୁହେଁ; ବରଂ ଭଲ ସିନେମାରେ ଉତ୍ତମ ଚରିତ୍ରଟିଏ ମିଳିବା ଗୁରୁତ୍ୱପୂର୍ଣ୍ଣ ବିଷୟ ବୋଲି ସେ କହିଛନ୍ତି। ୨୬ବର୍ଷ ବୟସ୍କା ମୃଣାଳ ପରବର୍ତ୍ତୀ ଫିଲ୍ମ 'ବାଟ୍‌ଲା ହାଉସ୍' ପାଇଁ ଖୁବ୍ ତତ୍ପର ହୋଇପଡିଛନ୍ତି। ସେ ଏଥିରେ ନନ୍ଦିତା ନାମରେ ଜଣେ ଖବରଦାତା ଭୂମିକା ନିର୍ବାହ କରୁଛନ୍ତି। ପୁନଶ୍ଚ ଅନ୍ୟତମ ମୁଖ୍ୟ ଚରିତ୍ର ଡିସିପି ସଞ୍ଜୟ କୁମାର ଯାଦବ(ଜନ୍ ଆବ୍ରାହାମ୍)ଙ୍କର ସେ ସ୍ତ୍ରୀ ଭୂମିକାରେ ଅଛନ୍ତି। ୨୦୦୮ରେ ଦିଲ୍ଲୀରେ ସିରିଜ ବୋମା ବିସ୍ଫୋରଣ ପରେ ଏନ୍‌କାଉଣ୍ଟର ଘଟଣାରେ ଯାଦବ ବିବାଦୀୟ ହୋଇପଡ଼ିଥିବା ଜଣେ ବ୍ୟକ୍ତିତ୍ୱ। ଏ ସମ୍ପର୍କରେ ନନ୍ଦିତା କହନ୍ତି, ଏନ୍‌କାଉଣ୍ଟର ବେଳେ ସ୍ୱାମୀ ଜୀବନର ବହୁ ବିଷମ ସମସ୍ୟା ଦେଇ ଗତି କରୁଥିବାରୁ ତାଙ୍କ ଭୂମିକା ଖୁବ୍ କଷ୍ଟକର ହୋଇଥିଲା। ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ସେ ସ୍ୱାମୀଙ୍କ ପାଖେପାଖେ ରହି ତାଙ୍କ ବିଷୟରେ କ୍ରମାଗତ ରିପୋର୍ଟ ପ୍ରକାଶ କରୁଥିଲେ। ତେଣୁ ବାସ୍ତବ ଭାବପ୍ରବଣତାକୁ ପରଦାରେ ଫୁଟେଇବା ଖୁବ୍ କଠିନ ବୋଲି ମୃଣାଳ କହିଛନ୍ତି।

### ଓଡ଼ିଶାରେ ପୁଞ୍ଜିନିବେଶ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ନେଇ ସମୀକ୍ଷା

# ୨୬ ପ୍ରକଳ୍ପର ଅଗ୍ରଗତି ନେଇ ଆଲୋଚନା

ଭୁବନେଶ୍ୱର,୯।୮(ବ୍ୟୁରୋ)

ବୃହତ୍ ପୁଞ୍ଜି ନିବେଶ ଅର୍ଥାତ୍ ୫୪ ହଜାର କୋଟି ଟଙ୍କା ବିନିଯୋଗରେ ରାଜ୍ୟରେ ହେବାକୁ ଥିବା ୨୬ଟି ପ୍ରକଳ୍ପର କାର୍ଯ୍ୟାନ୍ୱୟନ ସମ୍ପର୍କରେ ଏକ ସମୀକ୍ଷା ବୈଠକ ଶୁକ୍ରବାର ସଚିବାଳୟରେ ଅନୁଷ୍ଠିତ ହୋଇଥିଲା। ହରିଦାସପୁର-ପାରାଦୀପ ରେଳଲାଇନ୍‌ରେ କିଭଳି ଯାତ୍ରୀବାହୀ ଟ୍ରେନ୍ ଚଳାଚଳ କରାଯିବ ତାହା ବୈଠକର ଏକ ପ୍ରମୁଖ ବିଷୟବସ୍ତୁ ଥିଲା। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରକଳ୍ପଗୁଡ଼ିକର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ମୁଖ୍ୟତଃ ଅଧିଗୃହୀତ ଜମି ହସ୍ତାନ୍ତର, ପୁନଃ ଥଇଥାନ ସ୍ଥାନର ବିକାଶ ଏବଂ କଲୋନୀ ନିର୍ମାଣ, ଜଙ୍ଗଲ ଅନୁମତି, ପରିବେଶ ଅନୁମତି, କ୍ଷତିପୂରଣ ଅର୍ଥ ଆବଣ୍ଟନ, ଜବରଦଖଲ ଉଚ୍ଛେଦ ଆଦି ବିଷୟରେ ରହିଥିବା ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଏ ସମ୍ପର୍କରେ ରାଜ୍ୟ ପ୍ରକଳ୍ପ ପରିଚାଳନା ସେଲ୍ ପ୍ରମୁଖ ଶାସନ ସଚିବ ପ୍ରଦୀପ କୁମାର ଜେନା ତଥ୍ୟ ଉପସ୍ଥାପନ କରିଥିଲେ। ସଡ଼କ ଓ ରେଳପଥ ଆଦି ଭିତ୍ତିଭୂମି ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ଓ ଜବରଦଖଲ ଉଚ୍ଛେଦ ହେଉଛି ପ୍ରମୁଖ ଆବଶ୍ୟକତା। ହେଲେ ଏ ଦିଗରେ ଥିବା ସମସ୍ୟାଗୁଡିକର ସମାଧାନ ହୋଇ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଥିବା ବୈଠକରୁ ଜଣାପଡ଼ିଛି।

ପ୍ରାୟ ୧୦୦୦ କୋଟି ଟଙ୍କା ବିନିଯୋଗରେ ନିର୍ମାଣ ହେଉଥିବା ହରିଦାସପୁର-ପାରାଦୀପ ରେଳଲାଇନ୍‌ରେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ପାଇଁ ଆବଶ୍ୟକୀୟ ସହଯୋଗ କରିବାକୁ ମୁଖ୍ୟ ଶାସନ ସଚିବ ବୈଠକରେ ଉପସ୍ଥିତ କ୍ୟାବିନେଟ୍ କମିଟି ପ୍ରକଳ୍ପ ତଦାରଖ ଗ୍ରୁପ୍‌ର ଯୁଗ୍ମ ଶାସନ ସଚିବ ରାଜୀବ ଅଗ୍ରୱାଲଙ୍କୁ ଅନୁରୋଧ କରିଥିଲେ। ଏ ଦିଗରେ ରେଳୱେ ବୋର୍ଡ ସହ ଆଲୋଚନା କରି ନିଷ୍ପତ୍ତି ନେବାକୁ ଅଗ୍ରୱାଲ ପ୍ରତିଶ୍ରୁତି ଦେଇଛନ୍ତି। ହରିଦାସପୁର-ପାରାଦୀପ ରେଳପଥରେ

### ଫୋକସ୍‌ରେ ହରିଦାସପୁର- ପାରାଦୀପ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ

କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଚଳିତବର୍ଷ ଶେଷସୁଦ୍ଧା ଏଥିରେ ରେଳ ଚଳାଚଳ ଆରମ୍ଭ କରିବାକୁ ଲକ୍ଷ୍ୟ ରହିଛି। ସେହିପରି ୩୫୫୦ କୋଟି ଟଙ୍କା ବିନିଯୋଗରେ ନିର୍ମାଣ ହେଉଥିବା ଖୋର୍ଦ୍ଧାରୁ ବଲାଙ୍ଗୀର ୧୧୨ କିମି ରେଳପଥ ପାଇଁ ଜମି ରେଳୱେକୁ ହସ୍ତାନ୍ତର କରାଯାଇଛି। ଅବଶିଷ୍ଟ ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ଅନ୍ୟପକ୍ଷରେ ୧୧୩୦ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିବା ବାଂଶପାଣି-ଜଖପୁରା ରେଳ ରାସ୍ତାର ଦୋହରୀକରଣ, ରାଉରକେଲା-ଝାରସୁଗୁଡା ରେଳପଥ, କୋରାପୁଟ-ସିଙ୍ଗାପୁର ରାସ୍ତାର ଦୋହରୀକରଣ, ଜରପଡ଼ା-ବୁଢ଼ାପଙ୍କ-ତାଳଚେର ରେଳପଥ ଓ ଫ୍ଲାଏଓଭର୍, ଭଦ୍ରକ-ନିର୍ଗୁଣ୍ଡି ରେଳପଥ, କୋଟାଭାଲସା-କୋରାପୁଟ ରେଳପଥ, ବୁଢ଼ାପଙ୍କ-ସାଳଗାଁ ରେଳପଥ, ବିଜୟନଗରମ୍-ସମ୍ବଲପୁର ରେଳପଥ ଆଦି ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଛି। ରାଜପଥ ପ୍ରକଳ୍ପ ମଧ୍ୟରେ ୧୦୪୭ କୋଟି ଟଙ୍କା ବ୍ୟୟ ଅଟକଳରେ ହେଉଥିବା ଜାତୀୟ ରାଜପଥ-୫ର ଚଣ୍ଡିଖୋଲ-ଜଗତପୁର-ଭୁବନେଶ୍ୱର ସେକ୍‌ସନ୍ ଷଷ୍ଠ ରାସ୍ତା ପ୍ରଶସ୍ତୀକରଣ, ବୀରମିତ୍ରପୁର-ବାରକୋଟ ଜାତୀୟ ରାଜପଥ, ଜାତୀୟ ରାଜପଥ-୬ର ବିଞ୍ଝବାହଲ-ତିଲେଇବଣି ରାସ୍ତା, ସିଙ୍ଗାରା-ବିଞ୍ଝବାହାଳ ଜାତୀୟ ରାଜପଥ ଆଦି ପ୍ରମୁଖ ପ୍ରକଳ୍ପର ସମୀକ୍ଷା କରାଯାଇଛି। ଏହାଛଡା ମହାନଦୀ କୋଲ୍ଡ ଫିଲ୍ଡର ବେଲପାହାଡ୍ ଓ.ସି.ପି, କଣିହା ଓ.ସି.ପି, ଭୁବନେଶ୍ୱର ଓ.ସି.ପି. ଆଦି କୋଇଲା ଖଣି ପ୍ରକଳ୍ପର ଅଗ୍ରଗତି ସମୀକ୍ଷା ହୋଇଥିଲା। ଏହି ସବୁ ଖଣିରେ ପ୍ରାୟ ୯୮୯୭.୮୭ କୋଟି ଟଙ୍କା ବିନିଯୋଗ ହେବ। ଡାଲମିଆ ସିମେଣ୍ଟ ଲିମିଟେଡ ଦ୍ୱାରା କରାଯାଉଥିବା ୩୦୦୦ କୋଟି ଟଙ୍କାର ଖଣି ପ୍ରକଳ୍ପର ସମୀକ୍ଷା କରାଯାଇଥିଲା।



ଆନ୍ଧ୍ର ପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ ଅବସରରେ ଏକ ଉପହାର ପ୍ରଦାନ କରୁଛନ୍ତି।

# ଆଜି ସୁଆର ମହାସୁଆର ନିର୍ବାଚନ

ପୁରୀ ଅଫିସ, ୯।୮

ଶ୍ରୀମନ୍ଦିରର ସୁଆର ମହାସୁଆର ନିଯୋଗ ନିର୍ବାଚନ ଶନିବାର ଅନୁଷ୍ଠିତ ହେବ। ମୋଟ ୩୭ ଜଣ ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ୧୫ ଜଣ ନିର୍ବାଚିତ ହେବେ। କୋଇଲି ବୈକୁଣ୍ଠ ପରିସରରେ ଥିବା ନିଯୋଗ କାର୍ଯ୍ୟାଳୟରେ ଭୋଟ ଗ୍ରହଣ କରାଯିବ। ସକାଳ ୯ଟାରୁ ଅପରାହ୍ଣ ୫ଟା ମଧ୍ୟରେ ଭୋଗ ଗ୍ରହଣ ହେବ। ୧୧ ତାରିଖ ସକାଳ ୯ଟାରୁ ଗଣତି ହୋଇ ସେହିଦିନ ଫଳାଫଳ ପ୍ରକାଶ ପାଇବ। ନିର୍ବାଚିତ ୧୫ ଜଣଙ୍କ ମଧ୍ୟରୁ ସଭାପତି, ସମ୍ପାଦକ ପ୍ରମୁଖ କର୍ମକର୍ତ୍ତା ଚୟନ କରାଯିବ। ସବୁଠୁ ବଡ଼ ନିଯୋଗ କୁହାଯାଉଥିବା ସୁଆର ମହାସୁଆର ନିଯୋଗ କ୍ଷମତା କାହା ହାତରେ ରହିବ ତାହା ଉପରେ ଏବେ ସମସ୍ତଙ୍କ ନଜର। ନିଯୋଗର ତିନିଗୋଷ୍ଠୀ କ୍ଷମତା ହାତେଇବାକୁ ସବୁ ପ୍ରକାର ଉଦ୍ୟମ କରୁଛନ୍ତି।

# ସବୁଜ ପତ୍ରିକାଧାରୀଙ୍କ ସଂଖ୍ୟା ଗଣତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୯।୮(ବ୍ୟୁରୋ)

ରାଜ୍ୟରେ କେତେ ସବୁଜ ପତ୍ରିକାଧାରୀ ରହିଛନ୍ତି ସେମାନଙ୍କ ସଂଖ୍ୟା ଗଣତି ଆରମ୍ଭ କରାଯିବ। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ଏ ପର୍ଯ୍ୟନ୍ତ ସରକାରଙ୍କ ନିକଟରେ ସବୁଜ ପତ୍ରିକାଧାରୀଙ୍କ ସମ୍ପର୍କରେ ସେଭଳି କୌଣସି ତଥ୍ୟ ନ ଥିବା ଜଣାପଡିଛି। ଏବେ ତଥ୍ୟ ସଂଗ୍ରହ କରିବା ପରେ ସେମାନଙ୍କ ପାଇଁ ରାଜ୍ୟ ସରକାର କିଛି ଘୋଷଣା କରିପାରନ୍ତି ବୋଲି ଶୁଣିବାକୁ ମିଳୁଛି। ଗତ ନିର୍ବାଚନ ପୂର୍ବରୁ ସବୁଜ ପତ୍ରିକାଧାରୀଙ୍କ ପକ୍ଷରୁ ବିଭିନ୍ନ ଦାବି ତଥା ଶିକ୍ଷା ଏବଂ ସରକାରୀ ଚାକିରି କ୍ଷେତ୍ରରେ ସୁବିଧା ଦେବା ପାଇଁ ଦାବି କରାଯାଇଥିଲା। ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ୍ୟ ଭେଟି ଦାବିପତ୍ର ପ୍ରଦାନ କରାଯାଇଥିଲା। ନିର୍ବାଚନ ପୂର୍ବରୁ ସଂଘଗୁଡିକର ଦାବି ସମ୍ପର୍କରେ ଆଲୋଚନା କରିବାକୁ ମନ୍ତ୍ରୀ ସ୍ତରୀୟ କମିଟି ଗଠନ ମଧ୍ୟ କରାଯାଇଥିଲା। ସେତେବେଳେ ଉକ୍ତ କମିଟି ସହ ସଂଘ ସଦସ୍ୟମାନେ ଆଲୋଚନା କରିଥିଲେ। ବର୍ତ୍ତମାନ ଦାବି ପୂରଣ ପୂର୍ବରୁ ମୁଖ୍ୟମନ୍ତ୍ରୀ ସେମାନଙ୍କ ସଂଖ୍ୟା ଗଣନା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଜଣାପଡିଛି।

# ଯୁକ୍ତ୨: ବଳକା ସିଟ୍ ପାଇଁ ୧୩ରୁ ଆବେଦନ

ଭୁବନେଶ୍ୱର, ୯।୮(ବ୍ୟୁରୋ): ଯୁକ୍ତ୨ ପ୍ରଥମ ବର୍ଷରେ ବଳକା ସିଟ୍‌ରେ ନାମଲେଖା ପାଇଁ ଶୁକ୍ରବାର ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିପାଇଁ ଆସନ୍ତା ୧୩ ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ୨୪ତାରିଖ ରାତି ସାଢ଼େ ୧୧ଟା ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ୨୬ତାରିଖ ଅପରାହ୍ଣ ୩ଟା ସୁଦ୍ଧା ଛାତ୍ରୀଛାତ୍ରମାନେ ସମସ୍ତ ଡକ୍ୟୁମେଣ୍ଟ ନିକଟସ୍ଥ ଏସ୍‌ଆର୍‌ସି ସେଣ୍ଟରରେ ଦାଖଲ କରିବେ। ୨୯ତାରିଖରେ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ଏଥିରେ ମନୋନୀତ ହୋଇଥିବା ଛାତ୍ରୀଛାତ୍ର ୩୦ ଓ ୩୧ତାରିଖ ଦୁଇଦିନ ମଧ୍ୟରେ ନାମ ଲେଖାଇବେ।

# ବିଜୁଳି ଦର ହ୍ରାସ ପାଇଁ ଆନ୍ଦୋଳନ




ବିଜୁଳି ଦର ହ୍ରାସ ଦାବିରେ ଲୋୟର ପିଏମ୍‌ଜି ଅଭିମୁଖେ ଯାଉଥିବା ପୋଷ୍ଟକାର୍ଡ ଆନ୍ଦୋଳନକାରୀଗଣ।

ଭୁବନେଶ୍ୱର,୯।୮(ବ୍ୟୁରୋ)

ଦେଶର ରାଜଧାନୀ ତଥା ବ୍ୟୟବହୁଳ ସହରଭାବେ ପରିଚିତ ଦିଲ୍ଲୀବାସୀଙ୍କ ପାଇଁ ମାସିକ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ଶୁଳ୍କ ଛାଡ଼ କରାଯାଇଛି। ଚଳିତ ମାସ ପହିଲାରେ ସେଠାକାର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ପକ୍ଷରୁ ଏହି ଘୋଷଣା କରାଯାଇଥିଲା। ହେଲେ ବିଭିନ୍ନ ମାଧ୍ୟମରେ ବିଦ୍ୟୁତ ଉତ୍ପାଦନ କରୁଥିବା ରାଜ୍ୟ ଓଡ଼ିଶାର ବିଜୁଳି ଦେୟ ଅଧିକ ରହୁଛି। ତେଣୁ ଦିଲ୍ଲୀ ଯଦି ଜାତୀୟ ଗ୍ରୀଡ୍‌ରୁ ବିଦ୍ୟୁତ କ୍ରୟ କରି ସ୍ଥାନୀୟ ଅଧିବାସୀଙ୍କୁ ରିହାତି ଦେଇ ପାରୁଛି, ଓଡ଼ିଶାରେ କାହିଁକି ସମ୍ଭବ ନୁହେଁ ବୋଲି ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି। ତେଣୁ ଦିଲ୍ଲୀ ଦରରେ ରାଜ୍ୟବାସୀଙ୍କୁ ବିଜୁଳି ଯୋଗାଇଦେବା ପାଇଁ ଏକ ଅଭିନବ ପୋଷ୍ଟ କାର୍ଡ ଆନ୍ଦୋଳନ ଶୁକ୍ରବାରଠାରୁ ଆରମ୍ଭ ହୋଇଛି।

ଶ୍ରୀକାନ୍ତଙ୍କ ସମେତ ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ ଓ କୃଷ୍ଣଚନ୍ଦ୍ର ଶଗରିଆ, ସଙ୍ଗଠକ ଦେବୀପ୍ରସାଦ ତୃଷ୍ଟି, ଅକ୍ଷୟ ମଲ୍ଲିକ ପ୍ରମୁଖଙ୍କ ନେତୃତ୍ୱରେ ଏହି ପୋଷ୍ଟ କାର୍ଡ ଅଭିଯାନ ଆରମ୍ଭ କରାଯାଇଛି। ରାଜ୍ୟରେ ବିଦ୍ୟୁତ ସମସ୍ୟା, ବିଭାଗୀୟ ଦୁର୍ନୀତି ସର୍ବୋପରି ବିଜୁଳି ଦର ହ୍ରାସ ନେଇ ଏକ ବୈଠକ ସ୍ଥାନୀୟ ରେଡକ୍ରସ ଭବନରେ ଅନୁଷ୍ଠିତ ହୋଇଯାଇଛି।

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଠାଗଲା ଚିଠି

ବୈଠକ ପରେ ସମସ୍ତ ସଦସ୍ୟ ଶୋଭାଯାତ୍ରାରେ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଲୋୟର ପିଏମ୍‌ଜିସ୍ଥିତ ଡାକଘରେ ପୋଷ୍ଟକାର୍ଡ ପ୍ରେରଣ କରିଥିଲେ। ଏହା ପରେ ଗଣମାଧ୍ୟମକୁ ଶ୍ରୀକାନ୍ତ କହିଛନ୍ତି ଯେ, ଦିଲ୍ଲୀର ବିଦ୍ୟୁତ୍ ଉପଭୋକ୍ତା ୪୦୦ ୟୁନିଟ୍ ପାଇଁ ମାସକୁ ମାତ୍ର ୨୫୦ ଟଙ୍କା ଦେବେ। ହେଲେ ଓଡ଼ିଶାରେ ସମାନ ସଂଖ୍ୟକ ୟୁନିଟ୍ ଲାଗି ଉପଭୋକ୍ତା ୧୯୬୦ ଟଙ୍କା ଦେବାକୁ ବାଧ ହେଉଛନ୍ତି, ଏହା ଦିଲ୍ଲୀ ତୁଳନାରେ ୧୭୧୦ ଟଙ୍କା ଅଧିକ। ଦିଲ୍ଲୀର ମୁଣ୍ଡପିଛା ଆୟ ଓଡ଼ିଶାବାସୀଙ୍କ ମୁଣ୍ଡପିଛା ଆୟଠାରୁ ପ୍ରାୟ ୧୦ ଗୁଣା ଅଧିକ। ହେଲେ ଦିଲ୍ଲୀରେ ୨୦୦ ୟୁନିଟ୍ ମାଗଣା, ଓଡ଼ିଶାରେ ନାହିଁ ନ ଥିବା ଦାମ୍ କାହିଁକି ବୋଲି କହି ଶ୍ରୀକାନ୍ତ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ,ରାଜ୍ୟରେ ଶୂନ୍ୟରୁ ୫୦ ୟୁନିଟ୍ ପର୍ଯ୍ୟନ୍ତ ୟୁନିଟ୍ ପିଛା ୨.୫୦ ଟଙ୍କା, ୫୦-୧୦୦ ୟୁନିଟ୍ ପାଇଁ ୟୁନିଟ୍ ପିଛା ୪.୩୦, ୧୫୦-୨୦୦ ୟୁନିଟ୍ ପାଇଁ ୟୁନିଟ୍ ପିଛା ୫.୩୦ ଏବଂ ୨୦୦ରୁ ୪୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ପାଇଁ ୟୁନିଟ୍ ପିଛା ୫ ଟଙ୍କା ୭୦ ପଇସା ଦେବାକୁ ପଡୁଛି।


## ଧରିତ୍ରୀ DHARITRI — CAREER APPOINTMENT

ON EVERY WEDNESDAY & SATURDAY

B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**ସାଉଥ୍ ଆଫ୍ରିକାରେ ଚାକିରୀ**
ଇନ୍‌ଫ୍ରାଷ୍ଟ୍ରକ୍ଚର କନ୍‌ଷ୍ଟ୍ରକ୍‌ସନ୍ - ସମସ୍ତ ପ୍ରକାର ୱାର୍କର ଏବଂ ଡ୍ରାଇଭର, ହେଲପର, ଅଫିସ୍ ଷ୍ଟାଫ୍ ଆବଶ୍ୟକ। ଦରମା - ୪୦,୦୦୦/- (୨ ବର୍ଷ କଣ୍ଟ୍ରାକ୍ଟ, ଇଣ୍ଡିଆନ୍ ମ୍ୟାନେଜମେଣ୍ଟ)
କମଲ ପ୍ଲେସ୍‌ମେଣ୍ଟ, ୪୧୫, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରତ୍, ଗୁଜୁରାଟ
M : 9157312448, 9157012447

**WALK-IN-INTERVIEW**
Wanted Lecturers on contractual basis in Philosophy-1, Commerce-1 and Botany-1. Interested candidates having 55% marks in P.G may attend the walk-in-Interview with their resumes, certificates in Original, recent photograph and Rs.100/- in cash payment at 11 A.M. on 13.08.19 Tuesday in the office of the Principal.
Sd./- PRINCIPAL, Shishu Ananta Mahavidyalaya, Balipatna, Khordha

**ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି**
1. BLOCK CO-ORDINATOR
Qual : 10th/+2 : Sal - 12000/-
2. DISTRICT CO-ORDINATOR
Qual : +3/Above : Sal - 16000/-
ନିଜ ନିଜ ଜିଲ୍ଲାରେ ଏବଂ ବ୍ଲକରେ ଚାକିରି ପାଇଁ ଯୋଗାଯୋଗ କରନ୍ତୁ।
M : 7327065424 / 8895725158

**REFCEM® Since 1983... — Situation Vacant**
RRPL, Bhubaneswar invites application for the following posts;

| Post | Qualification | Experience |
|---|---|---|
| 1. Plant Supervisor & Security Guard | +2 & above | Min 5 yrs. |
| 2. Welder, Fitter & Electrician | ITI / Diploma | Min 5 yrs. |
| 3. Driver & Cook | HSC & above | Min 5 yrs. |

Salary is based on industry and experience.
Mail your CV / Contact on : rrpl2019@rediffmail.com
Contact : 7381095402 & 7381095422

**REQUIRED**
1. Branch Manager - 4 Nos.
2. Sales Manager - 12 Nos.
3. Activity Manager - 4 Nos.
Experience in Realestate Sector / Fresher can apply.
Satyabhama Realcon Pvt. Ltd.
Mob. No. 8917492419, 9090950009

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-. (Part Time/Full Time)
Contact: 9938676412

**WANTED** — A State Level Leading Agency needs the following Staffs for Subarnapur District.
1. SUPERINTENDENT/ PD (F): Sociology/Psychology/ MSW.
2. COUNSELOR/S.W. (M/F): MSW/ Graduate.
3. TEACHER: B.Ed./D.Ed.(Spl. Edu.-H.I.)
4. ACCOUNTANT: B.Com. (Exp) with Computer.
5. DOCTOR: (F) B.H.M.S./ B.A.M.S.
6. COOK-CUM-PEON: Under Matric.
Apply to President, NRDC: A-7/3(G.F), Indira Housing Colony, Sisupalgarh, Bhubaneswar-751002.
Mob: 9776992297, Email: nrdc_hkmbbsr@rediffmail.com

**ଭୁବନେଶ୍ୱର ଅଫିସ୍ ପାଇଁ ଷ୍ଟାଫ୍ ଦରକାର**
ଡ଼ି.ଟି.ପି. ଅପରେଟର, ମାର୍କେଟିଂ, ସ୍କ୍ରିନ୍ ପ୍ରିଣ୍ଟର ଓ ପିଅନ
Send your BIO-Data to maa.communication.bbsr@gmail.com
ମୋ: 8249416516

**URGENTLY REQUIRED**
An ACCOUNTANT (Male) for Sai Krupa Logistic (C&F of SHREE CEMENT), BBSR.
Candidate must have 3+ years' experience in Tally & GST.
Contact: 9348948134, 9040096740

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., Monthly Salary upto Rs.25,000/-.
Contact Immediately Mob: 8763257042

**WALK IN INTERVIEW**
Response Since 1993 — A leading 27 years old Event Management & Brand Management Agency needs following Persons
1. Manager Marketing — 2 NOS.
Minimum 5 Years Experince in Concept/Advertising field will be given priority
2. Executive Client Relation — 3 NOS.
Minimum 2 Years Experince in Concept/Advertising field will be given priority
3. Data Entry Operator/Back Office Executive — 2 NOS.
Candidate should have relevant experience
4. Office Assistant/Peon — 1 NOS.
Candidate should have relevant experience
5. Accountant — 1 NOS.
Having knowledge in tally with 2 years Experience
INTERESTED CANDIDATES MAY WALK IN BETWEEN 11 A.M TO 1.30 PM FROM 08.08.2019 TO 12.08.2019 ( EXCEPT 11.08.2019 SUNDAY ).
Contact : Response Marketing Services (P)Ltd.
Plot No-94, Sahid Nagar, Ground floor(opp-IMFA PARK Gate) Bhubaneswar, E-mail - responsemkt@gmail.com

**REQUIRED**
A Reputed ISO 22000:2005 Certified C&F Organisation Conduct a Recruitment Programme for the following posts:
1. Godown incharge having knowledge in Computer and Stock Handling
2. Godown Supervisor Specialised in Stock Management.
3. Drivers and Helpers having experience in all types of transporting vehicles.
VENUE :- Date - 11.08.19, Hotel Pushpak, Near Kalpana Square, Puri-Cuttack Road, Bhubaneswar.
Contact : 9337593376, 6370356604

**OFFICE STAFF ଆବଶ୍ୟକ**
Bhubaneswar ଅଫିସ୍‌ରେ କାମ କରିବା ପାଇଁ 10th/ above Candidates (M/F) ଆବଶ୍ୟକ। ବୟସ: (17-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24,000/-.
Contact: 9938414918

**PART / FULL TIME**
ଘରକାମ/ରୋଷେଇ/ରୋଗୀଙ୍କ ଯତ୍ନ/ଛୋଟ ପିଲାଙ୍କ ଯତ୍ନ ଏବଂ ଡ୍ରାଇଭର ଆବଶ୍ୟକ।
9090909300
7381222430

**WANTED**
Science Graduate Chemistry as a subject
Address.- Krishna Palace Plot No.- 15/A, Unit-III, Kharvel Nagar, Bhubaneswar-751001 Beside of Hotel Swosti Second Lane
Contact No.- 9040588171

**ANANDAPUR COLLEGE, ANANDAPUR, KEONJHAR — WALK-IN-INTERVIEW**
Eligible candidates are required to attend the Walk-in-Interview at 11.00 AM on 20.08.2019 for the Posts of Lecturer in Odia, Commerce and Zoology. They have to submit their bio-data along with the original certificates and marksheet for verification and deposit Rs. 300/- towards incidental charges.
Sd./- Principal

**WANTED**
QUANTUM KNITS-3
(A UNIT OF KPR MILL LIMITED) TAMILNADU
A Leading Garments Manufacturing company looking for experienced candidates.
TEACHER (FEMALE)
Vacancy - 10
Must know English, Hindi & Odiya
Any PG Degree
Age : 25 to 35 years
Experience : 2 to 5 years
WARDEN (FEMALE)
Vacancy - 5
Must speak in Hindi & Odiya
Age : 30 to 40 years
Experience : 2 to 5 years
NURSE (FEMALE)
Vacancy - 10
Must speak in Hindi & Odiya
Age : 30 to 40 years
Experience : Minimum 5 years
Salary : Negotiable
WALK-IN INTERVIEW
Date : 11-08-2019 (Sunday), Time : 11am-2pm
Venue : Hotel Siddharth, Nayapalli, Bhubaneswar
Contact : 82703-30333, 99144-29046, 73587-16274
Email : quantumknits3@gmail.com
Web : www.kprmilllimited.com

**ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ୍ ପର୍ସୋନେଲ୍ ସିଲେକ୍ସନ୍ (IBPS)**
ଅଧିକୃତ ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ/ଅଭିଯୋଗ ପାଇଁ ଦୟାକରି http://cgrs.ibps.in/ରେ ଲଗ୍ ଇନ୍ କରନ୍ତୁ

ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ ପ୍ରୋବେସନାରୀ ଅଫିସର/ମ୍ୟାନେଜମେଣ୍ଟ ଟ୍ରେନିଙ୍କ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା (୨୦୨୦-୨୧ର ଖାଲିସ୍ଥାନ ପାଇଁ ସିଆରପି ପିଓ/ଏମ୍‌ଟି-IX)

ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ ପ୍ରୋବେସନାରୀ ଅଫିସର / ମ୍ୟାନେଜମେଣ୍ଟ ଟ୍ରେନି ପଦବୀଗୁଡ଼ିକ ନିମନ୍ତେ କର୍ମଚାରୀ ଚୟନ ଲାଗି ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା ପାଇଁ ଅନ୍‌ଲାଇନ ପରୀକ୍ଷା (ପ୍ରିଲିମିନାରୀ ଓ ମେନ୍) ଅକ୍ଟୋବର/ନଭେମ୍ବର ୨୦୧୯ରେ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି।
କାର୍ଯ୍ୟକ୍ରମର ସମ୍ଭାବ୍ୟ ସମୟସୂଚୀ ନିମ୍ନ ଅନୁଯାୟୀ ହେବ:

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଅନ୍-ଲାଇନ୍ ପଞ୍ଜୀକରଣ ପ୍ରାର୍ଥୀଙ୍କ ଦ୍ୱାରା ଦରଖାସ୍ତ ସମ୍ପାଦନ/ସଂଶୋଧନ ସମେତ | ତା୦୭।୦୮।୨୦୧୯ରିଖରୁ ତା୨୮।୦୮।୨୦୧୯ରିଖ |
| ଦରଖାସ୍ତ ଦେୟ/ଇଣ୍ଟିମେଶନ୍ ଦେୟ ପୈଠ (ଅନ୍‌ଲାଇନ୍) | ତା୦୭।୦୮।୨୦୧୯ରିଖରୁ ତା୨୮।୦୮।୨୦୧୯ରିଖ |
| ପ୍ରାକ୍-ପରୀକ୍ଷା ତାଲିମ ଲାଗି କଲ୍ ଲେଟର୍ ଡାଉନ୍‌ଲୋଡ୍ | ସେପ୍ଟେମ୍ବର, ୨୦୧୯ |
| ପ୍ରାକ୍-ପରୀକ୍ଷା ତାଲିମ ସଞ୍ଚାଳନ | ତା୨୩।୦୯।୨୦୧୯ରିଖରୁ ତା୨୮।୦୯।୨୦୧୯ରିଖ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରୀ ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଅକ୍ଟୋବର, ୨୦୧୯ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରୀ | ତା୧୨।୧୦।୨୦୧୯ରିଖ, ତା୧୩।୧୦।୨୦୧୯ରିଖ, ତା୧୯।୧୦।୨୦୧୯ରିଖ ଏବଂ ତା୨୦।୧୦।୨୦୧୯ରିଖ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରୀର ପରୀକ୍ଷାଫଳ | ଅକ୍ଟୋବର/ନଭେମ୍ବର, ୨୦୧୯ |
| ଅନ୍‌ଲାଇନ୍ ପରୀକ୍ଷା - ମେନ୍ ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ନଭେମ୍ବର, ୨୦୧୯ |
| ଅନ୍‌ଲାଇନ୍ ପରୀକ୍ଷା - ମେନ୍ | ତା୩୦।୧୧।୨୦୧୯ରିଖ |
| ପରୀକ୍ଷାଫଳ ଘୋଷଣା - ମେନ୍ | ଡିସେମ୍ବର, ୨୦୧୯ |
| ସାକ୍ଷାତ୍‌କାର ପାଇଁ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଜାନୁୟାରୀ, ୨୦୨୦ |
| ସାକ୍ଷାତ୍‌କାର ସଞ୍ଚାଳନ | ଜାନୁୟାରୀ/ଫେବୃୟାରୀ, ୨୦୨୦ |
| ପରୀକ୍ଷାମୂଳକ ଆବଣ୍ଟନ | ଏପ୍ରିଲ, ୨୦୨୦ |

ବିବରଣୀ ତଥା ଅପଡେଟ୍ ପାଇଁ ନିୟମିତ ଭାବେ ପ୍ରାଧିକୃତ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ମୁମ୍ବାଇ — ନିର୍ଦ୍ଦେଶକ (ଆଇବିପିଏସ୍)
ତାରିଖ: ୦୨।୦୮।୨୦୧୯

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

Dollar 70.78 (9) | Sensex 37,581.91 (254.55) | Nifty 11,109.65 (77.20) | Gold 38,330.00 (₹140) | Silver 44,010.00 (₹290)



" ବିଞ୍ଜ ଡିଜିଟାଲକୁ ଅକ୍ୱିଆର କରିବା ଦ୍ୱାରା ଡାଇନ ଆଉଟର ପ୍ରଡକ୍ଟ ପୋର୍ଟଫୋଲିଓ ବୃଦ୍ଧି ପାଇବ। ବିଞ୍ଜର ତିନି ଜଣ ପ୍ରତିଷ୍ଠାତା ଡାଇନ ଆଉଟରେ ଯୋଗ ଦେଲେ।
– ଅଙ୍କିତ ମେହରୋତ୍ରା, ଡାଇନ ଆଉଟ ସହ ପ୍ରତିଷ୍ଠାତା



" ହାଇଦ୍ରାବାଦ୍ ଉପାନ୍ତରେ ୧୦୦ ଏକର ପରିମିତ ଜାଗାରେ ତେଲେଙ୍ଗାନା ସରକାରଙ୍କ ପକ୍ଷରୁ ଫର୍ନିଚର ପାର୍କ ପ୍ରତିଷ୍ଠା କରାଯିବ। ଏଥିପାଇଁ ସ୍ୱିଡେନ ଫର୍ନିଚର ନିର୍ମାତାଙ୍କ ସହାୟତା ଲୋଡ଼ାଯାଇଛି।
– ଜୟେଶ ରଞ୍ଜନ, ପ୍ରମୁଖ ସଚିବ, ତେଲେଙ୍ଗାନା ଶିଳ୍ପ ବିଭାଗ

## ସଂକ୍ଷେପରେ

### ଜୁନ୍‌ରେ ଔଦ୍ୟୋଗିକ ଉତ୍ପାଦନ ବୃଦ୍ଧି ହାର ୨%କୁ ହ୍ରାସ

**ନୂଆଦିଲ୍ଲୀ,୯-୮:** ଦେଶର ଅର୍ଥନୀତି ଦିନକୁ ଦିନ ଦୁରବସ୍ଥା ଆଡକୁ ଗତି କରୁଛି। ମାନ୍ଦାବସ୍ଥା କାରଣରୁ ଅର୍ଥନୀତି ଏବେ ଆଣ୍ଠେଇଲାଣି। ଆର୍ଥିକ ବିକାଶ ଦର୍ଶାଉଥିବା ସମସ୍ତ ତଥ୍ୟ ଏବେ ପ୍ରତିକୂଳ ହେବାରେ ଲାଗିଛି। ଖଣି ଓ ମାନୁଫାକ୍‌ଚରିଂ କ୍ଷେତ୍ରରେ ଖରାପ ପ୍ରଦର୍ଶନ କାରଣରୁ ଜୁନ୍‌ରେ ଔଦ୍ୟୋଗିକ ଉତ୍ପାଦନ ବୃଦ୍ଧି ହାର ୨ ପ୍ରତିଶତକୁ ହ୍ରାସ ପାଇଛି, ଯାହା କି ଅତ୍ୟନ୍ତ ଚିନ୍ତାଜନକ। ସରକାରଙ୍କ ପକ୍ଷରୁ ଶୁକ୍ରବାର ଜାରି ତଥ୍ୟ ଅନୁଯାୟୀ, ଗତବର୍ଷ ଜୁନ୍‌ରେ ଔଦ୍ୟୋଗିକ ଉତ୍ପାଦନ ବିକାଶ ହାର ୭ ପ୍ରତିଶତ ହାରରେ ବୃଦ୍ଧି ପାଉଥିଲା। ଜୁନ୍‌ରେ ବିନିର୍ମାଣ କ୍ଷେତ୍ରରେ ବୃଦ୍ଧି ହାର ୬.୯୦ ପ୍ରତିଶତ ତୁଳନାରେ ହ୍ରାସ ପାଇ ୧.୨୦ ପ୍ରତିଶତ ହୋଇଛି। ସେହିପରି ବିଜୁଳି ଉତ୍ପାଦନ ବୃଦ୍ଧି ହାର ମଧ୍ୟ ୮.୫୦ ପ୍ରତିଶତ ସ୍ଥାନରେ ୮.୨୦ ପ୍ରତିଶତକୁ ଖସିଆସିଛି। ଖଣି କ୍ଷେତ୍ରରେ ବୃଦ୍ଧି ହାର ୬.୫୦ ପ୍ରତିଶତ ସ୍ଥାନରେ ହ୍ରାସ ପାଇ ୧.୬୦ ପ୍ରତିଶତ ହୋଇଛି। ଜୁନ୍‌ରେ କ୍ୟାପିଟାଲ ଗୁଡ୍‌ସ ଅଭିବୃଦ୍ଧି ହାର ହ୍ରାସ ପାଇ ମାଇନସ୍ ୬.୫% ରହିଛି,ଯାହା କି ମେ'ରେ ୦.୮ ପ୍ରତିଶତ ରହିଥିଲା। କଞ୍ଜ୍ୟୁମର ଡ୍ୟୁରେବଲ୍ସ ବୃଦ୍ଧି ହ୍ରାସ ପାଇ ମାଇନସ ୫.୫% ରହିଛି, ଯାହା କି ମେ'ରେ ୦.୧% ଥିଲା। ଅନୁରୂପ ଭାବେ କଞ୍ଜ୍ୟୁମର ନନ୍ ଡ୍ୟୁରେବଲ୍ସ ବିକାଶ ହାର ମେ'ରେ ୭.୭ ପ୍ରତିଶତ ରହିଥିବା ବେଳେ ଜୁନ୍‌ରେ ସାମାନ୍ୟ ବଢ଼ି ୭.୮ ପ୍ରତିଶତ ହୋଇଛି।

### ପିଏମ୍ କିଷାନରେ ଯୋଡ଼ି ହେବେ ୧୦କୋଟି ଚାଷୀ

**ନୂଆଦିଲ୍ଲୀ,୯-୮:** ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି(ପିଏମ୍ କିଷାନ) ଯୋଜନା ଅଧୀନରେ ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ୧୦ କୋଟି ଚାଷୀଙ୍କୁ ସାମିଲ କରାଯିବ ବୋଲି କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମର ଶୁକ୍ରବାର କହିଛନ୍ତି। ଏହି ଯୋଜନାରେ କୃଷକଙ୍କୁ ବର୍ଷରେ ୩ଟି କିସ୍ତିରେ ୬ ହଜାର ଟଙ୍କାର ସହାୟତା ପ୍ରଦାନ କରାଯିବ। ଚଳିତବର୍ଷ ଫେବୃଆରୀ ୨୪ରେ ଉତ୍ତରପ୍ରଦେଶର ଗୋରଖପୁରରୁ ଏହି ଯୋଜନା ଅରମ୍ଭ କରାଯାଇଥିଲା। ସେ କହିଛନ୍ତି ଯେ, ଅଦ୍ୟାବଧି ଏହି ଯୋଜନାରେ ୫,୮୮,୭୭,୧୯୪ ଜଣ ଚାଷୀଙ୍କୁ ସାମିଲ କରାଯାଇଛି। କ୍ଷୁଦ୍ରଚାଷୀଙ୍କୁ ଇତିମଧ୍ୟରେ ୨ ହଜାର ଟଙ୍କାର ସହାୟତା ମିଳିସାରିଛି। ସେହିପରି ୩,୪୦,୯୩,୮୩୭ ଜଣଙ୍କୁ ଦ୍ୱିତୀୟ କିସ୍ତି ମିଳିଛି। ଆର୍ଥିକ ବର୍ଷ ୨୦୧୯-୨୦ରେ ସରକାର ଏହି ଯୋଜନା ବାବଦରେ ୮୭,୨୧୭.୫୦ କୋଟି ଟଙ୍କା ଖର୍ଚ୍ଚ କରିବେ ବୋଲି ଅନୁମାନ କରିଛନ୍ତି।

# ଭାରତରେ ୫୭% ଡାକ୍ତର କ୍ୱାକ୍

## ଡବ୍ଲ୍ୟୁଏଚ୍‌ଓର ରିପୋର୍ଟକୁ ସରକାରଙ୍କ ପ୍ରଥମେ ଅସ୍ୱୀକାର, ଏବେ ହଁ

**ନୂଆଦିଲ୍ଲୀ, ୯-୮**

- ୨୦୧୬ରେ ପ୍ରକାଶ ପାଇଥିଲା ରିପୋର୍ଟ
- ୨୦୧୮ ଜାନୁୟାରୀରେ ଲୋକ ସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ଖଣ୍ଡନ କରିଥିଲେ
- ଜାରି ଏଫ୍‌ଏକ୍ୟୁରେ ରିପୋର୍ଟ ସମ୍ପର୍କରେ ଉଲ୍ଲେଖ କରାଯାଇଛି
- ୩୧% କ୍ୱାକ୍ ଦ୍ୱାଦଶ ଶ୍ରେଣୀଯାଏ ପାଠ ପଢ଼ିଛନ୍ତି
- ଗ୍ରାମାଞ୍ଚଳର ୨୦% ଡାକ୍ତରଙ୍କ ନିକଟରେ ମେଡିକାଲ ଡିଗ୍ରୀ ରହିଛି



ଆମ ଦେଶରେ ଏଲୋପାଥି ମେଡିସିନ୍ ପ୍ରାକ୍ଟିସ୍ କରୁଥିବା ଅଧିକାଂଶ ଡାକ୍ତର କ୍ୱାକ୍(ନକଲି) କି ବୋଲି ପ୍ରଶ୍ନ ଉଠିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍‌ଓ) ରିପୋର୍ଟରେ ଏହା ଦର୍ଶାଯାଇଛି। ଚକିତ କଲା ଭଳି ଏହି ନିରାଟ ସତ୍ୟକୁ କେନ୍ଦ୍ର ସରକାର ପ୍ରଥମେ ଅସ୍ୱୀକାର କରିବା ପରେ ଏବେ ମାନି ନେଇଛନ୍ତି।

ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ ୨୦୧୬ରେ ଭାରତରେ ସ୍ୱାସ୍ଥ୍ୟକର୍ମୀଙ୍କ ଉପରେ ଏକ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା। ଏଥିରେ କୁହାଯାଇଥିଲା ଯେ, ଦେଶରେ ଯେତିକି ଏଲୋପାଥିକ ଡାକ୍ତର ପ୍ରାକ୍ଟିସ କରୁଛନ୍ତି, ସେମାନଙ୍କ ମଧ୍ୟରେ ୫୭.୩ ପ୍ରତିଶତଙ୍କ ନିକଟରେ କୌଣସି ମେଡିକାଲ ଡିଗ୍ରୀ ନାହିଁ। ସେତେବେଳେ କେନ୍ଦ୍ର ସରକାର ଏହି ରିପୋର୍ଟକୁ ଖଣ୍ଡନ କରିଥିଲେ। ଜାନୁୟାରୀ ୨୦୧୮ରେ ଲୋକ ସଭାରେ ଏକ ବିବୃତି ପ୍ରଦାନ କରି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡା ଏହି ରିପୋର୍ଟକୁ ଫାଲତୁ ବୋଲି ଦର୍ଶାଇଥିଲେ। କିନ୍ତୁ ଏବେ ସେହି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଡବ୍ଲ୍ୟୁଏଚ୍‌ଓର ଉକ୍ତ ରିପୋର୍ଟକୁ ଔପଚାରିକ ଭାବେ ଠିକ୍ ବୋଲି ଦର୍ଶାଇଛି। ନିକଟରେ ଅନୁମୋଦନ ଲାଭ କରିଥିବା ନ୍ୟାଶନାଲ ମେଡିକାଲ କମିଶନ(ଏନ୍‌ଏମ୍‌ସି) ଆଇନ ଅଧୀନରେ ଗୋଷ୍ଠୀ ସ୍ୱାସ୍ଥ୍ୟ ପେସାଦାର(ସିଏଚ୍‌ପି)ଙ୍କୁ ଡାକ୍ତର ଭାବେ ପ୍ରାକ୍ଟିସ କରିବାକୁ ଅନୁମତି ଦେବା ଲାଗି ସରକାର ଡବ୍ଲ୍ୟୁଏଚ୍‌ଓର ସେହି ପୁରୁଣା ରିପୋର୍ଟର ସହାୟତା ନେଇଛନ୍ତି। ଏହି ଆଇନ ସମ୍ପର୍କରେ ଅଗଷ୍ଟ ୬ରେ ଜାରି କରାଯାଇଥିବା ଏକ ଏଫ୍‌ଏକ୍ୟୁରେ କୁହାଯାଇଛି ଯେ, ବର୍ତ୍ତମାନ ଏଲୋପାଥିକ ମେଡିସିନରେ ପ୍ରାକ୍ଟିସ କରୁଥିବା ୫୭.୩% ଲୋକଙ୍କ ନିକଟରେ ମେଡିକାଲ ଡିଗ୍ରୀ ନାହିଁ। ୨୦୦୧ ଜନଗଣନା ଆଧାରରେ ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ ପ୍ରସ୍ତୁତ ରିପୋର୍ଟ ଅନୁଯାୟୀ, ଭାରତର ଗ୍ରାମାଞ୍ଚଳରେ ପ୍ରାକ୍ଟିସ କରୁଥିବା ମାତ୍ର ୨୦ ପ୍ରତିଶତ ଡାକ୍ତରଙ୍କ ନିକଟରେ ମେଡିକାଲ ଡିଗ୍ରୀ ରହିଛି। ଏଥିରେ ଏହା ମଧ୍ୟ ଦର୍ଶାଯାଇଛି ଯେ, ପ୍ରାକ୍ଟିସ କରୁଥିବା କ୍ୱାକ୍‌ଙ୍କ ମଧ୍ୟରୁ ୩୧ ପ୍ରତିଶତ ଏଭଳି ଅଛନ୍ତି ଯେଉଁମାନେ କେବଳ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ଜାରି ଏଫ୍‌ଏକ୍ୟୁରେ କୁହାଯାଇଛି ଯେ, ଭାରତରେ ଅଧିକାଂଶ ଗ୍ରାମୀଣ ଜନତାଙ୍କୁ ଭଲ ସ୍ୱାସ୍ଥ୍ୟସେବା ମିଳୁନାହିଁ। ଏହି କାରଣରୁ ସେମାନେ ନକଲି ଡାକ୍ତର ବା କ୍ୱାକ୍‌ଙ୍କ ଜାଲ୍‌ରେ ପଡିଯାଉଛନ୍ତି। ଏହି ଏଫ୍‌ଏକ୍ୟୁରେ ୨୦୧୬ରେ ଡବ୍ଲ୍ୟୁଏଚ୍‌ଓ ଦ୍ୱାରା ଜାରି ରିପୋର୍ଟ ସମ୍ପର୍କରେ ଉଲ୍ଲେଖ କରାଯାଇଛି, ଯାହାକୁ ଦେଢ଼ ବର୍ଷ ପୂର୍ବେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ମାନିବାକୁ ରାଜି ନ ଥିଲେ। ୨୦୧୮ ଜାନୁୟାରୀ ୫ରେ ଲୋକ ସଭାରେ ଏକ ପ୍ରଶ୍ନର ଲିଖିତ ଜବାବରେ ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ନଡ୍ଡା କହିଥିଲେ ଯେ, ଡବ୍ଲ୍ୟୁଏଚ୍‌ଓର ରିପୋର୍ଟ ଭ୍ରମ ସୃଷ୍ଟି କରୁଛି। ମେଡିକାଲ ପ୍ରାକ୍ଟିସ କରିବା ଲାଗି ପଞ୍ଜୀକରଣ ଆବଶ୍ୟକ ହୋଇଥାଏ, ଯାହା ଏମ୍‌ବିବିଏସ୍ ଡିଗ୍ରୀ ବିନା ସମ୍ଭବ ନୁହେଁ। ସେ ଏହା ମଧ୍ୟ କହିଥିଲେ ଯେ, ଏଭଳି ନକଲି ଡାକ୍ତର ବା କ୍ୱାକ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ପ୍ରଥମ ଦାୟିତ୍ୱ ରାଜ୍ୟ ସରକାରଗୁଡ଼ିକଙ୍କ ହାତରେ ରହିଛି। ଏହା କହି ସେ କେନ୍ଦ୍ର ସରକାରଙ୍କ ମୁଣ୍ଡରୁ ଦାୟିତ୍ୱ ଖସାଇ ଦେଇଥିଲେ। ଏଫ୍‌ଏକ୍ୟୁରେ ଦର୍ଶାଯାଇଛି ଯେ, ସହର ଓ ଗ୍ରାମାଞ୍ଚଳରେ ଡାକ୍ତରଙ୍କ ଉପସ୍ଥିତି ସଂଖ୍ୟାରେ ଅନେକ ତାରତମ୍ୟ ରହିଛି। ବର୍ତ୍ତମାନ ଏହି ଅନୁପାତ ୩.୮:୧ ରେ ପହଞ୍ଚିଛି।

# ରୟାଲ ଏନ୍‌ଫିଲ୍ଡର ୨ ନୂଆ ଶୋ'ରୁମ




**ଭୁବନେଶ୍ୱର,୯-୮**

ରୟାଲ ଏନ୍‌ଫିଲ୍ଡର ୨ ନୂଆ ଶୋ'ରୁମ ଜଗତସିଂହପୁର ଏବଂ ସାଲେପୁରରେ ଖୋଲିଛି। ଖିମଜୀ ଅଟୋମୋବାଇଲ୍ସ ଆନୁକୂଲ୍ୟରେ ଏହି ଦୁଇ ନୂଆ ଶୋ'ରୁମକୁ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଖିମଜୀ ଅଟୋମୋବାଇଲ୍ସର ନିର୍ଦ୍ଦେଶକ ରାଜେଶ ସାମନ୍ତ ଏବଂ କମ୍ପାନୀ ଏଏସ୍‌ଏମ୍ ସଂଗ୍ରାମ ସାହୁ ଉପସ୍ଥିତ ଥିଲେ। ଏହା କମ୍ପାନୀର ୨୫୦ ତମ ରିଟେଲ ଷ୍ଟୁଡିଓ। ଆଗାମୀ ୩ ମାସରେ ଆଉ ୨୫୦ ଶୋ'ରୁମ ନେଟୱର୍କରେ ଯୋଡିବା ଲାଗି କମ୍ପାନୀ ଯୋଜନା ରଖିଛି। କମ୍ପାନୀ ବୁଲେଟ ୩୫୦ ଏବଂ ବୁଲେଟ ୩୫୦ ଇଏସ୍‌ର ୬ଟି ନୂଆ ମଡେଲ ପ୍ରସ୍ତୁତ କରିଛି। ବୁଲେଟର ନୂତନ ମଡେଲ ଏକ୍ସଶୋ'ରୁମ ମୂଲ୍ୟ ୧.୧୨ ଲକ୍ଷ ଟଙ୍କା ରହିଛି। ଏହାର ବୁକିଂ ଅଗଷ୍ଟ୯ରୁ ଆରମ୍ଭ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। କମ୍ପାନୀ ସାରା ଦେଶରେ ୯୩୦ ଶୋ'ରୁମ ଏବଂ ୮,୮୦୦ରୁ ଊର୍ଦ୍ଧ୍ୱ ସର୍ଭିସ ପଏଣ୍ଟ ଏବଂ ୯୦୦ରୁ ଊର୍ଦ୍ଧ୍ୱ ଅଧିକୃତ ୱାର୍କଶପ ସହ ସେବା ଯୋଗାଇ ଦେଉଛି। କମ୍ପାନୀର ଷ୍ଟୁଡିଓ ଗୁଡିକରେ ସର୍ଭିସ, ସ୍ପେୟାର ପାର୍ଟସ ସହ ଅନ୍ୟାନ୍ୟ ସୁବିଧା ଗ୍ରାହକ ଲାଭ କରିପାରିବେ। ଛୋଟଛୋଟ ସହରରେ ଯାନ କ୍ରୟ ନେଇ ଚାହିଦା ବଢିବାକୁ ଗ୍ରାହକଙ୍କ ସୁବିଧା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛୁ ବୋଲି ରୟାଲ ଏନ୍‌ଫିଲ୍ଡ ସିଇଓ ବିନୋଦ କେ ଦସାରୀ କହିଛନ୍ତି।

# ବିଗ୍ ବଜାର ପକ୍ଷରୁ ମହାବଚତ୍ ଅଫର ଘୋଷଣା

**ଭୁବନେଶ୍ୱର,୯-୮**




ବିଗ୍ ବଜାର ପକ୍ଷରୁ ୬ ଦିନିଆ ମହାବଚତ୍ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଚଳିତ ମାସ ୧୦ରୁ ୧୫ ତାରିଖ ପର୍ଯ୍ୟନ୍ତ ଫୁଡ୍ ଓ ଗ୍ରୋସରି ସାମଗ୍ରୀଠାରୁ ଆରମ୍ଭ କରି ଫ୍ୟାଶନ ପୋଷାକ, ଗୃହ ଉପକରଣ, ରୋଷେଇ ଉପକରଣ, ଗୃହ ସାଜସଜ୍ଜା ସାମଗ୍ରୀ ଏବଂ ଇଲେକଟ୍ରୋନିକ୍ସ ସାମଗ୍ରୀ ଉପରେ ଆକର୍ଷଣୀୟ ରିହାତି ପାଇ ପାରିବେ। ଏହି ସମୟରେ ପୁରୁଷ ମହିଳା ପରିଧାନ ଉପରେ ୨୦% କ୍ୟାଶବ୍ୟାକ୍ ସହ ଗୋଟିଏ କ୍ରୟରେ ଦୁଇଟି ମାଗଣା ପାଇବେ। ସେହିଭଳି ଗୃହ ସାଜସଜ୍ଜା ଉପକରଣ ଉପରେ ୬୦% ରିହାତି ସହ ୨୦% କ୍ୟାଶବ୍ୟାକ, ଫୁଡ୍ ସେକ୍ସନରେ ରିହାତି ରହିଛି। ୩ ହଜାର ଟଙ୍କା କ୍ରୟରେ ୧୨୦୦ ଏବଂ ୬ ହଜାର ଟଙ୍କା କ୍ରୟରେ ୨୪୦୦ ଟଙ୍କା କ୍ୟାଶବ୍ୟାକ ମିଳିବ। ଏସ୍‌ବିଆଇ କାର୍ଡ ଉପରେ ୭% ପର୍ଯ୍ୟନ୍ତ ରିହାତି ଉପଲବ୍ଧ ହେବ। ଗ୍ରାହକଙ୍କୁ କ୍ରୟର ଏକ ଭିନ୍ନ ଅଭିଜ୍ଞତା ପ୍ରଦାନ ଲକ୍ଷ୍ୟରେ ଏଭଳି ପଦକ୍ଷେପ ନେଇଥିବା ବିଗ୍ ବଜାରର ସିଇଓ ସଦାଶିବ ନାୟକ କହିଛନ୍ତି।

# ଭାରତ ମସଲାର ନୂଆ ପ୍ଲାଣ୍ଟ ଲୋକାର୍ପିତ

**ଭୁବନେଶ୍ୱର,୯-୮**

ଭାରତ ମସଲାର ରାମଦାସପୁର ପ୍ଲାଣ୍ଟ ଶୁଭାରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଭିଡିଓକନ୍‌ଫରେନ୍ସି ଯୋଗେ ଲୋକାର୍ପିତ କରିଛନ୍ତି। ଅତ୍ୟାଧୁନିକ କ୍ରାୟୋଜେନିକ ଗ୍ରାଇଣ୍ଡିଂ ଟେକ୍ନୋଲୋଜିରେ ଏହି ପ୍ଲାଣ୍ଟକୁ ନିର୍ମାଣ କରାଯାଇଛି। ଶୁଦ୍ଧ ଏବଂ ମହକଭରା ଶିଳବଟା ମସଲାର ସ୍ୱାଦ ଏହି ପ୍ଲାଣ୍ଟ ପ୍ରଦାନ କରିବ ବୋଲି ଅଧ୍ୟକ୍ଷ ସୁରେନ୍ଦ୍ର ପଣ୍ଡା କହିଛନ୍ତି। ୭୦ କୋଟି ଟଙ୍କା ବ୍ୟୟରେ ନୂଆ ୟୁନିଟକୁ ସ୍ଥାପନ କରାଯାଇଛି। କାର୍ଯ୍ୟକ୍ରମରେ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ ପଣ୍ଡାଙ୍କ ସମେତ ସରକାରୀ ଅଧିକାରୀ, ଭାରତ ମସଲା ପକ୍ଷରୁ ବିଭିନ୍ନ ଅଧିକାରୀ, କର୍ମଚାରୀ ଏବଂ ଆମନ୍ତ୍ରିତ ଅତିଥି ଉପସ୍ଥିତ ଥିଲେ।

# ରେଡ୍ ଟିପ୍ ପକ୍ଷରୁ ରିଟେଲର ମିଟ୍



**ଭୁବନେଶ୍ୱର,୯-୮**

ପ୍ରମୁଖ ସୁ ନିର୍ମାତା ଲେୟାନ ଗ୍ଲୋବାଲ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଏହାର ଲୋକପ୍ରିୟ ବ୍ରାଣ୍ଡ ରେଡଟିପ୍ ଏବଂ ଫ୍ୟୁରୋର ରିଟେଲର ମିଟ୍ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ରାଜମୀ ଏଣ୍ଟରପ୍ରାଇଜେସର ମିଳିତ ଆନୁକୂଲ୍ୟରେ ଏହା ଆୟୋଜନ କରାଯାଇଥିଲା। ସାରା ରାଜ୍ୟରୁ କମ୍ପାନୀର ରିଟେଲରମାନେ ଏଠାରେ ଯୋଗ ଦେଇଥିଲେ। ଏଠାରେ କମ୍ପାନୀର ନୂଆ ପ୍ରଡକ୍ଟ ଲଞ୍ଚ କରାଯାଇଥିଲା। ଘରୋଇ ବଜାରରେ କମ୍ପାନୀର ୫୦୦୦ରୁ ଊର୍ଦ୍ଧ୍ୱ ରିଟେଲ ନେଟୱର୍କ କାର୍ଯ୍ୟ କରୁଛି। ଫର୍ମାଲ, ସେମି ଫର୍ମାଲ ଏବଂ କାଜୁଆଲ ବର୍ଗରେ ଏହାର ପ୍ରଡକ୍ଟଗୁଡିକ ଉପଲବ୍ଧ ହେଉଛି। ଏହା ବାଦ କମ୍ପାନୀ ନୂଆ କରି ସ୍ପୋର୍ଟସ ବର୍ଗରେ ନୂଆ ଫ୍ୟୁରୋ ବ୍ରାଣ୍ଡ ଆଣିଛି। ଏହା ଉଭୟ ପୁରୁଷ ଏବଂ ମହିଳାଙ୍କ ଲାଗି ଉପଲବ୍ଧ ହେବ। କାର୍ଯ୍ୟକ୍ରମ ଅବସରରେ ଏବିଏମ୍ ବିଶାଲ ମିଶ୍ର ଏବଂ ଏଏସ୍‌ଏମ୍ କ୍ରୀଷ୍ଣ ଗୋପାଳ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ରାଣ୍ଡ ଫ୍ୟାକ୍ଟ୍ରିରେ ନୋ କଣ୍ଡିସନ ସେଲ୍

**ଭୁବନେଶ୍ୱର,୯-୮**




ଫ୍ୟାଶନ ପ୍ରେମୀଙ୍କ ଲାଗି ବ୍ରାଣ୍ଡ ଫ୍ୟାକ୍ଟ୍ରି ପକ୍ଷରୁ ନୂଆ ଅଫର ଘୋଷଣା କରାଯାଇଛି। ନୋ କଣ୍ଡିସନ୍ସ ଆପ୍ଲାଏ ଅଫର ଦ୍ୱାରା ଗ୍ରାହକମାନେ ମେଗା ଡିସକାଉଣ୍ଟ ଲାଭ କରିପାରିବେ। ଏହି ଅଫର ଚଳିତ ମାସ ୮ରୁ ୧୧ ତାରିଖ ଯାଏ ଚାଲିବ। ବ୍ରାଣ୍ଡ ଫ୍ୟାକ୍ଟ୍ରି ଷ୍ଟୋରରେ ଥିବା କୌଣସି ଆପାରେଲ ଏବଂ ଲଗେଜ କ୍ରୟରେ ଗୋଟିଏ ଆପାରେଲ କିମ୍ବା ଲଗେଜ ଗ୍ରାହକମାନେ ମାଗଣାରେ ଲାଭ କରି ପାରିବେ। ସେହିଭଳି ୪ ହଜାର ଟଙ୍କାରୁ ଅଧିକ ଦାମର କ୍ରୟ ଉପରେ ଅତିରିକ୍ତ ୨୦% ଡିସ୍‌କାଉଣ୍ଟ ଲାଭ କରିବାର ସୁଯୋଗ ମିଳିବ। ଷ୍ଟୋରରେ ୨୦୦ରୁ ଅଧିକ ବ୍ରାଣ୍ଡ ଉପଲବ୍ଧ ରହିଛି। ସାରା ବର୍ଷ ଗ୍ରାହକଙ୍କୁ ୨୦ରୁ ୭୦% ଡିସକାଉଣ୍ଟ ଗ୍ରାହକଙ୍କୁ ପ୍ରଦାନ କରାଯାଉଛି। ଗ୍ରାହକମାନେ ଆପାରେଲ, ଫୁଟୱେର, ଲଗେଜ ଏବଂ ଅନ୍ୟାନ୍ୟ ଆସେସୋରିଜ ଲାଭ କରିପାରିବେ। ଗ୍ରାହକଙ୍କୁ ଭାଲ୍ୟୁ ଡିଲ୍ ପ୍ରଦାନ ଲକ୍ଷ୍ୟରେ ଏଭଳି ଅଫର ପ୍ରଦାନ କରାଯାଉଥିବା ବ୍ରାଣ୍ଡ ଫ୍ୟାକ୍ଟ୍ରି ସିଇଓ ସୁରେଶ ସାଧୱାନି କହିଛନ୍ତି।

# ମାନ୍ଦାବସ୍ଥା ପ୍ରଭାବ: ୧୪ ଦିନ ଉତ୍ପାଦନ ବନ୍ଦ କଲା ମହିନ୍ଦ୍ରା

**ନୂଆଦିଲ୍ଲୀ,୯-୮**

ଘରୋଇ ଗାଡ଼ି ନିର୍ମାତା ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଚଳିତ ତ୍ରୈମାସରେ ନିଜର ବିଭିନ୍ନ କାରଖାନାରେ ୮ରୁ ୧୪ ଦିନ ପର୍ଯ୍ୟନ୍ତ ଉତ୍ପାଦନ ବନ୍ଦ କରିଦେଇଛି। ଉତ୍ପାଦନ ଓ ଚାହିଦା ମଧ୍ୟରେ ସନ୍ତୁଳନ ସ୍ଥାପନ ଲାଗି ଏଭଳି ପଦକ୍ଷେପ ନିଆଯାଇଛି। ଅଟୋ ସେକ୍ଟରରେ ମାନ୍ଦାବସ୍ଥାର ପ୍ରଭାବ ଯେ କେତେ ଗଭୀର ମହିନ୍ଦ୍ରାର ଏହି ନିଷ୍ପତ୍ତିରୁ ଏହା ସ୍ପଷ୍ଟ ହେଉଛି। କମ୍ପାନୀ ପକ୍ଷରୁ ଷ୍ଟକ୍ ମାର୍କେଟକୁ ଏ ସମ୍ପର୍କରେ ଜଣାଇ ଦିଆଯାଇଛି। ସୂଚନାଥାଉ କି, ଏପ୍ରିଲ-ଜୁଲାଇରେ ମହିନ୍ଦ୍ରାର ଘରୋଇ ଗାଡି ବିକ୍ରି ୮ ପ୍ରତିଶତ ହ୍ରାସ ପାଇ ୧,୬୧,୬୦୪ରେ ପହଞ୍ଚିଛି। ବର୍ଷକ ପୂର୍ବେ ସମାନ ଅବଧିରେ ୧,୭୧,୮୩୧ ଗାଡ଼ି ବିକ୍ରି ହୋଇଥିଲା।


## SPOT ADMISSION NOTICE

**MADHUSUDAN INSTITUTE OF COOPERATIVE MANAGEMENT**
Unit-VIII, Bhubaneswar-751 012
(An Institution of National Council for Co-operative Training, New Delhi, an Autonomous Society promoted by Ministry of Agriculture & Farmers' Welfare)
*Tel: 0674-2562826/ 2561744, Mob: 9178515289*

**MBA 2019-20**

Date of Admission : **14.08.2019**
Time of Reporting & Registration : 10.00 AM to 12.30 PM
Time of Merit List Display : 01.30 PM
Time of Spot Admission : 03.00 PM

No. 12-LL

**The following modalities will be followed during Spot Admission:**

1. Candidates having valid Rank Card issued by OJEE 2019 shall participate in the Spot Admission.
2. The Candidates who have got final allotment in OJEE 2019 counseling process and have already taken admission in any of the Technical College of the State are not eligible to participate in Govt. College Spot Admission process.
3. OJEE 2019 rules and regulations will be followed during spot admission.
4. The total admission fees is Rs.69,000/-. However, the selected candidates shall have to deposit the Part Course Fees of Rs.10,000/- , Part Admission fee of Rs.10,000/- (Rs.5000/- incase of SC/ST Candidates) along with the counseling fee of Rs.450/- on the same day in shape of Demand Draft in favour of *DIRECTOR, MADHUSUDAN INSTITUTE OF COOPERATIVE MANAGEMENT* payable at *BHUBANESWAR* to confirm his/her allotment. Balance fees (General category Rs.54,000/- and SC/ST Category Rs.59,000/- have to be deposited vide D/D on 21.08.2019.
5. The guidelines and eligibility criteria prescribed by the AICTE / Govt. of Odisha / OJEE will be strictly followed for final admission.
6. The Candidates are required to bring One Set of Photocopies of all relevant documents along with all Original documents as per OJEE 2019 Counseling.

NB: *without Demand Draft, OJEE Rank Card, Original CLC/TC, Candidates will not be allowed to participate in Spot Admission.*

Sd/-
**DIRECTOR**
39011/11/0001/1920



## ବିଜ୍ଞାପନ

ଓଡ଼ିଶା ସରକାର

### ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ

**ଅନ୍ୟାନ୍ୟ ପଛୁଆବର୍ଗ ତଥା ସାମାଜିକ ଏବଂ ଶିକ୍ଷାଗତ ଅନଗ୍ରସର ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ**

**୨୦୧୯-୨୦ ବର୍ଷ ପାଇଁ ପ୍ରାକ୍‌ମାଟ୍ରିକ ବୃତ୍ତି ପ୍ରଦାନ ନିମନ୍ତେ ଦରଖାସ୍ତ ଆହ୍ୱାନ।**

No.: 25-V: ରାଜ୍ୟ ମଧ୍ୟରେ ଥିବା ସମସ୍ତ ସରକାରୀ ତଥା ସ୍ୱୀକୃତିପ୍ରାପ୍ତ ଶିକ୍ଷାନୁଷ୍ଠାନମାନଙ୍କରେ ୯ମ ଓ ୧୦ମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଅନ୍ୟାନ୍ୟ ପଛୁଆବର୍ଗ ଓ ସାମାଜିକ ଏବଂ ଶିକ୍ଷାଗତ ଅନଗ୍ରସର ଶ୍ରେଣୀର ଛାତ୍ରଛାତ୍ରୀମାନେ ଯେଉଁମାନଙ୍କର ପିତାମାତା/ଅଭିଭାବକଙ୍କର ବାର୍ଷିକ ଆୟ ଟ.୨,୫୦,୦୦୦/-ରୁ ଅଧିକ ହୋଇ ନଥିବ, ସେମାନେ ଏହି ବିଭାଗ ୱେବ୍‌ସାଇଟ୍ **http://www.stscodisha.gov.in**ରେ ଦିଆଯାଇଥିବା ଦରଖାସ୍ତ ଫର୍ମରେ ବିଧିବଦ୍ଧଭାବେ ପୂରଣକରି ଶିକ୍ଷାନୁଷ୍ଠାନ ମୁଖ୍ୟଙ୍କ ମାଧ୍ୟମରେ ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ନିକଟରେ ତା୩୦।୦୯।୨୦୧୯ରିଖ ସୁଦ୍ଧା ଦାଖଲ କରିବେ। ଯେଉଁ ଛାତ୍ରଛାତ୍ରୀମାନଙ୍କର ପିତାମାତା BPL ଶ୍ରେଣୀ ଅନ୍ତର୍ଭୁକ୍ତ ହୋଇଥିବେ ସେମାନଙ୍କୁ ଅଗ୍ରାଧିକାର ଦିଆଯିବ। ଚଳିତ ବର୍ଷ ଉକ୍ତ ବୃତ୍ତି ଟଙ୍କା ଛାତ୍ରଛାତ୍ରୀମାନଙ୍କର ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ପ୍ରଦାନ କରାଯିବ।

ମାଟ୍ରିକ ପୂର୍ବ (ନବମ ଓ ଦଶମ ଶ୍ରେଣୀ) ଛାତ୍ରବୃତ୍ତି ନିମନ୍ତେ ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀମାନେ ନୂତନ ଦରଖାସ୍ତ କିମ୍ବା ନବୀକରଣ ସମୟରେ "**ଆଧାର**" ନମ୍ବର ପ୍ରଦାନ କରିବେ ଏବଂ ସେମାନଙ୍କର ଆଧାର ନମ୍ବର ବ୍ୟାଙ୍କ ଆକାଉଣ୍ଟ ସହିତ ସଂଯୁକ୍ତ କରାଇବେ। ଯେଉଁ ଛାତ୍ରଛାତ୍ରୀମାନଙ୍କର ଅଦ୍ୟାବଧି "**ଆଧାର**" ନମ୍ବର ନାହିଁ କିମ୍ବା ପଞ୍ଜୀକୃତ ହୋଇନାହାନ୍ତି, ସେମାନେ ଯେ କୌଣସି ଆଧାର ପଞ୍ଜୀକରଣ କେନ୍ଦ୍ରରେ ନିଜକୁ ପଞ୍ଜୀକୃତ କରିବେ। ଯଦି ଦରଖାସ୍ତ ଦାଖଲ ସମୟରେ ଆଧାର ମିଳିନଥିବ, ତେବେ ଦରଖାସ୍ତକାରୀ ଆଧାର ପଞ୍ଜୀକରଣ ଚିଠାର ଏକ ନକଲ ଆବେଦନ ପତ୍ର ସହିତ ପ୍ରଦାନ କରିବେ।

ଜିଲ୍ଲା ମଙ୍ଗଳ ଅଧିକାରୀମାନେ ଦରଖାସ୍ତଗୁଡ଼ିକର ତନଖି କରି ଶ୍ରେଣୀୱାରି ବାଳକ-ବାଳିକା ତାଲିକା ସହ ଏହି ବିଭାଗକୁ ଆବଶ୍ୟକ ଅର୍ଥର ବିବରଣୀ ପ୍ରେରଣ କରିବେ।

45001/11/0002/1920 — ସ୍ୱା./- ନିର୍ଦ୍ଦେଶକ (ଓ.ବି.ସି.)



## DIRECTORATE OF TECHNICAL EDUCATION & TRAINING, ODISHA, CUTTACK-753001

No.: 52-KK

**ITI Admission-2019**
**SPOT REGISTRATION AND ADMISSION**

Consequent upon instructions of DGT, New Delhi communicated vide their letter No. DGT-MoM/11/2019-O/o Dir (TC) dtd.05.08.2019 the following revised schedule for admission shall be adhered for the Session 2019-20 under Craftsman Training Scheme.

| Activity | Dateline |
|---|---|
| Daily Spot Registration at Institution level & fees payment through applicant login ID- upto **2PM** Publication of Merit list and admission for Govt. ITIs – **3 PM** onwards | 13.08.2019 to 30.08.2019 excluding holidays |
| Daily Spot Registration at Institution level, fees payment through applicant login ID- upto **2PM** Publication of Merit list and admission for Pvt. ITIs - **3 PM** onwards | 13.08.2019 to 13.09.2019 excluding holidays |
| Assigning of shift and unit against admitted trainees data in SAMS portal conforming to the vacancy reflected in DGT MIS portal for the current session (Govt. and Pvt. ITIs ) | 16.09.2019 to 21.09.2019 |
| Document verification of admitted trainees of Pvt. ITIs, validation and cancellation of SLC/CLC of admitted trainees centrally at SCTE&VT, Odisha, Bhubaneswar. | 23.09.2019 to 15.10.2019 |
| Submission of wanting documents of admitted Trainee of Pvt. ITIs if any, validation and cancellation of SLC/CLC of admitted trainees centrally at SCTE&VT, Odisha, Bhubaneswar. | 16.10.2019 to 30.10.2019 |
| Submission of admitted Trainee data in DGT template by SAMS to DTE&T, Odisha (Govt. and Pvt. ITIs ) | By 04.11.2019 |
| Final data correction and migration of data from SPIU to NCVT MIS portal. | 05.11.2019 to 30.11.2019 |

Sd/-
Director of Technical Education & Training, Odisha
14004/11/0011/1920

ଧରିତ୍ରୀ
DHARITRI
ଢେଙ୍କାନାଳ, ଶନିବାର, ୧୦ ଅଗଷ୍ଟ, ୨୦୧୯



"ଆଇପିଏଲରେ ଅଂଶଗ୍ରହଣ ଦ୍ୱାରା ଆମ ଦେଶର ଖେଳାଳିମାନେ ବିଶ୍ୱର ଶ୍ରେଷ୍ଠ ଖେଳାଳିମାନଙ୍କ ସହିତ ଖେଳି ଯଥେଷ୍ଟ ଉପକୃତ ହୋଇପାରିଛନ୍ତି ।
–ରସ୍ ଟେଲର, ନ୍ୟୁଜିଲାଣ୍ଡ ସିନିୟର ଖେଳାଳି



"କ୍ରିକେଟରେ ବର୍ଷା କାରଣରୁ ଏକ ମ୍ୟାଚକୁ ବାରମ୍ବାର ବନ୍ଦ–ଆରମ୍ଭ କରିବା ଏକ ଖରାପ କଥା। ଏହାଦ୍ୱାରା ଇଞ୍ଜୁରିର ଆଶଙ୍କା ଥାଏ ।
–ବିରାଟ କୋହଲି, ଭାରତୀୟ ଅଧିନାୟକ



## ସଂକ୍ଷେପରେ

### ପ୍ରତ୍ୟାବର୍ତ୍ତନରେ ସୁଶୀଲ ବିଫଳ

ନୂଆଦିଲ୍ଲୀ,୯।୮(ପି.ଟି.): ଅଭିଜ୍ଞ ରେସଲର ଦୀର୍ଘ ଏକ ବର୍ଷ ପରେ ପ୍ରତ୍ୟାବର୍ତ୍ତନ କରି ବିଫଳତାର ସମ୍ମୁଖୀନ ହୋଇଛନ୍ତି। ବେଲରୁଷର ମିନସ୍କଠାରେ ଅନୁଷ୍ଠିତ ମେଡଭେଡ ରେସଲିଂ ଟୁର୍ନାମେଣ୍ଟରେ ସେ ୭୪ କେ.ଜି. ବର୍ଗ ପ୍ରତିଯୋଗିତାରେ ବିଶ୍ୱର ୫ ନମ୍ବର ରେସଲର ଉଜ୍‌ବେକିସ୍ଥାନର ବେକଜୋଡ ଅବଦୁରାଖମୋନୋଭଙ୍କଠାରୁ ପରାସ୍ତ ହୋଇଛନ୍ତି। ଏସିଆନ ଗେମ୍ସ ଚାମ୍ପିୟନ ବେକ୍‌ଜୋଡ ସୁଶୀଲଙ୍କ ଡାହାଣ ଗୋଡ ଧରି ୪ ପଏଣ୍ଟ ହାସଲ କରିଥିଲେ। ଏହା ପରେ ସେ ସୁଶୀଲଙ୍କ ମ୍ୟାଟ୍ ବାହାରକୁ ଠେଲି ଦେଇ ଅଧିକ ଦୁଇ ପଏଣ୍ଟ ହାସଲ କରିଥିଲେ। ବିଶ୍ୱଚାମ୍ପିୟନଶିପ୍ ବ୍ରୋଞ୍ଜ୍ ପଦକ ବିଜେତା ବେକ୍‌ଜୋଡ ଆଉ ଧରେ ଲେଗ୍ ଆଟାକ୍ କରିଥିଲେ। ଏହାପରେ ୯୦ ସେକେଣ୍ଡ ମଧ୍ୟରେ ସେ ସୁଶୀଲଙ୍କୁ ପରାସ୍ତ କରିଥିଲେ।୨୦୧୮ ଜାକର୍ତ୍ତା ଏସିଆନ ଗେମ୍ସରେ ପ୍ରଥମ ରାଉଣ୍ଡରୁ ବିଦାୟ ନେବା ପରେ ସୁଶୀଲ ତାଙ୍କ ପ୍ରଥମ ଟୁର୍ନାମେଣ୍ଟ ଖେଳିଥିଲେ। ଦୁଇଥର ଅଲିମ୍ପିକ ପଦକ ହାସଲ କରିଥିବା ସୁଶୀଲ ଦେଶକୁ ଫେରିବା ପରେ ବିଶ୍ୱ ଚାମ୍ପିୟନଶିପ୍ ଟ୍ରାଏଲରେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଆହତ ହୋଇଥିବା ପ୍ରବୀଣ କୁମାର ଓ ଜିତେନ୍ଦ୍ର ୭୪ କେ.ଜି. ଟ୍ରାଏଲରେ ସୁଶୀଲଙ୍କ ସହ ଲଢ଼ିବାକୁ ରେସଲିଂ ଫେଡେରେସନ ଅଫ୍ ଇଣ୍ଡିଆଠାରୁ ଅନୁମତି ମାଗିଥିଲେ। ସୁଶୀଲ ଏବେ ତଙ୍କ ବର୍ଗରେ ବିଶ୍ୱର ଶ୍ରେଷ୍ଠ-୨୦ରେ ସ୍ଥାନ ପାଇ ନାହାନ୍ତି। ତେବେ ସୁଶୀଲଙ୍କ ଅଖଡାରୁ ଆସିଥିବା ଅମିତ୍ କୁମାର ଧନକର ୭୪ କେ.ଜି. ବର୍ଗ ର୍ୟାଙ୍କିଙ୍ଗ୍‌ରେ ନବମ ସ୍ଥାନରେ ରହିଛନ୍ତି।

### ମ୍ୟାକ୍‌କୁଲମ କେକେଆର ସହାୟକ କୋଚ୍

ନୂଆଦିଲ୍ଲୀ,୯।୮(ପିଟି): ପୂର୍ବତନ ନ୍ୟୁଜିଲାଣ୍ଡ ଅଧିନାୟକ ବ୍ରେଣ୍ଡନ ମ୍ୟାକ୍‌କୁଲମ ଆଇପିଏଲ ଫ୍ରାଞ୍ଚାଇଜ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ଦଳକୁ ଫେରିବାକୁ ଯାଉଛନ୍ତି। କିନ୍ତୁ ଜଣେ ଖେଳାଳି ଭାବେ ନୁହେଁ। ସହାୟକ କୋଚ୍ ପଦ ପାଇଁ ସେ ଦଳ ସହ ଚୁକ୍ତି କରିଥିବା ରିପୋର୍ଟ ମିଳିଛି। ନିକଟରେ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ନେଇଥିବା ମ୍ୟାକ୍‌କୁଲମ କାରିବିଅନ ପ୍ରିମିୟର ଲିଗ୍ (ସିପିଏଲ)ରେ ଟ୍ରିନିଦାଦ ନାଇଟ୍ସ ରାଇଡର୍ସର ମୁଖ୍ୟ କୋଚ୍ ହେବେ ବୋଲି ଇଏସ୍‌ପିଏନ୍‌କ୍ରିକଇନ୍‌ଫୋ ରିପୋର୍ଟରେ ପ୍ରକାଶ ପାଇଛି। କୌତୁହଳର କଥା ହେଲେ, ସେ ଉଭୟ ସ୍ଥାନରେ ସାଇମନ କ୍ୟାଟିଚଙ୍କ ଯାଗା ନେବେ।



ପେରୁର ଲିମାଠାରେ ଚାଲିଥିବା ପାନ୍ ଆମେରିକାନ୍ ଗେମ୍ସର ମହିଳା ଡାଇଭିଂ ସିଙ୍କ୍ରୋନାଇଜ୍‌ଡ୍ ୧୦ ମିଟର ପ୍ଲାଟ୍‌ଫର୍ମ ଫାଇନାଲରେ ନିଜ କୌଶଳ ପ୍ରଦର୍ଶନ କରୁଛନ୍ତି ମେକ୍ସିକୋର ଆଲେଜାଣ୍ଡ୍ରା ଓରୋଜ୍‌କୋ ଓ ଗାବ୍ରିଏଲା ଆଗୁଣ୍ଡେଜ୍। ଏଥିରେ ଓରୋଜ୍‌କୋ ଓ ଆଗୁଣ୍ଡେଜ ରୌପ୍ୟ ପଦକ ହାସଲ କରିଥିଲେ।

# ଡୁରାଣ୍ଡ କପ୍: ଇଣ୍ଡିଆନ ଏୟାର ଫୋର୍ସ ବିଜୟୀ

କୋଲକାତା, ୯।୮(ପି.ଟି.)

ହାଓ୍ୱଡାସ୍ଥିତ ଶୈଲେନ ମାନ୍ନା ଷ୍ଟାଡିୟମରେ ଚାଲିଥିବା ଡୁରାଣ୍ଡ କପ୍ ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ମ୍ୟାଚରେ ଇଣ୍ଡିଆନ ଏୟାର ଫୋର୍ସ ୧–୦ ଗୋଲରେ ଟ୍ରାଉ ଏଫସିକୁ ପରାସ୍ତ କରିଛି। ପ୍ରତିଯୋଗିତାରେ ପ୍ରଥମ ପଦାର୍ପଣ କରିଥିବା ଇମ୍ଫାଲ ଭିତ୍ତିକ କ୍ଲବ ଟ୍ରାଉ ଏଫସି ଲଢୁଆ ପ୍ରଦର୍ଶନ କରିଥିଲେ ହେଁ ଶେଷରେ ଏକମାତ୍ର ଗୋଲରେ ପରାଜିତ ହୋଇଥିଲା। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବାପରେ ମ୍ୟାଚର ୬୫ତମ ମିନିଟରେ ମହମ୍ମଦ ଆକ୍ବିବ ବିଜୟୀ ଦଳ ପକ୍ଷରୁ ଏକମାତ୍ର ଗୋଲଟି ସ୍କୋର କରିଥିଲେ। ଏହି ବିଜୟ ଫଳରେ ଇଣ୍ଡିଆନ ଏୟାର ଫୋର୍ସ ଗ୍ରୁପ 'ଡି'ରେ ଗୋକୁଲମ କେରଳ ସମକକ୍ଷ ୩ ପଏଣ୍ଟ ପାଇଛି। ଚଳିତମାସ ୧୪ ତାରିଖରେ ଉଭୟ ଦଳ ପରସ୍ପରର ସମ୍ମୁଖୀନ ହେବେ। କଲ୍ୟାଣୀରେ ଅନୁଷ୍ଠିତ ଏକ ଗ୍ରୁପ 'ଏ' ମ୍ୟାଚରେ ଆର୍ମି ରେଡ୍ ସଫଳ ପ୍ରତ୍ୟାବର୍ତ୍ତନ କରି ଜାମସେଦପୁର ଏଫସି ବିପକ୍ଷ ମ୍ୟାଚକୁ ୨–୨ ଗୋଲରେ ଡ୍ର ରଖିଛି। ଏହି ଗ୍ରୁପରେ ଇଷ୍ଟବେଙ୍ଗଲ ୬ ପଏଣ୍ଟ ସହିତ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ଅଗଷ୍ଟ ୧୪ରେ ବେଙ୍ଗାଲୁରୁ ଏଫସି ବିପକ୍ଷ ମ୍ୟାଚକୁ ଡ୍ର ରଖିପାରିଲେ ଏହି ଦଳ ସେମିଫାଇନାଲରେ ପ୍ରବେଶ କରିବ। ଗତ ସିଜନରେ ଦ୍ୱିତୀୟ ଡିଭିଜନ ବିଜେତା ଭାବେ ଟ୍ରାଉ ଏଫସି ଏଥର ପ୍ରଥମ ଡିଭିଜନରେ ଖେଳିବାକୁ ଯୋଗ୍ୟତା ପାଇଛି।

# ସବୁ ପେସାରେ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ରହିଛି: କୁମ୍ବଲେ

ପଣଜୀ,୯।୮(ପି.ଟି.)

ଆଜିକାଲି ସବୁ ପେସାରେ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ରହିଛି ବୋଲି ପୂର୍ବତନ ଭାରତୀୟ ଅଧିନାୟକ ତଥା କୋଚ୍ ଅନିଲ କୁମ୍ବଲେ କହିଛନ୍ତି। ଏବେ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ଅଭିଯୋଗର ଶିକାର ହୋଇଛନ୍ତି କ୍ରିକେଟ ଆଇକନ ସଚିନ ତେନ୍ଦୁଲକର, ଭିଭିଏସ୍ ଲକ୍ଷ୍ମଣ, ସୌରଭ ଗାଙ୍ଗୁଲି ଓ ରାହୁଲ ଦ୍ରାବିଡ୍। ଏ ନେଇ ଏହି ପୂର୍ବତନ କ୍ରିକେଟରଙ୍କ ନିକଟକୁ ନୋଟିସ୍ ପଠାଯାଇଛି। ଜୀବନର ପ୍ରତ୍ୟେକ ପାହାଚରେ ଏ ଭଳି ସ୍ଥିତି ଆସିଥାଏ। ଜଣେ ବ୍ୟକ୍ତି ଏହାକୁ କିପରି ଡିଲ୍ କରିଥାଏ ତାହା ବଡ଼ କଥା। ଏଭଳି ଅଭିଯୋଗ କିଛି ପରିମାଣରେ ଦୁର୍ଭାଗ୍ୟଜନକ ପରିସ୍ଥିତି ସୃଷ୍ଟି କରିଛି। ଭାରତରେ ମାତ୍ର ୩୦୦ ଟେଷ୍ଟ କ୍ରିକେଟର ରହିଛନ୍ତି। ସେମାନଙ୍କ ମଧ୍ୟରୁ ୫୦ ପ୍ରତିଶତ ଜୀବିତ ଅଛନ୍ତି ବୋଲି କୁମ୍ବଲେ କହିଛନ୍ତି। ତେଣୁ ଏହି କ୍ରିକେଟର ମାନେ କ୍ରିକେଟ ପାଇଁ କିଛି କରିପାରିବେ। ଯଦି ଏମାନଙ୍କୁ ଏଥିରୁ ରୋକା ଯାଏ ତାହେଲେ କ୍ରିକେଟ ପରିଚାଳନା ପାଇଁ ଆଉ ଅନ୍ୟମାନଙ୍କୁ କାର୍ଯ୍ୟରେ ଲଗାଯିବା ଆବଶ୍ୟକ ବୋଲି ସେ କହିଛନ୍ତି। ପ୍ରତ୍ୟେକ କ୍ରିକେଟର ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ଭଳି ପରିସ୍ଥିତିର ସମ୍ମୁଖୀନ ହୋଇଥାନ୍ତି। କାରଣ ଅଳ୍ପ କେତେଜଣ କ୍ରିକେଟର କ୍ରିକେଟ ପାଇଁ କିଛି କରିବାର କ୍ଷମତା ରଖିଥାନ୍ତି। ଫଳରେ ଜଣେ କ୍ରିକେଟର ଏକାଧିକ ଦାୟିତ୍ୱ ତୁଲାଇଥାନ୍ତି। କାରଣ ଅଳ୍ପ କେତେଜଣ କ୍ରିକେଟର ଦେଶ ପାଇଁ ଖେଳିଥାନ୍ତି ବୋଲି ଏଠାରେ ଏକ ପ୍ରମୋସନାଲ ଇଭେଣ୍ଟରେ ଯୋଗ ଦେଇ କୁମ୍ବଲେ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ନେଇ ନିଜର ମତ ରଖିଛନ୍ତି।



## ବିପଦସଙ୍କୁଳ ଅବସ୍ଥାରେ ବାରବାଟୀ

# ଖସୁଛି ପ୍ଲାଷ୍ଟର, ମହୁମାଛି ଆତଙ୍କ

କଟକ ଅଫିସ,୯।୮

ଫନୀ ଝଡ଼ ପରେ ରକ୍ଷଣାବେକ୍ଷଣ ଅଭାବରୁ ବାରବାଟୀ ଷ୍ଟାଡିୟମ ବିପଦ ସଙ୍କୁଳ ଅବସ୍ଥାକୁ ଆସିଲାଣି। କିଛି ଦିନ ହେବ ବାରବାଟୀ ଷ୍ଟାଡିୟମ ପରିସରରେ ଛିଡ଼ା ହେବା ବି ଲୋକଙ୍କ ପାଇଁ ମୁସ୍କିଲ ହୋଇପଡ଼ିଛି। ବୁଧବାର ଦିନ ଷ୍ଟାଡିୟମର ୭ନଂ ଗ୍ୟାଲେରୀରୁ ଏକ ବିରାଟ ବଡ଼ ପ୍ଲାଷ୍ଟର ଖଣ୍ଡ ଖସିଥିଲା। ତେବେ ଲୋକ ନଥିବା ସ୍ଥାନରେ ପଡ଼ିଥିବା ଯୋଗୁ କୌଣସି ବଡ଼ଧରଣର କ୍ଷୟକ୍ଷତି ହୋଇନାହିଁ। ଅନ୍ୟପକ୍ଷରେ ମହୁମାଛି ଆତଙ୍କ ଦୁଇଦିନ ହେବ ଷ୍ଟାଡିୟମରେ ଦେଖାଦେଇଛି ବୋଲି ଜଣେ କର୍ମଚାରୀ କହିଛନ୍ତି। ଏହା ଷ୍ଟାଡିୟମ ପରିସରରେ ଥିବା ଏକ ଘରୋଇ ସ୍କୁଲ ଉପରେ ପ୍ରଭାବ ପକାଇଛି। ଏବେ ଜାଲି ଦିଆଯାଇ ଅସ୍ଥାୟୀ ଭାବେ ସମସ୍ୟାକୁ ଏଡାଇବାକୁ ଚେଷ୍ଟା କରାଯାଉଥିବା ଦେଖିବାକୁ ମିଳିଛି।




ଏ ନେଇ ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସହ ଯୋଗାଯୋଗ କରାଯାଇଥିବା ବେଳେ କୌଣସି ଉତ୍ତର ମିଳି ନଥିଲା। ସାମୁଦ୍ରିକ ଝଡ଼ ଫନୀରେ ବାରବାଟୀ ଷ୍ଟାଡିୟମ ବହୁ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ସମସ୍ତ ଗ୍ୟାଲେରୀ ଅଳ୍ପବହୁତ କ୍ଷତି ହୋଇଥିବା ବେଳେ ସ୍ପେସାଲ ଏନକ୍ଲୋଜର, ମିଡ଼ିଆ ବକ୍ସ, କର୍ପୋରେଟ ବକ୍ସ ଅଧିକ କ୍ଷତି ସହିଥିଲା। ଷ୍ଟାଡିୟମର ସମସ୍ତ ଫ୍ଲଡ ଲାଇଟର ବଲ ଗୁଡ଼ିକ ଭାଙ୍ଗିରୁଜି ହୋଇଥିଲା। ଏବେ ଭଙ୍ଗାରୁଜା ପାର୍ଶ୍ୱଗୁଡ଼ିକ ଷ୍ଟାଡିୟମ ପାଇଁ ଭାରୀ ପଡ଼ିଛି। ଫାଓ ଲିଗ୍‌ର ପ୍ରଥମ ଡିଭିଜନ ମ୍ୟାଚ୍ ଏବେ ଚାଲିଥିବା ବେଳେ ଆଗାମୀ ଦିନରେ ହେବାକୁ ଥିବା ରଣଜୀ ସିଜନର ୫ଟି ମ୍ୟାଚ୍ ମଧ୍ୟ ଓଡ଼ିଶାରେ ହେବ। ଏଥିରୁ କିଛି ମ୍ୟାଚ୍ ବାରବାଟୀରେ ଆୟୋଜନ ହେବାର ଆଶା ମଧ୍ୟ ରହିଛି। ଏପରି ପରିସ୍ଥିତିରେ ବାରବାଟୀରେ ଏତାଦୃଶ ଅବସ୍ଥା କ୍ରୀଡ଼ା ପରିବେଶକୁ ନଷ୍ଟ କରୁଛି ବୋଲି କ୍ରୀଡ଼ାପ୍ରେମୀ କହିଛନ୍ତି। ଓସିଏର ଜଣେ ପୂର୍ବତନ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଷ୍ଟାଡିୟମର ରକ୍ଷଣାବେକ୍ଷଣ ଓସିଏ କରୁଥିଲା। ଏବେ ଓସିଏ ଅର୍ଥାଭାବରେ ଅଛି। ଏଣୁ ଅତିକମରେ ଅଲିମ୍ପିକ ଆସୋସିଏଶନ ଏ ଦିଗରେ ଦୃଷ୍ଟି ଦେବା ଉଚିତ ବୋଲି ସେ କହିଛନ୍ତି।

# ଶୁବମନଙ୍କ ରେକର୍ଡ ଦ୍ୱିଶତକ

ତରୌବ(ତ୍ରିନିଦାଦ ଆଣ୍ଡ ଟବାଗୋ),୯।୮

ଶୁବମନ ଗିଲ୍ ଦେଶର ସର୍ବକନିଷ୍ଠ କ୍ରିକେଟର ଭାବେ ପ୍ରଥମ ଶ୍ରେଣୀ କ୍ରିକେଟରେ ଦ୍ୱିଶତକ ଲଗାଇଛନ୍ତି। ଅଧିନାୟକ ହନୁମା ବିହାରୀଙ୍କ ଶତକ ବଳରେ ୱେଷ୍ଟଇଣ୍ଡିଜ ଏ' ବିପକ୍ଷରେ ଏଠାରେ ଚାଲିଥିବା ତୃତୀୟ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍‌ରେ ଭାରତ ଏ' ଦୃଢ଼ ସ୍ଥିତିରେ ପହଞ୍ଚିଛି। ୧୯ ବର୍ଷୀୟ ଗିଲ୍ ଭାରତୀୟ କ୍ରିକେଟର ଉଦୀୟମାନ ଷ୍ଟାର। ସେ ୨୫୦ ବଲର ସମ୍ମୁଖୀନ ହୋଇ ୨୦୪ ରନ୍ କରିଛନ୍ତି। ଏଥିସହିତ ଗିଲ୍ ପୂର୍ବତନ ଭାରତୀୟ ଓପନର ଗୌତମ ଗମ୍ଭୀରଙ୍କ ରେକର୍ଡ ଭଙ୍ଗ କରିଛନ୍ତି। ୨୦୦୨ରେ ୨୦ ବର୍ଷୀୟ ଗମ୍ଭୀର ଭାରତ ବୋର୍ଡ ଏକାଦଶ ଓ ଜିମ୍ବାୱେ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ୨୧୮ ରନ୍‌ର ଇନିଂସ ଖେଳିଥିଲେ। ଭାରତ ଏ' ଦଳ ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୨୩/୨ରୁ ବ୍ୟାଟିଂ ଆରମ୍ଭକରି ୫୦ ରନ୍ ୪ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ସ୍ଥିତିରେ ଗିଲ୍ ଓ ଅଧିନାୟକ ବିହାରୀ ୫ମ ଉଇକେଟ ପାଇଁ ୩୧୫ ରନ୍‌ର ଭାଗୀଦାରି କରିଥିଲେ। ଫଳରେ ଭାରତ ଏ' ୪ ଉଇକେଟରେ ୩୬୫ ରନ୍ କରିଥିବାବେଳେ ଇନିଂସ ଘୋଷଣା କରିଛି। ଗିଲ୍ ୨୦୪ ଓ ବିହାରୀ ୧୧୮ ରନ୍ କରି ଅପରାଜିତ ଥିଲେ। ଏହାପରେ ୩୭୩ ରନ୍‌ର ବିଜୟଲକ୍ଷ୍ୟ ପିଛା କରୁଥିବା ଘରୋଇ ଦଳ ବିନା କ୍ଷତିରେ ୩୭ ରନ୍ କରିଛି। ଅନ୍ତିମ ଦିନରେ ୱେଷ୍ଟଇଣ୍ଡିଜ ଏ' ଦଳକୁ ବିଜୟୀ ଲାଗି ୧୦ ଉଇକେଟରେ ୩୩୬ ରନ୍ ଦରକାର। ପୂର୍ବରୁ ପ୍ରଥମ ଇନିଂସରେ ଭାରତ ଏ' ୨୦୧ କରିଥିବାବେଳେ ୱେଷ୍ଟଇଣ୍ଡିଜ ୧୯୪ ରନ୍ କରିଥିଲା। ପ୍ରଥମ ଇନିଂସରେ କ୍ରିଷ୍ଣପା ଗୌତମ ହ୍ୟାଟ୍ରିକ ଉଇକେଟ ନେଇଥିଲେ।



ଶୁବମନ ଗିଲ୍

## ଭାରତ-ୱେଷ୍ଟଇଣ୍ଡିଜ ପ୍ରଥମ ଦିନିକିଆ

# ବର୍ଷା ଯୋଗୁ ମ୍ୟାଚ ଅଧାରୁ ବାତିଲ

ଗୁୟାନା, ୯।୮

ସ୍ଥାନୀୟ ପ୍ରୋଭିଡ୍ସ ଷ୍ଟାଡିୟମରେ ଭାରତ–ୱେଷ୍ଟଇଣ୍ଡିଜ ପ୍ରଥମ ଦିନିକିଆ କ୍ରିକେଟ ମ୍ୟାଚ ବର୍ଷା ଯୋଗୁ ଅଧାରୁ ବାତିଲ ହୋଇଛି। ବର୍ଷା ଯୋଗୁ ମ୍ୟାଚ ବିଳମ୍ବରେ ଆରମ୍ଭ ହୋଇଥିଲା। ଟସ୍ ଜିତି ଭାରତ ପ୍ରଥମେ ଘରୋଇ ଦଳକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ୱେଷ୍ଟଇଣ୍ଡିଜ ୫.୪ ଓଭରରେ କୌଣସି ଉଇକେଟ ନହରାଇ ୯ ରନ କରିଥିବାବେଳେ ବର୍ଷା ହୋଇଥିଲା। ପାଗ ପରିଷ୍କାର ହେବାପରେ ଓଭର ସଂଖ୍ୟା କମାଯାଇ ମ୍ୟାଚକୁ ୩୪ ଓଭର ବିଶିଷ୍ଟ କରାଯାଇଥିଲା। ୱେଷ୍ଟଇଣ୍ଡିଜ ୧୩ ଓଭରରେ ୧ ଉଇକେଟ ହରାଇ ୫୪ ରନ କରିଥିବାବେଳେ ପୁଣି ବର୍ଷା ହୋଇଥିଲା। ସେତେବେଳକୁ ଇଭିନ ଲିଓ୍ୱିସ ୪୦(୩୬ ବଲ, ୨ ଚୌକା, ୩ ଛକା) ଓ ଶାଇ ହୋପ୍ ୬ ରନରେ ଅପରାଜିତ ରହିଥିଲେ। ଓପନର କ୍ରିସ୍ ଗେଲ୍ ୩୧ ବଲ୍‌ରୁ ମାତ୍ର ୪ ରନ କରି କୁଲଦୀପ ଯାଦବଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ବର୍ଷା କିଛିସମୟ ଛାଡ଼ିଥିଲେ ହେଁ ପୁଣି ବର୍ଷା ହେବାରୁ ଫିଲ୍ଡ କଣ୍ଡିଶନକୁ ଦୃଷ୍ଟିରେ ରଖି ଅମ୍ପାୟର ମ୍ୟାଚକୁ ବାତିଲ କରିଥିଲେ। ଦ୍ୱିତୀୟ ଦିନିକିଆ ୧୧ ତାରିଖରେ ପୋର୍ଟ ଅଫ୍ ସ୍ପେନର କୁଇନ୍ସ ପାର୍କ ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ।

# ରାଜ୍ୟ ମହିଳା ହକି ଚାମ୍ପିୟନଶିପ ଆରମ୍ଭ

କଟକ ଅଫିସ,୯।୮

ରାଉରକେଲା ସ୍ପୋର୍ଟସ ହଷ୍ଟେଲରେ ଶୁକ୍ରବାରଠାରୁ ରାଜ୍ୟ ମହିଳା ହକି ଚାମ୍ପିୟନଶିପ ଆରମ୍ଭ ହୋଇଛି । ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ । ରାଉଣ୍ଡ ରବିନ ଲିଗରେ ହେଉଥିବା ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶ ଗ୍ରହଣ କରିଛନ୍ତି । ରାଉରକେଲାର ଅତିରିକ୍ତ ଜିଲା ଜଜ ଯେଦୁଲା ବିଜୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ । ହକି ଓଡ଼ିଶା ଯୁଗ୍ମ ସମ୍ପାଦକ ପ୍ରଣବ କିଶୋର ପଟ୍ଟନାୟକ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ । ଉଦ୍‌ଘାଟନୀ ଦିବସରେ ଅନୁଷ୍ଠିତ ମ୍ୟାଚ୍‌ରେ ସୁନ୍ଦରଗଡ଼ ୧୬–୦ ଗୋଲରେ ଢ଼େଙ୍କାନାଳକୁ, ଓଡ଼ିଶା ପୋଲିସ ୧୧–୦ ଗୋଲରେ କିସ୍‌କୁ, ଖୋର୍ଦ୍ଧା ୩–୧ ଗୋଲରେ ସାଇକୁ, ପାନପୋଷ ୧୮–୦ ଗୋଲରେ ସମ୍ବଲପୁରକୁ ପରାସ୍ତ କରିଛି ।

# ଗ୍ରାଉଣ୍ଡରେ ନାଚିଲେ କୋହଲି

ଗୁୟାନା,୯।୮

ସ୍ଥାନୀୟ ବ୍ରାଏନ ଲାରା ଗ୍ରାଉଣ୍ଡଠାରେ ୱେଷ୍ଟଇଣ୍ଡିଜ ଓ ଭାରତ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଦିନିକିଆ ବର୍ଷା ଯୋଗୁ ବାତିଲ ହୋଇଯାଇଛି। ମ୍ୟାଚ୍‌ରେ କେବଳ ୧୩ ଓଭର ଖେଳ ସମ୍ଭବ ହୋଇପାରିଥିଲା। କିନ୍ତୁ ଏହା ଭାରତୀୟ ଦଳର ଅଧିନାୟକ ବିରାଟ କୋହଲିଙ୍କ ମନର ସ୍ଥିତି ଉପରେ କୌଣସି ପ୍ରଭାବ ପକାଇପାରି ନ ଥିଲା। ହଠାତ୍ ସେ ଗ୍ରାଉଣ୍ଡରେ ନାଚିବା ଆରମ୍ଭ କରିଥିଲେ। ତାଙ୍କ ସହ ରୟାଲ ଚ୍ୟାଲେଞ୍ଜର ବାଙ୍ଗାଲୋର (ଆର୍‌ସିବି) ଦଳର ପୂର୍ବତନ ସଦସ୍ୟ ତଥା ୱେଷ୍ଟଇଣ୍ଡିଜ ଓପନର କ୍ରିସ୍ ଗେଲ୍ ମଧ୍ୟ ଯୋଗ ଦେଇଥିଲେ। ଦୁଇ ଜଣ ଏକାସଙ୍ଗେ ନାଚିଥିଲେ। ତେବେ ଏଭଳି ଘଟଣା ପ୍ରଥମ ଥର ଘଟିନାହିଁ। ପୂର୍ବରୁ ମଧ୍ୟ କୋହଲି ମ୍ୟାଚ୍‌ବେଳେ ଗ୍ରାଉଣ୍ଡରେ ନାଚୁଥିବାର ଦେଖିବାକୁ ମିଳିଛି।

ଉଲ୍ଲେଖଥାଉ କି ବର୍ଷା ଯୋଗୁ ଦୁଇଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିବା ମ୍ୟାଚ୍ ବାରମ୍ବାର ବାଧାପ୍ରାପ୍ତ ହୋଇଥିଲା। ମ୍ୟାଚ୍ ବାତିଲ ହେଲା ବେଳକୁ ଘରୋଇ ଦଳ ୧୩ ଓଭରରେ ୧ ଉଇକେଟ ହରାଇ ୫୪ ରନ୍ କରିଥିଲା। ଭେଟେରାନ ଗେଲ୍ ଏକମାତ୍ର ବ୍ୟାଟ୍ସମ୍ୟାନ ଭାବେ ଆଉଟ ହୋଇଥିଲେ।



ନାଚିବା ଅବସରରେ କ୍ରିସ ଗେଲ ଓ ବିରାଟ କୋହଲି।

# ଜିମ୍ବାୱେ କ୍ରିକେଟ ବୋର୍ଡ ପୁନଃ ଅବସ୍ଥାପିତ

ହରାରେ, ୯।୮ (ଏପି)

ଏକ ସରକାରୀ ପରିଷଦ ଦ୍ୱାରା ଜିମ୍ବାୱେ କ୍ରିକେଟ ବୋର୍ଡ ପୁନଃ ଅବସ୍ଥାପିତ ହୋଇଛି। କିନ୍ତୁ ବାହ୍ୟ ହସ୍ତକ୍ଷେପ ଯୋଗୁ ଦେଶ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଦ୍ୱାରା ସସ୍‌ପେଣ୍ଡ ହୋଇଛି। ଗୁରୁବାର କୋର୍ଟରେ ବିବାଦର ମୀମାଂସା ହେବାପରେ ସରକାରଙ୍କ ଦ୍ୱାରା ନିଯୁକ୍ତ ସ୍ପୋର୍ଟ୍ସ ଆଣ୍ଡ ରିକ୍ରିଏଶନ କମିଶନ (ଏସ୍‌ଆର୍‌ସି) ଚେୟାରମ୍ୟାନ ଟାଭେଙ୍ଗ୍ୱାଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ସେମାନଙ୍କ ପଦବୀକୁ ଫେରିଛନ୍ତି। ନିର୍ବାଚନରେ ଅନିୟମିତତା ଏବଂ ଦୁର୍ନୀତି ଅଭିଯୋଗରେ ଏସଆରସି ଗତ ଜୁନ୍‌ରେ ବୋର୍ଡର ସମସ୍ତ କର୍ମକର୍ତ୍ତାଙ୍କୁ ବହିଷ୍କୃତ କରିଥିଲା। ଯାହାଫଳରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଜିମ୍ବାୱେକୁ ଅନ୍ତର୍ଜାତୀୟ ପ୍ରତିଯୋଗିତାରୁ ବାସନ୍ଦ କରିଥିଲା। ଆଇସିସି ପୁନଶ୍ଚ କହିଥିଲା ଯେ, ପରିସ୍ଥିତିରେ ଯଦି ସୁଧାର ଆସେ ତେବେ ଅକ୍ଟୋବରରେ ହେବାକୁ ଥିବା ଏହାର ବୈଠକରେ ଜିମ୍ବାୱେ ଉପରୁ ସସ୍‌ପେଣ୍ଡ ଆଦେଶ ପ୍ରତ୍ୟାହାର ଲାଗି ପୁନର୍ବିଚାର କରାଯାଇପାରେ।



ରାଉରକେଲାରେ ଶୁକ୍ରବାର ଆରମ୍ଭ ହୋଇଥିବା ରାଜ୍ୟ ମହିଳା ହକି ଚାମ୍ପିୟନଶିପ୍‌ରେ ଭାଗ ନେଇଥିବା ୮ ଦଳର ଖେଳାଳିମାନେ କର୍ମକର୍ତ୍ତାଙ୍କ ସହ।

# ନାଡା ଅଧୀନକୁ ଆସିଲା ବିସିସିଆଇ

## ଜାତୀୟ କ୍ରୀଡ଼ା ଫେଡେରେଶନ ହେବା ବାଟ ଫିଟିଲା

ନୂଆଦିଲ୍ଲୀ, ୯।୮ (ପି.ଟି.)

ଦୀର୍ଘବର୍ଷ ଧରି ମନାକରି ଆସୁଥିଲେ ମଧ୍ୟ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଶେଷରେ ଜାତୀୟ ନିଶା ନିବାରଣ ସଂସ୍ଥା (ନାଡ଼ା) ଅଧୀନକୁ ଆସିବାକୁ ରାଜି ହୋଇଛି। ବୋର୍ଡର ଏହି ନିଷ୍ପତ୍ତି ଐତିହାସିକ ସାବ୍ୟସ୍ତ ହୋଇଛି। ଫଳରେ ଅର୍ଥନୈତିକ ସ୍ୱାଧୀନତା ସତ୍ତ୍ୱେ ସରକାରଙ୍କ ନିୟମ ଅନୁସାରେ ବିସିସିଆଇ ଏବେ ଜାତୀୟ ସ୍ପୋର୍ଟ୍ସ ଫେଡେରେଶନ (ଏନ୍‌ଏସ୍‌ଏଫ୍)ରେ ପରିଣତ ହେବାର ପଥ ପରିଷ୍କାର ହୋଇଛି।

ଶୁକ୍ରବାର କ୍ରୀଡ଼ା ସଚିବ ରାଧେଶ୍ୟାମ ଝୁଲନିଆ ଏବଂ ନାଡା ଡିଜି ନବିନ ଅଗ୍ରୱାଲ ବିସିସିଆଇ ମୁଖ୍ୟ କାର୍ଯ୍ୟନିର୍ବାହୀ ରାହୁଲ ଜୋହରି ଓ କ୍ରିକେଟ ଅପରେଶନ ମୁଖ୍ୟ ସବା କରିମଙ୍କୁ ଭେଟିଥିଲେ। ବିସିସିଆଇ ଏବେ ନାଡ଼ା ଅଧୀନକୁ ଆସିଲା ଓ ଏ ନେଇ ବୋର୍ଡ ଲିଖିତ ଭାବେ ଅବଗତ କରାଇଛି। ଏଥିସହିତ ସବୁ କ୍ରିକେଟର ନାଡ଼ା ଦ୍ୱାରା ପରୀକ୍ଷାର ସମ୍ମୁଖୀନ ହେବେ ବୋଲି ଝୁଲନିୟା କହିଛନ୍ତି। ନାଡା ଅଧୀନକୁ ଆସି ବିସିସିଆଇ ଏବେ ସ୍ପୋର୍ଟ୍ସ ଫେଡେରେଶନରେ ପରିଣତ ହେବାର ପ୍ରଥମ ପର୍ଯ୍ୟାୟ ଅତିକ୍ରମ କରିଛି। ଫଳରେ ଏହାର ପ୍ରଭାବ ଜବରଦସ୍ତ ରହିବ ବୋଲି ଆଶା କରାଯାଉଛି। ଏବେ ସରକାରଙ୍କ ସୂଚନା ଅଧିକାର ଆଇନ (ଆରଟିଆଇ)ର ଅଧୀନକୁ ଆସିବା ପାଇଁ ବିସିସିଆଇ ଆହୁରି ଅଧିକ ଚାପର ସମ୍ମୁଖୀନ ହେବ ବୋଲି ଆଶା କରାଯାଉଛି।

ବିସିସିଆଇ ୩ଟି ପ୍ରସଙ୍ଗ ଉପସ୍ଥାପନା କରିଥିଲା। ଡୋପ୍ ଟେଷ୍ଟିଂ କ୍ୱାଲିଟିର କିଟ୍, ପାଥୋଲୋଜିଷ୍ଟଙ୍କ ଦକ୍ଷତା ଓ ନମୁନା ବା ସାମ୍ପଲ ସଂଗ୍ରହ ନେଇ ବୋର୍ଡ ନିଜର ଚନ୍ତା ପ୍ରକଟ କରିଥିଲା। ଯେକୌଣସି ପ୍ରକାର ସୁବିଧାସୁଯୋଗ ଦେବାକୁ ଆମେ ବିସିସିଆଇକୁ ପ୍ରତିଶ୍ରୁତି ଦେଇଛୁ। ତେବେ ଏଥିପାଇଁ କିଛି ଅର୍ଥ ପୈଠ କରିବାକୁ ପଡିବ ବୋଲି ବୋର୍ଡକୁ ଅବଗତ କରାଇଛୁ ବୋଲି ଝୁଲନିୟା କହିଛନ୍ତି। ତେବେ ସବୁ ଏନଏସ୍‌ଏଫ୍‌ଗୁଡିକ ପାଇଁ ସମାନ ପ୍ରକାର ସୁବିଧାସୁଯୋଗ ରହିବ। ବିସିସିଆଇ ଏହାର ଊର୍ଦ୍ଧ୍ୱରେ ନୁହଁ। ସମସ୍ତଙ୍କୁ ଦେଶର ନିୟମ ମାନିବାକୁ ହେବ ବୋଲି ଝୁଲନିୟା ସ୍ପଷ୍ଟ କରିଛନ୍ତି।

ବିସିସିଆଇ ସବୁ ନିୟମକୁ ମାନିବ ବୋଲି ଜୋହରି କହିଛନ୍ତି। ଆମେ କେତୋଟି ବିଷୟ ଉପସ୍ଥାପନା କରିଥିଲୁ ଓ କ୍ରୀଡ଼ା ସଚିବ ତାହାକୁ ବିଚାରକୁ ନେବେ ବୋଲି କହିଛନ୍ତି। ଉଚ୍ଚମାନର ପରୀକ୍ଷା ପାଇଁ ଆମେ ଅଧିକ ଅର୍ଥ ଦେବାକୁ ରାଜି ବୋଲି ଜୋହରି କହିଛନ୍ତି। ବିସିସିଆଇ ପୂର୍ବରୁ ନାଡା ଅଧୀନକୁ ଆସିବାକୁ ଅମଙ୍ଗ ହେଉଥିଲା। ବୋର୍ଡ ନିଜକୁ ଏକ ସ୍ୱୟଂଚାଳିତ ସଂସ୍ଥା ବୋଲି କହୁଥିଲା। କେବଳ ସେତିକି ନୁହଁ, ସରକାରଙ୍କ ପାଣ୍ଠି ଉପରେ ନିର୍ଭର କରୁ ନ ଥିବାର ବିସିସିଆଇ ଅନ୍ୟ ଜାତୀୟ ସ୍ପୋର୍ଟ୍ସ ଫେଡେରେଶନଠାରୁ ନଜକୁ ଭିନ୍ନ ମନେକରୁଥିଲା। ବୋର୍ଡ ସେତେବେଳେ 'ହୋୟାର ଏବାଉଟ୍ କ୍ଲଜ୍' ନେଇ ଆପତ୍ତି ଉଠାଇଥିଲା। ଆଉଟ ଅଫ୍ କମ୍ପିଟିଶନ ଟେଷ୍ଟ ବା ପ୍ରତିଯୋଗିତା ବାହାରେ ଯେକୌଣସି ସ୍ଥାନରେ ପରୀକ୍ଷା କରିବାର ନିୟମକୁ ବିସିସିଆଇ ସେତେବେଳେ ପସନ୍ଦ କରି ନ ଥିଲା। ଏହାଦ୍ୱାରା ପ୍ରାଇଭେସି ବା ବ୍ୟକ୍ତିଗତ ବ୍ୟାପାରରେ ହସ୍ତକ୍ଷେପ ହେବ ବୋଲି ଭାରତୀୟ କ୍ରିକେଟରମାନେ ନିଜର ଚିନ୍ତାବ୍ୟକ୍ତ କରିଥିଲେ।

ହୋୟାର ଏବାଉଟ୍ କ୍ଲଜ୍‌ରେ ଆଥଲେଟମାନେ ଏକ ଡିକ୍ଲାରେଶନ ଫର୍ମରେ ସ୍ୱାକ୍ଷର କରିବେ। ଏହି ନିୟମ ଅନୁସାରେ ଖେଳାଳିମାନେ ବର୍ଷରେ ୩ଟି ସ୍ୱତନ୍ତ୍ର ତାରିଖ ଜଣାଇବେ ଓ ଏହି ତାରିଖ ଅବସରରେ ଆଥଲେଟ୍‌ମାନେ କୌଣସି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁ ନ ଥିବେ ଓ ନାଡା ଦ୍ୱାର ଡୋପ୍ ଟେଷ୍ଟ ପାଇଁ ପ୍ରସ୍ତୁତ ରହିଥିବେ। ଯାହା ଫଳରେ ନାଡାର ଡୋପ୍ କଣ୍ଟ୍ରୋଲ ଅଫିସର (ଡିସିଓ) ତାଙ୍କର ନମୁନା ନେଇପାରିବେ। ଯଦି କୌଣସି ଆଥଲେଟ୍ ଏହି ତାରିଖଗୁଡିକରେ ଉପସ୍ଥିତ ହେବାରେ ବିଫଳ ହେବେ ତାହାଲେ ସେମାନେ ବିଶ୍ୱ ନିଶା ନିବାରଣ ସଂସ୍ଥା (ୱାଡା) ନିୟମ ବା କୋଡ ଉଲ୍ଲଂଘନ କରିବା ଅଭିଯୋଗରେ ବାସନ୍ଦାଦେଶକୁ ନିମନ୍ତ୍ରଣ କରିବେ। ଏହାର ସଦ୍ୟତମ ଓ ଶ୍ରେଷ୍ଠ ଉଦାହରଣ ହେଉଛି ୱେଷ୍ଟଇଣ୍ଡିଜ୍ ଅଲରାଉଣ୍ଡର ଆନ୍ଦ୍ରେ ରସେଲ। ଏହି ନିୟମ ଉଲ୍ଲଂଘନ କରି ସେ ଜାମାଇକା ଆଣ୍ଟି-ଡୋପିଂ ଏଜେନ୍ସି ଦ୍ୱାରା ଗୋଟିଏ ବର୍ଷ ବାସନ୍ଦ ହୋଇଥିଲେ।

ଏ ପର୍ଯ୍ୟନ୍ତ ସ୍ୱିଡେନ ସ୍ଥିତ ଅନ୍ତର୍ଜାତୀୟ ଡୋପ୍ ଟେଷ୍ଟିଂ ମ୍ୟାନେଜମେଣ୍ଟ (ଆଇଡିଟିଏମ୍) ଖେଳାଳିମାନଙ୍କ ନମୁନା ସଂଗ୍ରହ କରି ଜାତୀୟ ଡୋପ୍ ଟେଷ୍ଟିଂ ଲାବରେଟୋରି (ଏନ୍‌ଡିଟିଏ)ରେ ଦାଖଲ କରିଆସୁଛି। ଅବଶ୍ୟ ଆଇଡିଟିଏମ୍ ଏବେ ସ୍ୱୀକୃତିପ୍ରାପ୍ତ ଏଜେନ୍ସି ହୋଇ ରହିନାହିଁ ବୋଲି ଝୁଲନିୟା କହିଛନ୍ତି।

ପୂର୍ବରୁ କ୍ରୀଡ଼ା ମନ୍ତ୍ରଣାଳୟ ବିସିସିଆଇ ନାଡା ଅଧୀନକୁ ଆସିବା ଉଚିତ୍ ବୋଲି କହିଆସୁଥିଲା ଓ ତା'ର ଏହି ଆଭିମୁଖ୍ୟକୁ ବାଜୟ ରଖିଥିଲା। ଦକ୍ଷିଣ ଆଫ୍ରିକା ଏ' ଓ ମହିଳା ଦଳର ଭାରତ ଗସ୍ତକୁ ମନ୍ତ୍ରଣାଳୟ ଅନୁମୋଦନ ନ କରିବା ଫଳରେ ନାଡା ଅଧୀନକୁ ଆସିବାକୁ ଓ ଆଣ୍ଟି ଡୋପିଂ ନିୟମକୁ ମାନିବାକୁ ବିସିସିଆଇ ଉପରେ ଚାପ ବଢିଥିଲା। ଏହା ଶେଷରେ କାମ ଦେଇଛି ବୋଲି ଧରିନେବାକୁ ହେବ। ବିସିସିଆଇ ନାଡା ଅଧୀନକୁ ଆସିବା ପରେ ଏ' ସିରିଜ ଓ ମହିଳା ସିରିଜ ଆୟୋଜନ ପାଇଁ ପଥ ପରିଷ୍କାର ହୋଇଛି। ଫଳରେ ଦୀର୍ଘ ୬ ମାସର ପ୍ରତୀକ୍ଷା ଶେଷ ହୋଇଛି।

ଗତ ମାର୍ଚ୍ଚରେ ବିସିସିଆଇ ନାଡା ଓ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ସହିତ ଏକ ସର୍ତ୍ତ ରଖି ତ୍ରିପାକ୍ଷିକ ଚୁକ୍ତିରେ ସ୍ୱାକ୍ଷର କରିବାକୁ ରାଜି ହୋଇଥିଲା। ଏବେ ମନ୍ତ୍ରଣାଳୟର ଅନୁମତି ବିନା ବିସିସିଆଇ ସରକାରଙ୍କ କୌଣସି ସଂସ୍ଥା ସହ କିଛି ବି ଚୁକ୍ତି କରିପାରିବ ନାହିଁ ବୋଲି ଝୁଲନିୟା କହିଛନ୍ତି। ବିସିସିଆଇ ଏବେ ଆରଟିଆଇ ପରିସର ଭୁକ୍ତ ହେବା ନେଇ କୌଣସି ଆଲୋଚନା ହୋଇ ନାହିଁ ବୋଲି ଜୋହରି କହିଛନ୍ତି। ଏ ସଂକ୍ରାନ୍ତରେ ଆଗକୁ ଏକ ବୈପ୍ଳବିକ ପରିବର୍ତ୍ତନ ହେବ ଓ କ୍ରିକେଟ ଥିବା ଏହାର ପ୍ରଶାସନରେ ସ୍ୱଚ୍ଛତା ବଢିବ ବୋଲି ଆଶା କରାଯାଉଛି।।



ବିସିସିଆଇ ସିଇଓ ରାହୁଲ ଜୋହରି।

### ନାଡା ଯେତେବେଳେ, ଯେଉଁଠି ଚାହିଁବ କ୍ରିକେଟରଙ୍କ ପରୀକ୍ଷା ନେଇପାରିବ

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନାଡା ଅଧୀନକୁ ଆସିବା ପରେ ଏବେ କ୍ରିକେଟରମାନଙ୍କ ଡୋପ୍ ଟେଷ୍ଟ ନେଇ ପଥ ପରଷ୍କାର ହୋଇଛି। ନାଡା ଏବେ ଯେତେବେଳେ ଓ ଯେଉଁଠାରେ କ୍ରିକେଟରମାନଙ୍କ ପରୀକ୍ଷା ନେଇପାରିବ ବୋଲି କେନ୍ଦ୍ର କ୍ରୀଡ଼ା ସଚିବ ରାଧେଶ୍ୟାମ ଝୁଲନିୟା କହିଛନ୍ତି। ସମସ୍ତଙ୍କ ପାଇଁ ନିୟମ ସମାନ ଓ ବିସିସିଆଇ ସମେତ ଦେଶର ସବୁ କ୍ରୀଡ଼ା ଫେଡେରେଶନ ଗୋଟିଏ ନିୟମର ପରିସରରେ ରହିବେ ବୋଲି ସେ ସ୍ପଷ୍ଟ କରିଛନ୍ତି। ବିଶ୍ୱ ନିବାରଣ ସଂସ୍ଥା (ୱାଡା)ର ଅନୁଚ୍ଛେଦ ୫.୨ ଅନୁସାରେ ନାଡା କ୍ରିକେଟର ତଥା ଅନ୍ୟ ଆଥଲେଟ୍‌ଙ୍କ ପରୀକ୍ଷା ନେଇପାରିବ। ବିଶ୍ୱର ସବୁଠାରୁ ବିତ୍ତଶାଳୀ କ୍ରିକେଟ ବୋର୍ଡ ବିସିସିଆଇ ନାଡା ଅଧୀନକୁ ଆସିବା ଏକ ବଡ଼ କଥା ବୋଲି ଝୁଲନିୟା କହିଛନ୍ତି। କ୍ରୀଡ଼ା ଓ କ୍ରୀଡ଼ାବିତଙ୍କୁ ପ୍ରୋତ୍ସାହିତ କରିବା ଆମର ଲକ୍ଷ୍ୟ। ଏମାନଙ୍କୁ ବିରୋଧ କରିବା ଆମର ଲକ୍ଷ୍ୟ ନୁହେଁ ବୋଲି ଝୁଲନିୟା କହିଛନ୍ତି।



୭୩ତମ ଜନ୍ମଦିନ ଶୁଭେଚ୍ଛା
ରାମଚନ୍ଦ୍ର ଦାସ
ଶ୍ରୀରାମନଗର, ଓଲ୍ଡଟାଉନ
ଆଜି ୭୩ ତମ ଜନ୍ମଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କ ଦୀର୍ଘ ନିରାମୟ ଜୀବନର କାମନା କରୁଛୁ।
ଶୁଭେଚ୍ଛା ସହ
ଦାସ ପରିବାର, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୬୭୦୩୬


୬ଷ୍ଠ ଜନ୍ମଦିନ ଶୁଭେଚ୍ଛା
Prayashi Das
ଜନ୍ମ ତା. ୧୦।୦୮।୨୦୧୯
ରାଜକନିକା, କେନ୍ଦ୍ରାପଡା
ଆଜି ଷଷ୍ଠ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଚଲାପଥକୁ କୁସୁମିତ କରନ୍ତୁ, ଏତିକି କାମନା।
ଶୁଭେଚ୍ଛାସହ:
ଜେଜେ, ଜେଜେମା, ବାପା, ବୋଉ, ମାମୁ, ମାଇଁ, ପରିବାରବର୍ଗ।
ଧ-୧୩୮୪୬


# ସିଓଏଙ୍କ ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇଲେ ବିସିସିଆଇ ସଦସ୍ୟ

ନୂଆଦିଲ୍ଲୀ, ୯।୮ (ପି.ଟି.)

ପୃଥ୍ୱୀ ଶ' ଡୋପ୍ ଟେଷ୍ଟରେ ବିଫଳ ହେବା ପ୍ରସଙ୍ଗକୁ ଠିକଣା ରୂପେ ହାତେଇ ନ ପାରିବା ଏବଂ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ପ୍ରଶାସକ କମିଟିର କାର୍ଯ୍ୟଶୈଳୀର ପରିଣାମ ଏବେ ଭୋଗିବାକୁ ପଡୁଛି ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ସଦସ୍ୟମାନେ କହିଛନ୍ତି। ଏହି କାରଣରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି(ନାଡ଼ା) କର୍ତ୍ତୃତ୍ୱକୁ ଆସିବା ପାଇଁ ବାଧ ହୋଇଛି। ଏହାଛଡ଼ା ଦେଶର ବିତ୍ତଶାଳୀ କ୍ରୀଡ଼ା ସଂସ୍ଥା ଏକ ଜାତୀୟ କ୍ରୀଡ଼ା ମହାସଂଘରେ ପରିଣତ ହେବାକୁ ବାଟ ଫିଟିଛି, ଯାହାକୁ ବହୁଦିନ ହେଲା ଏଡାଇ ଆସୁଥିଲା। ବିସିସିଆଇ ସିଇଓ ରାହୁଲ ଜୋହରି ଚୁକ୍ତିରେ ସ୍ୱାକ୍ଷର କରିବା ଲାଗି ରାଜି ହେବା ଦ୍ୱାରା ବୋର୍ଡ ଏକ ସ୍ୱୟଂଚାଳିତ ସଂସ୍ଥା ହୋଇଥିବା ସତ୍ତ୍ୱେ ଏହା ସ୍ୱାୟତ୍ତ ଶାସନ ଅଧିକାର ହରାଇପାରେ। ଏହିଭଳି କୌଣସି ନୀତିଗତ ନିଷ୍ପତ୍ତି ନେବାର କର୍ତ୍ତୃତ୍ୱ ସିଇଓ କିମ୍ବା ସିଓଏର ନାହିଁ। ଏହି ବିଶେଷ ଅଧିକାର କେବଳ ବିସିସିଆଇ ପରିଚାଳନା ପରିଷଦର ରହିଛି। ନୂଆ କର୍ମକର୍ତ୍ତା ନିର୍ବାଚିତ ହେବା ପରେ ହୁଏତ ଏହି ପ୍ରସଙ୍ଗରେ କୌଣସି ନିଷ୍ପତ୍ତି ନିଆଯାଇ ପାରିଥାନ୍ତା। ସିଓଏ ଯେହେତୁ ପ୍ରଶାସନ ଦାୟିତ୍ୱରେ ଅଛି, କୌଣସି ଚିଠି ଲେଖିପାରେ କିମ୍ବା ଏକ ଅନିୟମିତ ନିଷ୍ପତ୍ତିକୁ ପ୍ରଚଳନ କରିପାରେ, ମାତ୍ର ନିୟମିତ ନିଷ୍ପତ୍ତି ଏହାର କର୍ତ୍ତୃତ୍ୱ ବାହାରେ। ବିସିସିଆଇର ଜଣେ ସିନିୟର ପଦାଧିକାରୀ ନିଜ ନାମ ଗୋପନ ରଖିବା ଲାଗି ସର୍ତ୍ତରଖି ଏ କଥା କହିଛନ୍ତି। ସେ ଅଭିଯୋଗ କରିଛନ୍ତି, ସିଇଓ ନିଜ ଦୋଷ ଦୁର୍ବଳତାକୁ ଘଷି ଘୋଡାଇବାକୁ ଯାଇ ଏପରି କରିଛନ୍ତି ଏବଂ ସରକାରଙ୍କୁ ରାସ୍ତା ଦେଖାଇଛନ୍ତି। ସିଓଏ ମୁଖ୍ୟ ବିନୋଦ ରାୟ ଏହି ପ୍ରସଙ୍ଗରେ ନିଷ୍ପତ୍ତି ନେବା ପୂର୍ବରୁ କ୍ରିକେଟ ଅପରେଶନ ଜେନେରାଲ ମ୍ୟାନେଜର କିମ୍ବା ଏକ ଲିଗାଲ ଟିମ୍‌ଠାରୁ ପରାମର୍ଶ ନେଇ ପାରିଥାନ୍ତେ। ଯଦି କୌଣସି ଚୁକ୍ତି ସ୍ୱାକ୍ଷରିତ ହୁଏ, ତାହା ପ୍ରତ୍ୟାହାର କରି ହୁଏନା ବୋଲି ଅନ୍ୟ ଜଣେ ସଦସ୍ୟ କହିଛନ୍ତି। ବୋର୍ଡ ଏହାର ସ୍ୱାୟତ୍ତ ଶାସନ ଅଧିକାର ହରାଇବା ନେଇ ଯେଉଁ ଆଶଙ୍କା ସୃଷ୍ଟି ହୋଇଛି ସେ ନେଇ ଅଧିକାଂଶ ସଦସ୍ୟ ଚିନ୍ତା ପ୍ରକଟ କରିଛନ୍ତି। ସୂଚନା ଅଧିକାର ଆଇନ (ଆରଟିଆଇ) ଲାଗୁ ହେଲେ ଏଥିପାଇଁ କିଏ ଦାୟୀ ରହିବ ବୋଲି ଜଣେ ସଦସ୍ୟ ପ୍ରଶ୍ନ ଉଠାଇଛନ୍ତି।

## ଟୋକିଓ ଅଲିମ୍ପିକ୍ସ: ନିର୍ମାଣ କାର୍ଯ୍ୟବେଳେ ଶ୍ରମିକଙ୍କ ମୃତ୍ୟୁ

ଟୋକିଓ, ୯।୮ (ଏଏଫ୍‌ପି)

ଟୋକିଓ ୨୦୨୦ ଅଲିମ୍ପିକ୍ସ ନିର୍ମାଣାଧୀନ ଅଞ୍ଚଳରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ତେବେ ଜାପାନର ରାଜଧାନୀରେ ଅତ୍ୟଧିକ ଗରମ ଯୋଗୁ ହୃଦ୍‌ଘାତରେ ଉକ୍ତ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ରିପୋର୍ଟରେ ପ୍ରକାଶ ପାଇଛି। ୫୦ ବର୍ଷୀୟ ଶ୍ରମିକଙ୍କ ମୃତଦେହ ନିର୍ମାଣ ଅଞ୍ଚଳର ଗ୍ରାଉଣ୍ଡରେ ପଡ଼ିଥିବା ଦେଖିବାକୁ ମିଳିଥିଲା, ଯେଉଁଠାରେ ବିଦ୍ୟୁତ ତାର ପଡ଼ିଥିଲା। ତାଙ୍କୁ ମେଡିକାଲ ନିଆଯାଇଥିଲା। ସେଠାରେ ମୃତ ଘୋଷଣା କରାଯାଇଥିଲା ବୋଲି ଅଲିମ୍ପିକ୍ସ ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ତାଙ୍କ ମୃତ୍ୟୁର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନାହିଁ। କିନ୍ତୁ କିଛି ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟରେ ହୃଦ୍‌ଘାତ ଯୋଗୁ ମୃତ୍ୟୁ ଘଟିଥିବା କୁହାଯାଇଛି। ଏହା ଟୋକିଓ ଅଲିମ୍ପିକ୍ସ ନିର୍ମାଣ ଅଞ୍ଚଳରେ ୩ୟ ମୃତ୍ୟୁ ଘଟଣା। ପୂର୍ବରୁ ଜଣେ ଅତ୍ୟଧିକ କାର୍ଯ୍ୟଭାର ସହି ନ ପାରି ଆତ୍ମହତ୍ୟା କରିଥିବାବେଳେ ଆଉ ଜଣେ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ଟୋକିଓରେ ଚାଲିଥିବା ଗରମ ପରିବେଶ ଅଲିମ୍ପିକ୍ସ ଆୟୋଜକଙ୍କ ଲାଗି ଚିନ୍ତାର କାରଣ ପାଲଟିଛି। ଲମ୍ବା ବର୍ଷାଋତୁ ଶେଷ ହେବା ପରେ ଗରମ ପୁଣି ଫେରିଛି। ଗତ ସପ୍ତାହରେ ୧୮ ହଜାର ଲୋକ ମେଡିକାଲରେ ଭର୍ତ୍ତି ହୋଇଥିବାବେଳେ ୫୭ଙ୍କ ମୃତ୍ୟୁ ଘଟିଛି।

## କ୍ୱାର୍ଟର ଫାଇନାଲରେ ସେରେନା-ଓସାକା

ଟରଣ୍ଟୋ, ୯।୮ (ଏଏଫ୍‌ପି)

ଗତ ବର୍ଷ ୟୁଏସ୍ ଓପନ ଫାଇନାଲିଷ୍ଟ ସେରେନା ୱିଲିୟମସ ଓ ଜାପାନର ନାଓମି ଓସାକା ପୁଣି ଥରେ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଚଳିତ ଡବ୍ଲ୍ୟୁଟିଏ ଟରଣ୍ଟୋ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ଦୁଇ ଖେଳାଳି ମୁହାଁମୁହିଁ ହେବେ। ୟୁଏସ୍ ଓ ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ ଓସାକା ୭-୬ (୭/୪), ୬-୪ ସେଟ୍‌ରେ ପୋଲାଣ୍ଡର ଇଗା ସ୍ୱିଟେକଙ୍କୁ ହରାଇ ଦେଇଛନ୍ତି। ଏହି ବିଜୟ ଲାଗି ତାଙ୍କୁ ପ୍ରାୟ ଦୁଇ ଘଣ୍ଟା ଲାଗିଥିଲା। ବିଶ୍ୱ ମାନ୍ୟତାର ୧୦ମ ସ୍ଥାନରେ ଥିବା ସେରେନା ୭-୫, ୬-୪ ସେଟ୍‌ରେ କାଟେରିନା ଆଲେକ୍ସାଣ୍ଡ୍ରୋଭାଙ୍କୁ ପରାସ୍ତ କରିଛନ୍ତି।

## ଦ୍ୱିତୀୟ ଆଶେସ ଟେଷ୍ଟ: ମୋଇନ୍‌ଙ୍କ ସ୍ଥାନରେ ଲିଚ୍

ଲର୍ଡ୍ସ, ୯।୮

ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଆଶେସ୍ ଟେଷ୍ଟ ମ୍ୟାଚ୍ ପାଇଁ ଇଂଲଣ୍ଡ ଏକ ୧୨ ଜଣିଆ ଦଳ ଘୋଷଣା କରିଛି। ଏହି ଦଳରୁ ଅଲରାଉଣ୍ଡର ମୋଇନ ଅଲିଙ୍କୁ ବାଦ୍ ଦିଆଯାଇଛି। ମୋଇନଙ୍କ ସମେତ ଅଭିଜ୍ଞ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ ଏବଂ ଓଲି ଷ୍ଟୋନ୍‌ଙ୍କୁ ମଧ୍ୟ ଦଳରୁ ବାଦ୍ ଦିଆଯାଇଛି। ଦୁର୍ବଳ ଫର୍ମ ପାଇଁ ମୋଇନଙ୍କୁ ବାଦ୍ ଦିଆଯାଇଛି। ସେ ଗତ ୮ଟି ଟେଷ୍ଟ ଇନିଂସରେ ୪ଥର ଖାତା ଖୋଲିପାରି ନ ଥିଲେ। ସେହିପରି ଇଞ୍ଜୁରି କାରଣରୁ ଆଣ୍ଡରସନ ଓ ଷ୍ଟୋନ ବାଦ୍ ପଡିଛନ୍ତି। ମୋଇନଙ୍କ ସ୍ଥାନରେ ଜ୍ୟାକ୍ ଲିଚ୍‌ଙ୍କୁ ଦଳରେ ସାମିଲ କରାଯାଇଛି। ଗତ ମାସରେ ଅନୁଷ୍ଠିତ ଆୟର୍ଲାଣ୍ଡ ବିପକ୍ଷ ଏକମାତ୍ର ଟେଷ୍ଟରେ ଦମ୍‌ଦାର ପ୍ରଦର୍ଶନ କରି ଲିଚ୍ ମ୍ୟାନ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଯୁବ ଦ୍ରୁତ ବୋଲର ଜୋଫ୍ରା ଆର୍ଚରଙ୍କୁ ସୁଯୋଗ ଦିଆଯାଇଛି। ଫଳରେ ଆର୍ଚରେ ପ୍ରଥମ ଆଶେସ୍ ଟେଷ୍ଟ ଖେଳିବା ସ୍ପଷ୍ଟ ହୋଇଛି।

**ଘୋଷିତ ଇଂଲଣ୍ଡ ଦଳ:** ଜୋ ରୁଟ (ଅଧିନାୟକ), ଜୋଫ୍ରା ଆର୍ଚର, ଜନି ବେୟାରଷ୍ଟୋ, ଷ୍ଟୁଆର୍ଟ ବ୍ରଡ, ରୋରି ବର୍ନ୍ସ, ଜୋସ୍ ବଟଲର, ସାମ କୁରାନ, ଜୋ ଡେନଲି, ଜ୍ୟାକ୍ ଲିଚ୍, ଜାସନ ରୟ, ବେନ୍ ଷ୍ଟୋକ୍ସ ଓ କ୍ରିସ୍ ୱୋକ୍ସ।


ଜ୍ୟାକ୍ ଲିଚ୍

## ■ ୟୁନିଲାଇଟ କପ୍ ଆନ୍ତଃ ସ୍କୁଲ ଫୁଟବଲ

# ଡିଏମ୍, କ୍ୟାପିଟାଲ ହାଇସ୍କୁଲ ବିଜୟୀ

ଭୁବନେଶ୍ୱର, ୯।୮ (କ୍ରୀଡ଼ା ପ୍ରତିନିଧି)

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୬ ନମ୍ବର ବାଳକ ହାଇସ୍କୁଲ ପଡ଼ିଆରେ ଚାଲିଥିବା ୟୁନିଲାଇଟ କପ୍ ଫୁଟବଲ ଟୁର୍ନାମେଣ୍ଟରେ ଶୁକ୍ରବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଡିଏମ୍ ସ୍କୁଲ ଓ କ୍ୟାପିଟାଲ ହାଇସ୍କୁଲ ବିଜୟ ହାସଲ କରିଛନ୍ତି। ବିଜେଇଏମ-୧ ଓ ଡିଏମ ସ୍କୁଲ ମଧ୍ୟରେ ପ୍ରଥମ ମ୍ୟାଚଟି ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଉଭୟ ଦଳ ଆକ୍ରମଣାତ୍ମକ ଖେଳିଥିଲେ ହେଁ ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ମଧ୍ୟ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ତେବେ ମ୍ୟାଚ ଶେଷ ହେବାର ୨ ମିନିଟ ପୂର୍ବରୁ ଅମନ ବିନାୟକ ଏକ ଫିଲ୍ଡ ଗୋଲ ଦେଇ ଡିଏମ ସ୍କୁଲକୁ ବିଜୟୀ କରାଇଥିଲେ। ଦ୍ୱିତୀୟ ମ୍ୟାଚଟି ଏକତରଫାଭାବେ ଶେଷ ହୋଇଥିଲା। ଏଥିରେ କ୍ୟାପିଟାଲ ହାଇସ୍କୁଲ ୯-୦ ଗୋଲରେ ବିଜେଇଏମ-୨କୁ ପରାସ୍ତ କରିଥିଲା। କ୍ୟାପିଟାଲ ହାଇସ୍କୁଲ ପକ୍ଷରୁ ପ୍ରଥମାର୍ଦ୍ଧରେ ୭ଟି ଏବଂ ଦ୍ୱିତୀୟାର୍ଦ୍ଧରେ ୨ଟି ଗୋଲ ସ୍କୋର ହୋଇଥିଲା। ପରବର୍ତ୍ତୀ ମ୍ୟାଚ ମଙ୍ଗଳବାର ଅନୁଷ୍ଠିତ ହେବ। ମ୍ୟାଚ ୨ଟିକୁ ଚନ୍ଦ୍ରକାନ୍ତ ବାରିକ, ଦୁର୍ଗା ଆଚାର୍ଯ୍ୟ, ଅମିତ ନାୟକ, ସରୋଜ ମହାରଣା, କୀର୍ତ୍ତି ସ୍ୱାଇଁ, ଶ୍ରୀକାନ୍ତ ପଣ୍ଡା ଓ ଦେବଜ୍ୟୋତି ସିଂ ପରିଚାଳନା କରିଥିଲେ। ଡିଏମ ସ୍କୁଲର ଅମନ ବିନାୟକ ଓ କ୍ୟାପିଟାଲ ହାଇସ୍କୁଲର ସୁନୀଲ ସୋରେନ ଅତିଥି ଆୟୋଜକ ଆସୋସିଏଶନର ଉପସଭାପତି ଅକ୍ଷୟ ଦାସ ଓ ପୂର୍ବତନ ସନ୍ତୋଷ ଟ୍ରଫି ଖେଳାଳି କଲ୍ୟାଣ ଦତ୍ତଙ୍କଠାରୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଗ୍ରହଣ କରିଥିଲେ।



ଅମନ ବିନାୟକ ଓ ସୁନୀଲ ସୋରେନ ଅତିଥିଙ୍କଠାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

# ଶ୍ରୀଲଙ୍କା ପ୍ରଶଂସକଙ୍କ ସହ ଜନ୍ମଦିନ ପାଳିଲେ ୱିଲିୟମସନ

କଲମ୍ବୋ, ୯।୮

ନିକଟରେ ଶେଷ ହୋଇଥିବା ଆଇସିସି ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ଦଳକୁ ଫାଇନାଲରେ ପହଞ୍ଚାଇଥିବା ଅଧିନାୟକ କେନ୍ ୱିଲିୟମସନଙ୍କ ପ୍ରଶଂସକଙ୍କ ସଂଖ୍ୟା ବିଶ୍ୱରେ ବୃଦ୍ଧି ପାଇବାରେ ଲାଗିଛି। ୱିଲିୟମସନ ଗୁରୁବାର ୨୯ବର୍ଷରେ ପାଦ ଦେଇଛନ୍ତି। ଏହି ଅବସରରେ ସେ ଶ୍ରୀଲଙ୍କା ପ୍ରଶଂସକଙ୍କ ସହ ଜନ୍ମଦିନ ପାଳନ କରିଛନ୍ତି। କାଟୁନାୟାକେଠାରେ ଚାଲିଥିବା ଶ୍ରୀଲଙ୍କା ସଭାପତି ଏକାଦଶ ବିପକ୍ଷରେ ନ୍ୟୁଜିଲାଣ୍ଡ ଏକ ଅଭ୍ୟାସ ମ୍ୟାଚ୍ ବେଳେ ଶ୍ରୀଲଙ୍କା ପ୍ରଶଂସକମାନେ ୱିଲିୟମସନଙ୍କ ପାଇଁ କେକ୍ ଆଣିଥିଲେ। ନ୍ୟୁଜିଲାଣ୍ଡ ଅଧିନାୟକ କେକ୍ କାଟିବା ସହ ଖାଇଥିଲେ। ଏହାର କିଛି ଫଟୋ ଶ୍ରୀଲଙ୍କା କ୍ରିକେଟ ପକ୍ଷରୁ ଟୁଇଟରରେ ଶେୟାର କରାଯାଇଛି। ଏଥିରେ ୱିଲିୟମସନ ଗ୍ରାଉଣ୍ଡର ବାଉଣ୍ଡ୍ରି ଅଞ୍ଚଳରେ ଉପସ୍ଥିତ ଥିବା ପ୍ରଶଂସକଙ୍କ ସହ କେକ୍ କାଟୁଛନ୍ତି। ଅଭ୍ୟାସ ମ୍ୟାଚ୍‌ରେ ଶ୍ରୀଲଙ୍କା ବୋର୍ଡ ସଭାପତି ଏକାଦଶ ଦଳ ପ୍ରଥମ ଦିନ ଶେଷ ସୁଦ୍ଧା ୬ ଉଇକେଟ ହରାଇ ୩୨୩ ରନ୍ କରିଥିଲା। ଏହି ସିରିଜରେ ନ୍ୟୁଜିଲାଣ୍ଡ ଦୁଇ ଟେଷ୍ଟ ଓ ୩ ଟି୨୦ ମ୍ୟାଚ୍ ଖେଳିବ।



ପ୍ରଶଂସକଙ୍କ ଗହଣରେ ଜନ୍ମଦିନ କେକ୍ କାଟୁଛନ୍ତି କେନ୍ ୱିଲିୟମସନ।


ମନେ ପଡ଼ନ୍ତି

ଚତୁର୍ଥ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତା ଜ୍ୟୋତି ମହାନ୍ତି (ଝୁନୁ)
ମା' ଚାହୁଁ ଚାହୁଁ ଆଜିକୁ ଚାରିବର୍ଷ ହୋଇଗଲା ତୁ ଆମ୍ଭମାନଙ୍କୁ ଛାଡ଼ି ଚାଲିଗଲୁ। ଆମ୍ଭର ଭଗବାନଙ୍କ ନିକଟରେ ପ୍ରାର୍ଥନା ତୋ ଆତ୍ମାର ସଦ୍‌ଗତି ହେଉ। ତୋର ସ୍ନେହ, ଆଶୀର୍ବାଦ ଆମ୍ଭମାନଙ୍କ ଉପରେ ସବୁବେଳେ ରହିଥାଉ।
ଶୋକସନ୍ତପ୍ତ:
ତୋର ପିଲାମାନେ।
ଧ-୧୩୭୮୦

ନବମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତା ବାସନ୍ତୀ ମିଶ୍ର
ବଡ଼ପଣ୍ଡୁସର, ନୟାଗଡ଼
ଆବିର୍ଭାବ: ୦୯।୧୦।୧୯୩୬
ତିରୋଧାନ: ୧୯।୦୮।୨୦୧୦
ଚାହୁଁ ଚାହୁଁ ୯ବର୍ଷ ପୁରିଗଲା। ଜୀବନର ପ୍ରତ୍ୟେକଟି ମୁହୂର୍ତ୍ତରେ ତୁମର ଅନୁପସ୍ଥିତିକୁ ଅନୁଭବ କରୁଅଛୁ। ତୁମେ ଛାଡ଼ିଯାଇଥିବା ଶୂନ୍ୟସ୍ଥାନକୁ କେହି ପୂରଣ କରିପାରିବେ ନାହିଁ। ପ୍ରତ୍ୟେକ ମୁହୂର୍ତ୍ତରେ ମନ ଘୁରି ବୁଲୁଛି ତୁମର ଟିକିଏ ସତ୍ତାପାଇଁ। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଦର୍ଶ, ନିଃସ୍ୱାର୍ଥପରତା, କର୍ତ୍ତବ୍ୟନିଷ୍ଠା, ପରୋପକାରିତା, ଅନୁଶାସନ ଆମପାଇଁ ପ୍ରେରଣା ହେଉ। ତୁମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପରମେଶ୍ୱର ପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ମଙ୍ଗଳାଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ତୁମର ଶୋକସନ୍ତପ୍ତ:
ସ୍ୱାମୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ଆତ୍ମୀୟସ୍ୱଜନ ବୃନ୍ଦ
ଧ-୬୬୯୪୦

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ଶନିବାର, ଅଗଷ୍ଟ ୧୦ /୨୦୧୯ Dhenkanal, Saturday, August 10 / 2019

## ସଂକ୍ଷେପରେ

### କଲେଜ ଫି ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ

ତାଳଚେର,୯।୮(ନି.ପ୍ର.)- ଫି ବୃଦ୍ଧି ପ୍ରତିବାଦରେ ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଶୁକ୍ରବାର ଗେଟରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳରେ କଲେଜ ପରିସରରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। ଛାତ୍ରୀଛାତ୍ରମାନଙ୍କ ଅଭିଯୋଗ ଅନୁଯାୟୀ ରି-ଆଡମିଶନ ଫି ଗତବର୍ଷ ଅପେକ୍ଷା ଚଳିତ ବର୍ଷ ବହୁ ଅଧିକ ବୃଦ୍ଧି କରାଯାଇଛି। ଫଳରେ ଗରିବ, ସାଧାରଣ ପରିବାରର ଛାତ୍ରୀଛାତ୍ରମାନେ ଏତେ ପରିମାଣର ଫି ଦେବାକୁ ସକ୍ଷମ ନୁହଁନ୍ତି। ଏହା ଏକ ସ୍ୱୟଂଶାସିତ ମହାବିଦ୍ୟାଳୟ ହୋଇଥିଲେ ହେଁ ଅନେକ ସମସ୍ୟା ଦେଇ ଗତି କରୁଛି। ହେଲେ ଏ ସବୁର ସମାଧାନ ପାଇଁ କଲେଜ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି ଅଭିଯୋଗ କରି ଛାତ୍ରୀଛାତ୍ରମାନେ ମୁଖ୍ୟ ଫାଟକରେ ତାଲା ପକାଇଥିଲେ। ପରେ କଲେଜ ଅଧକ୍ଷ ଦୀଲିପ କୁମାର ପ୍ରଧାନ ଛାତ୍ରୀଛାତ୍ରମାନଙ୍କୁ ନିଜ ପ୍ରକୋଷ୍ଠକୁ ଡାକି ଏ ସମ୍ପର୍କରେ ଆଲୋଚନା କରି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା ।

■ଜିଲାରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

# ସମାଧାନ ପାଇଁ ଦାବିପତ୍ର



ଯୁବଶକ୍ତି ଆହ୍ୱାନର କର୍ମକର୍ତ୍ତାମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

ଅନୁଗୋଳ ଅଫିସ, ୯।୮

ଜିଲାରେ ଦିନକୁ ଦିନ ଶିକ୍ଷାର ମାନ ହ୍ରାସ ପାଉଛି। ଶିକ୍ଷା ଭିତ୍ତିଭୂମି ମଧ୍ୟ ଦୁର୍ବଳ ଅବସ୍ଥାରେ ରହିଛି। କେଉଁଠି ଶିକ୍ଷକ ନାହାନ୍ତି ତ କେଉଁଠି ପର୍ଯ୍ୟାପ୍ତ ଶ୍ରେଣୀଗୃହ ନାହିଁ। ସରକାରୀ ଶିକ୍ଷା ବ୍ୟବସ୍ଥା ଏପରି ଭୁଶୁଡ଼ି ପଡୁଥିବା ବେଳେ ଏହାର ଫାଇଦା ଉଠାଉଛନ୍ତି ଘରୋଇ ବିଦ୍ୟାଳୟ। ମୋଟା ଅଙ୍କର ଫି ଠାରୁ ଆରମ୍ଭ କରି ଦରମା ଓ ପାଠ୍ୟପୁସ୍ତକ ପାଇଁ ବହୁ ଅର୍ଥ ଦାବି କରାଯାଉଛି। ସେହିପରି ବାରମ୍ବାର ବସ୍ତାନି ବୋଝ ହାଲୁକା କରିବାକୁ ନିର୍ଦ୍ଦେଶ ଦିଆଯାଉଥିଲେ ମଧ୍ୟ ତାହାକୁ ପାଳନ କରାଯାଉ ନାହିଁ। ଅନେକ ସ୍କୁଲ ପକ୍ଷରୁ ରଖାଯାଇଥିବା ପରିବହନ ବ୍ୟବସ୍ଥା ମଧ୍ୟ ଠିକ୍ ନାହିଁ। ବହୁ ସମୟରେ ପିଲାମାନେ ବିପଦସଙ୍କୁଳ ଅବସ୍ଥାରେ ସ୍କୁଲକୁ ଯାଉଛନ୍ତି। ତେଣୁ ଜିଲାରେ ଶିକ୍ଷା ବ୍ୟବସ୍ଥା ଏପରି ଅବ୍ୟବସ୍ଥା ମଧ୍ୟରେ ଚାଲିଥିବାରୁ ତାହାର ସମାଧାନ ନିମନ୍ତେ ଶୁକ୍ରବାର ଯୁବଶକ୍ତି ଆହ୍ୱାନ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଶୀଘ୍ର ଶିକ୍ଷକ ପଦବୀ ପୂରଣ କରିବା, ସୁରକ୍ଷିତ ଶ୍ରେଣୀ ଗୃହ ନିର୍ମାଣ, ଶିକ୍ଷାବର୍ଷ ଆରମ୍ଭରୁ ଛାତ୍ରୀଛାତ୍ରମାନଙ୍କୁ ପାଠ୍ୟ ପୁସ୍ତକ ପ୍ରଦାନ, ବସ୍ତାନି ବୋଝ ହାଲୁକା କରିବା, ଘରୋଇ ବିଦ୍ୟାଳୟରେ ନିର୍ଦ୍ଦିଷ୍ଟ ଫି ନିର୍ଦ୍ଧାରଣ ଓ ସୁରକ୍ଷିତ ଯାତାୟାତ ବ୍ୟବସ୍ଥା କରିବାକୁ ଏଥିରେ ଦାବି କରାଯାଇଛି। ଯୁବଶକ୍ତି ଆହ୍ୱାନର କର୍ମକର୍ତ୍ତା ପର୍ଶୁରାମ ଦାସ, ନୀରୋଦ କୁମାର ସାହୁ, ଆଦିତ୍ୟ ପ୍ରସାଦ ମିଶ୍ର, ଆନନ୍ଦ ଶତପଥୀ, ପ୍ରତୀକ ଦେହୁରୀ, ସନ୍ଦୀପ କୁମାର ରାଉତ, ନୀତିକୃଷ୍ଣ ସାମଲ, ରାକେଶ ପରିଡ଼ା ଓ ଶୁଭମ ସୁବୁଦ୍ଧି ପ୍ରମୁଖ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ମଦ ଜବତ, ୪ ଗିରଫ

ଛେଣ୍ଡିପଦା,୯।୮(ସ୍ୱ.ପ୍ର.)

ଅନୁଗୋଳ ଜିଲା ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ନିଶା ଶିଳ୍ପାଞ୍ଚଳ ଥାନା ସାକସିଂହା, ପରଙ୍ଗ ଓ ଜିନ୍ଦଲ ଗେଟ ନିକଟରୁ ୩୬ ଲିଟର ଦେଶୀ ମହୁଲି ମଦ ଜବତ କରାଯିବା ସହ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଆଠମଲ୍ଲିକର ପୁରୁଷୋତ୍ତମ ସାହୁ, ବିମଳବେଡା ଗ୍ରାମର ଉମାକାନ୍ତ ପ୍ରଧାନ, ପରଙ୍ଗ ଗ୍ରାମର ନିଶାମଣି ବେହେରା ଓ ସାକସିଂହା ଅଞ୍ଚଳର ଘନ ବେହେରା। ନିଶା ଶିଳ୍ପାଞ୍ଚଳ ଥାନା ଅଞ୍ଚଳରେ ବେଆଇନ ମଦ ବିକ୍ରି ହେଉଥିବା ଖବରପାଇ ଅବକାରୀ ଇନ୍ସପେକ୍ଟର କରୁଣା ଶଙ୍କର ତିୱାରୀଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା। ଏ ନେଇ ଅନୁଗୋଳ ଅବକାରୀ ବିଭାଗ ପକ୍ଷରୁ ନଂ. ୨୨, ୩୬, ୩୭, ୩୮ରେ ମାମଲା ରୁଜୁ କରାଯିବା ସହିତ ସମସ୍ତ ଅଭିଯୁକ୍ତଙ୍କୁ ଛେଣ୍ଡିପଦା କୋର୍ଟଚାଲାଣ କରାଯାଇଛି। ଅନୁଗୋଳ ଅବକାରୀ ଥାନା ଏସଆଇ ଅରବିନ୍ଦ ରାଉତ ରାଏ, ଏଏସ୍ଆଇ ବିଜୟ କୁମାର ସାମଲଙ୍କ ସମେତ ଅବକାରୀ ବିଭାଗର କର୍ମଚାରୀମାନେ ସାମିଲ ହୋଇଥିଲେ ।

# ଚାଷ ଦେଇଛି ପୁରସ୍କାର



ଦିନକର କାହାଣୀ
କୁମର ସାହୁ

ଶିଳ୍ପ ସମୃଦ୍ଧ ଅନୁଗୋଳ ଜିଲାରେ ବି ଚାଷକୁ କରିହେବ ପେସା। ଭଲ ଲାଭ ମିଳିପାରିବ ଏଥିରୁ। ଏହାକୁ ପ୍ରମାଣିତ କରିଛନ୍ତି ବଣ୍ଟଁରପାଳ ବ୍ଲକ କୁରୁଡୁଲୁ ଗ୍ରାମର ଦମ୍ପତି କୁମର ସାହୁ ଓ ତାଙ୍କ ସ୍ତ୍ରୀ ବିନୋଦିନୀ ସାହୁ। ବର୍ଷ ବର୍ଷ ଧରି ଏମାନେ ଧାନ ସହ ପରିବା ଚାଷ କରି ବେଶ୍ ସମୃଦ୍ଧ ହୋଇପାରିବା ସହ ଅନ୍ୟ ବ୍ୟବସାୟ ପାଇଁ ମଧ୍ୟ ଅର୍ଥ ବାହାର କରିପାରିଛନ୍ତି। କେବଳ ଏତିକି ନୁହେଁ, ଚାଷରେ ଅର୍ଜନ କରିଥିବା ସଫଳତା ପାଇଁ ସେମାନଙ୍କୁ ଅନେକ ସ୍ଥାନରୁ ପୁରସ୍କାର ମଧ୍ୟ ମିଳିଛି।

କୁମରଙ୍କ ଶିକ୍ଷାଗତ ଯୋଗ୍ୟତା ଅଧିକ ନୁହେଁ। ଗାଁ ସ୍କୁଲରେ ୫ମ ଶ୍ରେଣୀ ଯାଏ ପଢ଼ିଛନ୍ତି। ବାପା ନାରାୟଣ ସାହୁ ଚାଷ କାର୍ଯ୍ୟ କରୁଥିଲେ। ତାଙ୍କ ପରେ କୁମର ଚାଷ ସମ୍ଭାଳିଛନ୍ତି। ବର୍ତ୍ତମାନ ସେ ୪ ଏକର ଜମିରେ ଧାନ ଓ ୨ ଏକରରେ ଭେଣ୍ଡି, କଦଳୀ, ବାଇଗଣ, କାକୁଡି, ଟମାଟୋ, କଖାରୁ, ଅମୃତଭଣ୍ଡା, ଆଳୁ ଆଦି ପରିବା ଲଗାଇଛନ୍ତି। ସକାଳୁ ସନ୍ଧ୍ୟା ଯାଏ ଉଭୟ ବିନୋଦିନୀ ଓ କୁମାର ଚାଷ କାର୍ଯ୍ୟ କରନ୍ତି। ବର୍ଷ ତମାମ ପରିବା ଫସଲ ଅମଳ କରୁଥିବାରୁ ଦୈନିକ ଆଖପାଖ ଅଞ୍ଚଳର ବ୍ୟବସାୟୀମାନେ ତାଙ୍କ ଘରକୁ ଆସି ତାଜା ପରିବା କିଣି ନେଇଥାନ୍ତି। ଅନେକ ସମୟରେ ନିଜେ କୁମର ମଧ୍ୟ ବାଡି ପରିବା ବିଭିନ୍ନ ହାଟ ବଜାରରେ ବିକ୍ରି କରିଥାନ୍ତି। ଜଣେ ଭଲ ପରିବା ଚାଷୀ ହୋଇଥିବାରୁ ତାଙ୍କୁ ଅନେକ ସ୍ଥାନରୁ ପୁରସ୍କାର ମିଳିଛି। ଏପରି କି ବିଭିନ୍ନ ଜିଲାରେ ଅନୁଷ୍ଠିତ ପ୍ରଦର୍ଶନୀରେ ଓ ପଶ୍ଚିମବଙ୍ଗରୁ ମଧ୍ୟ ପୁରସ୍କାର ପାଇଛନ୍ତି। ଏହି ପରିବା ଚାଷରୁ ମିଳୁଥିବା ଅର୍ଥରେ କୁମର ଏକ ଟେଣ୍ଟ ହାଉସ କରିଛନ୍ତି। ବିବାହ, ବ୍ରତ ସମେତ ଗ୍ରାମରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ସେ ଟେଣ୍ଟ ହାଉସ ସାମଗ୍ରୀ ଭଡାରେ ଲଗାଇ ଅଧିକ ଅର୍ଥ ରୋଜଗାର କରିପାରୁଛନ୍ତି। ଗୋଟିଏ ଝିଅ ଓ ୨ ପୁଅଙ୍କୁ ନେଇ ପରିବାର କରିଥିବା ବିନୋଦିନୀ ଓ କୁମର ଠିକା ଶ୍ରମିକ ଭାବେ କେଉଁ କମ୍ପାନୀରେ ଖଟିବା ଅପେକ୍ଷା ଚାଷକୁ ପେଶା କରି ବେଶ୍ ଭଲରେ ଚଳୁଥିବା ପ୍ରକାଶ କରିଛନ୍ତି।

ରିପୋର୍ଟ- ଉପେନ୍ଦ୍ର ରାଉତ

■ହାତୀ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ ଘଟଣା

# ପରିବାରକୁ ଭେଟିଲେ ବିଧାୟକ



ବିଧାୟକ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

ବଇଣ୍ଡା,୯।୮(ଡି.ଏନ.ଏ.)

ଅଗଷ୍ଟ ୧ରେ କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜ ପ୍ରତାପପୁର ଗ୍ରାମରେ ହାତୀ ଆକ୍ରମଣରେ ଗ୍ରାମର ମଞ୍ଜୁଲତା ସାହୁଙ୍କ ମୃତ୍ୟୁ ଘଟିଥିଲା। ଶୁକ୍ରବାର ତାଙ୍କ ପରିବାରକୁ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଭେଟି ସମବେଦନା ଜଣାଇବା ସହ କିଛି ସହାୟତା ପ୍ରଦାନ କରିଛନ୍ତି। ଏହି ଅବସରରେ ଅଞ୍ଚଳରୁ ହାତୀ ଘଉଡାଇବାକୁ ଦାବି କରି ଗ୍ରାମବାସୀ ବିଧାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଗ୍ରାମବାସୀ କହିଛନ୍ତି, ଏକ ହାତୀ ଉପଦ୍ରବ ଯୋଗୁ ଚାଷୀଙ୍କ ନିଦ ହଜିଯାଇଛି। ହାତୀଟି ବ୍ୟାପକ ଫସଲ ନଷ୍ଟ କରୁଥିବାବେଳେ ଲୋକଙ୍କ ଜୀବନ ମଧ୍ୟ ଯାଉଛି। ହାତୀକୁ ଟ୍ରାଙ୍କୁଲାଇଜ କରାଯାଇ ନନ୍ଦନକାନନ ପଠାଯିବା ସହ ଏହାର ସ୍ଥାୟୀ ପ୍ରତିକାର ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ତୁରନ୍ତ ମଞ୍ଜୁଲତାଙ୍କ ପରିବାରକୁ ସରକାରୀ ସହାୟତା ଓ ଜିଲା ରେଡକ୍ରସ ପକ୍ଷରୁ ସାହାଯ୍ୟ ଯୋଗାଇ ଦେବା ପାଇଁ ଜିଲାପାଳଙ୍କୁ ଅନୁରୋଧ କରିଥିବା ବିଧାୟକ ସାଏ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବବିତା ପ୍ରଧାନ, ହଣ୍ଡପା ସରପଞ୍ଚ ଅମିୟ ପ୍ରଧାନ, ନୁନୁକାପଶି ସରପଞ୍ଚ ଜଳଧର ସାହୁ, ପୂର୍ବତନ ଜିଲାପରିଷଦ ସଦସ୍ୟ ଅଜୟ କୁମାର ପ୍ରଧାନ, ବିଜେଡି ନେତା କୁମୁଦଚନ୍ଦ୍ର ପ୍ରଧାନ, ସ୍ୱାଧୀନ ବେହେରାଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# ୧୯୮ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ବଇଣ୍ଡା,୯।୮(ଡି.ଏନ.ଏ.)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ପାଇକସାହି ରାଧାମାଧବ ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀ ନିବାସର ୨୦ ଜଣ ଛାତ୍ରୀ ଗୁରୁବାର ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ଶୁକ୍ରବାର ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଉକ୍ତ ଛାତ୍ରୀ ନିବାସକୁ ଆସି ୧୯୮ ଜଣ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି।

ଗୁରୁବାର ହଠାତ୍ ୨୦ ଜଣ ଛାତ୍ରୀ ଅସୁସ୍ଥ ହୋଇ ପଡ଼ିଥିବାବେଳେ ଭୂତ ପ୍ରେତ ଭୟ କାରଣରୁ ସେମାନେ ଅସୁସ୍ଥ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶୁକ୍ରବାର ମାଧପୁର ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ ଟିମ୍‌ର ସଦସ୍ୟମାନେ ଆସି ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେଥିମଧ୍ୟରୁ ୩ ଜଣ ଛାତ୍ରୀ ଥଣ୍ଡା ଜ୍ୱରରେ ଆକ୍ରାନ୍ତ ହୋଇଥିବା ପ୍ରାଥମିକ ରିପୋର୍ଟରୁ ଜଣାପଡ଼ିଛି। ସେହିପରି ଅନ୍ୟଛାତ୍ରୀଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଛି। ବିଶେଷ କରି ଖୋଲାକୂଅ ପାଣି ବ୍ୟବହାର ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଞ୍ଚଳବାସୀ କହୁଥିବାବେଳେ ଗତ କିଛିମାସ ହେବ ଅନେକ ଥର ଛାତ୍ରୀମାନେ ଅଚାନକ ଅସୁସ୍ଥ ହୋଇ ପଡୁଥିବା କେତେକ ଅଭିଭାବକ ପ୍ରକାଶ କରିଛନ୍ତି।

ଏହି ଟିମ୍‌ରେ ମାଧପୁର ସ୍ୱାସ୍ଥ୍ୟକେନ୍ଦ୍ରର ଡା. କିଶୋର ସାହୁ, ପାଇକସାହି ଆୟୁଷ ଡା. କ୍ଷୀରୋଦ କୁମାର ସାହୁ, ଫାର୍ମାସିଷ୍ଟ ଦୀପକ କୁମାର ପ୍ରଧାନ, ଅନାଦି ସାହୁଙ୍କ ସମେତ ଏକ ପ୍ରତିନିଧି ଦଳ ଚିକିତ୍ସା କରିଥିଲେ। ଏ ନେଇ ପ୍ରଧାନ ଶିକ୍ଷକ ପ୍ରଭାତ ରଞ୍ଜନ ବିଶ୍ୱାଳ କୁହନ୍ତି, ଥଣ୍ଡା ଜ୍ୱର ଯୋଗୁ ଛାତ୍ରୀମାନେ ଅସୁସ୍ଥ ହୋଇପଡିଥିବା ରିପୋର୍ଟରୁ ଜଣାପଡ଼ିଛି।



ଡାକ୍ତରୀ ଟିମ୍ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

# ଅପହୃତା ଯୁବତୀ ଉଦ୍ଧାର

ବଇଣ୍ଡା,୯।୮(ଡି.ଏନ.ଏ.)

ଠାକୁରଗଡ଼ ଥାନା ଅଞ୍ଚଳରୁ ଅପହୃତ ହୋଇଥିବା ଜଣେ ୨୨ବର୍ଷୀୟା ଯୁବତୀଙ୍କୁ ଠାକୁରଗଡ଼ ପୋଲିସ ଶୁକ୍ରବାର ସକାଳେ କଟକ ଜିଲା ଫୁଲନଖରା ଗ୍ରାମର ପପୁ ଭୋଇଙ୍କ ଘରୁ ଉଦ୍ଧାର କରିଛି। ପରେ ତାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ କହିଛି, ଗତ ୨୧ରେ ପପୁ ସମ୍ପୃକ୍ତା ଯୁବତୀଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ବସ୍ ଯୋଗେ ଫୁଲନଖରାକୁ ଅପହରଣ କରି ନେଇଥିଲେ। ପରେ ଯୁବତୀଙ୍କ ପରିବାର ଲୋକ ତାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ କରିଥିଲେ। ପୋଲିସ ତାଙ୍କ ଘରେ ଚଢାଉ କରି ଉକ୍ତ ଯୁବତୀଙ୍କୁ ଉଦ୍ଧାର କରିଛନ୍ତି। ତେବେ ଯୁବତୀଙ୍କ ପରିବାର ପକ୍ଷରୁ ପପୁଙ୍କ ନାମରେ କରାଯାଇଥିବା ଅଭିଯୋଗ ପ୍ରତ୍ୟାହାର କରି ନେଇଥିବାବେଳେ ଏଥିରେ କାହାରିକୁ ଗିରଫ କରାଯାଇ ନ ଥିବା ଆଇଆଇସି ଗବାକ୍ଷ ନାୟକ ସୂଚନା ଦେଇଛନ୍ତି।

# ବେଆଇନ ଘର ସିଲ୍ କଲା ପ୍ରଶାସନ



ତହସିଲ ପକ୍ଷରୁ ବେଆଇନ ଘରକୁ ସିଲ୍ କରାଯାଉଛି।

ପାଲଲହଡ଼ା, ୯।୮(ଡି.ଏନ.ଏ.)

ପାଲଲହଡ଼ା ତହସିଲ ପକ୍ଷରୁ ଗୁରୁବାର ଉଦିତନଗର ଅଞ୍ଚଳରେ ଚଢ଼ାଉ କରାଯାଇ ସରକାରୀ ଜାଗାରେ ବେଆଇନ ଭାବେ ନିର୍ମାଣ ହୋଇଥିବା ଘରକୁ ସିଲ୍ କରାଯାଇଛି। ଏଥିସହ ନିର୍ମାଣ ଚାଲିଥିବା ଘର କାମ ବନ୍ଦ କରାଯାଇ ତୁରନ୍ତ ଜାଗା ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନା ମୁତାବକ, ଉଦିତନଗରରେ ରହୁଥିବା ଅସଲାମ କୁରେଶି ଏବଂ ପବିତ୍ର ମହାରଣା ନିଜ ଘର ନିକଟରେ ଥିବା ସରକାରୀ ଜାଗାକୁ ଦୀର୍ଘଦିନରୁ ଜବରଦଖଲ କରି ସେଠାରେ ୪ ବଖରା ବିଶିଷ୍ଟ ଦୁଇଟି ଘର ନିର୍ମାଣ କରୁଥିଲେ। ଏ ନେଇ ସ୍ଥାନୀୟ ଲୋକେ ବାରମ୍ବାର ବିରୋଧ କରିଆସୁଥିଲେ। ଗୁରୁବାର ଅତିରିକ୍ତ ତହସିଲଦାର ସୁମନ ମିଞ୍ଜଙ୍କ ନେତୃତ୍ୱରେ ଏକ ଟିମ୍ ସେଠାକୁ ଯାଇ ଘର ସିଲ କରିବା ସହ ନିର୍ମାଣ କାର୍ଯ୍ୟ ବନ୍ଦ କରି ଏହାକୁ ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇଥିଲେ। ସ୍ଥାନୀୟ ଆରଆଇ ଇତିସ୍ମିତା ପାଣିଗ୍ରାହୀ ସେଠାରେ ଉପସ୍ଥିତ ଥିଲେ । ଏ ନେଇ ଓଡ଼ିଶା ପ୍ରିଭେନଶନ ଅଫ ଲ୍ୟାଣ୍ଡ ଏନକ୍ରୋଚମେଣ୍ଟ ଆକ୍ଟ ଅନୁଯାୟୀ ସମ୍ପୃକ୍ତ ଦୁଇ ଜଣଙ୍କ ନାମରେ ନୋଟିସ ଜାରି ହୋଇଥିବା ଜଣାପଡିଛି ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ